# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୩/୨୦୨୦ (୧୬ ପୃଷ୍ଠା) | Bhubaneswar, Thursday, August 13/2020 | ★★★★

୪୬ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଷ୍ଟୋକ୍ସଙ୍କ ସ୍ଥାନରେ ରବିନସନ**

ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ପାଇଁ ବେନ୍ ଷ୍ଟୋକ୍ସଙ୍କ ସ୍ଥାନରେ ଇଂଲଣ୍ଡ ଦଳରେ ସାମିଲ ହୋଇଛନ୍ତି ଦ୍ରୁତ ବୋଲର ଓଲି ରବିନସନ।

୧୩

୧୪

**ପୁରୁଣା ସ୍ମୃତିକୁ ମନେପକାଇଲେ ହଂସିକା**

ଅଭିନେତ୍ରୀ ହଂସିକା ମୋଟ୍ୱାନି ନିକଟରେ 'ଆପ୍‌କା ସୁରୁର୍ ଗୀତ'ର ମ୍ୟୁଜିକ୍ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରି ପୁରୁଣା ଦିନକୁ ମନେ ପକାଇଛନ୍ତି।



# ୨୦ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ବସ୍ତିବାସିନ୍ଦାଙ୍କ ପାଇଁ ପୌର ବଜେଟରୁ ଖର୍ଚ୍ଚ ହେବ ୨୫%

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ପାଇଁ ପୌରସଂସ୍ଥାଗୁଡ଼ିକ ମୌଳିକ ସେବା ସହିତ ଭିତ୍ତିଭୂମି ଯୋଗାଇଦେବେ। ଏନେଇ ପୌରସଂସ୍ଥା ସେମାନଙ୍କ ବାର୍ଷିକ ବଜେଟର ୨୫ ପ୍ରତିଶତ ବ୍ୟୟ ବରାଦ କରିବେ। ରାଜ୍ୟର ସମୁଦାୟ ଜନସଂଖ୍ୟାର ପ୍ରାୟ ୨୫ ପ୍ରତିଶତ ଲୋକ ବସ୍ତିରେ ରହୁଛନ୍ତି। ସେମାନଙ୍କୁ ସମସ୍ତ ପ୍ରକାର ପୌର ସୁବିଧା ଯୋଗାଇଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଗୃହ ବିଭାଗ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟପାଳଙ୍କ ଅନୁମୋଦନ ପରେ ଅଧ୍ୟାଦେଶ ମାଧ୍ୟମରେ ଏହା କାର୍ଯ୍ୟକାରୀ ହେବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମୋଟ ୨୦ ପ୍ରସ୍ତାବ ଉପରେ ମୋହର ଲାଗିଛି। ରାଜ୍ୟ ସରକାର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଏବେଠୁ ସବୁ ବର୍ଗର ଲୋକଙ୍କୁ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୧୮-୧୯ରେ ଆରମ୍ଭ କରାଯାଇଥିବା ନିର୍ମଳ ଯୋଜନାକୁ ଆସନ୍ତା ୫ ବର୍ଷ ପାଇଁ ନିର୍ମଳ ++ ଯୋଜନାରେ ସମ୍ପ୍ରସାରିତ କରାଯିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ଆସନ୍ତା ୫ବର୍ଷ ପାଇଁ ଏହି ଯୋଜନାରେ ୧୯୯୮.୧୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ରାଜ୍ୟ ବଜେଟରୁ ୧୮୭୪.୨୭ କୋଟି ଟଙ୍କା ଖର୍ଚ୍ଚ ଲାଗି ବ୍ୟୟବରାଦ ହୋଇଛି। ଏଥିରେ ୧୮୭୪ ସ୍ୱାସ୍ଥ୍ୟକେନ୍ଦ୍ର ଜରିଆରେ ରୋଗୀମାନଙ୍କୁ ଉତ୍ତମ ମାନର ଚିକିତ୍ସା ସୁବିଧା ମିଳିବ। ଏହାଦ୍ୱାରା ସରକାରୀ ☞ପୃଷ୍ଠା-୪



ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ।

- ଅଧ୍ୟାଦେଶ ଆଣିବେ ସରକାର
- ସମସ୍ତଙ୍କ ପାଇଁ କାର୍ଯ୍ୟକାରୀ ହେବ ନିର୍ମଳ++ ସ୍ୱାସ୍ଥ୍ୟ ଯୋଜନା
- ୫ ବର୍ଷରେ ଖର୍ଚ୍ଚ ହେବ ୧୯୯୮.୧୫ କୋଟି ଟଙ୍କା, ଉପକୃତ ହେବେ ୭୦ଲକ୍ଷ ପରିବାର
- ଗଙ୍ଗାଧର ମେହେର ମେଗା ଜଳସେଚନ ପ୍ରକଳ୍ପ ଟେଣ୍ଡରକୁ କ୍ୟାବିନେଟ୍ ମୋହର
- ୨୫ହଜାର ୬୦୦ ହେକ୍ଟରକୁ ଜଳସେଚନ
- ୩୦ ମାସରେ ସରିବ ପ୍ରକଳ୍ପ କାମ
- ୬ ଜିଲାର ମେଗା ପାନୀୟ ଜଳ ପ୍ରକଳ୍ପକୁ ଅନୁମୋଦନ
- ଉପକୃତ ହେବେ ୬ ଲକ୍ଷ ଲୋକ, ଖର୍ଚ୍ଚ ହେବ ୮୦୦କୋଟି

କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କିତ ଅଧିକ ରିପୋର୍ଟ: ପୃଷ୍ଠା-୫

# ଯୁକ୍ତ୨ ବିଜ୍ଞାନ ପାସ୍ ହାର କମିଲା





ରାଜ୍ୟ ଟପ୍ପର ସୁଦୀପ ସୁଦର୍ଶନ ରଣା। ଫଳାଫଳ ପ୍ରକାଶ ପରେ ଖୁସି ମନାଉଛନ୍ତି ଭୁବନେଶ୍ୱର ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଛାତ୍ର।

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

- ଚଳିତ ବର୍ଷ ପାସ୍ ହାର ୭୦.୨୧%, ଗତବର୍ଷଠାରୁ ୨.୧୨% କମ୍
- ନୟାଗଡ଼ ଜିଲାରେ ସର୍ବାଧିକ ୮୬.୫୧%
- ସୁଦୀପ ସୁଦର୍ଶନ ରାଜ୍ୟ ଟପ୍ପର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଗତବର୍ଷ ଅପେକ୍ଷା ଏଥର ପାସ୍ ହାର ୨.୧୨% ହ୍ରାସ ପାଇଛି। ଗତବର୍ଷ ପାସ୍ ହାର ୭୨.୩୩% ଥିବାବେଳେ ଚଳିତବର୍ଷ ୭୦.୨୧% ରହିଛି। ଏଥର ୯୭,୩୭୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬୮,୩୭୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୁବନେଶ୍ୱର ଜୁପିଟର ସାଇନ୍ସ ଉଚ୍ଚ ମାଧ୍ୟମିକ ସ୍କୁଲର ଛାତ୍ର ସୁଦୀପ ସୁଦର୍ଶନ ରଣା ରାଜ୍ୟ ଟପ୍ପର ହୋଇଛନ୍ତି। ମୋଟ ୬ଶହ ନମ୍ବରରୁ ସେ ୫୭୪ ରଖିଛନ୍ତି। ସେହିପରି ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ସ୍କୁଲର ସାର୍ଥକ ରଞ୍ଜନ ରାଉତ ୫୬୬ ନମ୍ବର ରଖି ଦ୍ୱିତୀୟ ଏବଂ ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଉଚ୍ଚ ମାଧ୍ୟମିକ ସ୍କୁଲର ଶୁଭଜିତ ସାହୁ ୫୬୫ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେପଟେ ନୟାଗଡ଼ ଜିଲାରେ ସର୍ବାଧିକ ପାସ୍ ହାର ୮୬.୫୧% ରହିଥିବାବେଳେ ଝାରସୁଗୁଡ଼ାରେ ସର୍ବନିମ୍ନ ୪୦.୭୧% ରହିଛି। ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ପରୀକ୍ଷା ଫଳ ଘୋଷଣା କରିଛନ୍ତି।

ପ୍ରତିବର୍ଷ ପରି ଏଥର ବି ଛାତ୍ରଙ୍କୁ ପଛରେ ପକାଇଛନ୍ତି ☞ପୃଷ୍ଠା-୪

## ଟପ୍ ୧୦ରେ ୨୧ ମେଧାବୀ

| | ଛାତ୍ରୀ/ଛାତ୍ରଙ୍କ ନାମ | କଲେଜର ନାମ | ମାର୍କ |
|---|---|---|---|
| ୧ | ସୁଦୀପ ସୁଦର୍ଶନ ରଣା | ଜୁପିଟର ସାଇନ୍ସ ଏଚ୍.ଏସ୍. ସ୍କୁଲ, ଭୁବନେଶ୍ୱର | ୫୭୪ |
| ୨ | ସାର୍ଥକ ରଞ୍ଜନ ରାଉତ | ସରସ୍ୱତୀ ବିଦ୍ୟାମନ୍ଦିର ଏଚ୍.ଏସ୍. ସ୍କୁଲ | ୫୬୬ |
| ୩ | ଶୁଭଜିତ୍ ସାହୁ | ଟେଟ୍ରାହେଡ୍ରନ୍ ଏଚ୍.ଏସ୍. ସ୍କୁଲ, ଟାଙ୍ଗୀ | ୫୬୫ |
| ୪ | ନିମାଇଁ ବିଶ୍ୱରଞ୍ଜନ ବେହେରା | ବିଜେବି ଏଚ୍.ଏସ୍. ସ୍କୁଲ, ଭୁବନେଶ୍ୱର | ୫୬୪ |
| ୫ | ଈପ୍‌ସିତା ମହାପାତ୍ର | ସରସ୍ୱତୀ ବିଦ୍ୟାମନ୍ଦିର ଏଚ୍.ଏସ୍. ସ୍କୁଲ | ୫୬୩ |
| ୬ | ଅଭିରୂପ ମାଇତି | ଝାଡ଼େଶ୍ୱର ସାଇନ୍ସ ରିସର୍ଚ୍ଚ ଏଚ୍.ଏସ୍. ସ୍କୁଲ, ରେମୁଣା | ୫୬୧ |
| ୭ | ବିଜୟ କୁମାର ପାଣିଗ୍ରାହୀ | ସୁଲଗ୍ନା ଏଚ୍.ଏସ୍. ସ୍କୁଲ, ମଲ୍ଲିକାଶପୁର | ୫୬୦ |
| ୮ | ସୁବ୍ରତ ଚନ୍ଦ୍ର ନାହା | ଆଦ୍ୟାନ୍ତ ଏଚ୍.ଏସ୍. ସ୍କୁଲ, ଭାଟଖୁରୀ | ୫୬୦ |
| ୯ | ଛବିରାଣୀ ରଣା | ବିକାଶ ଏଚ୍.ଏସ୍. ସ୍କୁଲ, ସମ୍ବଲପୁର | ୫୬୦ |
| ୧୦ | ଜ୍ୟୋତିରାଜ ପ୍ରଧାନ | ଯୁବୋଦୟ ଏଚ୍.ଏସ୍. ସ୍କୁଲ, ସୁଦପଡ଼ା | ୫୫୮ |
| ୧୧ | ସୁଶ୍ରୀ ସଙ୍ଗୀତା ସାହୁ | ଟେଟ୍ରାହେଡ୍ରନ୍ ମହିଳା ଏଚ୍.ଏସ୍. ସ୍କୁଲ, ଟାଙ୍ଗୀ | ୫୫୮ |
| ୧୨ | ଅଙ୍କିତା ମହାପାତ୍ର | ଜୁପିଟର ମହିଳା ସାଇନ୍ସ ଏଚ୍.ଏସ୍. ସ୍କୁଲ, ନୟପଲ୍ଲୀ | ୫୫୮ |
| ୧୩ | ଆତ୍ମନ କୁମାର ପଣ୍ଡା | ପ୍ରଗତି ସାଇନ୍ସ ଏଚ୍.ଏସ୍. ସ୍କୁଲ, ଭବାନୀପାଟଣା | ୫୫୬ |
| ୧୪ | ଗୁରୁସ୍ନେହୀ ଚୌଧୁରୀ | ଆଦ୍ୟାନ୍ତ ଏଚ୍.ଏସ୍. ସ୍କୁଲ, ଭାଟଖୁରୀ | ୫୫୬ |
| ୧୫ | ମୋନାଲିସା ସାହୁ | ଫକୀରମୋହନ ଏଚ୍.ଏସ୍. ସ୍କୁଲ, ବାଲେଶ୍ୱର | ୫୫୫ |
| ୧୬ | ଜୟପ୍ରକାଶ ରାଉତ | ଝାଡ଼େଶ୍ୱର ସାଇନ୍ସ ରିସର୍ଚ୍ଚ ଏଚ୍.ଏସ୍. ସ୍କୁଲ, ରେମୁଣା | ୫୫୫ |
| ୧୭ | ଶୁଭ ପ୍ରତ୍ୟୁଷ ତ୍ରିପାଠୀ | ସ୍ୱାମୀ ବିବେକାନନ୍ଦ ମେମୋରିଆଲ୍ ଏଚ୍.ଏସ୍. ସ୍କୁଲ | ୫୫୫ |
| ୧୮ | ଲଭ୍‌ଲୀ ରାଏ | ପ୍ରୟାସ ଏଚ୍.ଏସ୍. ସ୍କୁଲ, ଯାଜପୁର ରୋଡ୍ | ୫୫୫ |
| ୧୯ | ଉତ୍କଳ କେଶରୀ ସାହୁ | ଜୁପିଟର ସାଇନ୍ସ ଏଚ୍.ଏସ୍. ସ୍କୁଲ, ଭୁବନେଶ୍ୱର | ୫୫୫ |
| ୨୦ | ପୁଷ୍ପାଞ୍ଜଳି ମୁଦୁଲି | ରିଜିଓନାଲ ଏଚ୍.ଏସ୍. ସ୍କୁଲ, ନିମାପଡ଼ା | ୫୫୫ |
| ୨୧ | ଚିନ୍ମୟ ବାରିକ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏଚ୍.ଏସ୍. ସ୍କୁଲ | ୫୫୫ |

## ୨୧ରୁ ଯୁକ୍ତ୨ ନାମଲେଖା ଆବେଦନ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ଯୁକ୍ତ୨ ନାମଲେଖା ପାଇଁ ଆସନ୍ତା ୨୧ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଅନ୍‌ଲାଇନ୍‌ରେ ନାମଲେଖା ପାଇଁ ସେପ୍ଟେମ୍ବର ୪ ମଧ୍ୟରେ ସାମ୍ସ ସେଣ୍ଟର ଜରିଆରେ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଅନ୍ୟପକ୍ଷରେ କରୋନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନାମଲେଖା ଫି' କମାଇଛନ୍ତି। ସାଧାରଣ ବର୍ଗ ଓ ଏସ୍‌ସି/ଏସ୍‌ଟି ପିଲାଙ୍କ ପାଇଁ ୧୦୦ଟଙ୍କା ଫି' ହ୍ରାସ କରାଯାଇଛି। ଚଳିତବର୍ଷ ସାଧାରଣ ବର୍ଗ ପାଇଁ ଆବେଦନ ଫି' ୨୦୦ଟଙ୍କା ରହିଥିବାବେଳେ ଏସ୍‌ସି/ଏସ୍‌ଟି ପିଲାଙ୍କ ପାଇଁ ୧୦୦ଟଙ୍କା ରଖାଯାଇଛି। ତେବେ ସେପ୍ଟେମ୍ବର ୯ରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ବେଙ୍ଗାଲୁରୁରେ ରାତିଅଧିଆ ଦଙ୍ଗା

**ପୋଲିସ ଗୁଳିରେ ୩ ମୃତ**

ବେଙ୍ଗାଲୁରୁ,୧୨।୮

ସୋସିଆଲ ମିଡିଆରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧରେ ଆପତ୍ତିଜନକ ପୋଷ୍ଟରୁ ମଙ୍ଗଳବାର ବିଳମ୍ବିତ ରାତିରେ ବେଙ୍ଗାଲୁରୁରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଛି। ଏହାକୁ ନେଇ ଭଙ୍ଗାରୁଜା ଓ ପୋଡ଼ାଜଳା ଚାଲିଥିବାବେଳେ ଜନତାଙ୍କ ଉପରକୁ ପୋଲିସ ଗୁଳି ଚଳାଇଛି। ଗୁଳିମାଡ଼ରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ଲୋକଙ୍କ ଆକ୍ରୋଶର ଶିକାର ହୋଇ ପ୍ରାୟ ୬୦ ପୋଲିସ କର୍ମୀ ଆହତ ହୋଇଥିବା ଜଣାପଡ଼ିଛି। ସୋସିଆଲ ମିଡିଆରେ ସାମ୍ପ୍ରଦାୟିକ ପ୍ରସଙ୍ଗରେ ପୋଷ୍ଟ କରିଥିବା ଅଭିଯୁକ୍ତ ପି. ନବୀନଙ୍କ ସମେତ ୧୧୦ ଦଙ୍ଗାକାରୀଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁସାରେ କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁସ୍ଥିତ ପୁଲକେଶୀନଗରର କଂଗ୍ରେସ ବିଧାୟକ ଆର୍. ଅଖଣ୍ଡ ଶ୍ରୀନିବାସ ମୂର୍ତ୍ତିଙ୍କ ପୁତୁରା ପି. ନବୀନ ଫେସ୍‌ବୁକ୍‌ରେ ଇସ୍‌ଲାମ ବିରୋଧୀ ପୋଷ୍ଟ କରିଥିଲେ। ଏଥିରେ ପ୍ରୋଫେଟ୍ ମହମ୍ମଦଙ୍କ ସମ୍ପର୍କରେ ଅପମାନଜନକ ଭାଷା ବ୍ୟବହାର କରାଯାଇଥିଲା। ଏହାକୁ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଉତ୍ତ୍ୟକ୍ତ ହୋଇଥିଲେ। କେତେଜଣ ଲୋକ ରାତି ୧ଟାରେ ବିଧାୟକଙ୍କ ଘରକୁ ଟାର୍ଗେଟ କରି ସେଠାରେ ଥିବା ଗାଡ଼ିଗୁଡ଼ିକୁ ଜାଳିଦେଇଥିଲେ। ପରେ ସେମାନେ ଡିଜେ ହାଲ୍ଲି ଥାନାକୁ ଯାଇ ☞ପୃଷ୍ଠା-୪



ବେଙ୍ଗାଲୁରୁରେ ଗାଡ଼ିଗୁଡ଼ିକୁ ପୋଡ଼ି ଦେଇଛନ୍ତି ଦଙ୍ଗାକାରୀ।

**ସୋସିଆଲ ମିଡିଆ ପୋଷ୍ଟରୁ ଉତ୍ତେଜନା**

- ଭଙ୍ଗାରୁଜା, ଜଳାପୋଡ଼ା, ୫୦ ପୋଲିସ ଆହତ
- ପୋଷ୍ଟ କରିଥିବା ବିଧାୟକଙ୍କ ପୁତୁରା ନବୀନ ଗିରଫ
- ଶାନ୍ତି ବଜାୟ ପାଇଁ ସବୁ ଦଳର ଉଦ୍ୟମ



ଅଭିଯୁକ୍ତ ପି. ନବୀନ

**ଆଜିର ସମ୍ପାଦକୀୟ**

ପ୍ରାଣୀକଲ୍ୟାଣର ବାହାନା

# କମଳା ହାରିସ ଡେମୋକ୍ରାଟ୍ ଉପରାଷ୍ଟ୍ରପତି ପ୍ରାର୍ଥୀ

ୱାଶିଂଟନ, ୧୨।୮

ଆମେରିକାର ଡେମୋକ୍ରାଟ ଦଳ ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବିଡେନ ମଙ୍ଗଳବାର ଭାରତୀୟ-ଆମେରିକୀୟ ସିନେଟର କମଳା ହାରିସ୍‌ଙ୍କୁ ଦଳର ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ କରିଛନ୍ତି। ଆମେରିକା ଏହାର ବର୍ଣ୍ଣବୈଷମ୍ୟ ଅତୀତ ଓ ଭବିଷ୍ୟତକୁ ନେଇ ସଂଘର୍ଷ କରୁଥିବାବେଳେ ଉପରାଷ୍ଟ୍ରପତି ନିର୍ବାଚନ ଲଢ଼ିବାରେ କମଳା ହେଉଛନ୍ତି ପ୍ରଥମ ଅଣଶ୍ୱେତାଙ୍ଗ ତଥା ପ୍ରଥମ ଏସୀୟ ଆମେରିକୀୟ ମହିଳା ପ୍ରାର୍ଥୀ। ଭାରତୀୟ ବଂଶୋଦ୍ଭବ ସିନେଟରଙ୍କୁ ବିଡେନ୍ ନିଜର ଉପରାଷ୍ଟ୍ରପତି ନିର୍ବାଚନର ସହଯୋଗୀ ଘୋଷଣା କରିବା ପରେ ଦେଶର ଅଣଶ୍ୱେତାଙ୍ଗ ମହିଳାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ୫୫ ବର୍ଷୀୟ କାଲିଫର୍ନିଆ ସିନେଟର କମଳାଙ୍କ ବାପା ଜାମାଇକା ବାସିନ୍ଦା ହୋଇଥିବାବେଳେ ମାଆ ଭାରତୀୟ। ସେ ନିଜକୁ ଉପରାଷ୍ଟ୍ରପତି ପଦ ପାଇଁ ଆଶାୟୀ ଘୋଷଣା କରିବା ପୂର୍ବରୁ ଗତବର୍ଷ ଜାନୁୟାରୀରେ ତାଙ୍କ ନାଁ ଚର୍ଚ୍ଚାକୁ ଆସିଥିଲା। ଜୋ ବିଡେନ ତାଙ୍କୁ ଉପରାଷ୍ଟ୍ରପତି ☞ପୃଷ୍ଠା-୪



# 'ଔଷଧର ନାଁ କ୍ୟାପିଟାଲ ଲେଟରରେ ଲେଖ'

କଟକ ଅଫିସ,୧୨।୮

ଏକ ଅନ୍ତରୀଣ ଜାମିନ ଆବେଦନର ଶୁଣାଣିବେଳେ ଡାକ୍ତରମାନଙ୍କ ଖରାପ ହସ୍ତାକ୍ଷରକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଡାକ୍ତରମାନେ ଛୋଟ ଅକ୍ଷରରେ ଔଷଧ ନାଁ ଲେଖୁଥିବା ଯୋଗୁ କେବଳ ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟ ନୁହନ୍ତି, ବରଂ ଔଷଧ ଦୋକାନୀ ଏବଂ ଅନ୍ୟମାନେ ମଧ୍ୟ ଏହାକୁ ପଢ଼ିବାରେ ଅସୁବିଧା ଭୋଗୁଛନ୍ତି। ଏଣୁ ପ୍ରେସ୍କ୍ରିପସନ୍‌ରେ ଔଷଧଗୁଡ଼ିକର ନାଁ କେବଳ ସୁନ୍ଦର ଅକ୍ଷର ବିଶେଷକରି କ୍ୟାପିଟାଲ୍ ଲେଟର୍‌ରେ ଲେଖିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଏକ ସର୍କୁଲାର(ନିର୍ଦ୍ଦେଶନାମା) ଜାରି କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିବାକୁ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଜଣେ ବ୍ୟକ୍ତିଙ୍କ ଅନ୍ତରୀଣ ଜାମିନ୍ ଆବେଦନର ଶୁଣାଣି ବେଳେ ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଆବେଦନକାରୀ ସ୍ୱାମୀଙ୍କୁ ଗୋଟିଏ ମାସର ଅନ୍ତରୀଣ ଜାମିନ୍ ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ବ୍ରହ୍ମପୁର ସହର ଗୋସାଇଁ ନୂଆଗାଁ ଥାନା ଅନ୍ତର୍ଗତ ନେହେରୁନଗର ଅଷ୍ଟମ ଲେନ୍ ନିବାସୀ କୃଷ୍ଣପାଦ ମଣ୍ଡଳ ନିଶାଦ୍ରବ୍ୟ ଚାଲାଣ ଜନିତ ଏକ ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି। ବ୍ରହ୍ମପୁର ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍‌ଙ୍କ କୋର୍ଟରେ ମାମଲା ବିଚାରାଧୀନ ରହିଛି। ତେବେ ତାଙ୍କ ସ୍ତ୍ରୀ ବିଭିନ୍ନ ଗୁରୁତର ରୋଗରେ ଆକ୍ରାନ୍ତ ହୋଇ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାବେଳେ ପାଖରେ କେହି ନାହାନ୍ତି। ଏଣୁ ସ୍ତ୍ରୀଙ୍କ ଚିକିତ୍ସାରେ ସହଯୋଗ ପାଇଁ କୃଷ୍ଣପାଦ ହାଇକୋର୍ଟରେ ଅନ୍ତରୀଣ ଜାମିନ୍ ଆବେଦନ କରିଥିଲେ। ଏଥିରେ ସେ ସ୍ତ୍ରୀଙ୍କ ଚିକିତ୍ସାର ସମସ୍ତ କାଗଜାଦି କୋର୍ଟରେ ଦାଖଲ କରିଥିଲେ। ଶୁଣାଣି ସମୟରେ ବିଚାରପତି ଡାକ୍ତର ଦେଇଥିବା ହାତଲେଖା ମେଡିକାଲ୍ ରିପୋର୍ଟକୁ ଠିକ୍‌ରେ ପଢ଼ି ପାରି ନ ଥିଲେ। ପରେ ସେ ଜଣେ ଆଇନ୍‌ଜୀବୀଙ୍କ ସହାୟତାରେ ତାକୁ ପଢ଼ିଥିଲେ। ଏହି ସମୟରେ ☞ପୃଷ୍ଠା-୪



- ଡାକ୍ତରଙ୍କ ଖରାପ ହସ୍ତାକ୍ଷରକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ
- ସର୍କୁଲାର୍ ଜାରି କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ
- ସୁନ୍ଦର ହସ୍ତାକ୍ଷର ହେଉଛି ଶିକ୍ଷିତ ମଣିଷଙ୍କ ସମ୍ପତ୍ତି




## ସୁକ୍‌ମାରେ ୪ ମାଓବାଦୀ ନିହତ

ଛତିଶଗଡ଼ର ସୁକ୍‌ମା ଜିଲାରେ ବୁଧବାର ପୋଲିସ ଏନ୍‌କାଉଣ୍ଟର ଦ୍ୱାରା ୪ ମାଓବାଦୀ ନିହତ ହୋଇଛନ୍ତି। ସ୍ଥାନୀୟ ଜାଗରଗୁଣ୍ଡା ପୋଲିସ ଷ୍ଟେଶନ ଅଞ୍ଚଳରେ ପୋଲିସ ଓ ବାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀ ବିରୋଧୀ ଅଭିଯାନରେ ସାମିଲଥିବା ମିଳିତ ସୁରକ୍ଷାକର୍ମୀ ଯାଉଥିବାବେଳେ ଏଭଳି ଘଟଣା ଘଟିଥିବା ବସ୍ତର ରେଞ୍ଜ ଆଇଜିପି ସୁନ୍ଦରରାଜ୍ ପ୍ରକାଶ କରିଛନ୍ତି।

# ସଂକ୍ଷେପରେ

## ପ୍ରଣବ ମୁଖାର୍ଜୀ ସଙ୍କଟାପନ୍ନ



ନୂଆଦିଲ୍ଲୀ, ୧୨।୮ : ପୂର୍ବତନ ରାଷ୍ଟ୍ରପତି ତଥା କଂଗ୍ରେସର ବରିଷ୍ଠ ନେତା ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରେ ଲାଗିଛି। ସେ ଏବେ ବି ସେନା ହସ୍ପିଟାଲରେ ଭେଣ୍ଟିଲେଟର ସପୋର୍ଟରେ ରହିଛନ୍ତି। ଅଗଷ୍ଟ ୧୦ରେ ସେ ଦିଲ୍ଲୀ କ୍ୟାଣ୍ଟନ୍‌ମେଣ୍ଟସ୍ଥିତ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ମସ୍ତିଷ୍କ ସର୍ଜରୀ କରାଯିବା ପୂର୍ବରୁ ସେ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ମଙ୍ଗଳବାରଠାରୁ ତାଙ୍କ ଚିକିତ୍ସାରେ କୌଣସି ଉନ୍ନତି ଆସି ନ ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ବିଭିନ୍ନ ରାଜନେତା ଓ ସମ୍ପର୍କୀୟମାନେ ତାଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି।

## ଜେଡିୟୁ ନେତାଙ୍କୁ ଗୁଳିକରି ହତ୍ୟା

ମାଧେପୁରା, ୧୨।୮: ବିହାର ମାଧେପୁରା ଜିଲାର ଜଣେ ୫୦ ବର୍ଷୀୟ ଜେଡିୟୁ ନେତାଙ୍କୁ ମଙ୍ଗଳବାର ରାତିରେ ଗୁଳି କରି ହତ୍ୟା କରାଯାଇଥିବା ପୋଲିସ କହିଛି। ଜେଡିୟୁର ଗହ୍ମାରିଆ ବ୍ଲକ ସଭାପତି ଅଶୋକ ଯାଦବ ଯୋଗବଣି ଗ୍ରାମର ଏକ ଦୋକାନ ପାଖରେ ଛିଡ଼ାହୋଇଥିବାବେଳେ ଦୁଇଜଣ ଦୁର୍ବୃତ୍ତ ମୋଟରସାଇକେଲରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଯାଦବଙ୍କୁ ସଙ୍ଗେ ସଙ୍ଗେ ସୁପାଉଲ୍ ସଦର ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇପାରିନାହିଁ। ହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଆୟୁଷ ମନ୍ତ୍ରୀଙ୍କୁ କରୋନା



ନୂଆଦିଲ୍ଲୀ, ୧୨।୮: କେନ୍ଦ୍ର ଆୟୁଷ ତଥା ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ କରୋନା ସଂକ୍ରମିତ ହୋଇଛନ୍ତି। ସେ ବୁଧବାର ଟୁଇଟ୍ କରି ଏହା ଜଣାଇଛନ୍ତି। ଏବେ ସେ ହୋମ୍ ଆଇସୋଲେଶନରେ ରହୁଛନ୍ତି। ତାଙ୍କଠାରେ କରୋନାର କୌଣସି ଲକ୍ଷଣ ନ ଥିଲେ ହେଁ ପରୀକ୍ଷାରୁ ପଜିଟିଭ୍ ଆସିଛି। ଗତ କିଛିଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ କୋଭିଡ୍ ପରୀକ୍ଷା କରାଇନେବା ସହ ସତର୍କତା ଅବଲମ୍ବନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଗାମୀ ଗଣେଶ ଚତୁର୍ଥୀ ପାଇଁ ସେ ଦୁଇଦିନ ପୂର୍ବରୁ ଏକ ପୁସ୍ତିକା ଓ ଭକ୍ତିସଙ୍ଗୀତ ସିଡି ଉନ୍ମୋଚନ କରିଥିଲେ। ଉତ୍ତର ଗୋଆରେ ସେ ବନ୍ୟା ସ୍ଥିତି ତଦାରଖ କାର୍ଯ୍ୟରେ ନିୟୋଜିତ ଥିଲେ।

## ଲଦାଖରେ ମୁତୟନ ହେଲା ହାଲ୍ ଯୁଦ୍ଧବିମାନ



ନୂଆଦିଲ୍ଲୀ, ୧୨।୮: ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଦ୍ୱାରା ନିର୍ମିତ ଦୁଇଟି ହାଲୁକା ଲଢ଼ୁଆ ହେଲିକପ୍ଟର (ଏଲ୍‌ସିଏଚ୍)କୁ ଲଦାଖ ସେକ୍ଟରରେ ମୁତୟନ କରାଯାଇଛି। ଚାଇନା ସହ ସୀମାବିବାଦ ଲାଗି ରହିଥିବାବେଳେ ଉକ୍ତ ହେଲିକପ୍ଟର ଭାରତୀୟ ବାୟୁସେନାକୁ ତ୍ୱରିତ୍ ସହାୟତା ଯୋଗାଇଦେବ ବୋଲି ହାଲ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହା ବିଶ୍ୱର ସବୁଠୁ ହାଲୁକା ଲଢ଼ୁଆ ହେଲିକପ୍ଟର। ଆତ୍ମନିର୍ଭର ଭାରତରେ ହାଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଏହାର ଅଧ୍ୟକ୍ଷ ଆର୍. ମାଧବନ କହିଛନ୍ତି। ବାୟୁସେନା ଓ ସ୍ଥଳସେନା ୧୬୦ ଏଲ୍‌ସିଏଚ୍ ଆବଶ୍ୟକ କରୁଥିବାବେଳେ ହାଲ୍ ଚଳିତ ବର୍ଷ ଶେଷ ସୁଦ୍ଧା ୧୫ଟି ଯୋଗାଇଦେବ।

# ସନ୍ଦେହ ଘେରରେ ସ୍ପୁଟ୍‌ନିକ୍ ଭି

ନୂଆଦିଲ୍ଲୀ, ୧୨।୮




କରୋନା ମହାମାରୀର ମୁକାବିଲା ଲାଗି ରୁଷିଆ ପ୍ରଥମ କରୋନା ଟିକାକୁ ମଞ୍ଜୁରୀ ପ୍ରଦାନ କରିଥିବାବେଳେ ଏହାର ନିରାପତ୍ତାକୁ ନେଇ ସାରା ବିଶ୍ୱରୁ ପ୍ରଶ୍ନ ଉଠିବାରେ ଲାଗିଛି। ମସ୍କୋର ଗାମଲେୟା ଇନ୍‌ଷ୍ଟିଚ୍ୟୁଟ ଏବଂ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ମିଳିତ ଭାବେ 'ସ୍ପୁଟ୍‌ନିକ ଭି' ନାମକ ଏହି ଟିକାର ବିକାଶ କରିଥିବାବେଳେ ମାତ୍ର ୨ ମାସର ପରୀକ୍ଷା ପରେ ଏହାକୁ ବ୍ୟବହାର ଲାଗି ଅନୁମତି ମିଳିଛି। ବିଶ୍ୱର ପ୍ରଥମ କୋଭିଡ୍ ଟିକା ଉତ୍ପାଦନକାରୀ ଭାବେ ଦାବି କରିବା ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟ ମାନବ ପରୀକ୍ଷା ପୂର୍ବରୁ ରୁଷିଆ ଏହାକୁ ବ୍ୟବହାର ପାଇଁ ଅନୁମତି ଦେଇଥିବା ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ଏହି ଟିକାର ନିରାପତ୍ତା ଓ ପ୍ରଭାବକୁ ଯାଞ୍ଚ କରାଯିବା ଆବଶ୍ୟକ ବୋଲି ଏମ୍ସ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ କହିଛନ୍ତି। ବ୍ୟାପକ ପରିମାଣର ଟିକା ଉତ୍ପାଦନ କରିବା କ୍ଷମତା ଭାରତର ରହିଛି ବୋଲି ସେ କହିଛନ୍ତି। ଟିକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ରହିବା ଉଚିତ ନୁହେଁ। ଏହା ଉତ୍ତମ ରୋଗ ପ୍ରତିରୋଧ କ୍ଷମତା ପ୍ରଦାନ କରିବା ସହ ସୁରକ୍ଷା ଦେବା ଆବଶ୍ୟକ।

ରୁଷିଆ ଆଡେନୋଭାଇରସ୍ ଆଧାରିତ ଭାଇରାଲ ଭେକ୍ଟର ଟିକା ପ୍ରସ୍ତୁତ କରିଛି। ଏହା ସାଧାରଣ ଥଣ୍ଡା ରୋଗ ଭୂତାଣୁ। ଗାମାଲେୟା ନ୍ୟାଶନାଲ ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ଆଲେକ୍‌ଜାଣ୍ଡାର ଗିଣ୍ଟ୍‌ସବର୍ଗଙ୍କ ମତରେ ଟିକାରେ ଥିବା କରୋନା ଭୂତାଣୁ କଣିକା ବଂଶବିସ୍ତାର କରିପାରୁ ନ ଥିବାରୁ ଏହା ଶରୀରର କୌଣସି କ୍ଷତି କରିବ ନାହିଁ। କରୋନା ସଂକ୍ରମଣ ବିରୋଧରେ ଶରୀରରେ ପ୍ରତିରୋଧକ ଶକ୍ତି ବଢ଼ାଇବା ଲାଗି ଏହି ଟିକାର ଦୁଇଟି ଡୋଜ୍ ଦିଆଯିବ। ପ୍ରଥମେ ସ୍ୱାସ୍ଥ୍ୟ କର୍ମଚାରୀ ଓ ଶିକ୍ଷକଙ୍କୁ ଟିକା ଦିଆଯିବା ପରେ ଅକ୍ଟୋବରରେ ସାରା ଦେଶରେ ଟିକାକରଣ ପାଇଁ ରୁଷିଆ ଯୋଜନା କରିଛି। ତେବେ ଟିକାର ମାନବ ପରୀକ୍ଷା ଫଳାଫଳ ସମ୍ପର୍କରେ ରୁଷିଆ ଏପର୍ଯ୍ୟନ୍ତ କୌଣସି ଦସ୍ତାବିଜ୍ ପ୍ରକାଶନ କରିନାହିଁ।

ସ୍ପୁଟ୍‌ନିକ ଭି ଟିକାର ପ୍ରଥମ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଜୁନ୍ ୧୭ରେ ଆରମ୍ଭ ହୋଇଥିଲା, ଯେଉଁଥିରେ ୭୬ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ। ପ୍ରଥମ ଡୋଜ୍ ନେବାର ୨୧ ଦିନ ପରେ ଦ୍ୱିତୀୟ ଡୋଜ୍ ଦିଆଯାଇଥିଲା। ଏହା ରୋଗ ପ୍ରତିରୋଧକ କ୍ଷମତା ଦୁଇଗୁଣ ବଢ଼ାଇଥିବା ରୁଷିଆ ବିଶେଷଜ୍ଞ ଦାବି କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଜୁଲାଇ ୧୩ରେ ଆରମ୍ଭ ହୋଇଥିବାବେଳେ ବିଶ୍ୱର ପ୍ରଥମ ଟିକା ସଫଳ ହୋଇଛି ବୋଲି ଅଗଷ୍ଟ ୩ରେ ରୁଷିଆ ଘୋଷଣା କରି ସମସ୍ତଙ୍କୁ ଚମକାଇ ଦେଇଥିଲା। ତେବେ କେଉଁ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇଛି, ସେ ନେଇ ରୁଷିଆ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ। ଅନୁମୋଦନ ମିଳିବା ପରେ ଟିକାର ଗୁରୁତ୍ୱପୂର୍ଣ୍ଣ ତୃତୀୟ ପର୍ଯ୍ୟାୟ ମାନବ ପରୀକ୍ଷା ହେବ ବୋଲି ଖବର ପ୍ରକାଶ ପାଇଛି। ଟିକାର ଉପଯୁକ୍ତ ନିରାପତ୍ତା ଓ ସାମର୍ଥ୍ୟ ପରୀକ୍ଷା ହୋଇ ନ ଥିବା ଆମେରିକୀୟ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ଟିକାର ନିରାପତ୍ତା ଓ ପ୍ରଭାବକୁ ସାବଧାନତାର ସହିତ ମୂଲ୍ୟାୟନ କରାଯିବା ଆବଶ୍ୟକ ବୋଲି ଉକ୍ତ ସଂଗଠନର ଉପନିର୍ଦ୍ଦେଶକ ଜାରବାସ ବାର୍ବୋସା କହିଛନ୍ତି।



ବେଙ୍ଗାଲୁରୁସ୍ଥିତ ପୁଲକେଶୀନଗରର ପୋଡ଼ାଜଳା କରାଯାଇଥିବା ସ୍ଥାନରେ ପୋଲିସ ଅନୁଧ୍ୟାନ କରୁଛି।

## ୧୨୧ ପୋଲିସଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଉତ୍କର୍ଷ ମେଡାଲ

ନୂଆଦିଲ୍ଲୀ, ୧୨।୮ (ଆଇଏଏନ୍‌ଏସ୍)

ତଦନ୍ତରେ ଉତ୍କର୍ଷ ନିମନ୍ତେ ୨୦୨୦ ବର୍ଷ ଲାଗି ମର୍ଯ୍ୟାଦାଜନକ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ମେଡାଲ ଦେଶର ୧୨୧ ପୋଲିସ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରୁ ୧୫ ଅଧିକାରୀ ପୁରସ୍କୃତ ହୋଇଥିବାବେଳେ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରୁ ୧୦ ଜଣ ଲେଖାଏ ପୋଲିସ ଅଧିକାରୀ, ଉତ୍ତରପ୍ରଦେଶରୁ ୮, କେରଳ, ପଶ୍ଚିମବଙ୍ଗରୁ ୭ ଜଣ ଲେଖାଏ ଏବଂ ଓଡ଼ିଶାରୁ ୪ଜଣ ପୁରସ୍କୃତ ହୋଇଛନ୍ତି। ପୁରସ୍କୃତ ପୋଲିସଙ୍କ ମଧ୍ୟରେ ୨୧ ମହିଳା ଅଛନ୍ତି। ପୁରସ୍କୃତଙ୍କ ମଧ୍ୟରେ କନଷ୍ଟେବଲଙ୍କଠାରୁ ଡେପୁଟି କମିଶନର ପାହ୍ୟା ପର୍ଯ୍ୟନ୍ତ ଅଧିକାରୀ ରହିଛନ୍ତି। ୨୦୧୮ରେ ଏହି ମେଡାଲ ପ୍ରଦାନ ଆରମ୍ଭ ହୋଇଥିଲା। ଗତବର୍ଷ ୯୬ ଜଣଙ୍କୁ ଏହି ପୁରସ୍କାର ମିଳିଥିଲା।

## ଏନ୍‌କାଉଣ୍ଟରରେ ହିଜ୍‌ବୁଲ କମାଣ୍ଡର ନିହତ

ଶ୍ରୀନଗର, ୧୨।୮

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଟପ୍ ହିଜ୍‌ବୁଲ ମୁଜାହିଦ୍ଦିନ କମାଣ୍ଡର ଆଜାଦ ଲାଲ୍‌ହରି ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ସ୍ଥାନୀୟ କମ୍ରାଜିପୋରା ଗ୍ରାମରେ ପୋଲିସ, ସେନା ଓ ସିଆର୍‌ପିଏଫ୍‌ର ମିଳିତ ଅପରେଶନ ବେଳେ ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିମାଡ଼ କରାଯାଇଥିଲା। ଏଥିରେ ୨ ଯବାନ ଆହତ ହୋଇଥିଲେ। ପରେ ସେନା ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏଥିରେ ଲାଲ୍‌ହରି ନିହତ ହୋଇଥିଲେ। ରିଆଜ୍ ନାଇକୁଙ୍କ ପରେ ସେ ମୁଖ୍ୟ ହିଜ୍‌ବୁଲ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ବହୁଦିନ ଧରି ସେ ମୋଷ୍ଟ ୱାଣ୍ଟେଡ୍ ଥିଲେ।

## ଡାକ୍ତରୀ ପଢ଼ିବାକୁ ଆମେରିକା ଯାଇଥିଲେ କମଳା ହାରିସ୍‌ଙ୍କ ମା'



ଡେମୋକ୍ରାଟ ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବିଡେନ୍‌ଙ୍କ ସହ ଉପରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍।

ଚେନ୍ନାଇ, ୧୨।୮

ଭାରତୀୟ ବଂଶୋଦ୍ଭବ କମଳା ହାରିସ୍ ଆମେରିକାର ଡେମୋକ୍ରାଟ ଦଳର ଉପରାଷ୍ଟ୍ରପତି ପ୍ରାର୍ଥୀ ମନୋନୀତ ହୋଇଛନ୍ତି। ଏହି ସିନେଟରଙ୍କ ମାତୃଭାଷା କନ୍ନଡ଼। ତାଙ୍କ ମାଆ ଶ୍ୟାମଳା ଗୋପାଳନଙ୍କ ଜନ୍ମସ୍ଥାନ ଚେନ୍ନାଇ। ସେ ଡାକ୍ତରୀ ପଢ଼ିବା ପାଇଁ ଆମେରିକା ଯାଇ କ୍ୟାନ୍‌ସର ଗବେଷକ ହୋଇଥିଲେ। ପରେ ସେ ଜାମାଇକାର ଅର୍ଥନୀତିଜ୍ଞ ଡୋନାଲ୍ଡ ହାରିସ୍‌ଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇଝିଅ କମଳା ଓ ମାୟା। କମଳାଙ୍କ ଜନ୍ମ ୧୯୬୪ ଅକ୍ଟୋବର ୨୦ରେ କାଲିଫର୍ଣ୍ଣିଆର ଓକ୍‌ଲାଣ୍ଡରେ। ସେ ବର୍କେଲିରେ ବଢ଼ିଥିଲେ। ମାତାପିତାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ପରେ ସେ କାନାଡାରେ ହାଇସ୍କୁଲ ଶିକ୍ଷା ଗ୍ରହଣ କରିଥିଲେ। ତାଙ୍କ ମାଆ ସେତେବେଳେ ମଣ୍ଟ୍ରିଲ୍‌ର ମାକ୍‌ଗିଲ୍ ୟୁନିଭର୍ସିଟିରେ ଅଧ୍ୟାପନା କରୁଥିଲେ। କମଳା ଛୋଟବେଳେ ତାଙ୍କ ଅଜାଙ୍କ ଘର ଚେନ୍ନାଇର ବେସାନ୍ତ ନଗରକୁ ଆସୁଥିଲେ। ଅଜା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପି.ଭି. ଗୋପାଳନଙ୍କ ସହ ସେ ଏଲିଅଟ୍ସ ବେଳାଭୂମିକୁ ବୁଲିବାକୁ ଆସୁଥିଲେ। କମଳା ଆମେରିକାର ଉପରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବାରୁ ତାଙ୍କ ଚେନ୍ନାଇ ମୂଳ ପରିବାର ଖୁସିବ୍ୟକ୍ତ କରିଛନ୍ତି। ତାଙ୍କ ଭଉଣୀ ମାୟା ହାରିସ୍ ମଧ୍ୟ ଟୁଇଟ୍ କରି ଖୁସି ଜାହିର କରିଛନ୍ତି। ଶ୍ୟାମଳାଙ୍କ ଭଉଣୀ ସରଳା ଗୋପାଳନ ଓ ଭାଇ ଜି. ମାଲଚନ୍ଦ୍ରନ ଏବେ ଭାରତରେ ରହୁଛନ୍ତି। ବୁଧବାର ସକାଳେ ଝିଆରୀ କମଳାଙ୍କ ସମ୍ପର୍କରେ ଖବର ପାଇବା ପରେ ସରଳା ଏକ ପ୍ରକାଶନ ସଂସ୍ଥା ସହ କଥା ହୋଇଥିଲେ। ସେ କହିଥିଲେ, ତାଙ୍କ ଝିଆରୀ ଏପର୍ଯ୍ୟନ୍ତ ତାଙ୍କ ମୂଳ ବଂଶଧରଙ୍କୁ ଭୁଲିନାହାନ୍ତି। ତାଙ୍କ ଚିଠି ସମ୍ପର୍କରେ ସରଳା ମନେ ପକାଇଥିଲେ।

## 'ଭାରତୀୟଙ୍କ ପାଇଁ ଗର୍ବ'

ଚେନ୍ନାଇ, ୧୨।୮



ଓ. ପନିରସେଲଭମ୍

ଆମେରିକା ସିନେଟର କମଳା ହାରିସ୍ ଡେମୋକ୍ରାଟ ଉପରାଷ୍ଟ୍ରପତି ପ୍ରାର୍ଥୀ ମନୋନୀତ ହେବା ଭାରତୀୟଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଓ. ପନିରସେଲଭମ୍ କହିଛନ୍ତି। ସେ ଟୁଇଟ୍ କରି କମଳାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତୀୟ ତାମିଲ ବଂଶୋଦ୍ଭବ କମଳାଙ୍କୁ ଆମେରିକାର ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ କରାଯିବା ବାସ୍ତବରେ ଗର୍ବର ବିଷୟ ବୋଲି ଡିଏମ୍‌କେ ଏମ୍‌ପି କାନିମୋଝି ଟୁଇଟ କରିଛନ୍ତି। ସେ କମଳାଙ୍କ ବିଜୟ କାମନା କରିଛନ୍ତି।

# କରୋନା ଆରୋଗ୍ୟ ହାର ୭୦% ଟପିଲା

ନୂଆଦିଲ୍ଲୀ, ୧୨।୮ (ପି.ଟି.)



ଭାରତରେ କରୋନା ଆରୋଗ୍ୟ ହାର ୭୦ ପ୍ରତିଶତ ଅତିକ୍ରମ କରିଛି। ବୁଧବାର ସୁଦ୍ଧା ୧୬,୩୯,୫୯୯ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଲେଣି। ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୭.୬୪ ପ୍ରତିଶତ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି କରୋନାଜନିତ ମୃତ୍ୟୁହାର ମଧ୍ୟ ୧.୯୮ ପ୍ରତିଶତକୁ ହ୍ରାସ ପାଇଛି। ଉପଯୁକ୍ତ କଣ୍ଟେନମେଣ୍ଟ ନୀତି, ବ୍ୟାପକ ପରୀକ୍ଷା ଓ ଉନ୍ନତ ଚିକିତ୍ସା ପରିଚାଳନା ଯୋଗୁ ଗୋଟିଏ ଦିନରେ ୫୬,୧୧୦ ଜଣ ସୁସ୍ଥ ହୋଇଛନ୍ତି। କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରମାନଙ୍କର ସମନ୍ୱିତ ଉଦ୍ୟମ ଯୋଗୁ ଆରୋଗ୍ୟ ହାର ବଢ଼ିଚାଲିଛି। ଜୁଲାଇ ପ୍ରଥମ ସପ୍ତାହରେ ଦୈନିକ ଆରୋଗ୍ୟ ହାର ୧୫,୦୦୦ ଥିବାବେଳେ ଅଗଷ୍ଟ ପ୍ରଥମ ସପ୍ତାହରେ ତାହା ୫୦ ହଜାରରୁ ଅଧିକ ହୋଇଛି। ବୁଧବାର ସୁଦ୍ଧା ଦେଶରେ ଆରୋଗ୍ୟ ହାର ୭୦.୩୮ରେ ପହଞ୍ଚିଥିବାବେଳେ ବିଭିନ୍ନ ହସ୍ପିଟାଲରେ ୬,୪୩,୯୪୮ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୭,୩୩,୪୪୯ ଜଣଙ୍କର କୋଭିଡ୍ ପରୀକ୍ଷା କରାଯାଇଛି। ଏହାକୁ ମିଶାଇ ମୋଟ ୨.୬ କୋଟିରୁ ଅଧିକ ନମୁନା ପରୀକ୍ଷା କରାଗଲାଣି। ଅର୍ଥାତ୍ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ପରୀକ୍ଷା ସଂଖ୍ୟା ୧୮,୮୫୨କୁ ବୃଦ୍ଧି ପାଇଛି। କରୋନା ଗତ ୨୪ ଘଣ୍ଟା ମଧ୍ୟରେ ପୁଣି ୬୦,୯୬୩ ଜଣଙ୍କୁ ଆକ୍ରାନ୍ତ କରିଛି। ଏଥିସହ ଦେଶରେ ମୋଟ ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ୨୩.୭୦ ଲକ୍ଷକୁ ବୃଦ୍ଧିପାଇଛି। ଭାରତରେ ଏପର୍ଯ୍ୟନ୍ତ ୪୬,୬୭୦ ଲୋକଙ୍କ ଜୀବନ ଗଲାଣି। ବୁଧବାର ୮୩୪ ଲୋକ ପ୍ରାଣ ହରାଇଛନ୍ତି।

# ବନ୍ଦୀଶାଳାରେ କୃଷ୍ଣ ଜନ୍ମ ହୋଇଥିଲେ, ତୁମେ ବାହାରିବାକୁ ଚାହୁଁଛ

ନୂଆଦିଲ୍ଲୀ, ୧୨।୮

### ଜନ୍ମାଷ୍ଟମୀରେ ଅଭିଯୁକ୍ତଙ୍କୁ ପ୍ରଶ୍ନ କଲେ ସିଜେଆଇ



ମହାରାଷ୍ଟ୍ରର ଧର୍ମେନ୍ଦ୍ର କରନସିଂ ଭାଲ୍‌ଭିଙ୍କ ଜାମିନ ଆବେଦନର ଶୁଣାଣି ବେଳେ ସିଜେଆଇ ଏଭଳି ମଜା କରିଥିଲେ।

ସୁପ୍ରିମକୋର୍ଟରେ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ବେଳେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ମନ୍ତବ୍ୟ ହାସ୍ୟରୋଳ ସୃଷ୍ଟି କରିଥିଲା। ସିଜେଆଇ ଆବେଦନକାରୀଙ୍କୁ କହିଥିଲେ, ଜନ୍ମାଷ୍ଟମୀରେ ଭଗବାନ କୃଷ୍ଣ ବନ୍ଦୀଶାଳାରେ ଜନ୍ମଗ୍ରହଣ କରିଥିଲେ। ଏଭଳି ଦିନରେ ତୁମେ ଜେଲ୍‌ରୁ ବାହାରିବାକୁ ଚାହୁଁଛ କି ବୋଲି ସେ ପ୍ରଶ୍ନ କରିଥିଲେ। ଆବେଦନକାରୀଙ୍କ ଓକିଲ ହଁ କହିବାରୁ ସିଜେଆଇ କହିଥିଲେ, ଭଲ କଥା ତୁମେ ଧର୍ମ ସହ ଅତିମାତ୍ରାରେ ଜଡ଼ିତ ନାହଁ। ଜାମିନ ମଞ୍ଜୁର ହେଲା। ୨୫,୦୦୦ ଟଙ୍କାର ବଣ୍ଡ୍ ଦାଖଲ କର।

# ଚର୍ଚ୍ଚାରେ ପୁଟିନଙ୍କ ଦୁଇ ଝିଅ

ମସ୍କୋ, ୧୨।୮

ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଝିଅଙ୍କଠାରେ 'ସ୍ପୁଟନିକ୍ ଭି' ଭାକ୍ସିନର ପ୍ରୟୋଗ କରାଯାଇଛି। ପୁଟିନ ନିଜେ ଏହା ଦାବି କରିବା ପରେ ତାଙ୍କର କେଉଁ ଝିଅଙ୍କୁ କରୋନା ଟିକା ଦିଆଯାଇଛି ସେନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ପୁଟିନ ନିଜ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ସାଧାରଣରେ ପ୍ରାୟତଃ ବେଶି କିଛି ପ୍ରକାଶ କରି ନ ଥାନ୍ତି। ଗଣମାଧ୍ୟମରେ ମଧ୍ୟ ତାଙ୍କ ପରିବାର ସଦସ୍ୟଙ୍କ ଝଲକ ମଧ୍ୟ କମ୍ ଦେଖିବାକୁ ମିଳିଥାଏ।

ପୁଟିନଙ୍କର ଦୁଇ ଝିଅ ଅଛନ୍ତି। ଦୁହିଁଙ୍କ ମଧ୍ୟରୁ କାହାକୁ ଏହି ଭାକ୍ସିନ ଦିଆଯାଇଥିଲା ତାହା ପୁଟିନ ସ୍ପଷ୍ଟ କରି ନ ଥିବାରୁ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ସାନଝିଅ ୟେକାଟେରିନା ଭ୍ଲାଦିମିରୋଭ୍‌ନା ପୁଟିନାଙ୍କ ଜନ୍ମ ୧୯୮୬ରେ ହୋଇଥିଲା। କେତେକ ମିଡିଆ ରିପୋର୍ଟ ଅନୁସାରେ ସାନଝିଅ ୟେକାଟେରିନାଙ୍କୁ କୋଭିଡ୍-୧୯ ଭାକ୍ସିନ ଦିଆଯାଇଛି। ୨୦୧୫ରେ ୟେକାଟେରିନା ପୁଟିନା ଚର୍ଚ୍ଚାକୁ ଆସିଥିଲେ, ଯେତେବେଳେ ସେ ମସ୍କୋରେ ହିଁ କେଟରିନା ପୁଟିନା ନାମରେ ରହୁଥିବା ଜଣାପଡ଼ିଥିଲା। ସେ ଜଣେ ଆକ୍ରୋବେଟିକ୍ ଡ୍ୟାନ୍ସର ଓ ଅନେକ ଚାମ୍ପିୟନଶିପ୍‌ରେ ଭାଗ ନେଇଥାନ୍ତି। ତାଙ୍କୁ ଏକ ଟିଭି ଶୋ'ରେ ମଧ୍ୟ ଦେଖିବାକୁ ମିଳିଥିଲା। ୩୩ ବର୍ଷୀୟା ୟେକାଟେରିନାଙ୍କୁ ମସ୍କୋ ଷ୍ଟେଟ୍ ୟୁନିଭର୍ସିଟିରେ ଏକ ନୂଆ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେ ଅନେକ ବର୍ଷ ଧରି ୟୁନିଭର୍ସିଟିର ସିନିୟର ପୋଷ୍ଟରେ ଅବସ୍ଥାପିତ ଅଛନ୍ତି। ୟେକାଟେରିନା ପଦାର୍ଥ ବିଜ୍ଞାନ ଓ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେ ନିଜ ବାପାଙ୍କ ସାଂଙ୍ଗା ଛାଡ଼ି ପରେ ନିଜ ନାମ କେଟରିନା ଟିଖୋନୋଭା ରଖିଥିଲେ। ୨୦୧୩ରେ ୟେକାଟେରିନା କିରିଲ ଶାମାଲୋଭ୍‌ଙ୍କୁ ବିବାହ କରିଥିଲେ। କିରିଲ ହେଉଛନ୍ତି ରୋଜିୟା ବ୍ୟାଙ୍କର ଅନ୍ୟତମ ମାଲିକ ନିକୋଲାୟ ଶାମାଲୋଭଙ୍କ ପୁଅ। କୁହାଯାଉଛି ଯେ, ନିକୋଲାୟ ହେଉଛନ୍ତି ପୁଟିନଙ୍କ ପୁରୁଣା ବନ୍ଧୁ। କିରିଲ ତୈଳ ଓ ପେଟ୍ରୋକେମିକାଲ୍ସ ଉଦ୍ୟୋଗ ସହିତ ଜଡ଼ିତ ବ୍ୟବସାୟୀ। ସେ ରୁଷିଆ ସରକାରରେ ଆର୍ଥିକ ପରାମର୍ଶଦାତା ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ୨୦୧୮ରେ ଛାଡ଼ପତ୍ର ପରେ ୟେକାଟେରିନା ଓ କିରିଲ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ।



ବଡ଼ଝିଅ ମାରିଆ ଭୋରାଣ୍ଟସୋଭା ପୁଟିନା

ସେହିପରି ବଡ଼ଝିଅ ମାରିଆ ଭୋରାଣ୍ଟସୋଭା ପୁଟିନାଙ୍କ ଜନ୍ମ ୧୯୮୫ରେ ଲେନିନ୍‌ଗ୍ରାଦରେ ହୋଇଥିଲା। ସେ ଜଣେ ଏଣ୍ଡୋକ୍ରାଇନୋଲୋଜିଷ୍ଟ। ସେ ମସ୍କୋର ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟରେ ଭିନ୍ନ ନାମରେ ରହୁଛନ୍ତି। ମାରିଆ ଏକ ଏଣ୍ଡୋକାଇନୋଲୋଜି ସେଣ୍ଟରରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରନ୍ତି ବୋଲି କେତେକ ମିଡିଆ ରିପୋର୍ଟରେ ପ୍ରକାଶ ପାଇଛି। ସେ ଜଣେ ଡଚ୍ ନାଗରିକଙ୍କୁ ବିବାହ କରିଥିବା ଓ ତାଙ୍କର ଏକ ଝିଅ ଥିବା ନେଇ କେତେକ ରିପୋର୍ଟରେ ପୂର୍ବରୁ କୁହାଯାଇଥିଲା। ସେ ବହୁ ସମୟରେ ବିଦେଶ ଗସ୍ତ କରିଥାନ୍ତି ଓ ତାଙ୍କର ଅନେକ ୟୁରୋପୀୟ ବନ୍ଧୁ ଅଛନ୍ତି।

ପୁଟିନ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଏକ ଟିଭି ଶୋ'ରେ ନିଜର ଦୁଇଝିଅଙ୍କ ସମ୍ପର୍କରେ କେତେକ କଥା କହିଥିଲେ। ଏହାସହ ନିଜ ପରିବାର ସମ୍ପର୍କରେ ଗୋପନୀୟତା ବଜାୟ ରଖିବାକୁ ମିଡିଆକୁ ଅନୁରୋଧ କରିଥିଲେ। ପୁଟିନ କହିଥିଲେ, ଦୁଇଝିଅ ମସ୍କୋରେ ରହନ୍ତି। ଜଣେ ବିଜ୍ଞାନ ଓ ଜଣେ ଶିକ୍ଷା କ୍ଷେତ୍ର ସହ ଜଡ଼ିତ। ଉଭୟେ ରାଜନୀତିରେ କୌଣସି ପ୍ରକାର ହସ୍ତକ୍ଷେପ କରନ୍ତି ନାହିଁ। ତାଙ୍କ ଝିଅମାନଙ୍କ ପିଲାମାନେ ସାଧାରଣ ଲୋକଙ୍କ ଭଳି ସ୍ୱାଭାବିକ ଜୀବନଯାପନ କରନ୍ତୁ । ପ୍ରକାଶ ଯେ, ପୁଟିନ ୧୯୮୩ ଜୁଲାଇ ୨୮ରେ ଲ୍ୟୁଡ୍‌ମିଲା ପୁଟିନଙ୍କୁ ବିବାହ କରିଥିଲେ। ୨୦୧୩-୧୪ରେ ଉଭୟେ ଅଲଗା ହୋଇଯାଇଥିଲେ। ଲ୍ୟୁଡ୍‌ମିଲା ଲାଇମ୍‌ଲାଇଟ୍‌ରୁ ଦୂରେଇ ରହିଥାନ୍ତି। ତେବେ ରୁଷିଆର ପ୍ରଥମ ମହିଳା ଭାବେ ସେ ୨୦୦୪ରେ ପୁଟିନଙ୍କ ଭାରତ ଗସ୍ତ ସମୟରେ ତାଙ୍କ ସହ ଆସିଥିଲେ।



ସାନଝିଅ ୟେକାଟେରିନା ଭ୍ଲାଦିମିରୋଭ୍‌ନା ପୁଟିନା

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଅଗଷ୍ଟ, ୨୦୨୦






# ସ୍ୱାଧୀନତା ଦିବସରେ ଶଟ୍‌ଡାଉନ କଟକଣା କୋହଳ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ଗଞ୍ଜାମ, ଖୋର୍ଦ୍ଧା, ଗଜପତି, କଟକ ଏବଂ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଶନିବାର ଓ ରବିବାର ଶଟ୍‌ଡାଉନ୍ କଟକଣା ଥିଲା। କିନ୍ତୁ ଏହାକୁ ସ୍ୱାଧୀନତା ଦିବସ ସକାଶେ ଶନିବାର ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ କୋହଳ କରିଦିଆଯାଉଛି। ତେଣୁ ସ୍ୱାଧୀନତା ଦିବସ ଶନିବାର ପଡୁଥିବାରୁ ଏହି ନିୟମ କରାଯାଇଛି। ଜାତୀୟ ପତାକା ଉତ୍ତୋଳନ ଶେଷ ହେବାପରେ ପୁଣି କଟକଣା ପୂର୍ବବତ୍ ଜାରି ରହିବ। ଯେଉଁ ସ୍ଥାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ ସେଠାରେ ୧୦ଜଣରୁ ଅଧିକ ଏକାଠି ହୋଇପାରିବେ ନାହିଁ। ଅନ୍ୟ ସବୁ ନିୟମ ଯେମିତି ଅଛି ରହିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ୫୦ହଜାର ଟପିଲା ଆକ୍ରାନ୍ତ, ୩୦୫ ମୃତ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୦ହଜାର ଟପିଯାଇଛି। ମାର୍ଚ୍ଚ ୧୫ରେ ରାଜ୍ୟରେ ପ୍ରଥମ ପଜିଟିଭ୍ ଚିହ୍ନଟ ହୋଇଥିଲା। ୫ମାସ ନ ପୂରୁଣୁ ଆକ୍ରାନ୍ତଙ୍କ ସଂଖ୍ୟା ୫୦,୬୭୨ରେ ପହଞ୍ଚିଯାଇଛି। ଶେଷ ୨୪ ଘଣ୍ଟାରେ ପୁଣି ୧୮୭୬ଜଣ ନୂଆ ପଜିଟିଭ୍ ଚିହ୍ନଟ ହେବା ପରେ ସଂକ୍ରମଣ ସ୍ଥିତି ଏହି ସ୍ତରକୁ ଚାଲିଆସିଛି। ସେପଟେ ମୁଣ୍ଡ ପରେ ମୁଣ୍ଡ ନେଉଛି ଏହି ମହାମାରୀ। କରୋନାରେ ଆଉ ୯ଜଣଙ୍କ ଜୀବନ ଯିବା ପରେ ମୃତ୍ୟୁ ସଂଖ୍ୟା ମଧ୍ୟ ୩୦୫ ଛୁଇଁଛି। ତେବେ ଉଭୟ ଆକ୍ରାନ୍ତ ଓ ମୃତ୍ୟୁରେ ଗଞ୍ଜାମ ଜିଲା ସବୁଠୁ ଆଗରେ ରହିଛି। ଏହି ଜିଲରେ ଏବେ ୧୩,୫୭୫ଜଣ ସଂକ୍ରମିତ ହୋଇଥିବାବେଳେ ୧୪୪ଜଣ କରୋନାରେ ପ୍ରାଣ ହରାଇଛନ୍ତି।

ଚିହ୍ନଟ ହୋଇଥିବା ୧୮୭୬ ନୂଆ ପଜିଟିଭ୍ ସବୁ ଜିଲାରୁ ବାହାରିଛନ୍ତି। ଏମାନଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୧,୧୮୨ଜଣ ରହିଥିବାବେଳେ ୬୯୪ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧାରେ ସର୍ବାଧିକ ୨୯୭ଜଣ ଥିବାବେଳେ ଗଞ୍ଜାମ ୨୬୦, ସୁନ୍ଦରଗଡ଼ ୧୧୯, କଟକ ୧୦୯, ନୟାଗଡ଼ ୧୦୫, ରାୟଗଡ଼ା ୯୮, ବାଲେଶ୍ୱର ୮୧, ପୁରୀ ୮୦, କୋରାପୁଟ ୭୭, ଗଜପତି ୭୧, ମୟୂରଭଞ୍ଜ ୭୦, କେନ୍ଦ୍ରାପଡ଼ା ୫୮, ଯାଜପୁର ୫୩, ଭଦ୍ରକ ୫୦, କଳାହାଣ୍ଡି ୪୧, ଢେଙ୍କାନାଳ ଓ ସମ୍ବଲପୁରରୁ ୩୬ ଲଖାଏ, ବଲାଙ୍ଗୀର ୩୧, କନ୍ଧମାଳ ଓ ନବରଙ୍ଗପୁରରୁ ୩୦ ଲେଖାଏ, ଜଗତ୍‌ସିଂହପୁର ୨୬, ମାଲକାନଗିରି ୨୪, ସୋନପୁର ୨୨, କେନ୍ଦୁଝର ୨୧, ଅନୁଗୋଳ ଓ ବରଗଡ଼ରୁ ୧୫ ଲେଖାଏ, ବୌଦ୍ଧ ୧୦, ଝାରସୁଗୁଡ଼ା ୬, ନୂଆପଡ଼ା ୩ ଓ ଦେବଗଡ଼ରୁ ୨ ରହିଛନ୍ତି।

ଅନ୍ୟପକ୍ଷରେ କରୋନାରେ ମରିଥିବା ୯ଜଣଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୪ଜଣ ରହିଛନ୍ତି। ରାୟଗଡ଼ାରୁ ୨, ଖୋର୍ଦ୍ଧା, ଅନୁଗୋଳ ଓ ବାଲେଶ୍ୱରରୁ ଜଣେ ଲେଖାଏ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେହିଭଳି ପ୍ରତିଦିନ ପରି ଆଉ ୧୬୭୩ଜଣ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୩୬,୪୭୮ରେ ପହଞ୍ଚିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି।

## ଦୈନିକ ୧ଲକ୍ଷ ଟେଷ୍ଟିଂ ଲକ୍ଷ୍ୟ

ରାଜ୍ୟରେ କରୋନା ଟେଷ୍ଟ ପରିମାଣ ବଢ଼ିବ। ଆଗକୁ ଦୈନିକ ୧ ଲକ୍ଷ ଟେଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା କହିଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ୨୦ ତାରିଖ ସୁଦ୍ଧା ୫୦ହଜାର ଟେଷ୍ଟ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ତ୍ୱରିତ ଚିହ୍ନଟ ପାଇଁ ଅଧିକ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ଏବେ ଅଧିକାଂଶ କମ୍ପାନୀ କିଟ୍ ପ୍ରସ୍ତୁତ କରୁଥିବାରୁ କିଟ୍‌ର ଅଭାବ ରହିବ ନାହିଁ। ରାଜ୍ୟର ୬ ଜିଲାରେ ଅଧିକ ସଂଖ୍ୟକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ପ୍ରତି ଜିଲାକୁ ଟେଷ୍ଟିଂ ପାଇଁ ଆଣ୍ଟିଜେନ୍ ଟେଷ୍ଟ କିଟ୍ ପଠାଯିବ। ଏହାଦ୍ୱାରା ଶୀଘ୍ର ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇ ଆଇସୋଲେଟ୍ କରାଯାଇପାରିବ। ଏଥିପାଇଁ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟକୁ ଗୁରୁତ୍ୱ ଦିଆଯାଉଛି ବୋଲି ପରିଡ଼ା କହିଛନ୍ତି। ସେପଟେ ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି କହିଛନ୍ତି, ରାଜ୍ୟରେ କରୋନା ପଜିଟିଭ୍ ଚିହ୍ନଟରେ ବର୍ତ୍ତମାନ ଖୋର୍ଦ୍ଧା ଜିଲା ଆଗରେ ରହିଛି। ଏବେ ଏହି ଜିଲାରେ ପ୍ରତିଦିନ ୫୦ହଜାର ଟେଷ୍ଟ କରାଯିବ। ଗଞ୍ଜାମର ସେରୋ ସର୍ଭେ ରିପୋର୍ଟ ସରକାରଙ୍କୁ ଦିଆଯାଇଛି। ଏହି ଜିଲାରେ ସଂକ୍ରମଣ ନିୟନ୍ତ୍ରଣରେ ରହିଛି। ରାଜ୍ୟରେ ଅଧିକ ଟେଷ୍ଟିଂ କରାଯାଉଥିବାବେଳେ ତୁଳନାତ୍ମକ ଭାବେ କମ୍ ପଜିଟିଭ୍ ବାହାରୁଛି। ଏହା ରାଜ୍ୟ ପାଇଁ ଭଲ ସୂଚନା ବୋଲି ଡା. ପତି କହିଛନ୍ତି।

କ'ଣ ଆପଣ ଏବେ ବି ଇମ୍ୟୁନିଟି ବଢ଼ାଇବା ପାଇଁ ନୂଆ ନୂଆ ପ୍ରୟୋଗ କରୁଛନ୍ତି ?
ଯେବେ ପ୍ରଶ୍ନ ଆପଣଙ୍କ ପରିବାରର ସ୍ୱାସ୍ଥ୍ୟର ହୋଇଥାଏ ତେବେ ବିଜ୍ଞ ହୁଅନ୍ତୁ ଏବଂ କେବଳ ସେହି ଉତ୍ପାଦ ବାଛନ୍ତୁ ଯାହାର ପରିଣାମ ବିଶ୍ୱସନୀୟ ଓ ପ୍ରମାଣିତ ହୋଇଥିବ
JOLLY
CLINICALLY TESTED
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ
ଜୋଲି ତୁଳସୀ 51 ଡ୍ରପ୍‌ସ ଉପରେ କରାଯାଇଥିବା ଏକ ଲାବ୍ ଟେଷ୍ଟ (Clinical Trial)ରେ ଏହା ପ୍ରମାଣିତ ହୋଇଛି ଯେ ଯେଉଁ ବ୍ୟକ୍ତିମାନେ ଜୋଲି ତୁଳସୀ 51 ଡ୍ରପ୍‌ସ ନିୟମିତ ଭାବେ ସେବନ କରୁଥିଲେ ସେମାନଙ୍କ ଇମ୍ୟୁନିଟି ବହୁ ମାତ୍ରାରେ ବଢ଼ିଯାଇଛି।




କେବଳ Jolly Tulsi 51 Drops ହିଁ କାହିଁକି
- ଇମ୍ୟୁନିଟି ବଢ଼ାଇବା ପାଇଁ Clinically Tested ପରିଣାମ
- ବର୍ଷ ବର୍ଷର ପୁରୁଣା ଓ ବିଶ୍ୱସନୀୟ ଉତ୍ପାଦ
- ଇମ୍ୟୁନିଟି ବଢ଼ାଇବା ସହିତ Body ମଧ୍ୟ Detox କରନ୍ତୁ
- ତୁଳସୀର ସହସ୍ରାଧିକ ଅନ୍ୟାନ୍ୟ ଲାଭ ଆୟୁର୍ବେଦରେ ବର୍ଣ୍ଣିତ
- କୋଟି କୋଟି ସନ୍ତୁଷ୍ଟ ଗ୍ରାହକ

ପାଞ୍ଚ ପ୍ରକାର ତୁଳସୀରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ ଅର୍କ
*ଦୈନିକ କେବଳ 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ...
ଜୋଲି ତୁଳସୀ 51 ଡ୍ରପ୍‌ସର ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଏକା ସଦୃଶ ନାମରେ ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି ଯାହା ଗ୍ରାହକଙ୍କ ମନରେ ଭ୍ରମ ସୃଷ୍ଟି କରୁଛି । ମେଡିକାଲ ଷ୍ଟୋର୍‌ରେ ତୁଳସୀ ଡ୍ରପ୍‌ସ ନୁହେଁ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ ।
ଯେମିତି ସବୁ ପୀତବର୍ଣ୍ଣ ବସ୍ତୁ ସୁନା ହୋଇ ନ ଥାଏ, ସେହିଭଳି ସବୁ ତୁଳସୀ ଡ୍ରପ୍‌ସ "ଜୋଲି ତୁଳସୀ 51 ଡ୍ରପ୍‌ସ" ଭଳି ହୋଇ ନ ଥାଏ ।
Odisha : S.S» Jeevan Dhara Enterprises, Bbsr - 90400 34013 ☎ 0161-520-1588




Programmes after 10th, 12th, Graduation & Post Graduation in

B.Tech./ B.Tech. (Hons.)
Integrated B.Tech.-M.Tech.
Integrated B.Tech.-MBA
- Electronics & Communication Engineering
- Electronics & Communication Engineering - Internet of Things
- Computer Science & Engineering
- Computer Science & Engineering - Android Application Development
- Computer Science & Engig. - Data Science
- Computer Science & Engineering - Big Data
- Computer Science & Engineering - Full Stack Web Development
- Computer Science & Engg. - Machine Learning
- Computer Science & Engg. - Cyber Security
- Computer Science & Engg. - Cloud Computing
- Information Technology
- Mechanical Engineering
- Mechanical Engineering - Mechatronics
- Aerospace Engineering/
- Civil Engineering/ Electrical Engineering
- Electrical and Electronics Engineering
- Robotics and Automation
- Biotechnology+/ Bioinformatics+
- Food Technology+/ Biomedical Engineering+
- Automobile Engineering
- Chemical Engineering

Diploma (Engg.) - ECE, CSE, ME, CE, EE, AE
M.Tech. [Full Time]
B.Sc. (Hons.) Agriculture
B.Sc. (Hons.) Zoology
M.Sc. (Hons.) Botany/ Zoology
B.Ed./ M.Ed./ B.P.Ed./ M.P.Ed.
B.Sc. (Hons.) Chem./ Phy./ Maths
M.Sc. (Hons.) Chem./ Phy./ Maths
M.Sc. (Statistics & Data Analytics)

MBA/ MBA (Hons.)
BCA/ MCA/ MCA (Hons.)
M.Sc. (Computer Science)
M.Sc. (IT)
PGDCA
BBA/ BBA (Hons.)
BBA (Financial Markets)
BBA (International Finance)
BBA (Information Technology)
MBA (International Business)
MBA (Hospital & Healthcare Mgt.)
MBA (Toursims& Hospitality)
MBA (Supply Chain & Logistics)
MBA (Financial Markets)
MBA (Business Analytics)
B.Com./ M.Com.
B.Sc. (Hons.) Economics
M.Sc. (Hons.) Economics
B.A., LL.B. (Hons.)
BBA, LL.B.(Hons.)/ LL.M. (1 yr.)
B.Sc./ M.Sc. (Hotel Mgmt.)
B.Sc. (Airlines, Tourism & Hospitality)
B.Arch./ B.Plan./ M.Plan.
M.Arch. (Executive) (Part Time)
B.Sc./ M.Sc. (Design - Fashion)
M.Design (Fashion)
BFA/ BPA
B.A. (Music Vocal/ Theatre)
MFA
M.A. (Music Vocal)

B.Pharm.
BPT/ MPT (Ortho, Sports)
M.Sc. (Clinical Biochemistry)
M.Sc. (Clinical Microbiology)
M.Pharm. (Ayurveda)
B.Sc. (Forensic Sciences)
M.Sc. (Forensic Sciences)
B.Sc. (Film & TV Production)
M.Sc. (Film & TV Production)
B.A./ M.A. (Journ. & Mass Comm.)
B.Design (Product & Industrial)
M.Design (Product & Industrial)
B.Design (Multimedia)
M.Design (Multimedia)
B.Sc./ M.Sc. (Design - Multimedia)
B.Design (Interior & Furniture)
M.Design (Interior & Furniture)
B.Sc. (Hons.) Food Technology
M.Sc. (Food Science & Tech.)
B.Sc. (Nutrition & Dietetics)
M.Sc. (Nutrition & Dietetics)
B.Sc. (Hons.) Biotechnology
M.Sc. (Hons.) Biotechnology
B.Sc. (Hons.) Microbiology
M.Sc. (Hons.) Microbiology
M.Sc. (Geography)
B.A. (Hons.)
M.A. (Psychology/ History/ English/ Sociology/ Pol. Science/ Pub. Adm./ Hindi)
MA Education

+Medical students can also apply For stream details, refer website www.lpu.in

ADMISSION CLOSING SOON | SESSION STARTING IN MID AUGUST

HOW TO APPLY
For details of admission process, eligibility and scholarship, refer University website www.lpu.in

Scholarships of upto ₹ 3.9 Lakh Per Student

Contact our counsellor in BHUBANESWAR (Ph: 09875912783)

LOVELY PROFESSIONAL UNIVERSITY (LPU)
Jalandhar-Delhi G.T. Road, Phagwara, Punjab

Toll Free: 1800-102-4052
admission@lpu.co.in




Bhubaneswar: Trinity ŠKODA: 9937000695, 1800 1038 001; Jamshedpur: Imperial Vehicles: 1800 1237 499, 9835180200;
Kolkata: Global Motocorp LLP: 9073962605, 1800 1230 737
Branch: Ranchi: Imperial Vehicles: 1800 1237 499, 9835180200

SPECIAL FREEDOM OFFERS | 7.99% INTEREST RATE* | ŠKODA CORPORATE BENEFIT ₹15 000 | ŠKODA LOYALTY BENEFIT ₹15 000 | EXCHANGE BONUS ₹25 000

Specifications given differ from model to model. Accessories shown may not be part of standard equipment. Always insist on genuine ŠKODA parts and accessories available at authorised sales and service centres. Information relating to colours, prices, construction, technical details and equipment was valid at the time of issuance and these are subject to changes without any prior notice. All disputes are subject to the courts in Aurangabad jurisdiction only. Terms and Conditions apply. *Loan at the sole discretion of financial institution. Rates are subject to LTV, tenure and profile.

**ଆଜିର ମନ୍ତବ୍ୟ**

"ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନର କାହାଣୀ ପାଠ୍ୟପୁସ୍ତକରେ ଭଲ ଭାବେ ସ୍ଥାନ ପାଇବା ଉଚିତ।

– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଶ୍ରୀୟା

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜୀବ ତ୍ୟାଗୀଙ୍କ ପରଲୋକ

**ନୂଆଦିଲ୍ଲୀ, ୧୨।୮**



କଂଗ୍ରେସ ନେତା ରାଜୀବ ତ୍ୟାଗୀଙ୍କର ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୩ ବର୍ଷ ହୋଇଥିଲା। ସଂଜ୍ଞାହୀନ ହୋଇପଡ଼ିବାରୁ ତାଙ୍କୁ ଗାଜିଆବାଦର ଯଶୋଦା ହସ୍ପିଟାଲ ନିଆଯାଇଥିଲା। ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। ତ୍ୟାଗୀ ଦଳର ସାଧାରଣ ସମ୍ପାଦକ ଏବଂ ଉତ୍ତରପ୍ରଦେଶ ଶାଖାର ମୁଖପାତ୍ର ଥିଲେ। ତାଙ୍କର ଅକସ୍ମାତ ପରଲୋକରେ କଂଗ୍ରେସ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ସେ ଜଣେ ନିଷ୍ଠାବାନ କଂଗ୍ରେସ ନେତା ଓ ସଚ୍ଚା ଦେଶଭକ୍ତ ଥିଲେ ବୋଲି ଦଳ ପକ୍ଷରୁ ଟୁଇଟ୍ କରାଯାଇଛି। ତ୍ୟାଗୀଙ୍କ ପରଲୋକ ତାଙ୍କ ପାଇଁ ବ୍ୟକ୍ତିଗତ କ୍ଷତି ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ସେ ଦଳ ପାଇଁ ଉତ୍ସର୍ଗୀକୃତ ଥିଲେ ବୋଲି ପ୍ରିୟଙ୍କା ଟୁଇଟ୍ କରିଛନ୍ତି। ଭାଜପା ନେତା ସମ୍ବିତ୍ ପାତ୍ର ଶୋକ ବ୍ୟକ୍ତ କରିଛନ୍ତି। କିଛି ସମୟ ପୂର୍ବରୁ ଉଭୟ ଏକ ଟେଲିଭିଜନ ବିତର୍କରେ ଭାଗ ନେଇଥିଲେ।

# ଲେବାନନ୍ ବିସ୍ଫୋରଣ ପରେ ଫ୍ୟାକ୍ଟ୍ରିକୁ ନେଇ ସରକାର ତତ୍ପର

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ଲେବାନନ୍ ବିସ୍ଫୋରଣ ଘଟଣା ପରେ ରାଜ୍ୟର କଳକାରଖାନାକୁ ନେଇ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଫ୍ୟାକ୍ଟ୍ରି ଆଣ୍ଡ ବଏଲର ନିର୍ଦ୍ଦେଶକ ଗତ ସୋମବାର ରାଜ୍ୟରେ ଥିବା ସବୁ କଳକାରଖାନାକୁ ଚିଠି ଲେଖିଛନ୍ତି। ଫ୍ୟାକ୍ଟ୍ରିଗୁଡିକର ନିରାପତ୍ତା ଏବଂ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିଲାଗି କ'ଣ ପ୍ରସ୍ତୁତି ରହିଛି ସେନେଇ ଜଣାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଫ୍ୟାକ୍ଟ୍ରିରେ କେତେ ପରିମାଣର ବିସ୍ଫୋରଣ ସାମଗ୍ରୀ ଅଛି, ଇନ୍ଧନ ଜାତୀୟ ସାମଗ୍ରୀ କେତେ ରହିଛି, ତା'ର ରିପୋର୍ଟ ମଧ୍ୟ ପ୍ରଦାନ କରିବା ପାଇଁ କୁହାଯାଇଛି। ଗତ ୪ତାରିଖରେ ଲେବାନନ୍‌ର ରାଜଧାନୀ ବେରୁଟରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ବନ୍ଦରରେ ଥିବା ଆମୋନିୟମ ନାଇଟ୍ରେଟ୍ ବିସ୍ଫୋରଣ ଯୋଗୁ ପ୍ରାୟ ୨୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। କେତେଜଣ ଲୋକ ନିଖୋଜ ରହିଥିବା ବେଳେ ବହୁତ ଲୋକ ଆହତ ହୋଇଛନ୍ତି। ବେରୁଟ ବନ୍ଦରରେ ପ୍ରାୟ ୨୭୫୦ଟନ୍ ଆମୋନିୟମ ନାଇଟ୍ରେଟ ଗଚ୍ଛିତ ଥିଲା।


## classifieds Everyday

0674-2580101, 2549302




**SALE**

**Gharabari plot at Patia, Raghunathpur Padasahi, Baranga, duplex, flat Raghunathpur, Patia, Nakhara, Balianta, Bhubaneswar. 8917589179.** D-69135

4/5BHK Duplex with Gated Community at Balianta. Construction- 2200 @ 60-65lakhs/ 2600 @ 70-75lakhs. MPlanets: 9938219397/ 9861022055. D-17905




Newly open SPA Centre full body massage Bamikhal, Bhubaneswar. 7205187702. D-59955

Newly open SPA centre full body massage, Rasulgarh, Bhubaneswar. 7846814019. D-59956

Newly open full body massage by Lady/ Gents therapists - 8018656899. D-60885

Relaxing body massage by Lady/ Gents therapists - 7008773793. D-60886

Get refreshment body massage by expert therapist contact for. 9556978408. D-69718

Herbal full body massage by smart / expert therapist. Contact: 8338067247. D-69719

**LEGAL NOTICE**

**ଦଲିଲ ହଜିଯାଇଥିବା ପ୍ରସଙ୍ଗରେ ଇସ୍ତାହାର**

ନିମ୍ନ ଇସ୍ତାହାର ମୋର ମହକିଲ ଏଲ୍.ଆଇ.ସି. ହାଉସିଂ ଫାଇନାନ୍ସ, ଭୁବନେଶ୍ୱର ତରଫରୁ ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.–୧୯୫୭/୨୬୬୯, ଏରିଆ ୦.୦୦୩ ଡିସିମିଲ, ଖାତା ନଂ.– ୧୨୮/୬୦୯, ମୌଜା– ଶଙ୍କରପୁର, ଜିଲ୍ଲା– ପୁରୀ ସମ୍ପତ୍ତି ବିବରଣୀ ପ୍ରଦାନ କରାଯାଉଅଛି। ସୂତ୍ର ଅନୁସାରେ ଶ୍ରୀ ପ୍ରକାଶ ଚନ୍ଦ୍ର ନାୟକଙ୍କ ଅସଲି ଲିଙ୍କ୍ ଚୁକ୍ତି ପତ୍ର ଦଲିଲ ନଂ.– ୩୭୭୭ ଯାହାକି ତା୨୭।୦୯।୧୯୯୯ରିଖରେ ଶିବନାରାୟଣ ମହାସୁଆରଙ୍କଠାରୁ ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ କ୍ରୟ କରିଥିଲେ। ଏହାଦ୍ୱାରା ଘୋଷଣା କରାଯାଉଛି କି ତା୨୨।୦୬।୨୦୨୦ରିଖ ଦିନ ଏକ ଅଟୋରିକ୍ସାରେ ପୁରୀରୁ ବ୍ରହ୍ମଗିରି ଯାଉଥିବା ସମୟରେ କୌଣସି ସ୍ଥାନରେ ହଜିଯାଇଛି। ଯଦି କୌଣସି ବ୍ୟକ୍ତି ହଜିଯାଇଥିବା ଏହି ଦଲିଲ ଉପରେ ସ୍ୱତ୍ୱାଧିକାର ସାବ୍ୟସ୍ତ କରନ୍ତି ତେବେ ନିମ୍ନଲିଖିତ ଠିକଣାରେ ସୂଚନାର ୧୫ଦିନ ମଧ୍ୟରେ ତାଙ୍କର ଦାବି ଉପସ୍ଥାପନ କରିପାରିବେ। ଅନ୍ୟଥା ଏହି ଦଲିଲ ତା'ର ଆଇନଗତ ପ୍ରାଧାନ୍ୟ ହରାଇବ ଏବଂ ୧୫ଦିନ ପରେ ଏଲ୍.ଆଇ.ସି. ହାଉସିଂ ଫାଇନାନ୍ସ ଲିମିଟେଡ୍ ନିକଟରେ ଦାବି ଗ୍ରହଣୀୟ ହେବ ନାହିଁ।

**ଯୋଗାଯୋଗ ନିମନ୍ତେ ଠିକଣା**

**ଆଡ୍‌ଭୋକେଟ୍ ନୃସିଂହ ଚରଣ ପଟ୍ଟନାୟକ**

ପ୍ଲଟ୍ ନଂ.– ୯୨୦/୩୫୯୫ ଜେଲରୋଡ୍, ଝାରପଡ଼ା, ଭୁବନେଶ୍ୱର–୬

ମୋ: ୯୮୫୩୩୧୧୧୮୯ D-17943

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ୨୦ ପ୍ରସ୍ତାବକୁ...

ହସ୍ପିଟାଲଗୁଡ଼ିକର ରୂପରେଖ ବଦଳିବ। ପୂର୍ବରୁ ନିର୍ମଳ ଯୋଜନାରେ ହିତାଧିକାରୀଙ୍କୁ ୧୮୧୨ ସୁବିଧା ଯୋଗାଇ ଦିଆଯାଉଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୧ଟି ଯୋଗାଇ ଦିଆଯାଉଥିବା ବେଳେ ସବ୍‌ଡିଭିଜନ ଡାକ୍ତରଖାନାଗୁଡ଼ିକରେ ୩୩, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ(ସିଏଚ୍‌ସି)ରେ ୩୮୪, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ୧୩୬୪ ସୁବିଧା ଯୋଗାଯାଉଛି। ହେଲେ ଆସନ୍ତା ୫ବର୍ଷ ପାଇଁ ନିର୍ମଳ ++ ଯୋଜନାରେ ଆଉ ୪୫ଟି ନୂଆ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି କ୍ୟାବିନେଟ୍ ବୈଠକ ଶେଷରେ ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସୂଚନା ଦେଇଛନ୍ତି। ନିର୍ମଳ ଯୋଜନାରେ ୫୫୦କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହା ସଫଳତା ଲାଭ କରିବା ଯୋଗୁ ରାଜ୍ୟ ସରକାର ସମସ୍ତ ନୂତନ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଆୟୁଷ କଲେଜ ଏବଂ ହସ୍ପିଟାଲ, ନର୍ସିଂ ସ୍କୁଲ ଓ କଲେଜ ପର୍ଯ୍ୟନ୍ତ ଏହାକୁ ସମ୍ପ୍ରସାରିତ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ୭ଟି ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଯଥା ଏସ୍‌ସିବି ମେଡିକାଲ କଲେଜ, ଏମ୍‌କେସିଜି ବ୍ରହ୍ମପୁର, ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣ ପ୍ରତିଷ୍ଠାନ, କ୍ୟାପିଟାଲ ହସ୍ପିଟାଲ ଏବଂ ଅନ୍ୟ ୩ଟି ପ୍ରମୁଖ ହସ୍ପିଟାଲ ଯଥା ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ପ୍ରତିଷ୍ଠାନ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରେ ୭୦ଲକ୍ଷ ପରିବାର ଉପକୃତ ହେବେ। ପ୍ରତି ସଦସ୍ୟଙ୍କୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମିଳିବ ଏବଂ ମହିଳାଙ୍କୁ ୧୦ଲକ୍ଷ ଟଙ୍କାର ବୀମା ଦିଆଯିବ।

ମରୁଡି ପ୍ରପୀଡ଼ିତ ବିଜେପୁର ଅଞ୍ଚଳକୁ ନିଶ୍ଚିତ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ୪୮ତମ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରବାସୀଙ୍କୁ ଦେଇଥିବା ଏହି ପ୍ରତିଶ୍ରୁତି ପୂରଣ ହେବାକୁ ଯାଉଛି। ଏହି ପ୍ରକଳ୍ପର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପର ପାଇଁ ୧୧୩୮.୬୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ୧୨୪ଟି ଗ୍ରାମର ୨୫୬୦୦ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିବ। ବରଗଡ ଜିଲା ବିଜେପୁର ବ୍ଲକର ୭୭ଟି ଗ୍ରାମର ୧୫ ହଜାର ୨୦୦ ହେକ୍ଟର ଜମିକୁ ଏହି ପ୍ରକଳ୍ପ ଦ୍ୱାରା ଜଳସେଚିତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ସୋହେଲା ବ୍ଲକର ୨୩ଟି ଗ୍ରାମର ୬,୪୦୦, ବରପାଲି ବ୍ଲକର ୧୯ ଗ୍ରାମର ୩,୮୪୦ ଏବଂ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ୫ଟି ଗ୍ରାମର ୧୬୦ ହେକ୍ଟର ଜମିକୁ ଜଳସେଚନ କରାଯାଇପାରିବ। ଆସନ୍ତା ୩୦ ମାସ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ ୩୦ ପ୍ରତିଶତ ସେଚାଞ୍ଚଳରେ ସ୍ୱୟଂଚାଳିତ ଅଣୁ ଜଳସେଚନ କରିବାର ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ଉକ୍ତ ଜିଲାର ଶ୍ରମିକମାନଙ୍କୁ ଅନ୍ୟ ରାଜ୍ୟକୁ ନ ଯିବା କ୍ଷେତ୍ରରେ ସହାୟକ ହେବ। ରାଜ୍ୟ ସରକାର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଇଦେବା ପାଇଁ ବଦ୍ଧ ପରିକର। ଏହାକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ୬ଟି ଜିଲାରେ ୪ଟି ବୃହତ ପାନୀୟ ଜଳ ପ୍ରକଳ୍ପର ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛି। ସେହି ଜିଲାଗୁଡିକ ମଧ୍ୟରେ କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ବାଲେଶ୍ୱର, ଗଜପତି ଓ କଟକ ରହିଛି। ଏହି ପ୍ରକଳ୍ପ ପାଇଁ ମୋଟ ୮୦୦.୨୭ କୋଟି ଟଙ୍କା ଖର୍ଚ୍ଚ ହେବ। ୯୧୧ଟି ଗ୍ରାମର ୬ ଲକ୍ଷ ୭ ହଜାର ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଥିବା ମୁଖ୍ୟଶାସନ ସଚିବ କହିଛନ୍ତି।

### ଯୁକ୍ତ୨ ବିଜ୍ଞାନ...

ଛାତ୍ରୀ। ୩୦,୦୭୦ଜଣ ଛାତ୍ରୀ ଓ ୩୮,୩୦୧ଜଣ ଛାତ୍ର ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୭୨.୭୩% ଓ ଛାତ୍ରଙ୍କ ପାସ୍ ହାର ୬୮.୩୫% ରହିଛି। ତେବେ ଗତବର୍ଷ ଅପେକ୍ଷା ଏଥର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫% ବୃଦ୍ଧି ପାଇଛି। ୨୦୧୯ରେ ୨୦,୮୦୬ ଅର୍ଥାତ୍ ୨୧% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଚଳିତବର୍ଷ ୨୫,୩୩୯ ବା ୨୬% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୨୪,୧୨୧ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୮,୨୬୦ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ତେବେ ୧୩୭ ଛାତ୍ରୀଛାତ୍ର ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି, ଯାହା ଗତବର୍ଷ ତୁଳନାରେ ୭୭ ଅଧିକ ରହିଛି।

ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟରେ ମୋଟ ୩ଲକ୍ଷ ୫୦ହଜାର ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୯୭,୩୭୭ଜଣ ବିଜ୍ଞାନରେ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ରେଗୁଲାର୍ ୮୪,୯୬୮ ଏବଂ ଏକ୍ସ–ରେଗୁଲାର୍‌ରେ ୧୨,୪୦୯ଜଣ ଛାତ୍ରୀଛାତ୍ର ଥିଲେ। କରୋନା ସଂକଟ ଓ ଲକ୍‌ଡାଉନ୍ ଯୋଗୁ ପରୀକ୍ଷା ଖାତା ମୂଲ୍ୟାୟନରେ ସମସ୍ୟା ସୃଷ୍ଟି ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଆବଶ୍ୟକ ବ୍ୟବସ୍ଥା କରାଯାଇ ଖାତା ଦେଖାଯାଇଥିଲା। ପ୍ରଥମେ ବିଜ୍ଞାନ ଫଳ ପ୍ରକାଶ ପାଇଥିବାବେଳେ ଚଳିତ ମାସ ତୃତୀୟ ସପ୍ତାହରେ ଯୁକ୍ତ୨ ବାଣିଜ୍ୟ ଓ ଶେଷ ସପ୍ତାହରେ କଳା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।ପରୀକ୍ଷା ଫଳ ଘୋଷଣା ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଭୂପିନ୍ଦର ସିଂ ପୁନିଆ, ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବୃନ୍ଦାବନ ବେହେରା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ବୃନ୍ଦାବନ ଶତପଥୀ, ପରୀକ୍ଷା ନିୟନ୍ତ୍ରକ ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ ସ୍କୁଲରେ ଶୂନ ପ୍ରତିଶତ ରେଜଲ୍ଟ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ):** ଯୁକ୍ତ୨ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଚଳିତବର୍ଷ ପାସ୍‌ହାର ୭୦.୨୧% ରହିଛି। ଗତବର୍ଷଠାରୁ ଏଥର ରେଜଲ୍ଟ ଖରାପ ହୋଇଛି। ଗତବର୍ଷ ୨୯ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ଚଳିତବର୍ଷ ମାତ୍ର ୨୦ଟି ସ୍କୁଲ ରହିଛି। ସବୁଠାରୁ ବଡ଼ କଥା ହେଲା ଗତବର୍ଷ ମାତ୍ର ୯ଟି ସ୍କୁଲରେ ଶୂନ ପ୍ରତିଶତ ରେଜଲ୍ଟ ହୋଇଥିଲାବେଳେ ଏଥର ୧୫ଟି ସ୍କୁଲର ଜଣେ ହେଲେ ବି ଛାତ୍ରୀଛାତ୍ର ପାସ୍ କରି ନାହାନ୍ତି। ଶୂନ ରେଜଲ୍ଟ କରିଥିବା କଲେଜଗୁଡ଼ିକୁ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯିବ। ଏହାସହ ସମ୍ପୃକ୍ତ କଲେଜ ଅଧ୍ୟକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଥିବାରୁ ଏଥର ପାସ୍‌ହାର କମିଥିବା ସେ କହିଛନ୍ତି।

ତେବେ ଶୂନ ରେଜଲ୍ଟ କରିଥିବା ସ୍କୁଲ୍‌ଗୁଡିକ ହେଲା, ନୟନମଣି ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ୍ ଶାରଦାପୁର (ଭଦ୍ରକ), ସୁଶ୍ରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ସ୍କୁଲ୍ ସଦାଇପାଲି (ବଲାଙ୍ଗୀର), ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ୍ ଚୁଡ଼ାପାଲି (ବଲାଙ୍ଗୀର), ପଦ୍ମିନୀ ଦେବୀ ଉଚ୍ଚ ମାଧ୍ୟମିକ ସ୍କୁଲ୍ ସୁବର୍ଣ୍ଣପୁର, କ୍ରିଷ୍ଟା ଇଣ୍ଟରନ୍ୟାଶନାଲ ବିଜ୍ଞାନ ଉଚ୍ଚ ମାଧ୍ୟମିକ ସ୍କୁଲ୍, ବୃନ୍ଦାବନ ପାଣ୍ଡି ମହିଳା ବିଜ୍ଞାନ ଉଚ୍ଚ ମାଧ୍ୟମିକ ସ୍କୁଲ୍ କୋଦଳା, ଏସ୍.ଆର୍.ବି.ଡି. ବିଜ୍ଞାନ ରେସିଡେନ୍‌ସିଆଲ କମ୍ ଡେ' ସ୍କଲାର ଉଚ୍ଚ ମାଧ୍ୟମିକ ସ୍କୁଲ୍, ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ସ୍କୁଲ୍ ଗର୍‌ଗାବ (କଳାହାଣ୍ଡି), ଉପେନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ସ୍କୁଲ୍ ନଳଗଜା (ମୟୂରଭଞ୍ଜ), ବ୍ରିଲିଆନ୍ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ସ୍କୁଲ୍ ଉଦଳା, କେ.ବି. ଉଚ୍ଚ ମାଧ୍ୟମିକ ସ୍କୁଲ୍ ଫୁଲବାଣୀ, ସୁବାସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ସ୍କୁଲ୍ ପଟିଆ (ଭୁବନେଶ୍ୱର), ଭିଜନ ରେସିଡେନ୍‌ସିଆଲ ଉଚ୍ଚ ମାଧ୍ୟମିକ ସ୍କୁଲ୍ ପୁରୀ, ପଞ୍ଚାୟତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ସ୍କୁଲ୍ କୁମାରବନ୍ଧ (ଝାରସୁଗୁଡ଼ା) ଓ ରାଉରକେଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଉଚ୍ଚ ମାଧ୍ୟମିକ ସ୍କୁଲ୍ ଗୋବରା(ସୁନ୍ଦରଗଡ଼)।

### ବେଙ୍ଗାଲୁରୁରେ...

ଭଙ୍ଗାରୁଜା ଓ ଜଳାପୋଡ଼ା କରିଥିଲେ। ପ୍ରାୟ ୧ ହଜାର ଲୋକ ଏହି ଦଙ୍ଗାରେ ସମ୍ପୃକ୍ତ ଥିବା ପୋଲିସ କହିଛି। ସେମାନଙ୍କ ମଧ୍ୟରୁ ୧୧୦ ଜଣଙ୍କୁ ଗିରଫ କରାଯାଇଛି। ଗୃହମନ୍ତ୍ରୀ ବାସବରାଜ ବୋମାଇ ଦଙ୍ଗା ଓ ରାହାଜାନିକୁ ଆଇନ ବିରୋଧୀ କହି ହିଂସା ନିୟନ୍ତ୍ରଣ ପାଇଁ କାର୍ଯ୍ୟାନୁଷ୍ଠାନ ନେବା ସକାଶେ ପୋଲିସକୁ ସ୍ୱାଧୀନତା ଦିଆଯାଇଛି ବୋଲି କହିଥିଲେ। ଏହା ପରେ ବିଧାୟକ ଅଖଣ୍ଡ ଶ୍ରୀନିବାସ ମୂର୍ତ୍ତି ଶାନ୍ତି ବଜାୟ ରଖିବା ଲାଗି ମୁସଲିମ ସମ୍ପ୍ରଦାୟକୁ ଏକ ଭିଡିଓ ମେସେଜ୍‌ରେ ଅନୁରୋଧ କରିଥିଲେ। ବେଙ୍ଗାଲୁରୁ ପୋଲିସ କମିଶନର କମଳ ପନ୍ଥ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ତାଙ୍କ ହସ୍ତକ୍ଷେପ ସତ୍ତ୍ୱେ ଦଙ୍ଗାକାରୀମାନେ ତୁମୁଳକାଣ୍ଡ ଭିଆଇ ଚାଲିଥିଲେ। ପରେ ପୋଲିସ ପକ୍ଷରୁ ଟୁଇଟ୍ କରାଗଲା ଯେ, ଉତ୍ୟକ୍ତ ଭିଡ଼କୁ ନିୟନ୍ତ୍ରଣକୁ ଆଣିବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ ସହ ଲାଠିଚାର୍ଜ କରାଯାଇଛି ଏବଂ ଶେଷରେ ଗୁଳି ଚଳାଯାଇଛି। ପୋଲିସ ଗୁଳିରେ ୩ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିବା ପରେ ଡିଜେ ହାଲ୍ଲି ଏବଂ କେଜି ହାଲ୍ଲି ଥାନା ଅଞ୍ଚଳରେ ସ୍ଥିତି ଅଣାୟତ୍ତ ହୋଇଯାଇଥିଲା। ଲୋକେ ଟେକାପଥର ଫିଙ୍ଗିବା ସହ ପୋଲିସ ବିରୋଧରେ ସ୍ଲୋଗାନ ଦେଇଥିଲେ।

ଏନେଇ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ଦୁରପ୍ପା କହିଛନ୍ତି, ସରକାର ଏଭଳି ଉତ୍ତେଜନାମୂଳକ କାର୍ଯ୍ୟ ଓ ଗୁଜବକୁ ଆଦୌ ବରଦାସ୍ତ କରିବେ ନାହିଁ। ଦଙ୍ଗା ସୃଷ୍ଟିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଲୋକେ ଶାନ୍ତି ବଜାୟ ରଖନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ବିରୋଧୀ କଂଗ୍ରେସ ଓ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ୟେଦ୍ଦୁରପ୍ପା ସରକାରଙ୍କୁ ସମର୍ଥନ କରି ସହରରେ ଶାନ୍ତି ପ୍ରତିଷ୍ଠା ଲାଗି ଉଦ୍ୟମ କରିଛନ୍ତି।

### କମଳା ହାରିସ...

ପ୍ରାର୍ଥୀ ଭାବେ ଚୟନ କରି ଯଥେଷ୍ଟ ଭଲ କରିଛନ୍ତି। ଉକ୍ତ ପଦବୀ ଲାଗି ସେ ଯୋଗ୍ୟ ଏବଂ ଦେଶକୁ ଆଗେଇନେବା ପାଇଁ ତାଙ୍କଠାରେ ଯଥେଷ୍ଟ ଅଭିଜ୍ଞତା ରହିଛି ବୋଲି ବିଡେନଙ୍କ ପାଇଁ ପ୍ରଚାର କରୁଥିବା ଡେମୋକ୍ରାଟ କାର୍ଯ୍ୟକର୍ତ୍ତା ମିନ୍ୟୋନ୍ ମୁର୍ କହିଛନ୍ତି। କମଳାଙ୍କ ଚୟନ କେବଳ ତାଙ୍କ ପାଇଁ ନୁହେଁ, ବରଂ ସାରା ଦେଶର ମହିଳାଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିବ ବୋଲି ଅନେକ ଅଣଶ୍ୱେତାଙ୍ଗ ମହିଳା କହିଛନ୍ତି। ଆମେରିକା ନିର୍ବାଚନରେ ଅଣଶ୍ୱେତାଙ୍ଗ ତଥା ବିଭିନ୍ନ ବର୍ଣ୍ଣର ମହିଳାମାନଙ୍କୁ ଅଣଦେଖା କରାଯାଇଆସୁଛି। ନଭେମ୍ବର ନିର୍ବାଚନ ଏଥିରେ ପରିବର୍ତ୍ତନ ଆଣିବାରେ ଏକ ସୁଯୋଗ ହେବ ବୋଲି କମଳା ଟୁଇଟ୍ କରିଛନ୍ତି। କମଳାଙ୍କୁ ସହଯୋଗୀ ଚୟନ କରିବାରେ ବିଡେନଙ୍କ ନିଷ୍ପତ୍ତି କେବଳ ନଭେମ୍ବର ନିର୍ବାଚନ ପାଇଁ ନୁହେଁ, ବରଂ ଡେମୋକ୍ରାଟିକ୍ ପାର୍ଟିର ଭବିଷ୍ୟତ ପାଇଁ ଉଦ୍ଦିଷ୍ଟ। ୭୮ ବର୍ଷୀୟ ବିଡେନ ନିର୍ବାଚିତ ହେଲେ ସେ ଆମେରିକାର ସର୍ବବରିଷ୍ଠ ରାଷ୍ଟ୍ରପତି ହେବେ। ଅନ୍ୟପକ୍ଷରେ ନିର୍ବାଚନ ପ୍ରଚାରରେ ହାରିସ୍ ଖୁବ୍ ଉଦ୍ୟୋଗୀ ଓ ପ୍ରଭାବଶାଳୀ ହୋଇଥିବାରୁ ଦଳର ଭବିଷ୍ୟତ ପାଇଁ ଆଗଧାଡ଼ିରେ ରହିବେ। ମହିଳାମାନଙ୍କ ଦ୍ୱାରା ବିଭିନ୍ନ ଦଳର ସଶକ୍ତୀକରଣରେ ସେ ଡେମୋକ୍ରାଟିକ୍ ଦଳ ପାଇଁ ଆଶାର ବୈତରଣୀ ହେବେ ବୋଲି କୁହାଯାଉଛି।

୨୦୧୦ରେ କାଲିଫର୍ଣ୍ଣିଆର ଆଟର୍ନି ଜେନେରାଲ ନିର୍ବାଚିତ ହେବାରେ ପ୍ରଥମ ଅଣଶ୍ୱେତାଙ୍ଗ ମହିଳା ଥିଲେ। ଆମେରିକା ଜଷ୍ଟିସ୍ ଡିପାର୍ଟମେଣ୍ଟ ପରେ ଏହା ହେଉଛି ଦେଶର ଦ୍ୱିତୀୟ ବୃହତ୍ ନ୍ୟାୟ ବିଭାଗ। ସେ ଏହି ପଦବୀକୁ ୨୦୧୪ରେ ପୁନଃ ନିର୍ବାଚିତ ହୋଇଥିଲେ। ତେବେ କଠୋର ଅପରାଧ ନୀତି ପାଇଁ ତାଙ୍କୁ ସଂସ୍କାରବାଦୀମାନଙ୍କଠାରୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୦୧୬ରେ କମଳା ସିନେଟ ନିର୍ବାଚନରେ ଲୋରେଟ୍ଟା ସାଞ୍ଚେଜ୍‌ଙ୍କୁ ହରାଇ କାଲିଫର୍ଣ୍ଣିଆ ସିନେଟର ନିର୍ବାଚିତ ହୋଇଥିଲେ। ସେ ଥିଲେ କାଲିଫର୍ଣ୍ଣିଆର ତୃତୀୟ ମହିଳା ସିନେଟର ତଥା ଦ୍ୱିତୀୟ ଆଫ୍ରିକୀୟ–ଆମେରିକୀୟ ମହିଳା ଏବଂ ପ୍ରଥମ ଦକ୍ଷିଣ ଏସୀୟ–ଆମେରିକୀୟ। ସିନେଟ ଶୁଣାଣି ବେଳେ ଡୋନାଲ୍ଡ ଟ୍ରମ୍ପଙ୍କ ଅଧିକାରୀ ଆମେରିକା ଆଟର୍ନି ଜେନେରାଲ ଜେଫ୍ ସେସନ, ୱିଲିୟମ ବାର୍ ଏବଂ ଆସୋସିଏଟ୍ ଜଷ୍ଟିସ୍ ପ୍ରତିନିଧି ବ୍ରେଟ୍ କାଭାନଫ୍ ପ୍ରମୁଖଙ୍କୁ ପ୍ରଶ୍ନ କରି ଜାତୀୟ ସ୍ତରରେ ଚର୍ଚ୍ଚାର ପରିସରକୁ ଆସିଥିଲେ। ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟିକ୍ ପ୍ରାର୍ଥୀ ଦୌଡ଼ରେ ଆଗରେ ଥିଲେ କମଳା। ତେବେ ପାଣ୍ଠି ଅଭାବ ଦର୍ଶାଇ ସେ ଗତବର୍ଷ ଡିସେମ୍ବର ୩ରେ ପ୍ରଚାର ଅଭିଯାନରୁ ଓହରିଯାଇଥିଲେ।

### 'ଔଷଧର ନାଁ କ୍ୟାପିଟାଲ...

ବିଚାରପତି କହିଥିଲେ ଯେ, ଅନେକ ସମୟରେ ଡାକ୍ତରଙ୍କ କଦର୍ଯ୍ୟ ହସ୍ତାକ୍ଷରରେ ଲେଖାଯାଇଥିବା ମେଡିକାଲ୍ ରିପୋର୍ଟ ଏବଂ ପ୍ରେସ୍କ୍ରିପ୍‌ସନ୍ ପଢ଼ିବାରେ ଅସୁବିଧା ହେଉଛି। ରୋଗୀ, ଫାର୍ମାସିଷ୍ଟ, ପୋଲିସ, ଆଇନ୍‌ଜୀବୀ ଏପରିକି ବିଚାରପତିମାନେ ମଧ୍ୟ ବିଭିନ୍ନ ମାମଲାର ଶୁଣାଣି ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଡାକ୍ତରମାନେ ଲେଖୁଥିବା ବହିର୍ବିଭାଗ(ଓପିଡି) ଚିଠା, ଶବବ୍ୟବଚ୍ଛେଦ ରିପୋର୍ଟ, ତଦନ୍ତ ରିପୋର୍ଟଗୁଡ଼ିକ ସ୍ପଷ୍ଟ ଭାବେ ପଢ଼ି ହେଉନାହିଁ। ହସ୍ତାକ୍ଷର ସ୍ପଷ୍ଟ ଭାବେ ପଢ଼ି ପାରିବା ଆବଶ୍ୟକ। ଅସ୍ପଷ୍ଟ ହସ୍ତାକ୍ଷରରେ ଲେଖାଯାଇଥିବା ପ୍ରେସ୍କ୍ରିପସନ୍ ଯେ ଜଣେ ରୋଗୀଙ୍କ ଜୀବନକୁ ବିପଦ ଆଡ଼କୁ ଠେଲିଦେବ, ଏଥିରେ ଦ୍ୱିମତ ନାହିଁ। ଚିକିତ୍ସାରେ ଅଯଥା ବିଳମ୍ବ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହୁଛି। କାରଣ ଅନେକ ସମୟରେ ଫାର୍ମାସିଷ୍ଟ ଏବଂ ଔଷଧ ଦୋକାନୀମାନେ ଡାକ୍ତରଙ୍କ ପ୍ରେସ୍କ୍ରିପସନ୍ ପଢ଼ିପାରୁ ନାହାନ୍ତି। ଏପରିକି ଡାକ୍ତରମାନେ ନିଜେ ମଧ୍ୟ ନିଜ ହସ୍ତାକ୍ଷର ପଢ଼ିପାରୁ ନ ଥିବାର ନଜିର ରହିଛି। ସ୍ପଷ୍ଟ ଭାବେ ଲେଖାଯାଇଥିବା ପ୍ରେସ୍କ୍ରିପସନ୍ ଦ୍ୱାରା ସହଜରେ ଔଷଧର ନାଁ, ସେବନ ପରିମାଣ ଏବଂ ଅନ୍ୟାନ୍ୟ ବିଷୟରେ ସ୍ପଷ୍ଟ ସୂଚନା ମିଳିପାରିବ। ବର୍ତ୍ତମାନ ସମୟରେ ଡାକ୍ତର ଏବଂ ରୋଗୀଙ୍କ ଅନୁପାତ ଓଡ଼ିଶାରେ ବହୁତ କମ୍। ସେମାନେ ଅତିରିକ୍ତ ଚାପରେ କାମ କରୁଛନ୍ତି। ସେଥି ପାଇଁ ଚିକିତ୍ସାରେ ଅବହେଳା ଜନିତ ଅଭିଯୋଗ ମଧ୍ୟ ଆସୁଛି। ଏଣୁ ଏଭଳି ସମୟରେ ଡାକ୍ତରମାନେ ନିଜ ପେସା ଏବଂ କାର୍ଯ୍ୟଶୈଳୀକୁ ନେଇ ଅଧିକ ଯତ୍ନବାନ୍ ହେବା ଆବଶ୍ୟକ। ୨୦୧୬ ସେପ୍ଟେମ୍ବର ୨୧ରେ ମେଡିକାଲ୍ କାଉନସିଲ୍ ଅଫ୍ ଇଣ୍ଡିଆ(ଏମ୍‌ସିଆଇ) ତରଫରୁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ଡାକ୍ତରମାନେ ଔଷଧଗୁଡ଼ିକର ନାଁ କ୍ୟାପିଟାଲ୍ ଲେଟର୍‌ରେ ଲେଖିବା ଆବଶ୍ୟକ। ଏହା ପଛର ଉଦ୍ଦେଶ୍ୟ ରହିଥିଲା ଯେ, ଯେଉଁମାନଙ୍କ ହସ୍ତାକ୍ଷର ଖରାପ, କ୍ୟାପିଟାଲ୍ ଲେଟର୍‌ରେ ଲେଖିଲେ ଅନ୍ତତଃ ସ୍ପଷ୍ଟ ଭାବେ ପଢ଼ିହେବ। ପରବର୍ତ୍ତୀ ସମୟରେ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ସରକାର ଏନେଇ ସ୍ୱତନ୍ତ୍ର ସର୍କୁଲାର୍ ଜାରି କରିଥିଲେ। ଏଣୁ ଓଡ଼ିଶା ସରକାର ମଧ୍ୟ ଏଭଳି ସର୍କୁଲାର୍ ଜାରି କରିବାର ଆବଶ୍ୟକ ରହିଛି। ଏଦିଗରେ ପଦକ୍ଷେପ ନେବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିବାକୁ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁନ୍ଦର ହସ୍ତାକ୍ଷର ହେଉଛି ଶିକ୍ଷିତ ମଣିଷଙ୍କ ଅମୂଲ୍ୟ ସମ୍ପଦ ବୋଲି ବିଚାରପତି ଜଷ୍ଟିସ୍ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। କରୋନା ମହାମାରୀ ସମୟରେ ଡାକ୍ତରମାନେ ଯେଭଳି ରୋଗୀସେବା କରୁଛନ୍ତି, ସାରା ଦେଶ ସେମାନଙ୍କୁ ସାଲ୍ୟୁଟ୍ କରୁଛି ବୋଲି ଜଷ୍ଟିସ ପାଣିଗ୍ରାହୀ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ଆଜି ଧନ ଭାବରେ ଚନ୍ଦ୍ର ରହିଥିବାରୁ ଯାହା ଚାହୁଁଛନ୍ତି ତାହା ଅବଶ୍ୟ ପାଇବେ। ଚେଷ୍ଟା କରୁଥିବା କାମରେ ସଫଳତା ମିଳିବ ଓ ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଯାନବାହନରେ ସତର୍କତା ଅବଲମ୍ବନ କରନ୍ତୁ। ଯାତ୍ରା, ପ୍ରଶାସନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ମନ୍ଦ ହେବନି।

**ବୃଷ**: ରାଶିରେ ଉଚ୍ଚସ୍ଥ ଚନ୍ଦ୍ର ପ୍ରଭାବରୁ ମନ ପ୍ରଫୁଲ୍ଲ ରହିବ। ଘରେ ହେଉ କିମ୍ବା ବାହାରେ ସବୁଠି ଆଜି ଅନ୍ୟମାନଙ୍କଠାରୁ ପ୍ରଶଂସା ପାଇବେ। ଏକ ନୂତନ ପରିବେଶ ମଧ୍ୟରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କିନ୍ତୁ ମନୋରଞ୍ଜନ ପ୍ରୀତିପ୍ରଦ ହେବ ନାହିଁ। ସାହିତ୍ୟ ଚର୍ଚ୍ଚା, ସାମ୍ୱାଦିକତା,ଏଜେନ୍ସିରେ ସମସ୍ୟା ଦୂର ହେବ।

**ମିଥୁନ**: ଦ୍ୱାଦଶଚନ୍ଦ୍ର ହେତୁ ଯାହା ଖୋଜୁଥିବେ ତାହା ପାଇବେ ନାହିଁ, ବରଂ ଖର୍ଚ୍ଚାନ୍ତ ହେବେ। ଆନୁଷ୍ଠାନିକ କାମରେ, ବ୍ୟବସାୟିକ ସ୍ଥିତିରେ, ସଭା ସମିତିରେ ସୁବିଧା ଓ ସୁଯୋଗ ଲାଭ କରିବେ। ସାଧାରଣ କଥାରେ ଯୁକ୍ତି ତର୍କ କରି କଳହକୁ ନିମନ୍ତ୍ରଣ କରିପାରନ୍ତି। ଦୂର ସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ**: ପାପଗ୍ରହମଧ୍ୟସ୍ଥ ରାଶ୍ୟାଧିପ ହେତୁ ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ସୁଯୋଗ ହରାଇବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କେତେକ ଘରୋଇ କାରଣକୁ ନେଇ ଅଶାନ୍ତ ରହିବେ।

**ସିଂହ**: ଆଜି କୌଣସି ସ୍ଥାନକୁ ଯିବା ସମୟରେ ନିଜ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଗୁରୁକ୍ଷେତ୍ରସ୍ଥ ମଙ୍ଗଳଙ୍କ ଯୋଗୁ ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବ। ଚାକିରି କ୍ଷେତ୍ରରେ ବହୁତ ଦିନରୁ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଅଫିସରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା**: କର୍ମକ୍ଷେତ୍ରରେ ନିକଟସ୍ଥ ବ୍ୟକ୍ତିମାନଙ୍କୁ ସରଳ ବିଶ୍ୱାସ କରି ଠକାମିରେ ପଡ଼ିବେ। ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଷ୍ଟେସନାରି ଜିନିଷ, ଧାତୁ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଯାତ୍ରା ଓ ପରିବହନ ପାଇଁ ଦିନଟି ଭଲ।

**ତୁଳା**: ଶନିଙ୍କ ପ୍ରଭାବରେ ଘରେ ସାଧାରଣ କଥାରେ ଝଗଡ଼ା ହେବାର ସମ୍ଭାବନା ରହିଛି। ଯାନବାହନରେ ସତର୍କ ରହିବା ଭଲ ହେବ। କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ଶତ୍ରୁ ଉପଦ୍ରବ କେତେକାଂଶରେ କମିଯାଇପାରେ।

**ବିଛା**: ଅଯଥା ଗୁଡ଼ାଏ ଚିନ୍ତା ମନକୁ ନ ଆଣି ନିଜ କାମରେ ମନଦେବା ଭଲ ହେବ। ଜ୍ୟେଷ୍ଠା ନକ୍ଷତ୍ର ଅନ୍ୟମାନଙ୍କ ବିଷୟ ଚିନ୍ତାକରି ନିଜ ପ୍ରତି ଅବହେଳା କରିପାରନ୍ତି। ପୂର୍ବରୁ ଆଲୋଚନା କରିଥିବା ଅନୁଯାୟୀ ବନ୍ଧୁଙ୍କଠାରୁ ଆପଣଙ୍କ ପ୍ରାପ୍ୟ ଅବଶ୍ୟ ପାଇବେ। ପାରିବାରିକ ସମସ୍ୟାକୁ ସୁଧାରିବାରେ ସମର୍ଥ ହେବେ।

**ଧନୁ**: ପାପଯୁକ୍ତ ଗୁରୁ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହୁଥିବାରୁ କୌଣସି କାମ ଉତ୍ସାହଜନକ ହୋଇ ନ ପାରେ। ସମସ୍ୟାର ସରଳ ସମାଧାନ ହୋଇ ଉନ୍ନତି ପରିଲକ୍ଷିତ ହେବ। ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ। ଗୃହ, ଜମିଜମା, ପ୍ଲଟ କାରବାର, ଏଜେନ୍ସିପ୍ ସମ୍ପର୍କୀୟ ଚିନ୍ତା କରିପାରନ୍ତି।

**ମକର**: ସ୍ୱନକ୍ଷତ୍ରସ୍ଥ ଉଚ୍ଚାଂଶରେ ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ହେତୁ ଅସ୍ଥିରତା ଲାଗିରହିବ। ବୈବାହିକ ସମ୍ବନ୍ଧ ନେଇ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସମ୍ଭାବନା ରହିଛି। ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଅଧ୍ୟୟନ ଓ ଅଧ୍ୟାପନାରୁ ଉପକୃତ ହେବେ। ପ୍ରିୟ ବନ୍ଧୁମାନଙ୍କଠାରୁ ଆଦର ଅଭ୍ୟର୍ଥନା ମିଳିବ।

**କୁମ୍ଭ**: ଷଷ୍ଠାଧିପ ଚତୁର୍ଥସ୍ଥ ଯୋଗୁ ସବୁ କିଛି ଠିକ୍ ଥିଲେ ମଧ୍ୟ ମନରେ ସରସତା ରହିବ ନାହିଁ। ଆର୍ଥିକ ଅନଟନ, କାର୍ଯ୍ୟହାନି, ବିଭିନ୍ନ ପ୍ରକାର ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ଯାହା କହିବା ପାଇଁ ଭାବୁଥିବେ ତାହା ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। କାର୍ଯ୍ୟସିଦ୍ଧି ମନରେ ପ୍ରଫୁଲ୍ଲତା ଆଣିପାରେ।

**ମୀନ**: ଭାଗ୍ୟସ୍ଥାନ ପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ଯାଗୁ ସମସ୍ତ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ନୂତନ ଯୋଜନା କରିବାରେ ମନ ଦେବେ। ନିକଟ ସମ୍ପର୍କୀୟମାନେ କ୍ରମଶଃ ନିକଟତର ହୋଇପାରନ୍ତି। ବାଦବିବାଦରେ ଆପୋସ ସମାଧାନ ଘଟିବ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ।

ଆଜି ଭାଦ୍ରବ କୃଷ୍ଣ ନବମୀ ଯୁକ୍ତ ଦଶମୀ, ଗୁରୁବାର, ଅଗଷ୍ଟ ୧୩ ତାରିଖ, ବୈଷ୍ଣବସମ୍ମତ ନନ୍ଦୋତ୍ସବ, ଆନ୍ତର୍ଜାତିକ କୃଷ୍ଣଭାବନାମୃତ ସଂଘ ପ୍ରତିଷ୍ଠାତା ଭକ୍ତିବେଦାନ୍ତସ୍ୱାମୀ ପ୍ରଭୁପାଦଙ୍କ ଜନ୍ମତିଥି, ରାଶି ନକ୍ଷତ୍ର–ରୋହିଣୀ/ବୃଷ,ବିଛା ରାଶିର ଘାତଚନ୍ଦ୍ର,ଦଶମୀର ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫।୩୦ ଗତେ ଘ.୦୭।୧୨ମଧ୍ୟେ, ଘ.୧୦।୩୬ ଗତେ ଘ.୦୧।୦୮ମଧ୍ୟେ ମାହେନ୍ଦ୍ରବେଳା। ରାତ୍ର ଘ.୦୨।୨୯ ଗତେ ଘ.୦୩।୧୪ ମଧ୍ୟେ ଅମୃତବେଳା। ଦିବା ଘ.୦୧।୨୭ ଗତେ ଘ.୦୩।୦୩ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଆଇଟିଇଆର୍ ଦେଶର ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜ

ଭୁବନେଶ୍ୱର ,୧୨।୮: ଶିକ୍ଷା ଓ ଅନୁସନ୍ଧାନ (ଡିମ୍ଡ ଟୁ ବି ୟୁନିଭର୍ସିଟି) ଅଧୀନରେ ପରିଚାଳିତ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ଦେଶର ୧୧ତମ ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜ ଅଫ୍ ଏମିନେନ୍ସ ମାନ୍ୟତା ହାସଲ କରିଛି। କମ୍ପିଟିଶନ ସକ୍ସେସ୍ ରିଭ୍ୟୁ ସର୍ଭେ-୨୦୨୦ରେ ଆଇଟିଇଆର୍ ଏଭଳି ସ୍ଥାନ ହାସଲ କରିଛି। ଶ୍ରେଷ୍ଠ ୨୦ ଇଞ୍ଜିନିୟରିଂ କଲେଜ ମଧ୍ୟରେ ସ୍ଥାନିତ ହୋଇଥିବା ଏହା ରାଜ୍ୟର ଏକମାତ୍ର ଶିକ୍ଷାନୁଷ୍ଠାନ ବୋଲି ଜଣାପଡିଛି। ଶିକ୍ଷାନୁଷ୍ଠାନଗୁଡିକର ର୍ୟାଙ୍କିଙ୍ଗ୍ ବେଳେ ଶୈକ୍ଷିକ ଭିତ୍ତିଭୂମି, ଆନୁଷଙ୍ଗିକ ବ୍ୟବସ୍ଥା, ଫାକଲ୍ଟି, ଗବେଷଣା, କନ୍ସଲଟାନ୍ସି, ଆଡମିଶନ, ପାଠ୍ୟକ୍ରମ, ଶିକ୍ଷାଦାନ ପ୍ରଣାଳୀ, ନିଯୁକ୍ତି, ସାମାଜିକ ଦାୟିତ୍ୱ ଏବଂ ଶିଳ୍ପ ସହ ଆଦାନ ପ୍ରଦାନ ଇତ୍ୟାଦି ପ୍ରସଙ୍ଗକୁ ବିଚାର କରାଯାଇଥିବା ସୂଚନା ରହିଛି।

### ଝାରସୁଗୁଡ଼ାରେ ଧଳା କୁଆ



ଝାରସୁଗୁଡ଼ା ଅଫିସ,୧୨।୮: ଝାରସୁଗୁଡ଼ା ସହରର ମୁଙ୍ଗାପଡାସ୍ଥିତ ଦିପ୍ତେଓ ସୋନିଙ୍କ ଘର ନିକଟରେ ଏକ ବିରଳ ଧଳା କୁଆ ବସିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। କୁଆ ଦୀର୍ଘ ସମୟ ଧରି ବସି ରହିବା ଓ ଉଡି ନ ପାରିବାରୁ ଦିପ୍ତେଓ ତାକୁ ଉଦ୍ଧାର କରିଥିଲେ। ପରେ ଧଳା କୁଆକୁ ଦିପ୍ତେଓ ଘରେ ରଖିଥିଲେ। ବୁଧବାର ଏହି ଖବର ପାଇବା ପରେ ଝାରସୁଗୁଡ଼ା ଫରେଷ୍ଟର ରମେଶ ନାଥ କୁଆକୁ ନିଜ ହେପାଜତକୁ ନେଇଛନ୍ତି। ବନ ବିଭାଗ ପକ୍ଷରୁ କୁଆର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ପରେ ତାକୁ ମୁକ୍ତ କରାଯିବ ବୋଲି ସେ କହିଛନ୍ତି।

### ୧୫ଶହ କୋଟି ଋଣ ଲାଗି ସରକାରୀ ଗ୍ୟାରେଣ୍ଟି

ଭୁବନେଶ୍ୱର,୧୨।୮(ବ୍ୟୁରୋ): ଗ୍ରୀଡ୍କୋ, ଓଇଆରସି ଦ୍ୱାରା ସ୍ଥିର ହୋଇଥିବା ବହୁଳ ଯୋଗାଣ ମୂଲ୍ୟ(ବିଏସ୍ପି)ରେ ରାଜ୍ୟର ୪ଟି ବିତରଣ କମ୍ପାନୀକୁ ବିଦ୍ୟୁତ ଯୋଗାଉଛି। ଜେନେରେଟର ଦ୍ୱାରା ହାରାହାରି ମୂଲ୍ୟ ଯୋଗାଣ ବୃଦ୍ଧି ଅନୁପାତରେ ଓଡିଶା ନିୟାମକ ଆୟୋଗ(ଓଇଆର୍ସି)ବିଏସ୍ପି ବୃଦ୍ଧି କରିନାହିଁ। ଗତ ୭ ବର୍ଷ ହେଲା ବିଏସ୍ପି ସ୍ଥିର ରହିଆସିଛି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଏସ୍ପିକୁ ଅନୁମୋଦନ କରୁଥିବାବେଳେ ଓଇଆର୍ସି ବିଏସ୍ପିକୁ କମ୍ ରଖିବା ପାଇଁ କିଛି ସ୍ଥିର ଚାର୍ଜ ଏବଂ ଆର୍ଥିକ ଖର୍ଚ୍ଚ ଅନୁମତି ଦେଇନାହିଁ। ଓଇଆର୍ସି ଦ୍ୱାରା ଅନୁମୋଦିତ ୨୦୧୯-୨୦ ଆର୍ଥିକ ବର୍ଷରେ ଡିସକମ୍କୁ ଶକ୍ତି ବିକ୍ରୟରୁ ରାଜସ୍ୱ ବିଦ୍ୟୁତ୍ କ୍ରୟ ମୂଲ୍ୟ ଏବଂ ଆର୍ଥିକ ଖର୍ଚ୍ଚ ପୂରଣ ପାଇଁ ପର୍ଯ୍ୟାପ୍ତ ନୁହେଁ। ଯେପର୍ଯ୍ୟନ୍ତ ଗ୍ରୀଡ୍କୋ, ଏନ୍ଟିପିସି ପରି ଜେନେରେଟରକୁ ବିଦ୍ୟୁତ ଦେୟ ପ୍ରଦାନ ନ କରେ ସେଗୁଡିକ ଲୋଡ ସେଡିଙ୍ଗ ଆଡକୁ ଯୋଗାଣ ବନ୍ଦ କରିଦେବେ। ସେହିପରି ଆର୍ଥିକ ବର୍ଷ ୨୦୧୯-୨୦ରେ ଗ୍ରୀଡକୋ ଦ୍ୱାରା ପୂର୍ବରୁ ଦିଆଯାଇଥିବା ଋଣ ପାଇଁ ୧୫ଶହ କୋଟି ଟଙ୍କାର ସରକାରୀ ଗ୍ୟାରେଣ୍ଟି ପ୍ରଦାନ ଲାଗି ପାଇଁ ବୁଧବାର କ୍ୟାବିନେଟ୍ରେ ଅନୁମୋଦନ ମିଳିଛି। ଏହିପରି ଗ୍ୟାରେଣ୍ଟି ଗ୍ରୀଡକୋକୁ ବ୍ୟାଙ୍କଗୁଡିକରୁ ପ୍ରାୟ ୨ ପ୍ରତିଶତ ସୁଧ ରିହାତି ପାଇବାକୁ ସକ୍ଷମ କରିବ।

# 'କରୋନା ରୋଗୀଙ୍କ ଚିକିତ୍ସାରେ ଅର୍ଥ ବାଧକ ହେବନି'

ଭୁବନେଶ୍ୱର,୧୨।୮(ବ୍ୟୁରୋ)

କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବାବେଳେ ଅର୍ଥ ଅଭାବରୁ କୌଣସି କୋଭିଡ୍ ରୋଗୀ ଚିକିତ୍ସା ସୁବିଧାରୁ ବଞ୍ଚିତ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ବୁଧବାର ଭିଡିଓ କନ୍ଫରେନ୍ସ ଜରିଆରେ କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ଚିକିତ୍ସା ପାଇଁ ରାଜ୍ୟ ସରକାର ରୋଗୀମାନଙ୍କୁ ଖାଇବା, ରହିବା, ଔଷଧ ଖର୍ଚ୍ଚ, ପରିବହନ ଆଦି ସବୁ ସୁବିଧା ମାଗଣାରେ ଯୋଗାଇ ଦେଇଛନ୍ତି। ଓଡ଼ିଶା ଦେଶର ଏକ ମାତ୍ର ରାଜ୍ୟ ଭାବେ ଧନୀ, ଗରିବ ସମସ୍ତଙ୍କୁ ମାଗଣା ଚିକିତ୍ସା ଦିଆଯାଉଛି। ଅଧିକରୁ ଅଧିକ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ନିଷ୍ଠାର ସହିତ କାର୍ଯ୍ୟ ଚାଲିଛି। କରୋନାକୁ ପ୍ରତିହତ କରିବା ପାଇଁ ଟେଷ୍ଟିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଲକ୍ଷଣ ପ୍ରକାଶ ମାତ୍ରକେ ତୁରନ୍ତ ସ୍ୱେଚ୍ଛାକୃତ ଭାବେ ଟେଷ୍ଟିଂ ଲାଗି ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଏହାଦ୍ୱାରା ସଂକ୍ରମଣ ନିୟନ୍ତ୍ରଣ ହେବା ସହିତ ଆରୋଗ୍ୟ ହାର ମଧ୍ୟ ଆହୁରି ଭଲ ରହିବ ବୋଲି ସେ କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରୁଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ମଙ୍ଗଳବାର ରାଜ୍ୟରେ ମୋଟ ୩୨ ହଜାର ଟେଷ୍ଟିଂ କରାଯାଇଛି। ଲୋକମାନେ ଯେଭଳି ସୁବିଧାରେ ଟେଷ୍ଟିଂ କରିପାରିବେ ସେଥିପାଇଁ ସବ୍ଡିଭିଜନ ସ୍ତରରେ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ଟେଷ୍ଟିଂ ସୁବିଧା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକମାନେ ଯେପରି ସ୍ୱେଚ୍ଛାରେ ଟେଷ୍ଟିଂ ପାଇଁ ଆଗେଇ ଆସିବେ ସେଥିପାଇଁ ବିଡିଓ ଏବଂ ପଞ୍ଚାୟତ ପ୍ରତିନିଧିମାନେ ସଚେତନତା ଅଭିଯାନ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। ରୋଗକୁ ଭୟ ନ କରି ଚିକିତ୍ସା ପାଇଁ ଆଗେଇ ଆସିବା ସହିତ ରୋଗୀଙ୍କୁ ଘୃଣା ନ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଅନ୍ୟପଟେ ଏ ଦିଗରେ ଲୋକ ପ୍ରତିନିଧିମାନେ ଜନସାଧାରଣଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ସ୍ୱଳ୍ପ ଓ ଲକ୍ଷଣ ବିହୀନ ରୋଗୀଙ୍କୁ ଘରେ ଚିକିତ୍ସା ଯୋଗାଇବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ରୋଗୀଙ୍କୁ ମେଡିସିନ କିଟ୍ ଓ ଟେଲି ମେଡିସିନ ଯୋଗେ ଡାକ୍ତରୀ ସୁବିଧା ଯୋଗାଇଦେବା ଲାଗି ମଧ୍ୟ ପରାମର୍ଶ ଦେଇଛନ୍ତି। ଖୋର୍ଦ୍ଧା, ସୁନ୍ଦରଗଡ଼, ଯାଜପୁର ଓ କଟକ ଆଦି ଜିଲା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହାସହିତ ସେ ଆହୁରି କହିଛନ୍ତି ଯେ, ଗତ ପାଞ୍ଚ ମାସ ଧରି ରାଜ୍ୟବାସୀ ଯେଭଳି ସାହସର ସହ ଲଢେଇ ଜାରି ରଖିଛନ୍ତି ତାହା ଆମକୁ ଉତ୍ସାହଜନକ ସଫଳତା ଦେଇଛି। ଏଥିପାଇଁ ଆଗଧାଡିର କୋଭିଡ୍ ଯୋଦ୍ଧା ତଥା ଲୋକ ପ୍ରତିନିଧିମାନଙ୍କ ନିରନ୍ତର ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି, ସାରା ଦେଶରେ କୋଭିଡ୍ ନିୟନ୍ତ୍ରଣରେ ଓଡ଼ିଶାର ସମସ୍ତ ସୂଚକାଙ୍କ ଉତ୍ସାହଜନକ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୪୯ଜଣ ପ୍ଲାଜ୍ମା ଦାନ କରିଥିବା ବେଳେ ୧୩୨ ଜଣ ଉକ୍ତ ଥେରାପି ଦ୍ୱାରା ଚିକିତ୍ସିତ ହେଉଛନ୍ତି। ୧୦ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ବେଳେ ୯୮ଜଣଙ୍କ ସ୍ୱାସ୍ଥ୍ୟରେ ଆଖିଦୃଶିଆ ଉନ୍ନତି ଆସିଛି ବୋଲି ବୈଠକରେ ସୂଚନା ଦେଇଛନ୍ତି। ବର୍ତ୍ତମାନ ରାଜ୍ୟର ଆରୋଗ୍ୟ ହାର ୬୮.୬ ପ୍ରତିଶତ ଥିବାବେଳେ ମୃତ୍ୟୁହାର ୦.୬୦ ପ୍ରତିଶତ ରହିଛି। ୩ଟି ସରକାରୀ ମେଡିକାଲ କଲେଜରେ ଅତିରିକ୍ତ ଆର୍ଟି-ପିସିଆର୍ ମେଶିନ ସ୍ଥାପନ କରିବା, ରାଜ୍ୟରେ ଲାବ୍ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଜିଲାସ୍ତରରେ ପ୍ଲାଜ୍ମାଦାତାମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍ସିଂହପୁର, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର ଓ କଟକ ଜିଲାର କୋଭିଡ୍ ପର୍ଯ୍ୟବେକ୍ଷକମାନଙ୍କ ସହ ଜିଲାର ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି।

**ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି**

# ଶ୍ରୀମନ୍ଦିର ପାର୍ଶ୍ୱ ଉଚ୍ଛେଦ, ଥଇଥାନକୁ ମୋହର

- ଲିଖିତ, ଦକ୍ଷତା ପରୀକ୍ଷା ଦେବେ ତୃତୀୟ ଶ୍ରେଣୀ କର୍ମଚାରୀ
- ଶ୍ରମିକଙ୍କ ଛୁଟି ସମୟ ୧୮୦ ଘଣ୍ଟାକୁ ହ୍ରାସ
- ନଭେମ୍ବରରେ ମେକ୍-ଇନ୍-ଓଡ଼ିଶା ତୃତୀୟ ସଂସ୍କରଣ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ଶ୍ରୀମନ୍ଦିର ବିକାଶ ଲାଗି ରାଜ୍ୟ ସରକାର ମେଘନାଦ ପାଚେରି ଚତୁଃପାର୍ଶ୍ୱରେ ୭୫ ମିଟର ଦୂରତାରେ ଥିବା ସମସ୍ତ ବେସରକାରୀ ଜମି, ବାସଗୃହ, ଦୋକାନ ଆଦି ଅଧିଗ୍ରହଣ କରିଛନ୍ତି। ଜମି ହରାଇଥିବା ପରିବାରକୁ ମଙ୍ଗଳାହାଟ ନିକଟବର୍ତ୍ତୀ ୬.୬୧୬ ଏକର ସରକାରୀ ଜମିରେ ଥଇଥାନ କରାଯିବ। ଏଥିସହ ବିସ୍ଥାପିତଙ୍କୁ ନାମ ପଞ୍ଜୀକରଣ ଲାଗି ଆବଶ୍ୟକ ଷ୍ଟାମ୍ପ ଓ ରେଜିଷ୍ଟ୍ରେଶନ ଫି' ଦେବାକୁ ପଡ଼ିବ ନାହିଁ। ଏଣିକି ଟ୍ରେଡ୍ ଲାଇସେନ୍ସ ବର୍ଷକ ବଦଳରେ ୫ ବର୍ଷ ଲାଗି ପ୍ରଦାନ କରାଯିବ। ଏଥିପାଇଁ ଓଡ଼ିଶା ମ୍ୟୁନିସିପାଲ ଆଇନରେ ଆବଶ୍ୟକ ସଂଶୋଧନ କରାଯାଇଛି। ରାଜ୍ୟ ସରକାରଙ୍କ '୫-ଟି' ବ୍ୟବସ୍ଥାରେ ଏହାକୁ ସାମିଲ କରାଯାଇଛି। ସେହିପରି ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଆଉ ସାକ୍ଷାତ୍ମୂଳକ ପରୀକ୍ଷା ହେବନାହିଁ। ଏହା ପରିବର୍ତ୍ତେ ଲିଖିତ ଓ ଦକ୍ଷତା ପରୀକ୍ଷା କରାଯିବ। ଏଥିଯୋଗୁ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରହିବ। ଏସବୁକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ ମିଳିଛି।

କାରଖାନା ଆଇନ-୧୯୪୮ର କେତେକ ଧାରାକୁ ରାଜ୍ୟ ସରକାର ଏକ ଅଧ୍ୟାଦେଶ ମାଧ୍ୟମରେ ୨୦୨୦ ମେ ୨୯ ତାରିଖରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଅନୁମୋଦନ କରିଥିଲେ। ଏଥିପାଇଁ ରାଜ୍ୟପାଳ ରାଷ୍ଟ୍ରପତିଙ୍କଠାରୁ ଅନୁମତି ଲୋଡିଥିଲେ। କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟଠାରୁ ମିଳିଥିବା ପରାମର୍ଶକୁ ଧ୍ୟାନରେ ରଖି ଏକ ଅଧ୍ୟାଦେଶ ମାଧ୍ୟମରେ ଉକ୍ତ ଆଇନକୁ ସଂଶୋଧନ କରିବା ନିମନ୍ତେ କ୍ୟାବିନେଟ୍ର ଅନୁମୋଦନ ଲୋଡାଯାଇଥିଲା। ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

କାରଖାନା ଆଇନ ପରିସରଭୁକ୍ତ ହେବା ଲାଗି ବିଦ୍ୟୁତ୍ ଶକ୍ତି ପରିଚାଳିତ କମ୍ପାନୀରେ ସର୍ବନିମ୍ନ ୧୦ ଏବଂ ବିନା ବିଦ୍ୟୁତ୍ ଶକ୍ତି ପରିଚାଳିତ କମ୍ପାନୀରେ ସର୍ବନିମ୍ନ ୨୦ଜଣ ଶ୍ରମିକ ନିୟୋଜନ ସୀମା ନିର୍ଦ୍ଧାରଣ କରାଯାଇଥିଲା। ସଂଶୋଧନ ପରେ ଏହାକୁ ଯଥାକ୍ରମେ ୨୦ ଏବଂ ୪୦କୁ ବୃଦ୍ଧି କରାଯାଇଛି। ଏହାସହ ଶ୍ରମିକମାନଙ୍କ ଛୁଟି, ମହିଳା ଶ୍ରମିକଙ୍କ କାର୍ଯ୍ୟକୁ ନେଇ କେତେକ ସଂଶୋଧନ କରାଯାଇଛି। ମହିଳାମାନେ ସନ୍ଧ୍ୟା ୭ରୁ ସକାଳ ୬ଟା ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ଏଥିପାଇଁ ସୁରକ୍ଷା ଓ ନିରାପତ୍ତାକୁ ନିଶ୍ଚିତ କରିବାକୁ ପଡିବ। ୩ମାସ ମଧ୍ୟରେ ଶ୍ରମିକମାନଙ୍କ କାର୍ଯ୍ୟ କରିବାର ଅବଧି ୭୫ ଘଣ୍ଟାରୁ ୧୧୫ ଘଣ୍ଟାକୁ ବୃଦ୍ଧି କରାଯାଇଛି। ସେହିପରି ଛୁଟି ପାଇଁ ଶ୍ରମିକମାନଙ୍କୁ ୨୪୦ ଘଣ୍ଟା ପରିବର୍ତ୍ତେ ୧୮୦ ଘଣ୍ଟାକୁ କମାଇ ଦିଆଯାଇଛି। ଏହି ଆଇନ ସଂଶୋଧନ ଦ୍ୱାରା ରାଜ୍ୟରେ ଶିଳ୍ପାୟନରେ ଅଧିକ ପୁଞ୍ଜି ବିନିଯୋଗ, ନିଯୁକ୍ତି ସୃଷ୍ଟି ଏବଂ କରୋନା ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ଠିକା ଶ୍ରମିକ (ନିୟନ୍ତ୍ରଣ ଓ ନିଷେଧ ଆଇନ) ୧୯୭୦କୁ ମଧ୍ୟ ସଂଶୋଧନ କରାଯାଇଛି। ପୂର୍ବରୁ ଏହି ଆଇନ ୨୦ଜଣରୁ ଅଧିକ ଶ୍ରମିକ କାମକରୁଥିବା ସଂସ୍ଥା ଏବଂ ଠିକାଦାରଙ୍କ ପ୍ରତି ଲାଗୁ ହେଉଥିଲା। ଏହି ଆଇନ ସଂଶୋଧନ ଫଳରେ ୫୦ ବା ଏହାଠାରୁ ଅଧିକ ଶ୍ରମିକ ନିୟୋଜିତ ହେଉଥିବା ସଂସ୍ଥା କିମ୍ବା ଠିକାଦାରଙ୍କ କ୍ଷେତ୍ରରେ ଲାଗୁ କରାଯିବ। ଏଥିଯୋଗୁ ୫୦ରୁ କମ୍ ଶ୍ରମିକଙ୍କୁ ନେଇ କାମ କରୁଥିବା ସଂସ୍ଥା କିମ୍ବା ଠିକାଦାରଙ୍କୁ ରେଜିଷ୍ଟ୍ରେସନ ସାର୍ଟିଫିକେଟ କିମ୍ବା ଲାଇସେନ୍ସ ନେବାକୁ ପଡିବ ନାହିଁ। ରାଜ୍ୟ ସରକାର ଶିଳ୍ପକୁ ଅଗ୍ରାଧିକାର ଦେବା ଲାଗି ଜୋରଦାର ପ୍ରୟାସ ଜାରି ରଖିଛନ୍ତି। ଏଥିଯୋଗୁ ୨୦୧୯-୨୦ ଆର୍ଥିକ ବର୍ଷରେ ମହାରାଷ୍ଟ୍ରକୁ ପଛରେ ପକାଇ ଓଡ଼ିଶାକୁ ୧୮% ନୂଆ ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା। ରାଜ୍ୟକୁ ଅଧିକ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ସକାଶେ ରାଜ୍ୟ ସରକାର ୨୦୧୬ ଏବଂ ୨୦୧୮ରେ 'ମେକ ଇନ୍ ଓଡିଶା କନକ୍ଲେଭ' କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ୨୦୨୦ ନଭେମ୍ବରରେ ଏହାର ତୃତୀୟ ସଂସ୍କରଣ କରିବା ଲାଗି ନିଷ୍ପତ୍ତି ହୋଇଛି। ଏଥିସହିତ ୨୦୦୭ ଓ ୨୦୧୫ରେ ଶିଳ୍ପ ନୀତି ଘୋଷଣା କରାଯାଇ ଶିଳ୍ପାନୁଷ୍ଠାନଗୁଡିକ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି। ଭାଟ, ପ୍ରବେଶ ଶୁଳ୍କ ଏବଂ ପ୍ରମୋଦ ଟିକସକୁ ହଟାଇ ୨୦୦୭ ଜୁଲାଇ ୧ରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍ଟି) ଲାଗୁ କରାଯାଇଛି। ସେଥିପାଇଁ ଶିଳ୍ପ ନୀତି ୨୦୦୭ ଏବଂ ୨୦୧୫ରେ ଆବଶ୍ୟକ ସଂଶୋଧନ କରାଯାଇଛି। ଏହି ଶିଳ୍ପନୀତି ଅନୁଯାୟୀ ୨୦୧୭ ଜୁଲାଇ ପହିଲାରୁ ଯୋଗ୍ୟ ଶିଳ୍ପସଂସ୍ଥାଗୁଡିକୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଏହି ସଂଶୋଧନ ଦ୍ୱାରା ପ୍ରାୟ ୩୦୦ ଶିଳ୍ପ ନିୟମ ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ ପାଇଛନ୍ତି। ସେହିପରି କରୋନା ଭୟାବହତାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ଏବଂ ଭବିଷ୍ୟତରେ ଏହାର ଉପଯୋଗିତା ପାଇଁ ସରକାର କୋର୍ଟ ଫି' ଅଧିନିୟମ ୧୮୭୦ର ରାଜ୍ୟ ପାଇଁ ପ୍ରୟୋଗ ନେଇ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ସଂଶୋଧନ ହେଲା ରାଜସ୍ୱ ସେବା ନିୟମାବଳୀ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ଓଡିଶା ରାଜସ୍ୱ ସେବା ପଦବୀ ସଂଖ୍ୟା ୧୦୯୨ ଅଟେ। ରାଜସ୍ୱ ସେବା ନିୟମାବଳୀ ୨୦୧୧ ଅନୁଯାୟୀ ଏହାର ୩୦ ପ୍ରତିଶତ ପ୍ରମୋଶନ ଓ ୨୦ ପ୍ରତିଶତ ପଦବୀ ସିଲେକ୍ସନ ମାଧ୍ୟମରେ ପୂରଣ କରାଯାଏ। ରାଜସ୍ୱ ବିଭାଗ କର୍ମଚାରୀ ଶ୍ରେଣୀ ଅନୁଯାୟୀ ବରିଷ୍ଠତା ଓ କାର୍ଯ୍ୟଦକ୍ଷତା ଆଧାରରେ ଚୟନ ହୋଇଥାଏ। ସେହିପରି ବରିଷ୍ଠତା ଏବଂ କାର୍ଯ୍ୟଦକ୍ଷତା ଭିତରେ ବିଭାଗର ତୃତୀୟ ଶ୍ରେଣୀ କର୍ମଚାରୀ ୫ ବର୍ଷ କାର୍ଯ୍ୟକରିଥିଲେ ସିଲେକ୍ସନ ପଦ୍ଧତିରେ ଏହି ପଦବୀ ପାଇଁ ଚୟନ କରାଯାଏ। ହେଲେ ରାଜସ୍ୱ ଆଇନ ସଂକ୍ରାନ୍ତରେ ପର୍ଯ୍ୟାପ୍ତ ଜ୍ଞାନ ଥିବା ରାଜସ୍ୱ ନୀରୀକ୍ଷକ ଓ ରାଜସ୍ୱ ପରିଦର୍ଶକ ଏବଂ ଅନ୍ୟାନ୍ୟ ତୃତୀୟ ଶ୍ରେଣୀ କର୍ମଚାରୀ ଓଡିଶା ରାଜସ୍ୱ ସେବା କ୍ୟାଡରରେ ଯଥେଷ୍ଟ ପ୍ରତିନିଧିତ୍ୱ ହେଉ ନ ଥିବା ପରିଲକ୍ଷିତ ହେଉଥିବାରୁ ଓଡିଶା ରାଜସ୍ୱ ଅମଲାସଂଘ ବାରମ୍ବାର ସରକାରଙ୍କ ନିକଟରେ ଦାବି ଓ ଆପତ୍ତି ଜଣାଇ ଆସୁଥିଲା। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ରାଜସ୍ୱ ବିଭାଗର କ୍ଷେତ୍ରକର୍ମଚାରୀ ଓ ଅନ୍ୟାନ୍ୟ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ରାଜସ୍ୱ ଆଇନ ଗୁଡିକରେ ଅନୁଭୂତି, ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତାକୁ ଉପଲବ୍ଧି କରି ଏହି କମିଟି ରାଜ୍ୟ ସରକାରଙ୍କୁ ପ୍ରମୋଶନ କୋଟାକୁ ୩୦ ପ୍ରତିଶତରୁ ୪୦ ପ୍ରତିଶତକୁ ବୃଦ୍ଧି ଓ ସିଲେକ୍ସନ କୋଟାରୁ ୨୦ରୁ ୧୦ ପ୍ରତିଶତକୁ ହ୍ରାସ କରିବା ପାଇଁ ସୁପାରିଶ କରିଛନ୍ତି। ଏହି ବର୍ଦ୍ଧିତ କୋଟାର ୪୦ ପ୍ରତିଶତ ରାଜସ୍ୱ କ୍ଷେତ୍ରକର୍ମଚାରୀଙ୍କ ପାଇଁ ଓ ୬୦ପ୍ରତିଶତ ଅନ୍ୟାନ୍ୟ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଯଦି କୌଣସି କାରଣ ବଶତଃ ରାଜସ୍ୱ କ୍ଷେତ୍ରକର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଓଡିଶା ରାଜସ୍ୱ ସେବା ପଦବୀ ପୂରଣ ହୋଇ ନ ପାରେ ତେବେ ଅନ୍ୟାନ୍ୟ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ପୂରଣ ହେବ। ଏ ସମ୍ପର୍କିତ ପ୍ରସ୍ତାବକୁ ବୁଧବାର କ୍ୟାବିନେଟ୍ରେ ମଞ୍ଜୁରୀ ମିଳିଛି।

# ବିଶ୍ୱ ହସ୍ତୀ ଦିବସରେ ହାତୀ ମୃତ

- ଚିକିତ୍ସାରେ ଅବହେଳା ଜୀବନ ନେଲା
- ସଂକ୍ରମଣ ଯୋଗୁ ପେଟରେ ପୋକ ହୋଇଥିଲା

ସମ୍ବଲପୁର,୧୨।୮(ବ୍ୟୁରୋ)

ବୁଧବାର ଥିଲା ବିଶ୍ୱ ହସ୍ତୀ ଦିବସ। ହାତୀଙ୍କ ସୁରକ୍ଷା ଓ ସଂଖ୍ୟା ବୃଦ୍ଧିକୁ ନେଇ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ବେଳେ ସମ୍ବଲପୁର ଜିଲାରେ ଏକ ଦୁଃଖଦ ଘଟଣା ଦୃଷ୍ଟିକୁ ଆସିଛି। ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ କେଶାପାଲି ଗ୍ରାମ ନିକଟ ଦେଓଗାଁ ସଂରକ୍ଷଣ ଜଙ୍ଗଲସ୍ଥିତ ନାଳ ନିକଟରୁ ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଛି। ମୃତହାତୀର ବୟସ ଦେଢ଼ବର୍ଷ ହେବ ବୋଲି ବନ ବିଭାଗ ଅଧିକାରୀମାନେ କହିଛନ୍ତି।

ଖବର ପାଇ ସମ୍ବଲପୁର ଡିଏଫ୍ଓ ଡ. ସଞ୍ଜିତ କୁମାର, ଆରସିସିଏଫ୍ ଚିତ୍ତରଞ୍ଜନ ମିଶ୍ର,ଏସିଏଫ୍ ମଦନଲାଲ ଶର୍ମା ପ୍ରମୁଖ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ସେଠାରେ ପୋତି ଦିଆଯାଇଛି। କୌଣସି କାରଣରୁ ହାତୀର ପେଟରେ ସଂକ୍ରମଣ ହୋଇଥିଲା। କ୍ରମେ ତାହା ସଂକ୍ରମିତ ହୋଇ ପାକସ୍ଥଳୀରେ ପୋକ ହୋଇଯିବାରୁ ହାତୀଟିର ମୃତ୍ୟୁ ଘଟିଥିବା ବନ୍ୟପ୍ରାଣୀ ଡାକ୍ତର (ଭିଏସ୍) ସତ୍ୟଜିତ୍ ପଣ୍ଡା କହିଛନ୍ତି। ଆବଶ୍ୟକ ଚିକିତ୍ସା ଅଭାବ ସହିତ ବନ ବିଭାଗର ଅବହେଳା ଯୋଗୁ ହାତୀର ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କେଶାପାଲି ଗ୍ରାମ ନିକଟରେ ଥିବା ହାତୀପଲ ସହିତ ଏହି ଛୋଟ ହାତୀଟି ବୁଲୁଥିଲା। ପ୍ରାୟ ୫ ଦିନ ହେବ ସେ ଅସୁସ୍ଥ ଥିବା ଜଣାପଡୁଥିଲା। ହାତୀପଲ ଜଙ୍ଗଲ ଭିତରକୁ ଚାଲିଯାଉଥିଲେ ମଧ୍ୟ ହାତୀଟି ଚାଲି ପାରୁ ନ ଥିଲା। ଅତିକଷ୍ଟରେ କିଛି ବାଟ ଯିବା ପରେ ଅଧା ବାଟରେ ଅଟକି ରହୁଥିଲା। ହାତୀର ଏମିତି ଅବସ୍ଥା ଦେଖି ସ୍ଥାନୀୟ ଲୋକେ ବନ ବିଭାଗ କର୍ମଚାରୀ ଓ ରେଞ୍ଜରଙ୍କୁ ଖବର ଦେଇଥିଲେ। ଏହାପରେ ବି ହାତୀର ଚିକିତ୍ସା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଶେଷରେ ହାତୀର ମୃତ୍ୟୁ ଘଟିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଡିଏଫ୍ଓ କୁମାର କହିଛନ୍ତି, ଏହି ହାତୀକୁ ଅସୁସ୍ଥ ଅବସ୍ଥାରେ ଗତ ୧୦ ତାରିଖରେ ବନ ବିଭାଗ ଠାବ କରିଥିଲା। କିଭଳି ଭାବେ ତା'ର ଚିକିତ୍ସା କରାଯାଇ ପାରିବ ସେ ନେଇ ଚେଷ୍ଟା କରାଯାଉଥିଲା। କୃମି ଯୋଗୁ ତା'ର ପେଟ ଫୁଲି ଯାଇଥିଲା। ସେଥିପାଇଁ ହାତୀଟି ପାଣି ଭିତରେ ରହିବା ସହ ଆଖପାଖରେ ବୁଲାବୁଲି କରୁଥିଲା। ବ୍ୟବଚ୍ଛେଦ ପରେ ହାତୀର ପେଟରୁ ପୋକ ବାହାରିଥିଲା। ପେଟ ଜନିତ ରୋଗରୁ ହାତୀର ମୃତ୍ୟୁ ଘଟିଛି ବୋଲି ସେ କହିଛନ୍ତି।



ସମ୍ବଲପୁର ଜିଲା ଧମା ରେଞ୍ଜରେ ମୃତ ହାତୀକୁ ବ୍ୟବଚ୍ଛେଦ କରାଯାଉଛି।



❝ ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡ଼ାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। –ଶ୍ରୀଅରବିନ୍ଦ



# ପ୍ରାଣୀକଲ୍ୟାଣର ବାହାନା



ମାନେକା ଗାନ୍ଧୀ

ମୁଁ ମେରିଟ କ୍ଲିଫଟନଙ୍କୁ ବହୁ ବର୍ଷ ହେବ ଜାଣିଛି। ସେ, ତାଙ୍କ ସ୍ତ୍ରୀ ବିଥ୍ ଓ ପୁଅ ଉଫ୍ ପ୍ରାଣୀମାନଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ। ସେମାନେ ଆନିମଲ୍‌ସ ୨୪-୭ ନାମକ ଏକ ଇ-ମାଗାଜିନ ଚଲାଉଛନ୍ତି, ଯାହାକୁ ସମସ୍ତେ ପଢ଼ିବା ଉଚିତ। ତାଙ୍କ ବୋର୍ଡର ଜଣେ ସଦସ୍ୟ ଭିକି କ୍ରୋସେଟିଙ୍କର ଏବେ ମୃତ୍ୟୁ ଘଟିଲା। ହୋର୍ଡିଂ (ବେଆଇନ ଭାବେ ପ୍ରାଣୀମାନଙ୍କୁ ଏକାଠି ବା ମହଜୁଦ ରଖି ନିର୍ଯାତନା ଦେବା) ଘଟଣାର ସେ ଜଣେ ବିଶେଷଜ୍ଞ ଥିଲେ ଓ ଏହି ସମସ୍ୟାକୁ କିପରି ସମାଧାନ କରାଯାଇପାରିବ ତା'ଉପରେ ସେ ଏକ ପ୍ରବନ୍ଧ ଲେଖିଥିଲେ। ମୁଁ ତାଙ୍କ ଅଭିଜ୍ଞତାରୁ ଅଧିକ ଗ୍ରହଣ କରିବାକୁ ଚାହିଁବି। କାରଣ, ନିୟମିତ ମୋତେ ଦୁଃଖ ଦେଉଥିବା ପ୍ରତ୍ୟେକ ହୋର୍ଡିଂ ଘଟଣାର ସମ୍ମୁଖୀନ ହୋଇ ତାହାକୁ ସମାଧାନ କରିବାକୁ ପଡିବ। ଯେଉଁମାନେ ପ୍ରାଣୀମାନଙ୍କୁ ଭଲପାଆନ୍ତି ବୋଲି ଦାବି କରନ୍ତି ସେମାନେ ବହୁସମୟରେ ସେମାନଙ୍କୁ ଭୟଙ୍କର ଭାବେ ନିର୍ଯାତନା ଦେଇଥାନ୍ତି। କେବଳ ଗୋଟିଏ ପୋଷାପ୍ରାଣୀକୁ ଦିନ ସାରା ଗେଟ୍‌ରେ ବାନ୍ଧି ରଖିଥିବା ଲୋକ ଜଣକ ନୁହନ୍ତି,ବରଂ ପ୍ରାଣୀମାନଙ୍କୁ ରାସ୍ତାରୁ ଉଦ୍ଧାର କରି ଆଶ୍ରୟସ୍ଥଳୀକୁ ଆଣୁଥିବା ଲୋକମାନେ ବି ଏଭଳି ନିର୍ଯାତନା ଦେଉଛନ୍ତି। ପ୍ରାଣୀମାନଙ୍କୁ ରଖି ଅପରିଷ୍କାର ଓ କୋଳାହଳମୟ ପରିବେଶ ସୃଷ୍ଟି କରୁଥିବା ଏଭଳି ଲୋକମାନଙ୍କ ସମ୍ପର୍କରେ ସେମାନଙ୍କ ପଡୋଶୀ ପଠାଉଥିବା ମେସେଜ ପାଉଛି। ପରେ ମୁଁ ଯେତେବେଳେ ସେଠାକୁ ଅନୁସନ୍ଧାନକାରୀ ଦଳ ପଠାଉଛି ,ସେତେବେଳେ ଏକ ଛୋଟ ଅପରିଷ୍କାର ଜାଗାରେ କେତେକ ପ୍ରାଣୀଙ୍କୁ ବାନ୍ଧି ରଖିଥିବା ଆଉ କେତେକଙ୍କୁ ପଞ୍ଜୁରିରେ ରଖାଯାଇଥିବା ଦେଖିବାକୁ ପାଉଛି। ସେଠାରେ ଅନେକ ପ୍ରାଣୀ ମରିଯାଇଥାନ୍ତି ଓ ଆଉ କିଛି ମୃତ୍ୟୁ ଅପେକ୍ଷାରେ ଥାଆନ୍ତି। ଭଲ ଉଦ୍ଦେଶ୍ୟରେ କରାଯାଇଥିବା କାର୍ଯ୍ୟ ମନ୍ଦ ହୋଇଯିବାର ଏହା ଏକ ନିଛକ ଉଦାହରଣ ଏବଂ ଏହା ପ୍ରାଣୀମାନଙ୍କ ପ୍ରତି ଏକ ବାଧ୍ୟତାମୂଳକ ଆସକ୍ତି ଭାବକୁ ବି ସୂଚାଇଥାଏ। ଏହି ପରିସ୍ଥିତି ଜଣଙ୍କ କ୍ଷେତ୍ରରେ ନୁହେଁ ସବୁ ଆଶ୍ରୟସ୍ଥଳୀରେ ବି ଦେଖାଯାଉଛି। ଏପରିକି ମୁଁ ଗଢିଥିବା ତଥା ଅନୁଦାନ ଦେଉଥିବା ଆଶ୍ରୟସ୍ଥଳୀକୁ ନିରୀକ୍ଷଣ କଲାବେଳେ ସେଠି ଦାୟିତ୍ୱରେ ଥିବା ମୋ ବିଶ୍ୱାସର ବ୍ୟକ୍ତିଜଣକ ଯେତେବେଳେ ତା'ର ଏକ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର ଦେଖାନ୍ତି ତାହା ମୋତେ ଦୁଃଖ ଦିଏ। ପ୍ରାଣୀମାନଙ୍କ ପାଇଁ ସେଠାରେ ଔଷଧ ନ ଥାଏ, କର୍ମଚାରୀ ନ ଥାନ୍ତି, ଜାଗା ବି ସଫାସୁତୁରା ନ ଥାଏ। ସମ୍ଭବତଃ ପ୍ରାଣୀମାନଙ୍କୁ ଖୁବ୍ କମ୍ ଖାଦ୍ୟ ଦିଆଯାଏ।

ବିଗତ ଦଶ ବର୍ଷ ମଧ୍ୟରେ ମୁଁ ଅତି କମ୍‌ରେ ଏମିତିକା ୫ଟି ଆଶ୍ରୟସ୍ଥଳୀ ସନ୍ଧାନ କରିଛି। ଶେଷଟି ପାଇଛି ଗାଜିଆବାଦରେ, ଯାହାକୁ ଦୁଇ ଭଉଣୀ ଚଲାଉଛନ୍ତି।ଏହା ଏକ ନର୍କ ସଦୃଶ। କମ୍ ହେଉ କି ବେଶି,ଭୟଙ୍କର ସ୍ଥିତିରେ ଥିବା ଗୋଶାଳାଗୁଡ଼ିକୁ ମୁଁ ଏଥିରେ ଅନ୍ତର୍ଭୁକ୍ତ କରୁନାହିଁ। ଏଠାରେ ଶହ ଶହ ରୁଗ୍‌ଣ ଏବଂ ମୃତପ୍ରାୟ ଗୋରୁଙ୍କୁ ଧାର୍ମିକ କାରଣରୁ ରଖାଯାଇଥାଏ। ସେମାନଙ୍କୁ ବିନା ଯତ୍ନ ଓ ଖାଦ୍ୟରେ ଏକ ପ୍ରକାର ମରିବାକୁ ଛାଡିଦିଆଯାଇଥାଏ। ଗତ ବର୍ଷ ଏହି ଦୁଇ ଭଉଣୀଙ୍କୁ ସେମାନଙ୍କ ଫ୍ଲାଟ୍‌ରୁ ଅଧ ରାତିରେ ବାହାର କରିଦିଆଯାଇଥିଲା। ଏହି ଫ୍ଲାଟଟି ପୁରୁଣା ଖବରକାଗଜ, ସିଗାରେଟ ବୁଟ୍‌ସ ଏବଂ ବ୍ୟବହୃତ ସାନିଟାରି ପ୍ୟାଡ୍‌ରେ ଭର୍ତ୍ତି ହୋଇଥିଲା। ସେଠାରେ ରହିଥିବା କେତେକ ବିଲେଇ ମଧ୍ୟ ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚିଯାଇଥିଲେ। ଦୁର୍ଗନ୍ଧ ବି ଅସହ୍ୟ ଥିଲା। ମୁଁ କେତେଜଣ ଓକିଲଙ୍କୁ ଏକାଠି କରି ସେମାନଙ୍କୁ ସାହାଯ୍ୟ କଲି, କିନ୍ତୁ ସେମାନେ ପାଗଳଙ୍କ ଭଳି ସେମାନଙ୍କୁ ବାହାର କରିଦେଲେ। ଏଥିରୁ ଜଣାପଡିଲା ଯେ, ସେ ଦୁହିଁଙ୍କୁ ମେଡିକାଲରେ ଚିକିତ୍ସା କରିବାରଥିଲା। ଏବେ ନଭି ମୁମ୍ବାଇରେ ଜଣେ ବୟସ୍କ ମହିଳାଙ୍କ ଆଶ୍ରୟସ୍ଥଳୀ ସମ୍ପର୍କରେ ଜାଣିବାକୁ ପାଇଛି। କହିବାକୁ ଗଲେ ଏହା ଏକ ନର୍କକୁଣ୍ଡ ପାଲଟିଯାଇଛି। ଏଠାରେ ପ୍ରାଣୀମାନେ ବହୁ ସଂଖ୍ୟାରେ ମରୁଛନ୍ତି। ତାଙ୍କୁ ଏହି କାର୍ଯ୍ୟ କରିବାକୁ ବାରଣ କଲେ ସେ ଆତ୍ମହତ୍ୟା କରିବାକୁ, ରିଷ୍ଟ କାଟିବାକୁ କିମ୍ବା ଫେସ୍‌ବୁକରେ ଭିକ୍ଷା ମାଗିବାକୁ ଧମକ ଦିଅନ୍ତି। ଅନ୍‌ଲାଇନରେ ନାଟକ କରି ସେ ଅଧିକ ଟଙ୍କା ପାଇବା ସହ ଲୋକଙ୍କ ପ୍ରଶଂସା ମଧ୍ୟ ପାଇଥାନ୍ତି।

ଗତ ମାସରେ କୋଲକାତା ପାଖରେ ରହୁଥିବା ଜଣେ ବ୍ୟକ୍ତି ମୋ ପାଖକୁ ମେଲ୍ ପଠାଇଥିଲେ। ସେ ଜଣେ ପ୍ରାଣୀ ଉଦ୍ଧାରକାରୀ ଓ ତାଙ୍କ ପାଖରେ ଟଙ୍କା ନାହିଁ ବୋଲି ସେଥିରେ ଲେଖିଥିଲେ। ମୁଁ ତାଙ୍କ ପାଖକୁ ଯଥାଶୀଘ୍ର କଲ୍ କଲି। ସେ ରାସ୍ତାରୁ ଉଦ୍ଧାର କରିଥିବା ୬୦ଟି ବିଲେଇ ଏବଂ ୫୦ କୁକୁରଙ୍କୁ ଗୋଟିଏ ଘରେ ରଖିଥିଲେ। ସେମାନଙ୍କ ମଧ୍ୟରୁ କାହାକୁ ବି ବନ୍ଧ୍ୟାକରଣ କରାଯାଇ ନ ଥିଲା ଓ ଅଧିକାଂଶ ଗର୍ଭବତୀ ଥିଲେ। ସାଙ୍ଗେ ସାଙ୍ଗେ ଏହି ପ୍ରାଣୀମାନଙ୍କର ବନ୍ଧ୍ୟାକରଣ ପାଇଁ କୋଲକାତାର 'ପିପୁଲ ଫର୍ ଆନିମଲ୍'କୁ କହିଲି ଏବଂ କୋଲକାତାର ଜଣେ ବଦାନ୍ୟ ବ୍ୟକ୍ତି ଅସ୍ତ୍ରୋପଚାର ଲାଗି ଟଙ୍କା ମଧ୍ୟ ଦେଲେ। ଗୋଟିଏ ମାସ ପରେ ମୁଁ ଯେତେବେଳେ କଲ୍ କଲି ସେତେବେଳେ ଅଧିକାଂଶ ବିଲେଇ ଫେଲାଇନ ଭୂତାଣୁ ସଂକ୍ରମଣରେ ମରିଯାଇଥିବା ଜାଣିବାକୁ ପାଇଲି। କାରଣ ସେ ବ୍ୟକ୍ତି ସେମାନଙ୍କୁ ଟିକା ଦେବା ପାଇଁ ଟଙ୍କା ଖର୍ଚ୍ଚ କରି ନ ଥିଲେ। ଆଉ ଯେତିକି ବିଲେଇ ଥିଲେ ସେମାନଙ୍କୁ ଟିକା ଦେବା ଲାଗି କହିବାରୁ ସେ ମୋ ଉପରେ ରାଗି ଗଲେ। ସେ ଜଣେ ଭିନ୍ନ ଧରଣର ହୋର୍ଡର , ଏହା ନିଃସନ୍ଦେହ। ଏକ ସାଧାରଣ ନିର୍ଯାତନା ଘଟଣାରେ ଯେଭଳି ସମାଧାନ କରାଯାଏ ଏହି ସବୁ ଘଟଣାଗୁଡ଼ିକୁ ସେଭଳି କରାଯିବା ଦରକାର। ପ୍ରାଣୀମାନଙ୍କୁ ଜାଣିଶୁଣି ନିର୍ଯାତନା ଦେଉଥିବା ବ୍ୟକ୍ତି ବା ଅପରାଧୀକୁ ଗିରଫ କରି ତାଙ୍କ ପାଖରୁ ପ୍ରାଣୀମାନଙ୍କୁ ନେଇ ଯଥାସମ୍ଭବ ଆଉ ଏକ ସ୍ଥାନରେ ରଖାଯିବା ଆବଶ୍ୟକ। ଏହି ବ୍ୟକ୍ତି ଜଣକ ଆଉ କେବେ ବି ପ୍ରାଣୀମାନଙ୍କୁ ରଖିବେନି ବୋଲି ଆମକୁ ନିଶ୍ଚିତ ହେବାକୁ ପଡିବ। କ୍ରୋସେଟି ଏହା କହିଛନ୍ତି ଯେ,'ପ୍ରାଣୀମାନଙ୍କୁ ମହଜୁଦ କରି ରଖିବା ଘଟଣାଗୁଡିକ ହିଁ ନିର୍ଯାତନା ଘଟଣା। ପ୍ରାଣୀଙ୍କ ସଂଖ୍ୟା ୧ ହେଉ କି ୧୦୦, ଏଥିପାଇଁ କ୍ଷମା ନାହିଁ। ମୂଳ ଉଦ୍ଦେଶ୍ୟ ହେଉଛି ଅପ୍ରାସଙ୍ଗିକ ଏବଂ ଆଇନତଃ ପରସ୍ଥିତିକୁ ହାଲକା କରିବା ପାଇଁ ତଥା ପ୍ରାଣୀମାନଙ୍କ ଲାଗି ସର୍ବୋତ୍ତମ ପରିଣାମକୁ ପ୍ରଭାବିତ କରିବା ପାଇଁ କୋର୍ଟରେ ମାନସିକ ରୋଗଗ୍ରସ୍ତ କିମ୍ବା ବ୍ୟକ୍ତିଗତ ସଙ୍କଟ ସମ୍ପର୍କରେ ସେମାନେ ଜଣାଇଥାନ୍ତି।'

ହୋର୍ଡରମାନେ ପ୍ରାଣୀମାନଙ୍କୁ ଭଲ ପାଆନ୍ତି ବୋଲି ଦାବି କରନ୍ତି। ତେବେ ସେମାନଙ୍କ ଭଲ ପାଇବା ପଛରେ ମାଲିକାନାର ସୂକ୍ଷ୍ମ ପ୍ରବୃତ୍ତି ହିଁ ରହିଥାଏ। ସେମାନେ 'ମୋ'ଶବ୍ଦ ବହୁତ ବ୍ୟବହାର କରନ୍ତି ଏବଂ ପ୍ରାଣୀମାନଙ୍କୁ ସେମାନଙ୍କ ସମ୍ପତ୍ତି ଭାବେ ଦେଖନ୍ତି। କିନ୍ତୁ କୌଣସି ପରିସ୍ଥିତିରେ ସେମାନେ ସେମାନଙ୍କ ପ୍ରାଣୀମାନଙ୍କ ସହ ରହିବାକୁ ଚାହାନ୍ତିନି, ଏପରି କି ମୃତ୍ୟୁରେ ମଧ୍ୟ। ମୋର ତିନୋଟି ପିଏଫ୍‌ଏ କେନ୍ଦ୍ରରେ ମୁଁ ଏହା ଦେଖିଛି। ଦୁର୍ଭାଗ୍ୟବଶତଃ ଏହା ନାମକୁ ଖାଲି ଧରି ରଖିଛନ୍ତି , କିନ୍ତୁ ଆମ ସହ କିଛି କରୁନାହାନ୍ତି। ଗୋଟିକର ମହିଳା ପରିଚାଳକ ବିଧବା, ଅନ୍ୟଟିର ଜଣେ ଅବିବାହିତ। ତୃତୀୟଟି ଜଣେ ହୋମିଓପ୍ୟାଥି ଫେଲ୍ ଅବିବାହିତଙ୍କ ଦ୍ୱାରା ଚାଲିଛି। ସେମାନଙ୍କ ପାଇଁ ମୁଁ ଯେଉଁ ଆଶ୍ରୟସ୍ଥଳୀଗୁଡିକ ନିର୍ମାଣ କରିଛି ତାହା ଏବେ ଅବ୍ୟସ୍ଥିତ ଅବସ୍ଥାରେ ରହିଛି ଓ ପ୍ରାଣୀମାନେ ଭାରି କଷ୍ଟ ପାଉଛନ୍ତି। କିନ୍ତୁ ସେମାନେ ଆଉ ଏକ ଭଲ ଟିମ୍‌କୁ ତାହାକୁ ଛାଡୁନାହାନ୍ତି। ସ୍ୱେଚ୍ଛାସେବୀମାନଙ୍କୁ ଏଥିପାଇଁ ଅନୁମତି ବି ଦେଉନାହାନ୍ତି ଓ ସେମାନେ ପ୍ରତ୍ୟେକଙ୍କୁ ରୁକ୍ଷ ବ୍ୟବହାର କରୁଛନ୍ତି। କାନ୍ଦି ପକାଉଛନ୍ତି ଓ ବହୁତ ମିଛ ମଧ୍ୟ କହୁଛନ୍ତି। ଏହି ଆଶ୍ରୟସ୍ଥଳୀଗୁଡିକରେ ପ୍ରାଣୀମାନଙ୍କୁ ଏକାଠି ରଖି ଖାଇବାକୁ ଦିଆଯାଉନାହିଁ କି ଚିକିତ୍ସା କରାଯାଉନାହିଁ। ଛଦ୍ମ ପ୍ରାଣୀକଲ୍ୟାଣ ବା ପ୍ରାଣୀକଲ୍ୟାଣ ବାହାନାରେ ପ୍ରାଣୀମାନଙ୍କୁ ଦୁଃଖ ଦେଉଥିବା ଏହି ତିନିଜଣ ଗିରଫ ହୋଇ ଜେଲ୍ ଯିବା ଦରକାର, କିନ୍ତୁ ପ୍ରାଣୀ ନିର୍ଯାତନା ଘଟଣାକୁ ପୋଲିସ ଗମ୍ଭୀରତାର ସହ ନେଉନାହିଁ। ସେମାନଙ୍କୁ ସ୍ୱେଚ୍ଛାସେବୀ ପାଇଁ , ପ୍ରାଣୀମାନଙ୍କୁ ଡାକ୍ତର ପାଖ ହେଉ କିମ୍ବା ଡାକ୍ତରଙ୍କୁ ଆଶ୍ରୟସ୍ଥଳୀକୁ ଆଣିବା ଲାଗି ସେମାନଙ୍କୁ ଟଙ୍କା ଯାଚିଛି। ହେଲେ କୌଣସି ଯୋଗାଯୋଗ ନାହିଁ। ହୋର୍ଡରମାନେ ସେମାନଙ୍କ ଅଭ୍ୟାସଗତ ଦାବି ପୂରଣ ପାଇଁ ସେମାନେ ଯାହା କିଛି କହିପାରିବେ ଓ କରିପାରିବେ। ସେମାନେ କାହା ସହ କେବେ ମଧ୍ୟ ବନ୍ଧୁତା ବାନ୍ଧନ୍ତିନି। କ୍ରୋସେଟି ଯାହା କହିଛନ୍ତି ତାହା ମୁଁ ମୋ ଅଭିଜ୍ଞତାରୁ ଜାଣିପାରୁଛି।

ଜଣେ ହୋର୍ଡର ଓ ହୋର୍ଡିଂସ୍ଥଳୀକୁ ଆୟତ୍ତ କରିବା ଲାଗି କରିବା ଲାଗି ଏକ ଟିମ୍ ଆବଶ୍ୟକ। ପ୍ରାଣୀଙ୍କୁ ଧରିବା ଲଗି ଜାଲ, ଔଷଧ, ସୁରକ୍ଷ ବ୍ୟବସ୍ଥା, ଆମ୍ବୁଲାନ୍ସରେ ନେବା ଏବଂ ପୋଲିସ ସମର୍ଥନ ଲାଗି ଏକ ସ୍ୱତନ୍ତ୍ର ପ୍ରୋଟୋକଲର ଆବଶ୍ୟକତା ରହିଛି। ଯଦି ତୁମର ଘର ସମସ୍ୟା ରହିଛି ତେବେ ପ୍ରାଣୀମାନଙ୍କୁ ଯଥାଶୀଘ୍ର ରଖିବା ପାଇଁ ଏକ ଭଲ ଆଶ୍ରୟସ୍ଥଳୀ ସହ ଯୋଗାଯୋଗ କରିବା ଦରକାର। ଏହି ଅପରେଶନର ଭିଡିଓ ରେକର୍ଡିଂ କରିବା ଦରକାର। ଉଦ୍ଧାର କରାଯାଇଥିବା ପ୍ରତ୍ୟେକ ପ୍ରାଣୀଙ୍କୁ ଭେଟରିନାରି ପରୀକ୍ଷା କରିବା ଆବଶ୍ୟକ। ଯଦି ଆବଶ୍ୟକ ହୁଏ ଗଣମାଧ୍ୟମର ଜଣେ ପ୍ରତିନିଧି ବି ଉପସ୍ଥିତ ରହିବା ଭଲ। ପ୍ରାଣୀମାନଙ୍କୁ କେନ୍ଦ୍ରକରି ଲୋକମାନଙ୍କ ଉପଦ୍ରବକୁ ଦୂର କରିବା ପାଇଁ ପୋଲିସ କାର୍ଯ୍ୟାନୁଷ୍ଠାନ ଦରକାର। ଗୋଟିଏ ଭଲ ଆଶ୍ରୟସ୍ଥଳୀ କ'ଣ ତାହା ପ୍ରତ୍ୟେକ ଜାଣିବା ଉଚିତ। ତାହା ହିଁ ସୁରକ୍ଷିତ ସ୍ୱର୍ଗ ,ଯେଉଁଠି ପ୍ରାଣୀମାନଙ୍କୁ ଦୟାଭାବରେ ପାଳନ କରାଯାଏ। ଯେଉଁଠି ପ୍ରାଣୀମାନେ ଭୋକଲା ରହନ୍ତିନି, ପରସ୍ପର ମଧ୍ୟରେ ଲଢେଇ କରି ମରନ୍ତିନି,ଅପରିଷ୍କାର ପରିବେଶରେ ରହନ୍ତିନି,ଆହତ ଓ ରୋଗର ଚିକିତ୍ସାରୁ ବାଦ ପଡନ୍ତିନାହିଁ କି ସେମାନେ ବଂଶ ବୃଦ୍ଧି କରନ୍ତି ନାହିଁ। ଆଶ୍ରୟସ୍ଥଳୀ ବଡ଼ ହେଉ କି ଛୋଟ, ଅନୁଷ୍ଠାନ ଦ୍ୱାରା କି ବ୍ୟକ୍ତିଦ୍ୱାରା ପରିଚାଳିତ ହେଉ, ଅନୁଷ୍ଠାନର ଜାଗାରେ ହେଉ କି ଜଣଙ୍କ ଘରେ ହେଉ– ଏକ ଭଲ ଆଶ୍ରୟସ୍ଥଳୀ ଚାଲିପାରିବ।

Email: gandhim@nic.in

# ଅଙ୍ଗଦାନ ମହାପୁଣ୍ୟ



ଡା. ଉମେଶ ଚନ୍ଦ୍ର ପାତ୍ର

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କଠାରେ ରୋପଣ କରାଯାଏ। ଗୋଟିଏ ବ୍ୟକ୍ତିର ଶରୀରରୁ ବହୁତ ରୋଗୀ ଉପକୃତ ହୋଇପାରନ୍ତି। ଆମ ଦେଶରେ ଯକୃତ୍, ବୃକ୍କ, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି। ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ। ଅଙ୍ଗଦାନ ଦୁଇ ପ୍ରକାର, ଯଥା ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ। ଅଙ୍ଗଦାନ ଅଧୀନରେ ବୃକ୍କ, ଯକୃତ୍, ହୃଦୟ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ। ଟିସୁ ଦାନରେ ରହିଛି ଚକ୍ଷୁ, ଅସ୍ଥିମଜ୍ଜା ଏବଂ ତ୍ୱଚା। ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ। ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକ୍କ। କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକ୍କ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ। ମୃତ ଶରୀରର ବୃକ୍କ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକ୍କ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ। ଭାରତରେ ହେଉଥିବା ଅଧିକାଂଶ ବୃକ୍କ ପ୍ରତ୍ୟାରୋପଣ ଜୀବିତଦାତାଙ୍କଠାରୁ ହିଁ ମିଳେ। ଫୁସ୍‌ଫୁସ୍ ଏବଂ ଯକୃତ୍ ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରେ। ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ। ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ। କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସପୋର୍ଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କ ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ।

ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ। ଏ ପରିସ୍ଥିତିରେ ଆଖିକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ। ରକ୍ତକୋଷିକା ନ ଥିବାରୁ ମୃତ୍ୟୁ ପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େନାହିଁ। ବ୍ରେନ୍ ଡେଥ୍ ଏପରି ମୃତ୍ୟୁ, ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ। ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁ ହୋଇଥାଏ। ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ। ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି। କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ। କିନ୍ତୁ ବ୍ରେନ୍ ଡେଥ୍‌ରେ ଜୀବନର କୌଣସି ସମ୍ଭାବନା ନ ଥାଏ। ବ୍ରେନ୍ ଡେଥ୍ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ।

ଅଙ୍ଗଦାନ ମହାପୁଣ୍ୟ। ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ। ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ। ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କ ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା'ବାପାଙ୍କ ଅନୁମତି ନେବା ଜରୁରୀ। ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡେଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି। ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ ଆଇନ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ। ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ। ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ। ଏହି ପ୍ରକ୍ରିୟାରେ ପ୍ରାୟ ୬-୭ ଘଣ୍ଟା ଲାଗିଯାଏ। ଅର୍ଗାନ୍ ଡୋନେଶନ୍ ଆକ୍ଟ ୧୯୯୪ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ। ଏହା ଏକ କଷ୍ଟକର ନିୟମ। ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ ନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି। ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏହି ନିୟମରେ କିଛି ପରିବର୍ତ୍ତନ କରିଛନ୍ତି। ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନ ଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ। ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି।

ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ। କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ। ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତା'ର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ। ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ। ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ:୯୪୩୭୦୫୧୯୫୭

## ଏଇ ଭାରତରେ

ଜଣେ ଚାକିରି ଛାଡ଼ି ଗୋଟିଏ ଗାଁର ୫୦୦ ପରିବାରକୁ ୩୦ ବର୍ଷ ପରେ କୃଷିକୁ ଫେରାଇ ଆଣିବା କିଛି କମ୍ କଥା ନୁହେଁ। ଏହି ବ୍ୟକ୍ତି ହେଉଛନ୍ତି ଗୋଆର ଇଲେକ୍ଟ୍ରିକାଲ ଇଞ୍ଜିନିୟର ନେଷ୍ଟର ରାଙ୍ଗଲ। ତାଙ୍କୁ ବର୍ତ୍ତମାନ ବୟସ ୫୨। ସେ ସେଣ୍ଟ ଇଷ୍ଟେଭାମ ଗାଁର ଲୋକମାନଙ୍କୁ କମ୍ୟୁନିଟି କୃଷି ମାଧ୍ୟମରେ ଧାନ ଚାଷ କରାଉଛନ୍ତି। ଲୁଣିମାଟି ଯୋଗୁ ଚାଷ ନ ହୋଇ ଗାଁ ଜମି ପଡିଆ ପଡ଼େ। ଏହି ଜମିକୁ କୋଇଲା ପରିବହନ ପାଇଁ ଡେଭେଲପର୍ସମାନେ ବ୍ୟବହାର କରନ୍ତି। ଫଳରେ ୩ ଦଶନ୍ଧି ହେବ ଗାଁ ଲୋକେ ମୁମ୍ବାଇକୁ କାମ କରିବାକୁ ଚାଲିଯାଉଥିଲେ। ପ୍ରତି ପରିବାରକୁ ୧ ଏକର ଜମି ହିସାବରେ ପ୍ରାୟ ୫ ଶହ ଏକର ଜମିରେ ସେମାନେ କମ୍ୟୁନିଟି ଫାର୍ମିଂ କରୁଛନ୍ତି। ଜୈବିକ ପଦ୍ଧତିରେ ଏହି ଚାଷ ହେଉଛି। ରାଙ୍ଗଲ ମୁମ୍ବାଇରେ ଏକ ବହୁରାଷ୍ଟ୍ରୀୟ ଜାପାନିଜ କମ୍ପାନୀରୁ ୨୦୦୨ରେ ଚାକିରି ଛାଡ଼ିବା ପରେ ଗୋଆରେ ଏକ ଇଲେକ୍ଟ୍ରୋନିକ୍ସ ଦୋକାନ କରିଥିଲେ। ଏବେ ସେ ୪୦ ଏକର ଜମିରେ ଚାଷ କରିବା ସହ ଛେଳି ଓ ଗୋପାଳନ କରୁଛନ୍ତି। ୭୦୦ରୁ ଊର୍ଦ୍ଧ୍ୱ ଆମ୍ବ ଗଛ ଲଗାଇଛନ୍ତି। ସେ ଇଷ୍ଟେଭାମ ଗାଁକୁ କମ୍ୟୁନିଟି ଫାର୍ମିଂ ପାଇଁ ଚୟନ କରିଥିଲେ। ଗାଁ ଲୋକମାନେ ଏବେ ଜ୍ୟୋତି କିସମର ଧାନ ଚାଷ କରୁଛନ୍ତି। ଧାନକୁ ପ୍ରୋସେସିଂ କରି ଚାଉଳ କରୁଛନ୍ତି। ଏହି ଚାଉଳର ଚାହିଦା ଅଧିକ ଓ ଏକ କେଜିକୁ ୬୦ ଟଙ୍କା ମୂଲ୍ୟରେ ବିକ୍ରି କରି ଯଥେଷ୍ଟ ଲାଭ ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଅଗଷ୍ଟ ୧୯୯୫**

- ପାକିସ୍ତାନର ଦକ୍ଷିଣାଞ୍ଚଳ ସିନ୍ଧୁପ୍ରଦେଶ ଅନ୍ତର୍ଗତ ଖୈରପୁର ମିରସ୍ ଜିଲାର ଅବଦୁଲ ଲତିଫ ମୁମ୍‌ନାୟି ଗ୍ରାମ ଉପରେ ଡକାୟତ ଦଳଙ୍କ ଆଖିବୁଜା ଗୁଳିମାଡ଼ରେ ୧୩ ଗ୍ରାମବାସୀ ନିହତ।
- ବିଶ୍ୱବ୍ୟାଙ୍କ କରେନ୍ସି ପୁଲ ଓ ସିଙ୍ଗଲ କରେନ୍ସି ଋଣ ପାଇଁ ଦୁଇଥାକିଆ ସୁଧହାର ଘୋଷଣା କରିଛି।
- ଶିଳ୍ପ ପ୍ରତିଷ୍ଠା ନେଇ ସିଙ୍ଗାପୁର ଓ ଥାଇଲାଣ୍ଡର ବିଭିନ୍ନ କମ୍ପାନୀ ସହ ବିହାର ସରକାର ୮ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | | | | | | B | | | | 1 | 6 | | |
| 6 | 5 | | | 0 | | | | 4 | | D | 3 | C | | |
| | D | | | 2 | B | 5 | | | 4 | E | | | | A |
| 2 | | 7 | | | | | 1 | 8 | | | | | | |
| | | C | 1 | | 5 | A | | | | 8 | 2 | E | | |
| B | | | | D | 6 | E | | | | | | 7 | 1 | |
| A | | D | | 9 | 2 | | | | 0 | | | | | |
| | 7 | | | 4 | | 9 | 3 | | | | B | | | |
| | 9 | 1 | | 5 | 0 | | | | | 7 | | | B | |
| | | | 8 | | | 4 | | | | | E | | | 6 |
| | | | | 8 | | | E | | | | | | | 9 |
| | | 6 | | | D | C | 4 | | 3 | 2 | 9 | A | | |
| | | | 7 | | | | | | | C | | | | 4 |
| 9 | | | | | | 2 | | A | | | | | 7 | 5 |
| | 2 | | C | | | 3 | 6 | D | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | C | 7 | 9 | 5 | 3 | D | 0 | E | A | B | 4 | 8 | 2 | 6 |
| 6 | 5 | A | 2 | C | E | 4 | 8 | 9 | 0 | 7 | D | 1 | B | 3 |
| 4 | B | 8 | A | 1 | D | 2 | 5 | 7 | C | 6 | 3 | E | 0 | 9 |
| 2 | 0 | 9 | 8 | B | 7 | C | 6 | 3 | 1 | 5 | E | A | D | 4 |
| 3 | D | E | 0 | 4 | 6 | A | B | 1 | 2 | 8 | 9 | 5 | 7 | C |
| 9 | 1 | D | 5 | 0 | B | 3 | E | C | 6 | 4 | A | 7 | 8 | 2 |
| C | 7 | 2 | 3 | 8 | 1 | B | A | 4 | D | E | 0 | 6 | 9 | 5 |
| E | 3 | B | 7 | 6 | 4 | 5 | 9 | 0 | 8 | 2 | 1 | C | A | D |
| A | 6 | 0 | C | E | 2 | 8 | 7 | D | 9 | 3 | 5 | 4 | 1 | B |
| 5 | 8 | 4 | D | A | 9 | 1 | 2 | 6 | B | C | 7 | 3 | E | 0 |
| D | 9 | 5 | 4 | 2 | A | 6 | 1 | 8 | E | 0 | C | B | 3 | 7 |
| 7 | 4 | 1 | E | 3 | 8 | 0 | C | 2 | 5 | 9 | B | D | 6 | A |
| B | E | C | 1 | 9 | 0 | 7 | 3 | A | 4 | D | 6 | 2 | 5 | 8 |
| 8 | A | 3 | 6 | D | 5 | 9 | 4 | B | 7 | 1 | 2 | 0 | C | E |
| 0 | 2 | 6 | B | 7 | C | E | D | 5 | 3 | A | 8 | 9 | 4 | 1 |

ଗତକାଲିର ଉତ୍ତର

# ରାଫାଲକୁ ନେଇ ଏତେ ଚର୍ଚ୍ଚା କାହିଁକି



ଷ୍ଟାଲିନ୍ ମିଶ୍ର

ରାଫାଲ ଭାରତରେ ଏକ ବହୁଚର୍ଚ୍ଚିତ ନାମ। ଗତ କିଛିଦିନ ତଳେ ଭାରତ ୫ଟି ରାଫାଲ ବିମାନ ଫ୍ରାନ୍ସରୁ ଆମଦାନୀ କରିଛି। ଏହି ପ୍ରସଙ୍ଗରେ ଆମ ଦେଶର ଗଣମାଧ୍ୟମଗୁଡ଼ିକ ଯେପରି ପ୍ରଚାର ପ୍ରସାର କରିଚାଲିଛନ୍ତି ତଥା ସର୍ବଶକ୍ତିମାନ ହେବାର ମିଛ ଅହଂକାରରେ ନିଜକୁ ଗର୍ବିତ ମନେକରୁଛନ୍ତି, ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଓ ହାସ୍ୟାସ୍ପଦ ମଧ୍ୟ। ସାମରିକ ଶକ୍ତି ହିସାବରେ ବିଶ୍ୱର ଚତୁର୍ଥ ସ୍ଥାନରେ ଥିବା ଭାରତ ପାଇଁ ଏହା ଏକ ସାଧାରଣ କଥା। ତେଣୁ ରାଫାଲ କିମ୍ବା ଅନ୍ୟ କୌଣସି ବିଦେଶୀ ଯୁଦ୍ଧାସ୍ତ୍ରର ମାତ୍ରାଧିକ ପ୍ରଚାର ଦେଶର ବର୍ତ୍ତମାନର ସାମରିକ ସାମର୍ଥ୍ୟକୁ ବିଶ୍ୱ ଦରବାରରେ ନିମ୍ନମାନର ବୋଲି କହିବା ସହିତ ସମାନ, ଏହାଦ୍ୱାରା ଦେଶର ମର୍ଯ୍ୟାଦା ହାନି ହେଉଛି ବୋଲି ମୁଁ ମନେକରେ।

ଚାଲନ୍ତୁ ଜାଣିବା ରାଫାଲ ଯୁଦ୍ଧବିମାନ କ'ଣ ଏବଂ ଏହାର ବିଶେଷତ୍ୱ କ'ଣ ରହିଛି। ରାଫାଲର ପୂରା ନାମ 'ଡାସଲ୍ଟରାଫାଲ', ଆକ୍ଷରିକ ଅର୍ଥ ହେଲା 'ପବନର ଝୁଙ୍କ୍' ବା ସାମରିକ ଅର୍ଥରେ କହିବାକୁ ଗଲେ 'ଅଗ୍ନିବିସ୍ଫୋରକ'। ଫ୍ରାନ୍ସର ବାୟୁସେନା ଓ ନୌସେନାର ସାମରିକ ଶକ୍ତି ବୃଦ୍ଧିକରିବା ପାଇଁ 'ଡାସଲ୍ଟ ଏଭିଏଶନ' ସଂସ୍ଥା ଦ୍ୱାରା ନିର୍ମିତ ଅତ୍ୟାଧୁନିକ ଯୁଦ୍ଧବିମାନ। ଏଥିରେ ଉଭୟ ପାରମ୍ପରିକ ଯୁଦ୍ଧାସ୍ତ୍ର ଓ ପରମାଣୁ ଅସ୍ତ୍ର ଖଞ୍ଜାଯାଇ ପାରିବ। ଏହି ଯୁଦ୍ଧବିମାନର ଅତ୍ୟାଧୁନିକ ରାଡ଼ାର ଓ ସେନ୍ସରର କାର୍ଯ୍ୟଦକ୍ଷତା ବର୍ତ୍ତମାନ ସମୟରେ ଅନ୍ୟ ସମସାମୟିକ ଯୁଦ୍ଧବିମାନ ତୁଳନାରେ ଅତି ଉନ୍ନତମାନର। ରାଫାଲରେ 'ଫ୍ରଣ୍ଟସେକ୍ଟରଅପ୍ଟ୍ରୋନିକ୍ସ' (FSO) ସିଷ୍ଟମ ମଧ୍ୟ ଅଛି, ଯାହା ଅପ୍ଟ୍ରୋନିକ୍ସ ରଙ୍ଗରେ କାର୍ଯ୍ୟକରିବା ସମୟରେ ରାଡାର ଅଚଳ ପ୍ରତି ପ୍ରତିରୋଧକ। ଏହାର ସ୍ପେକ୍ଟ୍ରା-ଇଣ୍ଟିଗ୍ରେଟେଡ ଇଲେକ୍‌ଟ୍ରୋନିକ୍ସ ଯୁଦ୍ଧ ସିଷ୍ଟମ ଯାହା ଇନ୍‌ଫ୍ରାଡ, ଇଲେକ୍ଟ୍ରୋ ମ୍ୟାଗ୍ନେଟିକ ଏବଂ ଲେଜର ବିପଦକୁ ଦୂରରୁ ଚିହ୍ନଟ କରି ପାଇଲଟକୁ ଆଗୁଆ ସଚେତନ କରିଥାଏ। ସଂକ୍ଷେପରେ କହିଲେ ଏହି ବିମାନରେ ସମସ୍ତ ପ୍ରକାର ନିରାପତ୍ତା ସୁବିଧା ଅଛି ଯଥା ଅଗ୍ରିମ ବିପଦ ଚିହ୍ନଟ ପାଇଁ ରାଡାର, ଲେଜର ଏବଂ କ୍ଷେପଣାସ୍ତ୍ର ଚେତାବନୀ ଗ୍ରହଣକାରୀ ବ୍ୟବସ୍ଥା ଏବଂ ଆରେରାଡାରଜାମର ପ୍ରଭୃତି ଉପକରଣ, ଯାହା ବିମାନକୁ ସୁରକ୍ଷିତ ରଖିବାରେ ଏବଂ ବିପଦ ପ୍ରତିରୋଧ ପାଇଁ ଅନୁକୂଳସିଦ୍ଧ। ଏକାଥରେ ୩୭୦୦କି.ମି. ଦୂର ଉଡିପାରିବା କ୍ଷମତା, ଅଧିକ ଓଜନର ଯୁଦ୍ଧାସ୍ତ୍ର ବହନ କରିବା ଯଥା ସର୍ବାଧିକ ଟେକ୍‌ଅଫ ଓଜନ ୨୪.୫ଟନ୍ ଥିବାବେଳେ ଏହି ଯୁଦ୍ଧବିମାନ ୪.୭ଟନ୍ ଆଭ୍ୟନ୍ତରୀଣ ଇନ୍ଧନ ଏବଂ ୬.୬ଟନ୍ ବାହାର ଦକ୍ଷତା ଏହି ଯୁଦ୍ଧ ବିମାନକୁ ଅନ୍ତଃରାଷ୍ଟ୍ରୀୟ ବଜାରରେ ବ୍ୟବସାୟିକ ସଫଳତା ଦେଇପାରିଛି।

ହଁ, ଯଦି ଆଜିର ଜ୍ଞାନକୌଶଳକୁ ଅତ୍ୟାଧୁନିକ କୁହାଯାଇପାରିବ ତା'ହେଲେ ଏହି ବିମାନ ନିଶ୍ଚିତଭାବେ ବିକଶିତ ଓ ଆଧୁନିକ ଯୁଦ୍ଧବିମାନ। କିନ୍ତୁ ଭାରତର ଜ୍ଞାନକୌଶଳ କାହିଁ କେଉଁ ଆଦିମ କାଳରୁ ବିକଶିତ। ଆମ ବେଦ, ଧର୍ମଶାସ୍ତ୍ରରେ ବିମାନବିଜ୍ଞାନ, ଜ୍ଞାନକୌଶଳ ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରୟୋଗର ଯେଉଁ ଉଦାହରଣ ମିଳେ ଆଜିର ଜ୍ଞାନକୌଶଳକୁ ଅତ୍ୟାଧୁନିକ କହିବା ମୋ ପାଇଁ ସମ୍ଭବ ନୁହେଁ। ସେପରି ଉନ୍ନତ ଅଦ୍ୱିତୀୟ ଜ୍ଞାନକୌଶଳ ପ୍ରାପ୍ତି ପାଇଁ ଆଜିର ବିଶ୍ୱକୁ କାହିଁ କେତେ ହଜାର ବର୍ଷ ଲାଗିଯିବ ତାହା କଳନା କରିବା କଷ୍ଟ। କିନ୍ତୁ ନିଜେ 'ଡାସଲ୍ଟ ଏଭିଏଶନ' ରାଫାଲର ବିକଳ୍ପ ପାଇଁ ୨୦୧୮ରୁ କାର୍ଯ୍ୟରତ ଏବଂ ଖୁବଶୀଘ୍ର ନୂତନ ବିକଶିତ ଯୁଦ୍ଧବିମାନ ପ୍ରସ୍ତୁତ କରିବାକୁ ଘୋଷଣା କରିସାରିଛି। ଯାହା ଫ୍ରାନ୍ସର ରାଫାଲ, ଜର୍ମାନୀର ୟୁରୋଫାଇଟର ଟାଇଫୁନ୍ ଓ ସ୍ପେନର ହର୍‌ନେଟ ଯୁଦ୍ଧବିମାନର ବିକଳ୍ପ ହେବ। ଏହାର ମାନେ ହେଉଛି ଆମେ ଯେଉଁ ବିମାନ କିଣିଛୁ ବା କିଣୁଛୁ ତାହା ଅନ୍ୟ ଦେଶ ତୁଳନାରେ ଖୁବ୍ ଶୀଘ୍ର ପୁରୁଣାସିଦ୍ଧ ହେବାକୁ ଯାଉଛି। ଏପରି ପରିସ୍ଥିତିରେ ଯେଭଳି ଭାବେ ରାଫାଲକୁ ନେଇ ମାତ୍ରାଧିକ ପ୍ରଚାର କରିଚାଲିଛି ଏହା ଆମ ଦେଶର ସାମରିକ ଶକ୍ତି ଉପରେ ପ୍ରଶ୍ନବାଚୀ ଲଗାଇବା ସହିତ ଫ୍ରାନ୍ସ ବିମାନ ସଂସ୍ଥାର ବିଜ୍ଞାପନ ଏଜେଣ୍ଟ ହୋଇ କାର୍ଯ୍ୟ କରୁଥିବା ପରି ପରିଲକ୍ଷିତ ହେଉଛି।

ଆମେ ଯଦି ନିଜ ସଂସ୍କୃତି, ଧର୍ମଶାସ୍ତ୍ର ଓ ଜ୍ଞାନକୌଶଳକୁ ପ୍ରାଥମିକତା ଦେଇଥାନ୍ତୁ ଯୁଦ୍ଧବିମାନ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡ଼ି ନଥାନ୍ତା। ଭୁଲନ୍ତୁ ନାହିଁ ଯେ, ଆମେ କିଣିଥିବା ପାଞ୍ଚଟି ବିମାନ ଅତୀତରେ ଇଜିପ୍ଟ, କାତାର ଆଦି ଦେଶ କିଣି ନିଜ ବାୟୁସେନାରେ ନିୟୋଜିତ କରିଛନ୍ତି ଓ ଭବିଷ୍ୟତରେ ଅନ୍ୟ କୌଣସି ଦେଶ ମଧ୍ୟ କିଣି ପାରିବ। ବିମାନଶାସ୍ତ୍ର ଭାରତରୁ ସୃଷ୍ଟି ହୋଇଛି, ମହର୍ଷି ଭରଦ୍ୱାଜଙ୍କ ରଚିତ ବିମାନଶାସ୍ତ୍ରରେ ବିଭିନ୍ନ ପ୍ରକାର ଦିବ୍ୟ ବିମାନର ବର୍ଣ୍ଣନା ରହିଛି। ମହାଭାରତ, ରାମାୟଣ, ବେଦ, ଉପନିଷଦ୍‌ରେ ବିଭିନ୍ନ ପ୍ରକାର ବିମାନ ତଥା ଆକାଶରେ ଉଡି ଯୁଦ୍ଧ କରିପାରୁଥିବା ରଥଗୁଡ଼ିକର ବହୁଳ ପ୍ରୟୋଗର ଦୃଷ୍ଟାନ୍ତ ମିଳେ। ଆମେ ଏହାକୁ କାଳ୍ପନିକ କହି ଏଡ଼ାଇ ଦେଇପାରିବା କିନ୍ତୁ ଏହା ଆମ ମୂର୍ଖାମିର ପରିଚୟ ହେବ। ଥରେ ଭାବି ଦେଖନ୍ତୁ ୧୦-୨୦ ହଜାର ବର୍ଷ ପୂର୍ବେ ବିଶ୍ୱରେ ମାନବ ସଭ୍ୟତା କିପରି ଅବସ୍ଥାରେ ଥିଲା ଓ ଭାରତୀୟ ସଭ୍ୟତାରେ ମହାଭାରତ, ରାମାୟଣ ପରି ଗ୍ରନ୍ଥ ରଚନା କରାଯାଉଥିଲା, ଯଦି କାଳ୍ପନିକ ତା'ହେଲେ ବି ଏପରି ଉନ୍ନତ କଳ୍ପନା କରିପାରୁଥିବା ମନୁଷ୍ୟ ସତରେ କେତେ ବିକଶିତ ଥିଲେ ତାହା ବିଚାରଯୋଗ୍ୟ ନୁହେଁ କି ? ବିଦେଶୀ ଭାଷାସଂସ୍କୃତିକୁ ଆବଶ୍ୟକରୁ ଅଧିକ ପ୍ରାଥମିକତା ଦେବା, ନିଜର ଜ୍ଞାନକୌଶଳ ଉପରେ ଆଜିର ପିଢ଼ି ବିଶ୍ୱାସ ହରାଇବା ମୁଖ୍ୟ କାରଣ। ଯେତେବେଳେ ଅନ୍ୟ ଦେଶଗୁଡ଼ିକ ଆଜି ଭାଷାସଂସ୍କୃତି, ଭାରତୀୟ ସଂସ୍କୃତି, ବେଦ, ଉପନିଷଦ୍ ଉପରେ ଗବେଷଣା କରି ନିଜର ଜ୍ଞାନକୌଶଳକୁ ଅଧିକ ବିକଶିତ କରିଚାଲିଛନ୍ତି ସେତେବେଳେ ଆମେ ବିଦେଶୀ ସଂସ୍କୃତିକୁ ଅନ୍ଧଭଳି ଅନୁସରଣ କରି ନିଜ ଜ୍ଞାନଗାରିମା ପାସୋରି ଚାଲିଛନ୍ତି। ଫଳସ୍ୱରୂପ ଅନ୍ୟ ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଚାଲିଛି।

ଭାରତୀୟ ବାୟୁସେନାରେ ବିଦେଶୀ ଯୁଦ୍ଧବିମାନ କିଛି ନୂଆ କଥା ନୁହେଁ, ଆଗରୁ ରୁଷିଆ ନିର୍ମିତ ମିଗ୍, ସୁଖୋଇ, ଫ୍ରାନ୍ସ ନିର୍ମିତ ମିରାଜ ଆଦି ବହୁ ବିମାନ ଅତୀତରେ ଆମକୁ ଯୁଦ୍ଧରେ ବିଜୟଲାଭ କରିବାରେ ସାହାଯ୍ୟ କରିଛି। ସୈନ୍ୟବାହିନୀ ପାଇଁ ଯୁଦ୍ଧାସ୍ତ୍ର ହେଉ ଅବା ଯୁଦ୍ଧବିମାନ କିମ୍ବା ଯୁଦ୍ଧପୋତ କିଣିବା ଏହା ଏକ ନିତ୍ୟନିରନ୍ତର ପ୍ରକ୍ରିୟା। ତେଣୁ ଏବେ ରାଫାଲକୁ ନେଇ ଏତେ ହଲ୍ଲା କରିବାର କ'ଣ ଆବଶ୍ୟକତା ଅଛି? ଦେଶର ସାଧାରଣ ନାଗରିକ ହିସାବରେ ଆମ ସୈନ୍ୟବାହିନୀର ନିଷ୍ଠା ଓ ପରାକ୍ରମ ଉପରେ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଭରସା ଅଛି ଏବଂ ସର୍ବଦା ରହିଥିବ ମଧ୍ୟ। କିନ୍ତୁ ଏହାକୁ କାହାର ବ୍ୟକ୍ତିଗତ ଉପଲବ୍ଧି ଭାବେ ପ୍ରଚାର କରିବା ବା ରାଜନୈତିକ ମହତ୍ତ୍ୱାକାଂକ୍ଷାର ଚରିତାର୍ଥ ପାଇଁ ନିୟୋଜିତ କରିବା କଦାପି ଉଚିତ ନୁହେଁ। ଯଦି ଆମେ ଏକ ମହାଶକ୍ତି ହେବାକୁ ଚାହୁଁଛେ ତେବେ ଆମକୁ ନିଜ ଜ୍ଞାନକୌଶଳକୁ ପ୍ରାଥମିକତା ଦେବା ସହିତ ଆତ୍ମନିର୍ଭର ହେବାକୁ ପଡ଼ିବ। ଅନ୍ୟର ସାହାଯ୍ୟରେ କି ଦାନରେ ନୁହେଁ।

ସୂଚନା ପ୍ରଯୁକ୍ତିବିତ୍, ସିଙ୍ଗାପୁର

## ପାଠକ ଶ୍ରେଷ୍ଠ ବିଚାରକ

### ଅଣକୋଭିଡ୍ ରୋଗୀଙ୍କୁ ଅବହେଳା

ମହାଶୟ,

ଅଣକୋଭିଡ୍ ରୋଗୀଙ୍କୁ ହେଳା ନ କରିବା ଲାଗି ବାରମ୍ବାର ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହାର ବିପରୀତ ବ୍ୟବସ୍ଥା ଏବେ ପରିଲକ୍ଷିତ ହେଉଛି। ଡାକ୍ତରଖାନାକୁ ସାଧାରଣ ରୋଗୀଟିଏ ଗଲେ ଦୂରଦୂର ମାରମାର କରାଯାଉଛି। 'ସିଆଡ଼େ ବସ'ବୋଲି କୁହାଯାଉଛି। ହାତରେ ଗ୍ଲୋଭ୍ସ ପିନ୍ଧିଥିଲେ ମଧ୍ୟ ରୋଗୀଙ୍କୁ ଛୁଇଁ ତାଙ୍କର ବିପି ଟେଷ୍ଟ କରାଯାଉ ନାହିଁ। କରୋନା ଛୁଆ ନୁହେଁ ବୋଲି କୁହାଯାଉଥିଲେ ମଧ୍ୟ କରୋନା ବାହାନାରେ ଅନ୍ୟ ରୋଗୀମାନଙ୍କୁ ଅଣଦେଖା କରାଯାଉଛି। ଏମିତି ଅବସ୍ଥା ହେଉଛି ଯେଉଁଠି ପ୍ରସବକାଳୀନ ରୋଗୀ ହେଉ କିମ୍ବା ସାଧାରଣ ରୋଗୀଙ୍କୁ ବି ୧୦୮, ୧୦୨ଓ ୧୦୪ ଆମ୍ବୁଲାନ୍ସ ସାହାଯ୍ୟ କରୁନାହାନ୍ତି। ଦାନ୍ତଟିଏ ଉପାଡ଼ିବାକୁ ଗଲେ ରୋଗୀ ଛଟପଟ ହୋଇ ଫେରିବା ଦେଖାଯାଉଛି। ନିଜେ ଡାକ୍ତର କହୁଛନ୍ତି ବଡ଼ ରୋଗ ନ ହେଲେ ଡାକ୍ତରଖାନା ଆସନାହିଁ। ଏବେ ସାଧାରଣ ରୋଗୀ କେମିତି ଚିକିତ୍ସିତ ହେବେ ?

**ସଚ୍ଚିଦାନନ୍ଦ ମିଶ୍ର, ଗଡ଼ ହଳଦିଆ, ଖୋର୍ଦ୍ଧା**

### ଚିରନ୍ତନୀ

ଧାନକ୍ଷେତ ଡାକେ ମୋତେ
ହାତଠାରି ଅବା ସତେ-
କାମ ତୋର ନୀରବରେ ଦେଖିବା
ଆଜି ଖାଲି ବସି ଛବି ଲେଖିବା।
(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୧୫ରୁ ଖୋଲିବ ଏମ୍‌କେସିଜି ଓପିଡି

**ବ୍ରହ୍ମପୁର ଅଫିସ, ୧୨।୮:** ଜନସାଧାରଣଙ୍କ ସୁବିଧା ପାଇଁ ଆସନ୍ତା ୧୫ ତାରିଖରୁ ବ୍ରହ୍ମପୁର ବଡ ମେଡିକାଲ ଓପିଡି ସେବା ଆରମ୍ଭ ହେବ। ଏ ନେଇ ଗଞ୍ଜାମ ଜିଲାପାଳ ଟୁଇଟ୍ କରି ବୁଧବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ଡାକ୍ତରଖାନାକୁ ଆସିବା ସମୟରେ ରୋଗୀମାନେ ସାମାଜିକ ଦୂରତା ରକ୍ଷା କରିବା ସହିତ ମାସ୍କ ପିନ୍ଧିବାକୁ ଜିଲାପାଳ କହିଛନ୍ତି। ଏହି ନିଷ୍ପତ୍ତି କ୍ରମେ ସାଧାରଣ ରୋଗୀ ବିଶେଷଭାବେ ଉପକୃତ ହେବ ବୋଲି ଆଶା କରାଯାଉଛି। ଜିଲା ପ୍ରଶାସନର ଅଧିକାରୀ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ପରେ ଜୁଲାଇ ୮ରୁ ଓପିଡି ବନ୍ଦ କରାଯାଇଥିଲା। ଏହାପରେ ସାଧାରଣ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଓପିଡି ଖୋଲିବାକୁ ବିଭିନ୍ନ ମହଲରେ ଦାବି ପରେ ୨ଟି ଜନସ୍ୱାର୍ଥ ମାମଲା ମଧ୍ୟ ହାଇକୋର୍ଟରେ ରୁଜୁ ହୋଇଥିଲା।

### ପୋଲିସ ବିଭାଗରେ କାର୍ଯ୍ୟରତ ସ୍ନାଇପର ଡଗ୍ 'ବ' ର ମୃତ୍ୟୁ

**ମାଲକାନଗିରି,୧୨।୮(ସ୍ୱ.ପ୍ର.):** ମାଲକାନଗିରି ପୋଲିସ ବିଭାଗରେ କାର୍ଯ୍ୟ କରୁଥିବା ସ୍ନାଇପର କୁକୁରର ବୁଧବାର ମୃତ୍ୟୁ ହୋଇଛି। ଏହି କୁକୁର ଗତ ୪ ବର୍ଷ ଧରି ଜିଲା ପୋଲିସ ବିଭାଗରେ କାର୍ଯ୍ୟ କରୁଥିଲା। ସ୍ନାଇପର ଡଗ୍‌ର ନାମ 'ବ' ରଖାଯାଇଥିଲା। ଏହା ଦାୟିତ୍ୱରେ ସଞ୍ଜୟ କୁମାର ସାହୁ ଥିଲେ। ଗତ କିଛିଦିନ ଧରି ସେ ଅସୁସ୍ଥ ରହିଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତା'ର ମୃତ୍ୟୁ ଘଟିଛି। ପରେ 'ବ' କୁ ସମ୍ମାନର ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ତୋପ ସଲାମି ମଧ୍ୟ ପ୍ରଦାନ କରାଯାଇଥିଲା। ଗତ ୪ବର୍ଷ ମଧ୍ୟରେ ବ ମାଲକାନଗିରି ଜିଲାକୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାହୁଲ ଗାନ୍ଧୀଙ୍କ ଗସ୍ତ ସହ ମାଲକାନଗିରି ରେ ହେଉଥିବା ମାଲ୍ୟବନ୍ତ ଉତ୍ସବ, ଜାନୁୟାରୀ ୨୬, ଅଗଷ୍ଟ୧୫ ବେଳେ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଉଥିଲା।

# ବୃଦ୍ଧିପାଉଛି ବିଭିନ୍ନ ନଦୀ ଜଳସ୍ତର

**ମାଲକାନଗିରି/ଏମ୍‌ଭି-୭୯/କାଲିମେଲା,୧୨।୮(ଡି.ଏନ୍.ଏ.)**

ଲଘୁଚାପ ବର୍ଷା ଯୋଗୁ ମାଲକାନଗିରି ଜିଲାରେ ଥିବା ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଫଳରେ ଜନସାଧାରଣଙ୍କ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଚଳିତ ବର୍ଷ ପ୍ରଥମ କରି ଲଘୁଚାପ ବର୍ଷାରେ ବୁଧବାର ପୋଟେରୁ, କାଙ୍ଗୁରୁକୋଣ୍ଡା, ଏମ୍‌ଭି-୯୬ସ୍ଥିତ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ କାଙ୍ଗୁରୁକୋଣ୍ଡା ଛକ ମୁଖ୍ୟ ରାସ୍ତା ଉପରେ ୩ଫୁଟ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହେଉଛି। ଏଥିଯୋଗୁ ମାଲକାନଗିରି-କାଲିମେଳା ଯାତାୟାତ ଠପ୍ ହୋଇପଡିଛି। କାଙ୍ଗୁରୁକୋଣ୍ଡା ବଜାରରେ ମଧ୍ୟ ବନ୍ୟାଜଳ ପ୍ରବେଶ କରିବା ସହ ସ୍ଥାନୀୟ ଅଞ୍ଚଳ ଜଳ ଘେରରେ ରହିଛି। ଏମ୍‌ଭି-୯୬ସ୍ଥିତ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ କାଲିମେଳାଠାରୁ ଏମ୍‌ଭି-୭୯ ଓ ମୋଟୁକୁ ଯାତାୟାତ ବନ୍ଦ ରହିଛି। ନଦୀର ଉଭୟ ପାର୍ଶ୍ୱରେ ଅନେକ ଗାଡିମୋଟର ଅଟକି ରହିଛି। ବର୍ତ୍ତମାନ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି। ଏପରି ବର୍ଷା ଜାରି ରହିଲେ ଜିଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ସହ ଅନେକ ସ୍ଥାନକୁ ଯାତାୟାତ ବାଧାପ୍ରାପ୍ତ ହେବ। ଚାଷଜମି କ୍ଷତି ହେବା ସମ୍ଭାବନା ରହିଛି। ଏବେ ତଳିଆ ଅଞ୍ଚଳରେ ବନ୍ୟା ଜଳ ପ୍ରବାହିତ ହେଉଛି। ଏମଭି-୯୦ ସ୍ଥିତ ଗୁବୁଲୁର ନାଳ ବ୍ରିଜ ବୁଡିଯାଇଛି। କାଙ୍ଗୁରୁକୋଣ୍ଡା ବନ୍ୟା ଖବର ପାଇ କାଲିମେଳା ତହସିଲଦାର ଆଲୋକ କୁମାର ଅନୁଗୁଳିଆ ଆରଆଇମାନଙ୍କୁ ନେଇ ସ୍ଥିତି ସମୀକ୍ଷା କରିଛନ୍ତି। ବିଡିଓ ଉମା ଶଙ୍କର ଦଳାଇ ମଧ୍ୟ ବନ୍ୟା ଅଞ୍ଚଳ ଉପରେ ନଜର ରଖିଛନ୍ତି। ଥାନା ଅଧିକାରୀ ସୁରଜ କୁମାର ଝାଙ୍କରଙ୍କ ନେତୃତ୍ୱରେ ଅନ୍ୟ ପୋଲିସ କର୍ମଚାରୀମାନେ ବିଭିନ୍ନ ବ୍ରିଜ ପାର୍ଶ୍ୱରେ ରହି ଲୋକମାନଙ୍କୁ ନ ଯିବାପାଇଁ ପରାମର୍ଶ ଦେଉଛନ୍ତି। ଏ ସମ୍ପର୍କରେ ସହକାରୀ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାର, ଜିଲାର ସମସ୍ତ ବ୍ଲକର ଅଧିକାରୀ, କର୍ମଚାରୀଙ୍କୁ ସଜାଗ ରଖାଯାଇଛି। ବନ୍ୟାଜନିତ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବ। ଏଥିପାଇଁ ସମସ୍ତ ବ୍ଲକ, ପଞ୍ଚାୟତରେ ଖାଦ୍ୟ ସାମଗ୍ରୀ, ଗୋଖାଦ୍ୟ, ଡାକ୍ତରଖାନାଗୁଡିକରେ ଔଷଧ ଗଚ୍ଛିତ ରଖାଯାଇଛି। ଉଦ୍ଧାରକାରୀ ଦଳ, ବୋଟ୍, ଅଗ୍ନିଶମ ବିଭାଗ ସଜାଗ ରହିଛନ୍ତି ବୋଲି ସେ କହିଥିଲେ।



କାଙ୍ଗୁରୁକୋଣ୍ଡା ଅଞ୍ଚଳରେ ପ୍ରବାହିତ ବନ୍ୟାଜଳ।

**ଲଗାଣ ବର୍ଷା**

- କାଙ୍ଗୁରୁକୋଣ୍ଡା ଛକରେ ୩ଫୁଟ ବର୍ଷାଜଳ
- କାଲିମେଳା, ଏମ୍‌ଭି,-୭୯ ସହ ମୋଟୁକୁ ଯାତାୟାତ ବନ୍ଦ
- ସମସ୍ତ ଅଧିକାରୀ ସଜାଗ ଅଛନ୍ତି: ପ୍ରଶାସନ

# ଆତ୍ମହତ୍ୟାକୁ ବାଛିଲେ ଶଙ୍କର୍ଷଣ

**ଦଶରଥପୁର, ୧୨।୮ (ଡି.ଏନ୍.ଏ.)**

- କରୋନା କଟକଣାର ଦୁଃଖ
- ବୋଝ ହେଲା କିସ୍ତି ଟଙ୍କା

ମହାମାରୀ କରୋନା ପାଇଁ ଅନେକେ ରୋଜଗାର ହରାଇ ଥିବା ବେଳେ ଅନେକଙ୍କର ବ୍ୟବସାୟ ଠପ୍ ହୋଇଯାଇଛି। ଆର୍ଥିକ ସଙ୍କଟ ଯୋଗୁ ପରିବାରିକ କଳହ ସୃଷ୍ଟି ହେବା ସହ ଏହା ଅନେକଙ୍କ ପରିବାର ଉଜୁଡ଼ି ଯିବାର କାରଣ ବି ପାଲଟୁଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଧୀନ ଦଶରଥପୁର ପଞ୍ଚାୟତ ମଙ୍ଗରାଜ ସାହିରେ। ଆର୍ଥିକ ସଙ୍କଟ ଯୋଗୁ ପାରିବାରିକ କଳହ ପରେ ମାନସିକ ଭାରସାମ୍ୟ ହରାଇ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି ଅନନ୍ତ ସାହୁଙ୍କ ପୁଅ ଶଙ୍କର୍ଷଣ(୨୧)।

ଶଙ୍କର୍ଷଣ ଗତ ୬ମାସ ତଳେ ଫାଇନାନ୍ସରେ ଏକ ଅଟୋ କିଣିଥିଲେ। ଯାହା ରୋଜଗାର ହେଉଥିଲା ସେଥିରେ ପରିବାର ପ୍ରତିପୋଷଣ କରିବା ସହ ଅଟୋ ପାଇଁ କିସ୍ତି ଶୁଝୁଥିଲେ। ମାତ୍ର କରୋନା କଟକଣା ପାଇଁ ଦୀର୍ଘ ମାସ ଧରି ଲକ୍‌ଡାଉନ୍ ଶଟ୍‌ଡାଉନ୍ ହେବା ଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିବାରୁ ରୋଜଗାରର ପନ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଘର ଚଳାଇବା ସହ ଅଟୋ ପାଇଁ କିସ୍ତି ଟଙ୍କା ଶୁଝିବା ନେି ସେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଏ ନେଇ ଶଙ୍କର୍ଷଣ ଓ ତାଙ୍କ ସ୍ତ୍ରୀ କଳ୍ପନାଙ୍କ ମଧ୍ୟରେ ଅନେକ ସମୟରେ କଳିଝଗଡ଼ା ମଧ୍ୟ ହେଉଥିଲା। ୨ ମାସର ବ୍ୟାଙ୍କ କିସ୍ତି ଶୁଝିବାକୁ କଳ୍ପନା ତାଙ୍କ ବାପଘରୁ ଟଙ୍କା ଆଣିଥିଲେ। ତେବେ ୨ଦିନ ତଳେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହେବାରୁ ଶଙ୍କର୍ଷଣ କଳ୍ପନାଙ୍କୁ ମାଡ଼ ମାରିଥିଲେ। ଏ ନେଇ କଳ୍ପନାଙ୍କ ମା ବଣିଆ ପାଟଣାର ମାଳତୀ ପୋଥଳ ବୁଧବାର ପୂର୍ବାହ୍ନରେ ଝୁମ୍ପୁରୀ ବିଟ୍ ହାଉସରେ ଶଙ୍କର୍ଷଣଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଟ୍ ହାଉସ୍‌ର ଦୁଇ ଜଣ କର୍ମଚାରୀ ଶଙ୍କର୍ଷଣଙ୍କ ଘରକୁ ଯାଇ ଏ ସମ୍ପର୍କରେ ପଚରାଉଚରା କରିଥିଲେ। ଏହାପରେ ଶଙ୍କର୍ଷଣ ଘର ଭିତରକୁ ଯାଇ ନିଜ ଦେହରେ ଡିଜେଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କ ଶରୀରର ୯୦ ପ୍ରତିଶତ ପୋଡି ଯାଇଥିବା ବେଳେ ଘର ମଧ୍ୟ ଜଳିଯାଇଥିଲା। ଖବରପାଇ ଦଶରଥପୁର ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶଙ୍କର୍ଷଣଙ୍କୁ ଉଦ୍ଧାର କରାଯାଇ ଏକ ଅଟୋରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ରାସ୍ତାରେ ଅଟୋରୁ ତେଲ ସରିଯାଇଥିଲା। ଏହାପରେ ତାଙ୍କୁ ଦଶରଥପୁର ଅଗ୍ନିଶମ ବିଭାଗ ଗାଡ଼ିରେ ନିଆଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ନିଆଯିବା ରାସ୍ତାରେ ଆମ୍ବୁଲାନ୍ସରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି।



ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି।

# ରହିତାଦେଶ ଉଠାଇବାକୁ ସାନି ମାମଲା

**କଟକ ଅଫିସ,୧୨।୮**

**ବାରିପଦା ଅର୍ବାନ୍ ବ୍ୟାଙ୍କ ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରସଙ୍ଗ**



ବାରିପଦା ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ୍‌କୁ ନେଇ ସୃଷ୍ଟି ହୋଇଥିବା ବିବାଦ ବଢ଼ିବାରେ ଲାଗିଛି। ଉଚ୍ଚତମ ନ୍ୟାୟାଳୟରେ ଏହି ମାମଲା ବିଚାରାଧୀନ ଥିବାବେଳେ ମଙ୍ଗଳବାର ପୁଣି ଏକ ସାନି ମାମଲା ହୋଇଛି। ଏଥିରେ ପକ୍ଷଭୁକ୍ତ ହେବା ପାଇଁ ମଙ୍ଗଳବାର ଜମାକାରୀ ସତ୍ୟବ୍ରତ ମହାନ୍ତି ଓ ଅନ୍ୟମାନେ ହାଇକୋର୍ଟରେ ଆବେଦନ କରିଛନ୍ତି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନ ଗ୍ରହଣ କରି ୨ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି। ଉଭୟ ମାମଲାର ଏକତ୍ର ଶୁଣାଣି କରାଯିବ। ପୂର୍ବରୁ ଜଣିକିଆ ବିଚାରପତି ଦେଇଥିବା ଆଦେଶ ଉପରେ ହାଇକୋର୍ଟ ଯେଉଁ ରହିତାଦେଶ ଜାରି କରିଥିଲେ, ତାହା ବଳବତ୍ତର ରହିବ।

ସୂଚନା ଅନୁଯାୟୀ, ବ୍ୟାଙ୍କ ପରିଚାଳନାରେ ତ୍ରୁଟି ଦର୍ଶାଇ ୨୦୧୪ରେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏହାର ଲାଇସେନ୍ସ ବାତିଲ କରିଥିଲା। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ହୋଇଥିଲା। ଗତ ଜୁନ୍ ୨୫ରେ ମାମଲାର ଶୁଣାଣି ବେଳେ ବ୍ୟାଙ୍କର ୭୨ ହଜାର ଜମାକାରୀ ଟଙ୍କା ଉଠାଇପାରିବେ ବୋଲି ହାଇକୋର୍ଟଙ୍କ ଜଣିକିଆ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ହୋଇଥିଲା। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଜୁଲାଇ ୨୭ରେ ଏହି ଆବେଦନର ଶୁଣାଣି କରି ପୂର୍ବ ଆଦେଶ ଉପରେ ରହିତାଦେଶ ଜାରି କରିଥିଲେ। ମଙ୍ଗଳବାର ଏହି ମାମଲାର ଶୁଣାଣି ବେଳେ ପକ୍ଷଭୁକ୍ତ ହେବା ପାଇଁ ଜମାକାରୀ ସତ୍ୟବ୍ରତ ମହାନ୍ତି ଓ ଅନ୍ୟ ଜମାକାରୀଙ୍କ ପକ୍ଷରୁ ଆଇନଜୀବୀ ନିରଞ୍ଜନ ଲେଙ୍କା ହାଇକୋର୍ଟରେ ଏକ ପିଟିସନ୍ ରୁଜୁ କରିଥିଲେ। ଏଥିରେ ରହିତାଦେଶ ହଟାଇ ଜମା ଅର୍ଥ ଫେରସ୍ତ ପାଇଁ ନିବେଦନ କରାଯାଇଛି। ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ଆଇନଜୀବୀ ଅଶୋକ ମହାନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ବିଭୁ ତ୍ରିପାଠୀ ମାମଲା ପରିଚାଳନା କରିଥିଲେ।

### ମହାନଦୀରେ ବୁଡ଼ି ଆଇଆର୍‌ବି ଯବାନ ମୃତ

**ବୌଦ୍ଧ/ମାଧପୁର,୧୨।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲା ମହାନଦୀରେ ବୁଧବାର ପ୍ରଶିକ୍ଷଣ ବେଳେ ବୁଡିଯାଇ ଜଣେ ଆଇଆର୍‌ବି ଯବାନଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫୁଲବାଣୀର ପ୍ରଦ୍ୟୁମ୍ନ ପଣ୍ଡା (୩୦)। ପ୍ରଶିକ୍ଷଣ ବେଳେ ମୁହଁରେ ଲଗାଇଥିବା ଅକ୍ସିଜେନ୍ ମାସ୍କ କୌଣସି କାରଣରୁ ଖସି ଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମହାନଦୀର ଅପରପାର୍ଶ୍ୱରେ ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତର ବାଙ୍କପାଳ ଘାଟ ରହିଛି। ବୌଦ୍ଧ ପଞ୍ଚମ ଆଇଆର୍‌ବିର ଓଡ୍ରାଫ ସେକ୍ସନ୍ ୨୯ ଜଣିଆ ଏକ ଟିମ୍‌କୁ ଏଠାରେ ତାଲିମ ଦିଆଯାଉଥିଲା। ୨୮ଜଣ ଯବାନ ଉପରକୁ ଆସିଥିଲେ ହେଁ ପ୍ରଦ୍ୟୁମ୍ନ ଆସି ନ ଥିଲେ। ୫ ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ନଂ.୧/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ନିଜସ୍ୱ ଆଇନ ଆଣିବ ଅଗ୍ନିଶମ ବିଭାଗ

**କଟକ ଅଫିସ,୧୨।୮**

- ଏଡିଜିଙ୍କ ଅଧ୍ୟକ୍ଷତାରେ କମିଟି ଗଠିତ
- ୩/୪ ମାସ ଭିତରେ ପ୍ରସ୍ତୁତି ସରିବ

ପୋଲିସ ଓ ଜେଲ୍ ମାନୁଆଲ ଭଳି ଅଗ୍ନିଶମ ବିଭାଗ ନିଜସ୍ୱ ମାନୁଆଲ ବା ଆଇନ ଲାଗୁ କରିବା ପାଇଁ ଯୋଜନା କରୁଛି। ପୂର୍ବରୁ ପୋଲିସ ମାନୁଆଲ୍ ହିଁ ଅଗ୍ନିଶମ ବିଭାଗରେ କାର୍ଯ୍ୟକାରୀ ହେଉଥିଲା। କିନ୍ତୁ ସଙ୍ଗଠନର ସୁପରିଚାଳନା ପାଇଁ ନୂଆ ମାନୁଆଲ ଅଣାଯାଉଥିବା ଜଣେ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

ରାଜ୍ୟରେ ୧୯୪୦ରେ ପୋଲିସ ମାନୁଆଲ ଲାଗୁ ହୋଇଥିଲା। ୧୯୪୪ରୁ ଅଗ୍ନିଶମ ବିଭାଗରେ ଏହି ମାନୁଆଲ୍‌କୁ ବ୍ୟବହାର କରାଯାଉଛି। ଏବେ ନିଜସ୍ୱ ମାନୁଆଲ୍ ପ୍ରସ୍ତୁତ କରିବା ପାଇଁ ଅତିରିକ୍ତ ମହାନିର୍ଦ୍ଦେଶକ (ଅଗ୍ନିଶମ ଓ ଗୃହରକ୍ଷୀ) ସୌମ୍ୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ୩ରୁ ୪ ମାସ ଭିତରେ ମାନୁଆଲ୍ ପ୍ରସ୍ତୁତି ସରିବ ବୋଲି ବିଭାଗ ଆଶା ରଖିଛି। ଏଥିରେ ଅଗ୍ନିଶମ ବାହିନୀର କର୍ମଚାରୀ ଓ ଅଧିକାରୀଙ୍କ ଦାୟିତ୍ୱ, ଭୂମିକା, ବିପର୍ଯ୍ୟୟ ମୁକାବିଲା, ଉଦ୍ଧାର କାର୍ଯ୍ୟ ଓ ଅଗ୍ନି ମୁକାବିଲା ନେଇ ବିଭିନ୍ନ ବିଷୟ ସ୍ଥାନ ପାଇବ। ସେହିଭଳି କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ନିଯୁକ୍ତି ପ୍ରକ୍ରିୟା, ପଦୋନ୍ନତି ନେଇ ଏଥିରେ ସ୍ୱତନ୍ତ୍ର ନିୟମ ରଖାଯିବ। ବିସ୍ତୃତ ଉପକୂଳ ଯୋଗୁ ଓଡ଼ିଶା ପ୍ରତିବର୍ଷ ସାମୁଦ୍ରିକ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥାଏ। ଉପକୂଳବାସୀଙ୍କୁ ବନ୍ୟା ବାତ୍ୟାରୁ ଉଦ୍ଧାର ପାଇଁ ନିୟମିତ ଅଗ୍ନିଶମ କର୍ମଚାରୀଙ୍କୁ ତାଲିମ୍ ଦିଆଯାଉଛି। ବର୍ତ୍ତମାନ ରାଜ୍ୟରେ ୩୪୧ଟି ଦମକଳ କେନ୍ଦ୍ର ଥିବାବେଳେ ପାଖାପାଖି ୫ ହଜାର କର୍ମଚାରୀ କାମ କରୁଛନ୍ତି। ଏଥିସହ ଭୁବନେଶ୍ୱରରେ ଓଡ଼ିଶା ଅଗ୍ନିଶମ ସେବା ପ୍ରଶିକ୍ଷଣ ଅନୁଷ୍ଠାନ (ଓଏଫ୍‌ଡିଆର୍‌ଏ), କଟକ ନରାଜରେ ଓଡ଼ିଶା ଅଗ୍ନିଶମ ଓ ବିପର୍ଯ୍ୟୟ ପ୍ରଶମନ ଅନୁଷ୍ଠାନ (ଓଏଫ୍‌ଡିଆର୍‌ଆଇ) ଏବଂ ପୁରୀ ଜିଲା ରାମଚଣ୍ଡିରେ ଓଡ଼ିଶା ରାଜ୍ୟ ୱାଟର୍‌ମ୍ୟାନଶିପ୍ ଓ ଲାଇଫ୍‌ଗାର୍ଡ଼ ଅନୁଷ୍ଠାନ (ଓଏସ୍‌ଡବ୍ଲ୍ୟୁଏଲ୍‌ଆଇ) ଭଳି ୩ଟି ସ୍ୱତନ୍ତ୍ର ତାଲିମ ଅନୁଷ୍ଠାନ ରହିଛି। ବିଭାଗର ମାନବ ସମ୍ବଳ ଓ କାର୍ଯ୍ୟ ବଢୁଥିବାରୁ ନିଜସ୍ୱ ମାନୁଆଲ୍‌ର ଆବଶ୍ୟକତା ଥିଲା।

# ବହୁମୁଖୀ ସେବାକେନ୍ଦ୍ରରେ ପରିଣତ ହେବ ୧୦୦ ପ୍ୟାକ୍ସ

**୨୬ କୋଟି ଟଙ୍କା ଋଣ ମଞ୍ଜୁର କଲା ନାବାର୍ଡ**

**ଭୁବନେଶ୍ୱର,୧୨।୮(ବ୍ୟୁରୋ):** ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ହ୍ରାସ କରିବା ଏବଂ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଯେପରି ଚାଷୀଙ୍କୁ ମିଳିପାରିବ ସେନେଇ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକରେ ଭିତ୍ତିଭୂମି ପ୍ରତିଷ୍ଠା କରିବାର ଆବଶ୍ୟକତା ଅଛି। କୃଷକଙ୍କ ଉତ୍ପାଦନ ବଢ଼ିବା ସହ ଆୟ ବୃଦ୍ଧି ହେବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୦୦ ପ୍ୟାକ୍ସଗୁଡ଼ିକରେ ଫସଲ ଅମଳ ପରବର୍ତ୍ତୀ ପରିଚାଳନା ନିମନ୍ତେ ଭିତ୍ତିଭୂମି ପ୍ରତିଷ୍ଠା କରି ଏଗୁଡ଼ିକୁ ବହୁମୁଖୀ ସେବାକେନ୍ଦ୍ରରେ ପରିଣତ କରାଯିବ। ଏଥି ନିମନ୍ତେ ନାବାର୍ଡ ପକ୍ଷରୁ ୨୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ରିହାତି ହାରରେ ଯୋଗାଇ ଦିଆଯିବ। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିସରରେ ଆୟୋଜିତ ଏକ ଭିଡିଓ କନ୍‌ଫରେନ୍ସ ବୈଠକରେ ମନ୍ତ୍ରୀ ସ୍ୱାଇଁ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଏବଂ ଡିଆର୍‌ସିଏସ୍ ଓ ଏଆର୍‌ସିଏସ୍‌ଙ୍କ ସହିତ ଆଲୋଚନା କରିଛନ୍ତି।


**PARADIP PORT TRUST**

**e-TENDERING NOTICE**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **Fencing Oil Bom.** The last date and time of submission of the tender is 17.15 Hours on Dt. 31.08.2020. For details log on to website : **https://eprocure.gov.in/eprocure/app.**

**Sr. Dy. Materials Manager**

**PPT/PR/161/20-21 Dt. 12.08.2020**

No. C-95

**BHUBANESWAR MUNICIPAL CORPORATION**

**e-Procurement Notice**

**e-Mail: ee1@bmc.gov.in**

1. Bid Reference No. : BMC-DIV-1-04/2020-21, Dt.10.08.2020
2. Tender Call Notice No. : 32994, Dtd.10.08.2020
3. No. of Works : 04 (Four)
4. Bid Value : Rs.446394/- to Rs.3523036/-
5. Period of Completion : 30 days to 90 days

**Date and Time Schedule**

| Start | End | Opening |
|---|---|---|
| 11.00 A.M. of 12.08.2020 | 5.00 P.M. of 19.08.2020 | 4.30 P.M. of 20.08.2020 |

6. Tender details can be seen for the e-Procurement portal **https://www.tendersodisha.gov.in** & BMC website **https://www.bmc.gov.in.**

**Sd./- Executive Engineer**
**BMC Division - 1**
**OIPR-13002/11/0027/2021**

No. A-190

**GOVT. OF ODISHA**

**OFFICE OF THE ENGINEER-IN-CHIEF WATER RESOURCES, ODISHA, BHUBANESWAR**

**1st Corrigendum to 'e' Procurement Notice No. CELMB 01 to 2020-21**

| | | |
|---|---|---|
| Name of Work | : | Protection to scoured bank of KSD Right Embankment from RD 7.20 Km. to 8.35 Km. (Working RD 7.650 Km. to RD 8.670 Km). |
| Bid Identification No. | : | CELMB PRD 01 of 2020-21 |
| Availability of Tender online for bidding is rescheduled i.e. | : | From 20.08.2020, 10.00 hours to 04.09.2020, 17.00 hours |
| Date of Opening of Technical Bid (Cover-I) is rescheduled i.e. | : | 05.09.2020, 11.00 hours |

All other terms and conditions remian unchanged.

**Chief Engineer, FC & Basin Manager**
**Lower Mahanadi Basin**
**OIPR-32252/11/0002/2021**

No. A-188

**GOVT. OF ODISHA**

**OFFICE OF THE SUPERINTENDING ENGINEER EASTERN CIRCLE - II, CHANDIKHOLE**

**"e" Procurement Notice No. SEEC-II 01 of 2020-21**

| | | | |
|---|---|---|---|
| 1 | Name of the Works | 1 | Scoured Bank Protection and Restoration to Sangadeipur Bhanara TRE near Chatumari under NABARD Assistance RIDF-XXV. |
| | | 2 | Scoured Bank Protection and Restoration to Serapur-Sahapada TRE and Sahupada OAE on Brahmani right embankment from Brahmabarada Bridge to Rudrapur Bridge under NABARD Assistance RIDF-XXV. |
| | | 3 | Scoured Bank Protection and Restoration to Brahmani left embankment from Kakudikuda to Rudrapur under NABARD Assistance RIDF-XXV. |
| | | 4 | Scoured Bank Protection and Restoration to Bainsiria-Kadikama TRE from Sunamuhin to Rajpur under NABARD Assistance RIDF-XXV. |
| | | 5 | Restoration to Brahmani right Embankment from Kharipadia to GokhaSahi under NABARD Assistance RIDF-XXV |
| 2 | Total No. of Packages | : | **5 No. Individual Packages** |
| 3 | Tender Cost | 1 | **Rs. 663.74 Lakh** |
| | | 2 | **Rs. 645.37 Lakh** |
| | | 3 | **Rs.630.57 Lakh** |
| | | 4 | **Rs.334.33 Lakh** |
| | | 5 | **Rs. 215.17 Lakh** |
| 4 | Cost of Bid Document | : | **Rs. 10,000.00 (On-line payment) for each Package** |
| 5 | Bid Security | 1 | **Rs. 6,63,800.00 (On-line payment)** |
| | | 2 | **Rs. 6,45,400.00 (On-line payment)** |
| | | 3 | **Rs. 6,30,600.00(On-line payment)** |
| | | 4 | **Rs.3,34,400.00(On-line payment)** |
| | | 5 | **Rs. 2,15,200.00 (On-line payment)** |
| 6 | Class of Contractor | 1 | **'Special' & 'Super' for Sl. No. 1, 2 & 3** |
| | | 2 | **"A" & "Special" for Sl. No. 4** |
| | | 3 | **"A" & "B" for Sl. No. 5** |
| 7 | Period of Completion | 1 | **18 ( Eighteen) calendar months for Sl. No. 1, 2 & 3** |
| | | 2 | **11 ( Eleven) calendar months for Sl. No. 4 & 5** |

8. Other details are as follows.

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Superintending Engineer, Eastern Circle-II, Chandikhole | **SEEC-II JKID 01 of 2020-21**<br>**SEEC-II JKID 02 of 2020-21**<br>**SEEC-II JKID 03 of 2020-21**<br>**SEEC-II JKID 04 of 2020-21**<br>**SEEC-II JKID 05 of 2020-21** | 20.08.2020 at 10.00 Hrs. | 04.09.2020 upto 17.00 Hrs. | 07.09.2020 at 11.30 Hrs. |

9. e-mail ID : **seec2chandikhole@gmail.com**

Further detailed conditions can be seen from the Govt. website **www.tendersorissa.gov.in.**

**Superintending Engineer**
**Eastern Circle-II, Chandikhole**
**OIPR-32322/11/0001/2021**

No. N-22:-

**STATE SELECTION BOARD**
**DEPARTMENT OF HIGHER EDUCATION**
**GOVT. OF ODISHA**
**BHUBANESWAR -09**
**Advt. No. 004/2020**

**SECOND CORRIGENDUM NOTICE**

It is hereby notified for all concerned that the second Corrigendum Notice vide no. 702 dt. 12.08.2020 has been issued in which the North Orissa University is added and the last date of submission of on-line application has been extended to 31.08.2020.

All concerned are requested to visit the website: **www.ssbodisha.nic.in** for further details.

Sd/-
Secretary, SSB
OIPR-11015/11/0008/2021

**ODISHA HYDRO POWER CORPORATION LTD.**
(A Government of Odisha Undertaking)
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
AT/P.O.- BARINIPUT, DIST.- KORAPUT - 764006
PHONE.: (06854) 242001, FAX: (06854) 242038, Email: sgmel_ukhep@ohpcltd.com
No.: OHPC:SGM:UKHEP:Tech Dated, Bariniput the

**NOTICE INVITING TENDER No. 11/2020-21, Date: 10.08.2020**

No. CAD-346: Sealed tenders are invited in sealed envelopes from the reputed Authorized Dealers/reputed suppliers for "Supply of Cora Cloth (Plain) for UKHEP, Bariniput, Dist.- Koraput, Odisha".

| Sl. No. | Description of Materials | Cost of Tender Paper | EMD in Rs. |
|---|---|---|---|
| 1 | "Supply of Cora Cloth (Plain) for UKHEP, Bariniput, Dist.- Koraput, Odisha". | Rs.2360/- (Rs.2000/- + 18% GST) | @ 1% of Quoted Value |

Sale of Tender Paper : From 20.08.2020 to 13.00 hrs. of 09.09.2020
Last date of submission of Tender : Upto 16.00 hrs. of 09.09.2020
Date & time of Opening of Tender : At 16.30 hrs. of 09.09.2020
For details of the tender documents, terms and conditions please visit our website **www.ohpcltd.com.**

**Sd./- C & P Head**
**UKHEP, Bariniput**
**OIPR-04002/11/0011/2021**

File No. EMERG-25/17/2020-EMERGENCY - JAGATSINGHPUR COLLECTOR

**DISTRICT OFFICE, JAGATSINGHPUR**
**(Emergency Section)**
**No. 8754/Emg** **Date: 10.08.2020**

**ADVERTISEMENT**

No.F-32: Applications are invited from intending and eligible male candidates for the Post of Temporary Launch Drivers and Khalasis to be posted in different blocks of Jagatsinghpur district. Details of the eligibility criteria, age, qualification etc. can be downloaded from the district website i.e. **https://jagatsinghpur.nic.in**. Interested candidates fulfilling the eligibility criteria may submit their applications along with relevant documents to the Collector, Jagatsinghpur latest by 5.00 P.M. on 18th August, 2020 through Speed Post/Regd. Post/ Courier or put in the Drop Box placed at Collectorate. The envelope containing the application must be superscribed on the top as "Application for the Post of Driver or Khalasi". Any modification or alternation, if so required, will be intimated through the district website. The authority reserves the right to cancel or modify the advertisement without assigning any reason thereof.

**Sd./- Collector and District Magistrate**
**Jagatsinghpur**
**OIPR-24139/11/0002/2021**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଅଗଷ୍ଟ, ୨୦୨୦



## ସଂକ୍ଷେପରେ

### ପୋଲତଳୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

**ହତ୍ୟା ମାମଲା ରୁଜୁ, ଦୁଇ ଅଟକ**

**ତିର୍ତ୍ତୋଲ,୧୨।୮(ଡି.ଏନ.ଏ.):** ତିର୍ତ୍ତୋଲ ପୋଲିସ ସୋମବାର ସକାଳେ ତାରତୋଲ ମହାନଦୀ ପୋଲ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତ ଯୁବକଙ୍କ ପରିଚୟ ମିଳିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ନୟାଗଡ ଜିଲା ଦଶପଲ୍ଲା ନିକଟ ନରାଜପଡ଼ାର ଶରତ ନାୟକ (୨୮)। ସେ ଏକ ପିକଅପ ଭ୍ୟାନ ଆଣି ଏଠାକୁ ଆସିଥିଲେ। ସେ ଚଳାଉଥିବା ପିକ୍‌ଅପ୍ ଭ୍ୟାନକୁ ଏହିଥାନା ଅନ୍ତର୍ଗତ ବଣିତୋରୁ ଜବତ କରାଯାଇଛି। ଏହି ଘଟଣାରେ ଗ୍ରାମର ଜଣେ ଓ ଗଞ୍ଜାମ ଜିଲାର ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି। ସମ୍ପୃକ୍ତ ବ୍ୟକ୍ତି ଭୁବନେଶ୍ୱରରେ ରହି ଅଟୋ ଚଳାଉଥିଲେ। ତେବେ ସେହିଦିନ ସକାଳୁ ମୃତକ ଚଳାଉଥିବା ପିକଅପ ଭ୍ୟାନ ନେଇ ସମ୍ପୃକ୍ତ ବ୍ୟକ୍ତି ଘରକୁ ଯାଇଥିଲେ ବୋଲି ପୋଲିସ ସୂଚନା ପାଇଛି। ତେବେ ସେ ଚାଳକଙ୍କୁ ହତ୍ୟା କରି ପିକଅପ ଭ୍ୟାନକୁ ନେଇ ପଳାଇ ଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ଥିବାରୁ ଅଧିକ ସୂଚନା ଦେବାକୁ ତଦନ୍ତ ଅଧିକାରୀ ଅନିରୁଦ୍ଧ ନାୟକ ମନା କରିଦେଇଛନ୍ତି। ଏନେଇ ଥାନାରେ ମାମଲା (୨୬୪/୨୦) ରୁଜୁ ହୋଇଛି।

### ବଳରାମ ପ୍ରସାଦରେ ନନ୍ଦୋତ୍ସବ

**ଖଣ୍ଡପଡ଼ା,୧୨।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତ ବଳରାମ ପ୍ରସାଦ ଗ୍ରାମରେ ବୁଧବାର ଗୋପାଳ ସମାଜ ପକ୍ଷରୁ କୃଷ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କୁନି କୁନି ପିଲାମାନଙ୍କୁ କୃଷ୍ଣ, ବଳରାମ ଓ ଗୋପାଳ ବାଳକ ବେଶରେ ସଜ୍ଜିତ କରାଯାଇ ନନ୍ଦ ରାଜାଙ୍କ ସହିତ ଗ୍ରାମ ପରିକ୍ରମା କରାଯାଇଥିଲା। ସେହିପରି ଖଣ୍ଡପଡ଼ା ସାଇ ବୃନ୍ଦାବନ ଧାମ, କଣ୍ଟିଲୋସ୍ଥିତ ରାଧା ମୋହନ ଜୀଉ ମଠ, ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ମଠ, ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ ଗ୍ରାମରେ ନନ୍ଦୋତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବେଶବିତ୍ ଅନ୍ତର୍ଯାମୀ ସାହୁଙ୍କ ସହ ଗ୍ରାମବାସୀ ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ।

### ଅସରାଏ ବର୍ଷାରେ ସିଂହପୁର ଗାଁ ରାସ୍ତା ଜଳାର୍ଣ୍ଣବ

**ସିଂହପୁର, ୧୨।୮ (ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅଧୀନ ସିଂହପୁର ଗ୍ରାମ ରାସ୍ତା ଅସରାଏ ବର୍ଷାରେ ଜଳାର୍ଣ୍ଣବ ହୋଇପଡୁଛି। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ତିଆରି ହୋଇଥିଲେ ବି ଏଥିରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ରାସ୍ତାରେ ବର୍ଷାଜଳ ଲହଡ଼ି ମାରୁଥିବାରୁ ଲୋକମାନଙ୍କ ଯାତାୟାତରେ ବହୁ ଅସୁବିଧା ହେଉଛି। ତେବେ ଡ୍ରେନ୍ ସଫେଇ କରାଯାଇ ଗାଁ ରାସ୍ତାରୁ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# 'ଯନ୍ତ୍ରୀ, ଠିକାଦାରଙ୍କୁ ସୁହାଉଛି ବିପର୍ଯ୍ୟୟ'

**ଯାଜପୁର ଅଫିସ୍,୧୨।୮**

> **ଗ୍ରାମ୍ୟ ନିର୍ମାଣ ବିଭାଗ**
> - ସାମାନ୍ୟ ମରାମତି କରି ଫନୀ ଅର୍ଥ ହରିଲୁଟ ଅଭିଯୋଗ
> - ହାଇସ୍କୁଲର ମରାମତି ନାଁରେ ଲକ୍ଷାଧିକ ଟଙ୍କା ହେରଫେର
> - ପ୍ରକୃତ କ୍ଷତିଗ୍ରସ୍ତ ଚାଷୀ, ହସ୍ତଶିଳ୍ପୀଙ୍କୁ ଅଣଦେଖା

ସାମୁଦ୍ରିକ ବାତ୍ୟା ଫନୀରେ ଯାଜପୁର ଜିଲାର କେତେକ ହାଇସ୍କୁଲ ଗୃହ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଇ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ ପକ୍ଷରୁ ମରାମତି ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ନ୍ୟାଶନାଲ ଡିଜାଷ୍ଟର ରେସପନ୍ସ ଫଣ୍ଡରୁ ସରକାରୀ ଗୃହ ମରାମତି ପାଇଁ ୮୨ ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ବେଳେ ୪୦ଟି ହାଇସ୍କୁଲର ମରାମତି ପାଇଁ ଗତ ମାର୍ଚ୍ଚରେ ୭୯.୨୩ ଲକ୍ଷ ଟଙ୍କାର ଚୁକ୍ତି ହୋଇଥିଲା। ସେଥିରୁ ୬୩.୪୦ ଲକ୍ଷ ଟଙ୍କା ଖର୍ଚ୍ଚ ସରିଥିବା ବେଳେ ୧୫.୮୩ ଲକ୍ଷ ଟଙ୍କା ବଳକା ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ମର୍ମରେ ଜାରକା ଡିଭିଜନ ନିର୍ବାହୀ ଯନ୍ତ୍ରୀ ଭାସ୍କର ସାହୁ ସୋମବାର ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର(ବିଲ୍ଡିଂ)ଙ୍କୁ ସବିଶେଷ ଖର୍ଚ୍ଚ ତାଲିକା ପ୍ରଦାନ କରିଛନ୍ତି।

ବାସ୍ତବରେ ୧୫ରୁ ୨୦ ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ କରାଯାଇ କେତେକ ହାଇସ୍କୁଲର ପାଚେରି ନିର୍ମାଣ କରାଯାଇଥିବା ବେଳେ ଅନ୍ୟ କେତେକ ହାଇସ୍କୁଲ ପାହାଚରେ ଟାଇଲ୍ ପକାଯାଇଥିବା ଦେଖାଯାଇଛି। ଏଥିରେ ଜେନାପୁର ହାଇସ୍କୁଲ, ଛତିଆ, ହିଙ୍ଗୁଳା ଗୋପାଳ ପଣ୍ଡା, ଜାବରା, ଶ୍ରୀବନ୍ତପୁର ହାଇସ୍କୁଲ ପ୍ରଭୃତିକୁ ଉଦାହରଣ ଭାବେ ନିଆଯାଇପାରେ। ଫନୀ ବାତ୍ୟାରେ ଜିଲାର ବଡ଼ଚଣା, ଧର୍ମଶାଳା, ବରୀ ଓ ରସୁଲପୁର ବ୍ଲକ ଅଞ୍ଚଳର ଚାଷ, ଗୃହପାଳିତ ପ୍ରାଣୀ ଓ ହସ୍ତଶିଳ୍ପ ଆଦି କ୍ଷତିଗ୍ରସ୍ତ ହୋଇଥିବା ବେଳେ ସରକାରୀ ଗୃହ ଉପରେ ସେତେଟା ପ୍ରଭାବ ପଡି ନ ଥିଲା। ମାତ୍ର ଏଭଳି ଭାବେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାର ମିଶି ଲକ୍ଷାଧିକ ଟଙ୍କା ହରିଲୁଟ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗର ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପ୍ରାକୃତିକ ବିପର୍ଯ୍ୟୟରେ ବର୍ଷବର୍ଷର ସଞ୍ଚିତ ସମ୍ବଳ, ବୃକ୍ଷ ସମ୍ପଦ, ପଲ୍ଲୀଜୀବନ, ଗୃହପାଳିତ ପଶୁପକ୍ଷୀ ପ୍ରଭୃତି ନିଶ୍ଚିହ୍ନ ହୋଇପଡୁଛି। ହେଲେ ଯାଜପୁର ଜିଲାରେ ସରକାରଙ୍କ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ବେଶ୍ ସୁହାଉଥିବା ବିପନ୍ନମାନେ ଅଭିଯୋଗ କରୁଛନ୍ତି। ବିପର୍ଯ୍ୟୟ ବେଳେ ସରକାରୀ ସମ୍ପତ୍ତି ଭାବେ ରାସ୍ତାଘାଟ, ଗୃହ, ପାନୀୟ ଜଳ ପ୍ରକଳ୍ପ ଆଦି କିଞ୍ଚିତ ପ୍ରଭାବିତ ହୋଇଥାଏ ସତ, ହେଲେ ଏହାର ସୁଯୋଗରେ କୋଟି କୋଟି ଟଙ୍କା ମଞ୍ଜୁର କରାଇ ଯନ୍ତ୍ରୀ, ଠିକାଦାର ଓ ନେତା ମାଲାମାଲ୍ ହେଉଛନ୍ତି। ଗତ ତିତ୍‌ଲି ବାତ୍ୟାରେ ଜିଲାରେ ସେଭଳି କିଛି କ୍ଷୟକ୍ଷତି ହୋଇ ନ ଥିଲେ ବି ଜିଲାର ୧୦୪ ପାନୀୟ ଜଳ ପ୍ରକଳ୍ପ ମରାମତି ନାମରେ ୧.୫୨ କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ୨୦୧୯ ମେ ୩ ତାରିଖରେ ସାମୁଦ୍ରିକ ବାତ୍ୟା ଫନୀ ଯୋଗୁ ଉପକୂଳବର୍ତ୍ତୀ ଜିଲା ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର କ୍ଷତିଗ୍ରସ୍ତ ହୋଇଥିଲା। ଯାଜପୁର ଜିଲାରେ ବିଦ୍ୟୁତ୍ ଖୁଣ୍ଟ, ଚାଳ ଛପର ଘର, କୃଷି, ଗୃହପାଳିତ ପ୍ରାଣୀ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲେ। କିନ୍ତୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ବଡ଼ଚଣା, ଧର୍ମଶାଳା ଓ ରସୁଲପୁର ବ୍ଲକର ସରକାରୀ ଗୃହ, ରାସ୍ତା ମରାମତି ପାଇଁ ପ୍ରାୟ ୧୦କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଅନୁଦାନ ଆସିବା ପରେ ଖଡ଼ିଆଙ୍ଗ ହାଇସ୍କୁଲ, ସମରେଶ୍ୱର ବିଦ୍ୟାପୀଠ, ଜନତା ବିଦ୍ୟାପୀଠ, ଜାବରା, ଦର୍ପଣୀଗଡ଼ ଲାଲ୍‌ବାହାଦୁର ହାଇସ୍କୁଲ, ନୂଆଗାଁ ପଞ୍ଚାୟତ ହାଇସ୍କୁଲ, କବାଟବନ୍ଧ ହାଇସ୍କୁଲ, ଜେନାପୁର ହାଇସ୍କୁଲ ପ୍ରଭୃତି ୩୬ ହାଇସ୍କୁଲର ମରାମତି ସରିଥିବା ବେଳେ ୬ଟିର ମରାମତି ଚାଲିଥିବା ରିପୋର୍ଟରେ ଦର୍ଶାଯାଇଛି।

ଜେନାପୁର ହାଇସ୍କୁଲ ଶିଢ଼ିପାହାଚରେ କେବଳ ଟାଇଲ୍ ପକାଯାଇଥିବା ଜଣାପଡ଼ିଥିବା ବେଳେ ଏଥିରେ ୧ଲକ୍ଷ ୯୮ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ବିଲ୍‌ରେ ଦର୍ଶାଯାଇଛି। ସେହିଭଳି ହିଙ୍ଗୁଳା ଗୋପାଳ ପଣ୍ଡା ହାଇସ୍କୁଲକୁ ଗତ ମାର୍ଚ୍ଚରୁ କୋଭିଡ୍ ପାଇଁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଛି। ଏହାସହ ଗତ ୬ ମାସ ମଧ୍ୟରେ ଏହି ହାଇସ୍କୁଲର କୌଣସି ମରାମତି କାର୍ଯ୍ୟ କରାଯାଇନାହିଁ ବୋଲି ଗୋପାଳପୁର ଗ୍ରାମର ଅକ୍ଷୟ କୁମାର ଦାସ କହିଛନ୍ତି। ମାତ୍ର ସେହି ସ୍କୁଲ ମରାମତି ପାଇଁ ବିଭାଗ ପକ୍ଷରୁ ୧ଲକ୍ଷ ୯୫ ହଜାର ଖର୍ଚ୍ଚ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ଜାବରା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ, ଫନୀ ଅନୁଦାନ ତାଙ୍କ ଅଗୋଚରରେ ଖର୍ଚ୍ଚ ହୋଇଛି। ପ୍ରାଇମେରୀ ସ୍କୁଲ ଗୃହ ରଙ୍ଗ କରାଯାଇଥିବା ବେଳେ ୯ମ ଓ ୧୦ମ ଶ୍ରେଣୀଗୃହର ଢ଼ଳେଇ କାର୍ଯ୍ୟ କରାଯାଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜାରକା ଡିଭିଜନ ନିର୍ବାହୀ ଯନ୍ତ୍ରୀ ଭାସ୍କର ସାହୁଙ୍କୁ ପଚାରିବାରେ, ହାଇସ୍କୁଲ ମରାମତି ପାଇଁ ମିଳିଥିବା ଅର୍ଥରେ କୌଣସି ଅନିୟମିତତା ହୋଇନାହିଁ। ତଥାପି ତଦନ୍ତ କରାଯିବ ବୋଲି କହିଛନ୍ତି।



ଜେନାପୁର ହାଇସ୍କୁଲ ପାହାଚରେ ଟାଇଲ ପକାଯାଇଛି।



ନୂତନ ଭାବେ ନିର୍ମାଣ କରାଯାଇଥିବା ଛତିଆ ହାଇସ୍କୁଲ ପାଚେରି।

# ୨୪ କୋଟିର ରାସ୍ତାରେ ଭାରିଯାନ ଚଳାଚଳ ମନା

**ଯାଜପୁର ଅଫିସ୍, ୧୨।୮**

> **ପୂର୍ତ୍ତ ବିଭାଗର ଅଜବ ନୀତି**
> - ରାସ୍ତାରେ ଲାଗିଛି ଲୁହାଗେଟ୍
> - ସୂଚନା ଅଧିକାର ଆଇନ ବଳରେ ମିଳୁନି ତଥ୍ୟ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ୨୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ନିର୍ମାଣ କରାଯାଇଛି। ହେଲେ ସେହି ରାସ୍ତା ଦେଇ ଭାରିଯାନ ଚଳାଚଳ ନ କରିବାକୁ ଗୋକର୍ଣ୍ଣେଶ୍ୱରଠାରୁ ବୃଦ୍ଧଲିଙ୍ଗ, ମଝିପଡ଼ା ରାସ୍ତା ଓ ନାକପୋଲ ଚଣ୍ଡିଖୋଲ ରାସ୍ତାରେ ଯାଜପୁର ପୂର୍ତ୍ତ ବିଭାଗ ପକ୍ଷରୁ ଲୁହାଗେଟ୍ ଲଗାଯାଇଛି। ଏହାବାଦ ରାସ୍ତା ନିର୍ମାଣ ସଂକ୍ରାନ୍ତରେ ସବିଶେଷ ତଥ୍ୟ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିଲେ ହେଁ ମିଳୁ ନ ଥିବା ସୂଚନାଧିକାର କର୍ମୀ ସର୍ବେଶ୍ୱର ବେହୁରା ଅଭିଯୋଗ କରିଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ତଥ୍ୟ ନ ମିଳିଲେ ୧୭ ତାରିଖରେ ପାଣିକୋଇଲି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବେହୁରା ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଏହି ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାର ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପୂର୍ତ୍ତ ବିଭାଗକୁ ଦିଆଯାଇଛି। ୨୦ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ସୁଦୃଢ଼ୀକରଣ ପାଇଁ ୨୦୧୬-୧୭ରେ ଟେଣ୍ଡର କରାଯାଇଥିଲା। ରାସ୍ତା କାର୍ଯ୍ୟ ୩୦।୪।୨୦୧୮ରେ ଶେଷ ହେବା କଥା। ମାତ୍ର ଶେଷ ହୋଇ ନ ପାରିବାରୁ ପରବର୍ତ୍ତୀ ସମୟରେ ରସ୍ତାର ବ୍ୟୟ ଅଟକଳ ୨୪ କୋଟି ୪୭ ଲକ୍ଷ ୪୩ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା। କାମ ଶେଷ ହେବା ପରେ ଲୁହା ଗେଟ୍ ସ୍ଥାପନ ଯୋଗୁ ଏହି ରାସ୍ତାଦେଇ ବସ୍ କିମ୍ବା ଟ୍ରକ ଯିବାଆସିବା ସମ୍ଭବ ହୋଇପାରୁନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ରାସ୍ତା ନଷ୍ଟ ହୋଇଯିବା ଆଶଙ୍କାରେ ବିଭାଗ ଏଭଳି ପଦକ୍ଷେପ ନେଇଥିବା ଅଞ୍ଚଳବାସୀ କହିଛନ୍ତି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଜାରକା ସବ୍‌ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରେ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟ ନିଶ୍ଚିତ ଭାବେ ଦିଆଯିବ। ତେବେ ବନ୍ଧ ରାସ୍ତା ହୋଇଥିବାରୁ ରାସ୍ତାର ସୁରକ୍ଷା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି।

## କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ଚାରାରୋପଣ

**ଧର୍ମଶାଳା, ୧୨।୮ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ପଣ୍ଡୁଆ ମୌଜାରେ କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ଅଢ଼େଇ ଏକର ଜମିରେ ଚାରାରୋପଣ କରାଯାଇଛି। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଫାଉଣ୍ଡେଶନର ଉପଦେଷ୍ଟା ଶ୍ରୀନିବାସ ଜେନାଙ୍କ ତତ୍ତ୍ୱାବଧାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଉକ୍ତ ଜମିରେ ପାଚେରୀ ନିର୍ମାଣ କରାଯାଇ ୫ଶହ ବିଭିନ୍ନ ପ୍ରକାରର ପ୍ରକାର ଔଷଧୀୟ ଓ ଫଳ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଧର୍ମଶାଳା ତହସିଲଦାର ସରୋଜ କୁମାର ପାଣ୍ଡା, ବିଡିଓ ସ୍ମିତା ରଥ, ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ, ଦେବୀ ପ୍ରସନ୍ନ ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି, ଯୁବନେତା ପ୍ରତାପ ପ୍ରଧାନ, ସଂଗ୍ରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଭଗତପୁର ବାଲିଘାଟ ବନ୍ଦ ଦାବି

**ରସୁଲପୁର, ୧୨।୮ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନ ବାରବାଟି ପଞ୍ଚାୟତ ଭଗତପୁର ନିଲାମ ଘାଟରୁ ବାଲି ପରିବହନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଉକ୍ତ ଘାଟରୁ ବାଲି ଉଠାଣ ଜନସ୍ୱାର୍ଥ ବିରୋଧୀ ବୋଲି ଦର୍ଶାଇ ଗ୍ରାମବାସୀଙ୍କ ପକ୍ଷରୁ ରାଜସ୍ୱ ଡିଭିଜିନାଲ କମିଶନର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ବନ ବିଭାଗ, ଯାଜପୁର ଜିଲାପାଳ, ଜଙ୍ଗଲ ସଂରକ୍ଷଣ ଅଧିକାରୀ, ରସୁଲପୁର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି।

ନଦୀବନ୍ଧ ପାର୍ଶ୍ୱରେ ଶତାଧିକ ବାସଗୃହ ରହିଥିବା ବେଳେ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ମନ୍ଦିର ଆଦି ରହିଛି। ନିଲାମ ବାଲିଘାଟ ନିକଟରେ ଭଗତପୁର ନାମକ ଏକ ଗାଁ ରହିଥିବା ବେଳେ ନଦୀ ଗର୍ଭରେ ଥିବା ବାଲିକୁଦଗୁଡ଼ିକ ଯୋଗୁ ଉକ୍ତ ଗ୍ରାମ ବନ୍ୟା ଦାଉରୁ ରକ୍ଷା ପାଇପାରୁଛି। ହେଲେ ଏସବୁ ଦିଗକୁ ଦୃଷ୍ଟି ଦିଆ ନ ଯାଇ ବାଲିଘାଟ ନିଲାମ ଦିଆଯାଇଛି। ଉକ୍ତ ଘାଟ ନିଲାମ ହେବା ପୂର୍ବରୁ ଜନଶୁଣାଣି କରାଯାଇନାହିଁ। ନିଲାମଧାରୀ ବାଲି ଉଠାଇବା ପାଇଁ ନଦୀବନ୍ଧ ଓ ଗ୍ରାମ୍ୟ ରାସ୍ତାକୁ ବ୍ୟବହାର କରୁଛନ୍ତି। ଏହି ରାସ୍ତାରେ ବାଲି ପରିବହନ କରାଗଲେ ଧନଜୀବନ ହାନି ଘଟିବ। ତେଣୁ ସ୍ଥାନୀୟ ଲୋକେ ଏହି ନିଲାମ ବାଲିଘାଟକୁ ବନ୍ଦ କରିବାକୁ ଦାବି କରି ବାଲି ବୋଝେଇ ଟ୍ରାକ୍ଟରକୁ ଅଟକ ରଖି ବାଲିଘାଟ ନିକଟରେ ବିକ୍ଷୋଭ କରିଥିଲେ। ଖବରପାଇ ଧର୍ମଶାଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ଗ୍ରାମବାସୀଙ୍କ ପକ୍ଷରୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅନିଲ କୁମାର ସାମଲଙ୍କୁ ଫୋନ୍ ଯୋଗେ ଏ ନେଇ ଅଭିଯୋଗ କରାଯାାଇଥିଲା। ତେବେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପଠାଇ ସ୍ଥିତି ପରଖିବାକୁ କମିଶନର ପ୍ରତିଶ୍ରୁତି ଦେବା ଓ ବାଲି ପରିବହନ ବନ୍ଦ ନେଇ ପୋଲିସ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରେ, ସେ ଲୋକଙ୍କ ଅଭିଯୋଗ ପାଇଛନ୍ତି। ଅଭିଯୋଗର ସତ୍ୟାସତ୍ୟକୁ ପରଖିଲା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ବାଲିଘାଟ ବନ୍ଦ ଦାବିରେ ଅଞ୍ଚଳବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**କେନ୍ଦ୍ରାପଡ଼ା ଅଫିସ, ୧୨।୮**

> **କେନ୍ଦ୍ରାପଡ଼ା ଜିଲା**
> - ୨୪ ପିଏଚ୍‌ସିରେ ନାହାନ୍ତି ଡାକ୍ତର
> - କ୍ୱାକ୍ ଓ ନର୍ସିଂହୋମ ପ୍ରାଦୁର୍ଭାବ ବଢ଼ୁଛି
> - ଉପାନ୍ତ ଅଞ୍ଚଳରେ ପହଞ୍ଚିପାରୁନି ସ୍ୱାସ୍ଥ୍ୟସେବା

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ବିଚଳିତ କରୁଛି। କରୋନା ମହାମାରୀ ସମସ୍ୟାକୁ ଦ୍ୱିଗୁଣିତ କରିଛି। ସାମାଜିକ ଦୂରତ୍ୱ ପାଇଁ ଡାକ୍ତରଖାନାରେ ରୋଗୀଦେଖା କମ୍ ରହୁଥିବା ବେଳେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ଜଟିଳ ହୋଇଛି। ଜିଲାରେ ୨୪ ପିଏଚ୍‌ସିରେ ଡାକ୍ତର ନାହାନ୍ତି। ଫଳରେ ଗ୍ରାମାଞ୍ଚଳରେ କ୍ୱାକ୍‌ଙ୍କ ସଂଖ୍ୟା ବଢ଼ୁଛି। ସେହିପରି ନର୍ସିଂହୋମରେ ଏହାର ପ୍ରଭାବ ପଡୁଛି। କୋଭିଡ୍ ୧୯ ପରିଚାଳନା ସହିତ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରେ ମତପ୍ରକାଶ ପାଉଛି ।

ସୂଚନା ଅଧିକାର କର୍ମୀ ବିଭୂତିଭୂଷଣ ରାଉତ କହନ୍ତି, ରାଜକନିକା ବ୍ଲକର ୨, ଡେରାବିଶର ୪, ମହାକାଳପଡାର ୭, ମାର୍ଶାଘାଇର ୨, ରାଜନଗରର ୩, ଆଳିର ୨ଟି ପିଏଚ୍‌ସି ସହିତ ଗରଦପୁର ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ପିଏଚ୍‌ସିରେ ଡାକ୍ତର ନାହାନ୍ତି। ଫଳରେ ଜିଲାର ଉପାନ୍ତ ଅଞ୍ଚଳରେ ଥିବା ଗ୍ରାମରେ ସ୍ୱାସ୍ଥ୍ୟସେବା ପହଞ୍ଚି ପାରୁନାହିଁ। ତାଙ୍ଗମାଳ, ତାଳଚୁଆ, ଈଶ୍ୱରପୁର ଅଞ୍ଚଳରେ ଗତ ଦୁଇବର୍ଷ ଧରି ଡାକ୍ତର ନାହାନ୍ତି। ଏହି ଅଞ୍ଚଳରେ କ୍ୱାକ୍‌ଙ୍କ ସଂଖ୍ୟା ଆଶାତୀତ ବଢ଼ିଯାଇଛି। ବଙ୍ଗଭାଷୀ ଅଞ୍ଚଳରେ କ୍ୱାକ୍‌ମାନେ ଘରୋଇ ଭାବେ ଚିକିତ୍ସା କରୁଛନ୍ତି । ଏଥିଯୋଗୁ ୨୦୧୯ରେ ତନ୍ତିଆପାଳରେ ଜଣେ ମହିଳା ଓ ଗୋଟିଏ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ବର୍ଷସାରା ଏହି କ୍ୱାକ୍‌ଙ୍କ ଯୋଗୁ ବହୁ ରୋଗୀଙ୍କ ଜୀବନ ଯାଉଥିବା ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହନ୍ତି, କରୋନା ମହାମାରୀ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାଏଲିସିସ୍ ବନ୍ଦ ହୋଇଥିବା ବେଳେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି। ଯେଉଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଛନ୍ତି ସେମାନେ ରୋଗୀଙ୍କୁ ଛୁଇଁ ପରୀକ୍ଷା କରିବାକୁ ଅରାଜି ହେଉଛନ୍ତି। ସେହିପରି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ କୋଭିଡ୍ ୧୯ ପରିଚାଳନାରେ ନିଯୁକ୍ତ ହୋଇଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। ଜିଲାରେ ପ୍ରତିବର୍ଷ ଡେଙ୍ଗୁ, ମ୍ୟାଲେରିଆ ପରି ଜଳବାହିତ ରୋଗରେ ବହୁ ବ୍ୟକ୍ତିଙ୍କ ମୃତ୍ୟୁ ହୁଏ। ଚଳିତ ବର୍ଷ ଏ ନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ସାଧାରଣ ଲୋକ ଚିକିତ୍ସା ସେବା ନ ପାଇ ବାଧ୍ୟ ହୋଇ କ୍ୱାକ୍‌ଙ୍କ ଆଶ୍ରିତ ହେଉଥିବା ସେ କ୍ଷୋଭର ସହ କହିଛନ୍ତି । ନିକିରାଇ ସରପଞ୍ଚ ବାସୁଦେବ ଜେନା କହନ୍ତି, ତାଙ୍କ ଝିଅ ଗର୍ଭବତୀ ଥିଲେ। ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ ମଧ୍ୟ ସ୍ୱାସ୍ଥ୍ୟ ସେବା ପରିଚାଳନାକୁ ଦୃଷ୍ଟିରେ ରଖି ମଙ୍ଗଳବାର ସନ୍ଧ୍ୟାରେ ମେଡିକାଲ ଛକର ଏକ ଘରୋଇ ନର୍ସିଂହୋମରେ ରଖିଥିଲେ। ଏଠାରେ ଚିକିତ୍ସା ଅବହେଳାରୁ ଏକ ମୃତ ସନ୍ତାନ ଜନ୍ମ ନେଇଛି। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । କୋଭିଡ୍ ୧୯ ନିୟମ ମାନି ଜିଲାର ସ୍ୱାସ୍ଥ୍ୟସେବା ପରିଚାଳନା ପାଇଁ ସରପଞ୍ଚ ଜେନା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯାଉଛି। ଡାକ୍ତର ନ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ସହିତ ନିୟମିତ ଅନ୍ତରରେ ଡାକ୍ତରଙ୍କୁ ପଠାଯାଉଛି । ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

BANDHAN FINANCE
(Regd No -1125124)
Bandhan ଋଣ ଲିମିଟେଡ୍
ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ ୨ ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡ଼ା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

## ସିଙ୍ଘାପଡ଼ା ପଞ୍ଚାୟତ ଶଟ୍‌ଡାଉନ

ଖଣ୍ଡପଡ଼ା,(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ପଞ୍ଚାୟତରୁ ୨ କରୋନା ଆକ୍ରାନ୍ତ ଚିହ୍ନଟ ପରେ ପଞ୍ଚାୟତକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ବୁଧବାରଠାରୁ ୧୬ ତାରିଖ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପଞ୍ଚାୟତରେ କଟକଣା ବଳବତ୍ତର ରହିବ ବୋଲି ସରପଞ୍ଚ ନମିତା ପଣ୍ଡା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ସେହିପରି କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ ଆକ୍ରାନ୍ତ ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଲ୍ କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡା. ଏଲୋରା ଦାସ ସୂଚନା ଦେଇଛନ୍ତି ।



# ପରୀ ହତ୍ୟାକାଣ୍ଡ: ରାସ୍ତାରୋକୋ, ବିକ୍ଷୋଭ

ନୟାଗଡ଼ ଅଫିସ,୧୨।୮

ନୟାଗଡ଼ ସଦର ଥାନା ଯଦୁପୁରର ପରୀ ହତ୍ୟାକାଣ୍ଡକୁ ଇତିମଧ୍ୟରେ ବିତିଯାଇଛି ୧ମାସ । ହେଲେ ପୋଲିସ ହତ୍ୟାକାରୀଙ୍କୁ ଧରିପାରି ନାହିଁ। ଏପରିସ୍ଥଳେ ପରିବାର ଲୋକଙ୍କ ସମେତ ଯଦୁପୁର ଗାଁ ଲୋକେ ସିବିଆଇ ଅଥବା କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ନୟାଗଡ଼-ଖଣ୍ଡପଡା ରାସ୍ତାର ଯଦୁପୁରଠାରେ ବୁଧବାର ରାସ୍ତାରୋକୋ କରିଥିଲେ। ଅତିରିକ୍ତ ଏସ୍‌ପି ଓ ନୟାଗଡ଼ ତହସିଲଦାର ଭିକାରୀ ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ମଧ୍ୟାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜନୈତିକ ଚାପରେ ପୋଲିସ ପରୀ ହତ୍ୟାକାରୀଙ୍କୁ ଗିରଫ କରୁନି ବୋଲି ଆନ୍ଦୋଳନକାରୀ ଅଭିଯୋଗ ଆଣିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବିକରି ଜିଲାପାଳ ଓ ଏସ୍‌ପିଙ୍କୁ ଏବିଭିପି ପକ୍ଷରୁ ସ୍ମାରକପତ୍ର ଦିଆଯାଇଛି। ୭ଦିନ ଭିତରେ ହତ୍ୟାକାରୀ ଗିରଫ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଜିଲା ସଂଯୋଜକ ପ୍ରିୟବ୍ରତ ମିଶ୍ର କହିଛନ୍ତି।




ଗ୍ରାମବାସୀଙ୍କ ରାସ୍ତାରୋକୋ, ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ।

ଅଭିଯୋଗ ଅନୁସାରେ ଯଦୁପୁରର ଅଶୋକ ସାହୁଙ୍କ ୬ବର୍ଷର ଝିଅ ଅମ୍ରିତା (ପରୀ) ଗାଁରେ ଖେଳୁଥିବାବେଳେ ଜୁଲାଇ ୧୪ରେ ନିଖୋଜ ହୋଇଯାଇଥିଲେ। ନିଖୋଜର ଦଶମ ଦିନରେ ପରୀର ଗଳିତ ମୃତଦେହ ବାରିପଟୁ ଉଦ୍ଧାର ହୋଇଥିଲା। ପୋଲିସ ୯୮/୨୦ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ ହତ୍ୟାକାରୀଙ୍କ ଟେର ପାଉନି। ଅଶୋକ କୁହନ୍ତି, ପୋଲିସ ଉପରୁ ଆସ୍ଥା ହରାଇବା ପରେ

- ହତ୍ୟାକାରୀଙ୍କୁ ଧରିପାରିନି ପୋଲିସ
- ସିବିଆଇ ଅଥବା କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

ଗାଁଲୋକେ ଆଇନକୁ ହାତକୁ ନେଇ ରାସ୍ତାରୋକୋ କରିଥିଲେ। କୋଭିଡ୍ ସମୟରେ ଆନ୍ଦୋଳନ ଆଇନ ବିରୋଧୀ କହି ଫସାଇ ଦେବ ବୋଲି ପୋଲିସର ଧମକ ପରେ ବି ଆନ୍ଦୋଳନକାରୀ ହଟି ନ ଥିଲେ। ପୁଣି ବିଭିନ୍ନ ସମୟରେ ପୋଲିସ ଆମ ପରିବାର ସହ ସମ୍ପର୍କୀୟଙ୍କୁ ଥାନାକୁ ନେଇ ନିର୍ଯାତନା ଦେଉଛି। ରାଜନୈତିକ ଚାପରେ ପୋଲିସ ହତ୍ୟାକାରୀଙ୍କୁ ସୁରକ୍ଷା ଦେଇଆସୁଛି। ଖୁଡ଼ୀ କବିତା ସାହୁ କୁହନ୍ତି, ପୋଲିସ ସନ୍ଦେହ ହେଉଥିବା ଲୋକଙ୍କୁ ଧରିବା ବଦଳରେ ଛାଡିଦେଉଛି। ଆମ ଗାଁର କେତେଜଣ ଲୋକ ବାହାରେ କିଡ୍‌ନୀ, ଆଖି ବ୍ୟବସାୟ କରୁଛନ୍ତି। ସେମାନେ ପରୀକୁ ଅପହରଣ କରିନେଇ କିଡ୍‌ନୀ, ଆଖି ବିକି କେବଳ ଗଳିତ ମୃତଦେହ ଫୋପାଡି ଦେଇଥିବା ଆମେ ଅନୁମାନ କରୁଛୁ। ମୃତଦେହ ଉଦ୍ଧାର ବେଳେ ପରୀର କେବଳ ଶାର୍ଟ ମିଳିଛି। ପୋଲିସ ଏ ଦିଗକୁ ତଦନ୍ତ ପରିସରଭୁକ୍ତ କରୁନି। ପୋଲିସ ଉପରେ ଆମର ଆସ୍ଥା ନ ଥିବାରୁ ସିବିଆଇ ଅଥବା କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ। ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ଓ ନୟାଗଡ଼ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ କୁହନ୍ତି, ପୋଲିସ କୌଣସି ଚାପର ବଶବର୍ତ୍ତୀ ହୋଇ କାମ କରୁନି କି ପରିବାର ଲୋକଙ୍କୁ ନିର୍ଯାତନା ଦେଉ ନାହିଁ। ହତ୍ୟାକାଣ୍ଡର ସୁରାକ ପାଇଁ ବିଭିନ୍ନ ସମୟରେ ପଚରାଉଚୁରା ପାଇଁ ଡାକିବା କ'ଣ ନିର୍ଯାତନା। ଅନ୍ୟପକ୍ଷେ ଗାଁଲୋକଙ୍କ ରାସ୍ତାରୋକୋ ପରେ ହତ୍ୟାକାରୀଙ୍କୁ ଧରିବାକୁ ପୋଲିସ ୧୫ଦିନ ସମୟ ନେଇଛି। ଏହି ସମୟ ମଧ୍ୟରେ ହତ୍ୟାକାଣ୍ଡର ଗୁମର ଫିଟିବ ବୋଲି ଆମର ବିଶ୍ୱାସ।

## ସଂକ୍ଷେପରେ

### କେନ୍ଦ୍ରାପଡ଼ା କଲେଜରେ ୨୨୭ ଫାଷ୍ଟ କ୍ଲାସ୍

**କେନ୍ଦ୍ରାପଡ଼ା ଅଫିସ, ୧୨।୮:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା କଲେଜର ୨୨୭ଜଣ ଫାଷ୍ଟ କ୍ଲାସ ପାଇଛନ୍ତ। ସେହିପରି ସେକେଣ୍ଡ କ୍ଲାସ୍‌ରେ ୯୯ ଓ ଥାର୍ଡ କ୍ଲାସରେ ୨୨ ଜଣ ପାସ୍ କରିଥିବା ଅଧ୍ୟକ୍ଷ ଡା. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତବର୍ଷ ମୋଟ ୩୯୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ଶକ୍ତିସ୍ୱରୂପ ପାତ୍ର ସର୍ବାଧିକ ୫୪୪ନଂ. ରଖି କଲେଜ ଟପ୍ପର ହୋଇଛନ୍ତି।

### ଧର୍ମାନୁଷ୍ଠାନ ଖୋଲିବା ନେଇ ବିକ୍ଷୋଭ

**ନୟାଗଡ଼ ଅଫିସ,୧୨।୮:** ମନ୍ଦିର, ଗୀର୍ଜା, ମସ୍‌ଜିଦ ପରି ଧର୍ମାନୁଷ୍ଠାନ ଖୋଲିବା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ତେବେ କରୋନା ବଢୁଥିବା ଆଳ ଦେଖାଇ ରାଜ୍ୟ ସରକାର ଏହା ଖୋଲିବାକୁ ଅନୁମତି ଦେଉନାହାନ୍ତି। ଫଳରେ ଏହା ଉପରେ ନିର୍ଭର କରୁଥିବା ନୟାଗଡ଼ ଜିଲାର ପୂଜକ ଓ ପୂଜା ଉପକରଣ ବିକ୍ରୟ କରୁଥିବା ପରିବାରଙ୍କ ଘରେ ଚୁଲି ଜଳୁନି। ତେଣୁ ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଯୋଗଦେଇ ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନର ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ପଟ୍ଟନାୟକ, ସାରଳା ପଟ୍ଟନାୟକ, ଯୁଗଳ ଚରଣ ପଟ୍ଟନାୟକ ଏହା ପ୍ରକାଶ କରିଥିଲେ।

### ପରୀକ୍ଷା ଖରାପ ହେବାରୁ ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

**ନାଉଗାଁ,୧୨।୯(ସ୍ୱ.ପ୍ର.):** ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଖରାପ ହେବାରୁ ଜଣେ ଛାତ୍ର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତ ତେଣ୍ଟୋଇ ଗ୍ରାମର ସିନ୍ଧୁ ବିଶ୍ୱାଳଙ୍କ ପୁଅ ସୁଶୀଲ। ବୁଧବାର ପରୀକ୍ଷା ଫଳ ବାହାରିବା ପରେ ତାଙ୍କ ରେଜଲ୍ଟ ଖରାପ ହୋଇଥିବା ଜଣା ପଡିଥିଲା। ଏଥିରେ ସେ ମ୍ରିୟମାଣ ହୋଇ ଘରେ ବେକରେ ରଶିଲଗାଇ ଦେଇଥିଲେ। ପରିବାର ଲୋକେ ଏହା ଦେଖି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ନେଇଥିଲେ। ସେ ଏବେ କଟକର ଏକ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅଛନ୍ତି।

### ୨ ହୋଟେଲକୁ ଜରିମାନା

**ନୟାଗଡ଼ ଅଫିସ,୧୨।୮:** କୋଭିଡ୍ ନିୟମକୁ ଅଣଦେଖା କରି ହୋଟେଲରେ ଖାଉଥିବାବେଳେ ନୟାଗଡ଼ର ୨ଟି ହୋଟେଲକୁ ଜରିମାନା ହୋଇଛି। ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ ବେଳେ ଢ଼ାବାରେ ଦୁଇଜଣ ଓ ଲେଙ୍କୁଡିପଡାର ଏକ ହୋଟେଲରେ ୨୦ରୁ ଉର୍ଦ୍ଧ୍ୱ ଲୋକ ଖାଉଥିବା ଦେଖିଥିଲେ। ଢାବାକୁ ୨ ହଜାର ଓ ହୋଟେଲକୁ ୭ ହଜାର ଜରିମାନା ହୋଇଥିବା ନୟାଗଡ ତହସିଲଦାର ଭିକାରୀ ସାହୁ ସୂଚନା ଦେଇଛନ୍ତି।

### ସଡ଼କ ଦୁର୍ଘଟଣାରେ ୨ ମୃତ

**ନୟାଗଡ଼ ଅଫିସ,୧୨।୮:** ନୟାଗଡ଼ ଜିଲାର ଦଶପଲ୍ଲା ଓ ନୂଆଗାଁ ଅଞ୍ଚଳରେ ମଙ୍ଗଳବାର ପୃଥକ୍ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗଞ୍ଜାମର ସିଦ୍ଧାର୍ଥ ଦାସ (୪୫) ଓ ଦଶପଲ୍ଲା ସାତବରପାଟଣା ନିକଟ ଘଣ୍ଟାବରପାଟଣାର ପ୍ରହଲାଦ ଚିନାରା (୫୮)। ସିଦ୍ଧାର୍ଥ ବାହାଡାଝୋଲାରେ ରହି ନୂଆଗାଁର ଏକ ଢ଼ାବାରେ କାମ କରନ୍ତି। ରାତିରେ ମହୀପୁର ଦଳିତସାହି ନିକଟରେ ଦୁର୍ଘଟଣା ଯୋଗୁ ସିଦ୍ଧାର୍ଥ ରାସ୍ତାରେ ପଡିରହିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅଜଣା ଗାଡ଼ି ଧକ୍କାରେ ପ୍ରହଲାଦ ଗୁରୁତର ହୋଇ ଦଶପଲ୍ଲା-ଭଞ୍ଜନଗର ରାସ୍ତାରେ ପଡିରହିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନୂଆଗାଁ ଓ ଦଶପଲ୍ଲା ଥାନାରେ ଦୁଇଟି ମକଦମା ରୁଜୁ ହୋଇଛି।

## କେନ୍ଦ୍ରାପଡ଼ାରେ ୫୮ ଆକ୍ରାନ୍ତ ଚିହ୍ନଟ

କେନ୍ଦ୍ରାପଡ଼ା ଅଫିସ, ୧୨।୮

କେନ୍ଦ୍ରାପଡ଼ା ଜିଲାରେ ବୁଧବାର ସର୍ବାଧିକ ୫୮ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଘୋଷଣା ହୋଇଛି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭୫୩ରେ ପହଞ୍ଚିଛି। ନୂତନ ଚିହ୍ନଟଙ୍କ ମଧ୍ୟରୁ ୨୪ ସଙ୍ଗରୋଧ କେନ୍ଦ୍ରରେ ଥିବା ବେଳେ ଅବଶିଷ୍ଟ ସ୍ଥାନୀୟ ସଂକ୍ରମଣ। ଆଳି ବ୍ଲକରୁ ୧୫, କେନ୍ଦ୍ରାପଡାରୁ ୧୩, ପୌରାଞ୍ଚଳରୁ ୮, ମହାକାଳପଡାରୁ ୬, ଡେରାବିଶ ଓ ରାଜକନିକାରୁ ୫ ଜଣ ଲେଖାଏ, ରାଜନଗରରୁ ୩, ପଟ୍ଟାମୁଣ୍ଡାଇରୁ ୨ ଓ ମାର୍ଶାଘାଇ ବ୍ଲକରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଜିଲାରେ ଟେଷ୍ଟ ହାର ବଢ଼ାଯାଇଛି । ମଙ୍ଗଳବାର ମୋଟ ୩୫୮୧ ନମୁନା ସଂଗ୍ରହ ହୋଇ ପରୀକ୍ଷଣ ହୋଇଛି। ରାପିଡ୍ ଆଣ୍ଟିଜେନ ଟେଷ୍ଟ ୩୩୧୦ଟି ହୋଇଥିବା ବେଳେ ୧୫ ଜଣ ନୂତନ ଆକ୍ରାନ୍ତଙ୍କ ଚିହ୍ନଟ ହୋଇଛି। ସେହିପରି ୨ ଜଣଙ୍କର ଟ୍ରୁନେଟ ଟେଷ୍ଟ ନେଗେଟିଭ ଆସିଛି। ଏଥିସହିତ ଆରଟିପିସିଆରରେ ୨୬୯ଟି ନମୁନା ସଂଗ୍ରହ ହୋଇଛି। ନୂତନ ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଅଦ୍ୟାବଧି ୫୩୩ ସୁସ୍ଥ ହୋଇଥିବା ବେଳେ ୨୧୬ଜଣ ଚିକିତ୍ସିତ ହେଉଛନ୍ତି।

## ବେକାରି ସମସ୍ୟା ସମାଧାନ ପାଇଁ ରାଜ୍ୟପାଳଙ୍କୁ ଦାବିପତ୍ର


ଆଳି କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

ଆଳି,୧୨।୮(ଡି.ଏନ.ଏ)

ଆଳି ବ୍ଲକରେ ଦିନକୁ ଦିନ ଯୁବ ବେକାରି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ସମସ୍ୟାର ସମାଧାନ କରିବାକୁ ଦାବି କରି ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଛି। ଖାଲି ପଡିଥିବା ପଦବୀଗୁଡିକରେ ଶିକ୍ଷିତ ବେକାର ଯୁବକଙ୍କୁ ନିଯୁକ୍ତି ଦିଆଯିବା, ସରକାରୀ ଓ ଚୁକ୍ତିଭିତ୍ତିକ ମଧ୍ୟରେ ପ୍ରଭେଦ ନ କରି ଏକାପ୍ରକାର କାମ ପାଇଁ ସମାନ ଦରମା ବ୍ୟବସ୍ଥା କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ନ ଦେଇ ବେକାର ଯୁବକଙ୍କୁ ନିଯୁକ୍ତି ଦେବା, କରୋନା ପାଇଁ ବାହାର ରାଜ୍ୟରୁ ଫେରିଥିବା ପ୍ରବାସୀମାନଙ୍କୁ ନିଯୁକ୍ତି ଦେବା ଲାଗି ବ୍ୟବସ୍ଥା କରିବା ଆଦି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପୂର୍ବତନ କଂଗ୍ରେସ ବିଧାୟକ ଦେବେନ୍ଦ୍ର ଶର୍ମା, ଜିଲା ଯୁବକଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ସର୍ବେଶ୍ୱର ସାମଲ ଓ ପ୍ରଶାନ୍ତ କୁମାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଶାଳା ବ୍ଲକ: ପାସ୍ ହାର ୭୩.୭୫%

ଧର୍ମଶାଳା, ୧୨।୮ (ଡି.ଏନ୍.ଏ.)

ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଧର୍ମଶାଳା ବ୍ଲକରେ ପାସ୍ ହାର ୭୩.୭୫% ରହିଛି। ଧର୍ମଶାଳା ମହାବିଦ୍ୟାଳୟର ୧୬୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୬ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଜଗନ୍ନାଥ ଜୀଉ କଲେଜର ୨୪ଜଣଙ୍କ ମଧ୍ୟରୁ ୨୧, ବଡ୍ରଗିରି ଜୁନିୟର କଲେଜର ୫୬ଜଣରୁ ୫୨, ମୁକୁନ୍ଦପାତ୍ର ଜୁନିଅର କଲେଜର ୧୨୯ଜଣରୁ ୮୨ଜଣ ଉତ୍ତୀର୍ଣ୍ଣ ହୋଇଥିବା ଉକ୍ତ କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି। ଧର୍ମଶାଳା କଲେଜର ବୈଶାଖୀ ସାହୁ ସର୍ବାଧିକ ୪୮୨ ମାର୍କ ରଖିଥିବା ଜଣାଯାଇଛି।

## ଖଣ୍ଡପଡ଼ାର ୩ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଫଳତା

ଖଣ୍ଡପଡ଼ା,୧୨।୮(ସ୍ୱ.ପ୍ର.)

ଯୁକ୍ତ ୨ ବିଜ୍ଞାନରେ ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟ ଛାତ୍ରୀ ଶୁଭଶ୍ରୀ ସାଥୁଆ ୪୯୯ ନମ୍ବର ରଖି ଟପ୍ପର ହୋଇଛନ୍ତି। କଣ୍ଟିଲୋ କଲେଜ ଛାତ୍ରୀ ଅର୍ଚ୍ଚନା ମହାରଣା ୪୦୨ ଓ ଭାପୁର ବ୍ଲକ ପଦ୍ମାବତୀ ପ୍ରହଲ୍ଲାଦ ମହାବିଦ୍ୟାଳୟର ଛାତ୍ର ବିଶ୍ୱଜିତ ନାୟକ ୪୬୦ ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ଜମିବାଡ଼ି ବିବାଦରୁ ମରଣାନ୍ତକ ଆକ୍ରମଣ, ୨ ଗୁରୁତର

କୋରେଇ, ୧୨।୮ (ସ୍ୱ.ପ୍ର.)

**ପୋଲିସ, ଜନତାଙ୍କ ମଧ୍ୟରେ ଖଣ୍ଡ ଯୁଦ୍ଧ**

ପାଣିକୋଇଲି ଥାନା ଅମୃତିଆ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟି ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ବିଦ୍ୟାଧର ମହାପାତ୍ରଙ୍କ ପୁଅ ସାରଙ୍ଗ (୪୨) ଓ ତାପସ (୩୬)। ସେମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ବିଦ୍ୟାଧରଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଆଇଆଇସି ସସ୍ମିତା ସାହୁ କହିଛନ୍ତି।

ଅଭିଯୋଗ ମୁତାବକ, ବିଦ୍ୟାଧର ଓ ସେହି ଗ୍ରାମର କାହ୍ନୁଚରଣ ସ୍ୱାଇଁଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଏ ନେଇ ଥାନାରେ ମାମଲା ହୋଇଥିବା ବେଳେ ମଙ୍ଗଳବାର ଉଭୟପକ୍ଷଙ୍କ ଉପସ୍ଥିତିରେ ଥାନାରେ ଏହାର ସମାଧାନ କରାଯାଇଥିଲା। ଚଳିତବର୍ଷ କେହି ବି ଉକ୍ତ ଚାଷ ଜମିରେ ହଳ ନ କରିବା ପାଇଁ ଲିଖିତ ଭାବେ ଥାନାରେ ଦେଇଥିଲେ। ହେଲେ ବୁଧବାର କାହ୍ନୁଚରଣ ସେହି ବିବାଦୀୟ ବିଲରେ ଟ୍ରାକ୍ଟର ଯୋଗେ ହଳ କରାଉଥିବା ବେଳେ ବିଦ୍ୟାଧର, ଓ ତାଙ୍କ ଦୁଇ ପୁଅ ସେଠାରେ ପହଞ୍ଚି ଟ୍ରାକ୍ଟରକୁ ଅଟକାଇଥିଲେ। ଏହାକୁ ନେଇ ଯୁକ୍ତିତର୍କ ଚାଲିଥିବା ବେଳେ କାହ୍ନୁଙ୍କ ଶଳା ଭଣ୍ଡାରିପୋଖରୀ ଥାନା ଓଲା ଗ୍ରାମର ସୁଶାନ୍ତ ଓ ପ୍ରଶାନ୍ତଙ୍କ ସମେତ ବଣହରା ଗ୍ରାମର ଲକ୍ଷ୍ମୀଧର ସାହୁ, ଟ୍ରାକ୍ଟର ମାଲିକ ଟୁନା ରାଉତ, ଡ୍ରାଇଭର ଜଡ଼ା ଓ ସୋମା ସେଠାରେ ପହଞ୍ଚି ସାରଙ୍ଗ ଓ ତାପସଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସାରଙ୍ଗଙ୍କ ଉପରେ ଜଡ଼ା ଟ୍ରାକ୍ଟର ଚଢ଼ାଇ ଦେବାରୁ ସେ ଅଚେତ ହୋଇଯାଇଥିଲେ। ତେବେ ସେ ମରିଯାଇଥିବା ଭାବି ଟ୍ରାକ୍ଟର ମାଲିକ ଗାଡ଼ି ନେଇ ସେଠାରୁ ପଳାଇଥିବା ବେଳେ ଅନ୍ୟ ୩ଜଣ ଆକ୍ରମଣକାରୀ ନିକଟସ୍ଥ ଏକ ଘରେ ଲୁଚି ରହିଥିଲେ।

ଏହି ଘଟଣା ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ବହୁଲୋକ ଏକତ୍ର ହୋଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ବରୁଣ୍ଡେଇ-ସଠିପୁର ରାସ୍ତା ଅବରୋଧ କରିଥିଲେ। ଖବରପାଇ ପାଣିକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ପୋଲିସ ଉପସ୍ଥିତିରେ ୨ଟି ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ। ଏହାପରେ ପୋଲିସର ଆଉ ଦୁଇଟି ଗାଡ଼ି ସେଠାରେ ପହଞ୍ଚିଥିଲା। ପୋଲିସ କର୍ମଚାରୀମାନେ ସେଠାରେ ଲାଠି ଚାର୍ଜ କରିବା ସହ କେତେକ ବାଇକ୍ ଭାଙ୍ଗି ଦେଇଥିଲେ। ଏହାପରେ ଲୋକମାନେ ପୋଲିସ ଗାଡ଼ି ଉପରକୁ ଢ଼େଲାପଥର ମାଡ଼ କରିଥିଲେ। ଫଳରେ ୩ଟି ଯାକ ପୋଲିସ ଗାଡ଼ି ଘଟଣାସ୍ଥଳରୁ ପଳାଇଥିଲା।

## ଆୟୁଷ ଡାକ୍ତରଙ୍କ କଳାବ୍ୟାଜ୍ ପରିଧାନ

ବାଲିଆ,୧୨।୮

ଓଡ଼ିଶା ଆୟୁଷ ଡାକ୍ତର ଆସୋସିଏଶନ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିରେ ଆନ୍ଦୋଳନ ଜାରି ରହିଛି। ଏହିକ୍ରମରେ ବିଟିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା. ଲୋକନାଥ ସାହୁ, ସୁକୁମାର ମିଶ୍ର, ରଶ୍ମିରଞ୍ଜନ ସାହୁ, ଇତିଶ୍ରୀ ଦାସ, ଅମ୍ରିତା ପ୍ରିୟଦର୍ଶନୀ, ଅଡ଼ଙ୍ଗଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା. ଦେବଯାନୀ ପଣ୍ଡା ଏବଂ ବାଗଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡା. ଶୁଭଦର୍ଶିନୀ ଦାଶ ପ୍ରମୁଖ ପ୍ରତିବାଦ ସ୍ୱରୂପ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। କରୋନା ମୁକାବିଲାରେ ମଧ୍ୟ ଏମାନଙ୍କ ଭୂମିକା ରହିଛି। ତେଣୁ ସରକାର ସ୍ଥାୟୀ ଚାକିରି ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।

## ଏକ୍ସେଲସିଅର କଲେଜର ସଫଳତା ହାର ଶତ ପ୍ରତିଶତ


ଦେବାଶିଷ ସାହୁ

ରାଜେନ୍ଦ୍ର ବେହେରା

ସୌମ୍ୟ ସନ୍ତୋଷ ସାହୁ

ଦେବାଶିଷ ସାହୁ

ଯାଜପୁର ରୋଡ୍, ୧୨।୮ (ଡି.ଏନ୍.ଏ.)

ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଯାଜପୁର ଜିଲା କୋରେଇ ବ୍ଲକ ଛୋଟରାୟପୁର ଏକ୍ସେଲସିଅର କଲେଜର ସଫଳତା ହାର ରେକର୍ଡ ସୃଷ୍ଟି କରିଛି। ଏହି କଲେଜର ସଫଳତା ହାର ଶତ ପ୍ରତିଶତ ରହିଛି। ସମଗ୍ର ରାଜ୍ୟରେ ୧୩୭ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ଏଥିରେ ଏକ୍ସେଲସିଅର କଲେଜର ୭ ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏହାସହ ୬୨ ଜଣ ୮୦ ପ୍ରତିଶତ ନମ୍ବର ରଖିଥିବା ବେଳେ ୧୨୦ ଜଣ ୭୦ ପ୍ରତିଶତ ଓ ୧୮୪ ଜଣ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ରମାନେ ହେଲେ ଦେବାଶିଷ ସାହୁ(୯୨%), ଆକାଂକ୍ଷା ଥଟୋଇ(୯୧.୬୭%), ଜ୍ୟୋତିରାଦିତ୍ୟ ସାହୁ(୯୧.୫%), ସୋମ୍ୟସନ୍ତୋଷ ସାହୁ(୯୧.୧୭%), ସତ୍ୟପ୍ରକାଶ ଦାଶ(୯୧%), ଦେବାଶିଷ ସାହୁ(୯୦.୩୩%) ଓ ରାଜେନ୍ଦ୍ର ପ୍ରସାଦ ବେହେରା(୯୦.୩୩%)। ଏଥିପାଇଁ କଲେଜ ଅଧ୍ୟକ୍ଷ ଶୁଭ୍ରାଂଶୁ କୁମାର ଦାସ ଓ ସମସ୍ତ ଅଧ୍ୟାପିକା/ଅଧ୍ୟାପକଙ୍କୁ ଅଭିଭାବକମାନେ ଶ୍ରେୟ ଦେଇଛନ୍ତି। ଏହାବାଦ ପ୍ରୟାସ କଲେଜର ୨ ଜଣ ଓ କ୍ରିମିୟମ କଲେଜର ଜଣେ ୯୦ %ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଜଣାଯାଇଛି।


ଆକାଂକ୍ଷା ଥାଟୋଇ

ଜ୍ୟୋତିରାଦିତ୍ୟ ସାହୁ

ସତ୍ୟପ୍ରକାଶ ଦାସ

**ଯୁକ୍ତ ଦୁଇ ବିଜ୍ଞାନ ଫଳ ପ୍ରକାଶିତ**

- ୯୦%ରୁ ଉର୍ଦ୍ଧ୍ୱ ମାର୍କ ପାଇଛନ୍ତି ୭ ଜଣ
- ୮୧% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

## ଗୋଚରରେ ଇଟା ପକାଇବାକୁ ବିରୋଧ

ନାଉଗାଁ,୧୨।୮(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଅରଖକୁଦ ଗ୍ରାମର ଜଣେ ବ୍ୟକ୍ତି ଗୋଚର ଦଣ୍ଡା ଖୋଳି ଦୀର୍ଘ ବର୍ଷ ହେବ ଇଟା ପକାଇ ଆସୁଛନ୍ତି। ଏବେ ଏହାକୁ ଗ୍ରାମର ରମେଶ ଦାସ, ଉପେନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ଲେଙ୍କା, ପ୍ରଶାନ୍ତ ଲେଙ୍କା, ଶୁକଦେବ ଲେଙ୍କା, ସୁରେଶ ମହାନ୍ତି ଓ ଲକ୍ଷ୍ମୀଧର ଦାସ ପ୍ରମୁଖ ଗ୍ରାମବାସୀ ବିରୋଧ କରିଛନ୍ତି। ଏଥିସହିତ ଏହାକୁ ବନ୍ଦ କରିବା ପାଇଁ ମଙ୍ଗଳବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ତହସିଲଦାର ଜେ. କଳ୍ପନାଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

ଗ୍ରାମବାସୀ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସମ୍ପୃକ୍ତ ବ୍ୟକ୍ତି ଗୋଚର ଜମିକୁ ୧୦ ବର୍ଷ ହେବ ମନଇଚ୍ଛା ବ୍ୟବହାର କରି ଆସୁଛନ୍ତି। ଏପରି କି ବର୍ଷକୁ ୪ରୁ୫ ଭାଟି ଇଟା ପୋଡିବା ପାଇଁ ଏହି ସ୍ଥାନରୁ ମାଟି ଉଠାଉଛନ୍ତି। ସେହିପରି ବର୍ତ୍ତମାନ ଏହି ଗୋଚର ଜାଗାରେ ଏକ କୁକୁଡା ଫାର୍ମ ନିର୍ମାଣ କରୁଛନ୍ତି। ଏବିଷୟରେ ବାରମ୍ବାର ରାଜସ୍ୱ ନିରୀକ୍ଷକଙ୍କୁ ମୌଖିକ ଅଭିଯୋଗ କରିଥିଲେ ମଧ୍ୟ ସେ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଗୋଚର ଜମି ଗୋଚାରଣ ରୂପେ ବ୍ୟବହାର ହୋଇଥାଏ। ଏବେ କୁକୁଡାଫାର୍ମ କରି ଆବଦ୍ଧ କରାଗଲେ ଗୃହ ପାଳିତ ପ୍ରାଣୀଙ୍କ ଚରିବାରେ ଅସୁବିଧା ହେବ। ତେଣୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ତହସିଲଦାର ଜେ.କଳ୍ପନା କହିଛନ୍ତି, ଏହାର ତଦନ୍ତ କରାଯିବ। ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଭୂଇଁରୁ ଉଠିପାରିନି ପାନୀୟ ଜଳ ପ୍ରକଳ୍ପ

ବିଞ୍ଝାରପୁର, ୧୨।୮ (ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତ ୭ ନମ୍ବର ୱାର୍ଡଠାରେ ନିର୍ମାଣାଧୀନ ଗ୍ରାମ୍ୟ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ୭ବର୍ଷ ହେଲା ସରିପାରୁନି। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଆଖପାଖର ୭ଶହରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବେ। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଇଚ୍ଛାଶକ୍ତି ଅଭାବରୁ କାମ ସରିପାରୁନି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ତେବେ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାରଙ୍କର ୫ବର୍ଷ ପୂର୍ବେ ଦେହାନ୍ତ ହୋଇଯାଇଥିବାରୁ କାର୍ଯ୍ୟ ବନ୍ଦ ରହିଥିବା ଜଣାଯାଇଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଅନ୍ୟ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆ ଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।


ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ।

୨୦୧୩ରେ ତତ୍କାଳୀନ ବିଞ୍ଝାରପୁର ବିଧାୟିକା ଉକ୍ତ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଉକ୍ତ ପଞ୍ଚାୟତ ଅଧୀନ ୭ଟି ୱାର୍ଡର ୬ଶହରୁ ଉର୍ଦ୍ଧ୍ୱ ପରିବାର ସ୍ୱଚ୍ଛ ପାନୀୟ ଜଳ ପାଇପାରିବେ ବୋଲି ସ୍ଥିର ହୋଇଥିଲା। ମାତ୍ର ଇତିମଧ୍ୟରେ ୭ବର୍ଷ ବିତିଯାଇଥିଲେ ବି କାର୍ଯ୍ୟ ଶେଷ ହୋଇପାରିନି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନିଲ ସାମଲଙ୍କୁ ପଚାରିବାରେ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାରଙ୍କ ଦେହାନ୍ତ ଯୋଗୁ କାର୍ଯ୍ୟ ବନ୍ଦ ରହିଛି। ଗତ ଜୁଲାଇରେ ଅନ୍ୟ ଜଣେ ଠିକାଦାରଙ୍କ ସହ ଏ ନେଇ ଏଗ୍ରିମେଣ୍ଟ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

**କଲ୍ୟାଣପୁର ପଞ୍ଚାୟତ**

- ୨୦୧୩ରେ ଶିଳାନ୍ୟାସ ହୋଇଥିଲା ଗ୍ରାମ୍ୟ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ
- ୭ବର୍ଷ ପରେ ବି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇନି
- ୬ଶହ ପରିବାର ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ

## ନୟାଗଡ଼ରେ ୧୦୫ ଆକ୍ରାନ୍ତ ଚିହ୍ନଟ

ନୟାଗଡ଼ ଅଫିସ,୧୨।୮

ନୟାଗଡ଼ ଜିଲାରେ ବୁଧବାର ୧୦୫ ଆକ୍ରାନ୍ତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୦୬ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଭାପୁର ବ୍ଲକରୁ ୮, ଦଶପଲ୍ଲା ୮, ଖଣ୍ଡପଡ଼ା ୨୫, ନୟାଗଡ ୨, ନୂଆଗାଁ ୯, ଓଡଗାଁ ୨୯, ରଣପୁର ବ୍ଲକରୁ ୨୩ ଓ ନୟାଗଡ଼ ସହରରୁ ଜଣେ ଚିହ୍ନଟ ଥିବା ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ନୟାଗଡ ବ୍ଲକ ଜେମାଦେଇପୁର ପାଟଣା ଟାଙ୍ଗିସାହିରୁ ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସରପଞ୍ଚ ରୀନାବାଳା ପୃଷ୍ଟି ପଞ୍ଚାୟତକୁ ୧୨ ତାରିଖ ସକାଳ ୬ଟାରୁ ୧୪ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। କରୋନାରେ ନୟାଗଡ଼ର ଆଉ ଜଣେ ୪୦ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଧରିତ୍ରୀ
DHARITRI
ଗୁରୁବାର, ୧୩ ଅଗଷ୍ଟ, ୨୦୨୦

## ୨ ହଜାର କରୋନା ଟେଷ୍ଟ ପାଇଁ ଟାର୍ଗେଟ

କଟକସଦର, (ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୨ହଜାର ସ୍ୱାବ ସଂଗ୍ରହ କରାଯାଇ କରୋନା ଟେଷ୍ଟର ଲକ୍ଷ୍ୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟାର୍ଗେଟ ଦେଇଛି। ଲକ୍ଷଣ ଥାଉ ବା ନ ଥାଉ ଲକ୍ଷ୍ୟ ପୂରଣ ପାଇଁ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀମାନେ ଘର ବୁଲିବା ଆରମ୍ଭ କରିଦେଇଛନ୍ତି। କଟକ ସଦର ଅଞ୍ଚଳ ଅଧିକ ସଂଖ୍ୟାରେ କରୋନା ସଂକ୍ରମଣ ହୋଇ ନ ଥିବାରୁ କେହି ସ୍ୱତଃପ୍ରବୃତ୍ତ ଭାବେ ସ୍ୱାବ ଦେବା ପାଇଁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। କାରଣ ସ୍ୱାବ ଟେଷ୍ଟକୁ ଅପପ୍ରଚାର କରି ସୋଶିଆଲ ମିଡିଆରେ ଘୂରି ବୁଲିବାରେ ଲାଗିଛି। ପଜିଟିଭ ଚିହ୍ନଟ ପରେ ସମ୍ପୃକ୍ତ ପରିବାର ଗାଁରୁ ବାସନ୍ଦ ହେବା ସହ ସାମାଜିକ କଟକଣା ଲଗାଯାଉଛି।



**ସଂକ୍ଷେପରେ**

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୀତିକାରଙ୍କ ମୃତ୍ୟୁ

**ମାହାଙ୍ଗା,୧୨।୮(ସ୍ୱ.ପ୍ର.):** କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଗୋତରା ପଞ୍ଚାୟତର ଆପିଲୋ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଧବାର ଜଣେ ଯୁବ ଗୀତିକାରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଉମାକାନ୍ତ ମହାକୁଡ଼ (୪୦)। ସକାଳ ସମୟରେ ନିଜ ବିଲରେ ଇଲେକ୍ଟ୍ରିକ୍ ମୋଟର ଚଳାଇ ତଳିରେ ପାଣି ମଡ଼ାଉଥିବା ବେଳେ ଅସାବଧାନତାବଶତଃ ହାତ ଇଲେକ୍ଟ୍ରିକ୍ ବୋର୍ଡରେ ଲାଗି ଯାଇଥିଲା। ଫଳରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମହାକୁଡ଼ଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନା ଅଧୀନ ଭଦ୍ରେଶ୍ୱର ଫାଣ୍ଡିରେ ଅଭିଯୋଗ ହୋଇଥିଲା। ପରେ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା (ନଂ.୧୫/୨୦) ରୁଜୁ କରିଛି। ସ୍ୱର୍ଗତ ମହାକୁଡ଼ ଦରିଦ୍ର ପରବାରର ହୋଇଥିବାବେଳେ ଜଣେ ପ୍ରତିଷ୍ଠିତ ଗୀତିକାର ଥିଲେ। ତାଙ୍କ ଦ୍ୱାରା ରଚିତ ବହୁ ଭଜନକୁ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନେ ଗାଇଛନ୍ତି। ସେସବୁ ଗୀତକୁ ନେଇ ୫ଟି ଭଜନ କ୍ୟାସେଟ ମୁକ୍ତିଲାଭ କରିଛି। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦୋକାନକୁ ବୋମାମାଡ଼ ମାମଲା, ଆଉ ଜଣେ ଗିରଫ

**ନିମାପଡ଼ା,୧୨।୮(ଡି.ଏନ୍.ଏ):** ନିମାପଡ଼ା ରାଜାବଜାରସ୍ଥିତ ଏକ କୀଟନାଶକ ଦୋକାନ ଉପରକୁ ବୋମାମାଡ଼ ଘଟଣାରେ ନିମାପଡ଼ା ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଅମଲାପଡ଼ା ଗ୍ରାମର ପରମାନନ୍ଦ ଦାସ। କୋର୍ଟ ଜାମିନ ଆବେଦନ ନାମଞ୍ଜୁର କରିଦେବାରୁ ତାଙ୍କୁ ଜେଲ ପଠାଯାଇଛି। ପୋଲିସ ତାଙ୍କଠାରୁ ନଂ.ଓଡି ୦୨ ଏଡି ୮୦୯୦ ବିଶିଷ୍ଟ କାର୍ ଜବତ କରିଛନ୍ତି। ଏହି ଘଟଣାରେ ପୂର୍ବରୁ ପୋଲିସ ଅମୁଣିଆପାଟଣା ଗ୍ରାମର ମଙ୍ଗରାଜ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୩୧ତାରିଖରେ ସ୍ଥାନୀୟ ଅଞ୍ଚଳର ଅଲେଖ ସେନାପତିଙ୍କ କୀଟନାଶକ ଦୋକାନରେ ବୋମା ମାଡ଼ ପରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୧୭୪/୨୦ରେ ୪ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଫେରାର ଥିବା ଅନ୍ୟ ଯୁବକଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି।

## ଏସ୍ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କରୋନା

**କଟକ ଅଫିସ,୧୨।୮:** ଏସ୍ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଜଣେ ଷ୍ଟୋର କର୍ମଚାରୀ କରୋନା ଭୂତାଣୁର ଶିକାର ହୋଇଛନ୍ତି। ଫଳରେ ଉକ୍ତ କର୍ମଚାରୀଙ୍କ ସହ କାମ କରୁଥିବା ଆଉ ୮ ଜଣଙ୍କୁ କ୍ୱାରାଣ୍ଟାଇନରେ ରଖି ସେମାନଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ସେହିପରି ଆଇସୋଲେଶନ ୱାର୍ଡରୁ ମଧ ଆଉ ୫ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅର୍ଥୋପେଡିକ ଆଉଟ୍ଡୋରରେ ଆଣ୍ଟିଜେନ ଟେଷ୍ଟରେ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ଏହା ବ୍ୟତୀତ ହସ୍ପିଟାଲରୁ ଜଣେ ନିରାପତ୍ତାରକ୍ଷୀଙ୍କ ରିପୋର୍ଟ ବି ପଜିଟିଭ ଥିବା ଜଣାପଡ଼ିଛି।

## କ୍ୱାରାଣ୍ଟାଇନ ଫେରନ୍ତାଙ୍କୁ ମିଳୁନି ସହାୟତା ରାଶି

**କଟକ ଅଫିସ,୧୨।୮:** କଟକ ସହରରୁ ଚିହ୍ନଟ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ଅର୍ଦ୍ଧେକ ମାଲଗୋଦାମରୁ ଚିହ୍ନଟ ହୋଇଛନ୍ତି। ସଂଖ୍ୟାଧିକ ଆକ୍ରାନ୍ତ ଏବେ ସରକାରୀ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ଅନେକ ମଧ ଆରୋଗ୍ୟ ହୋଇ ଘରକୁ ଫେରିଲେଣି। ନିୟମ ଅନୁଯାୟୀ ଯେଉଁମାନେ ସୁସ୍ଥ ହୋଇ ଫେରିବେ କିମ୍ବା କ୍ୱାରାଣ୍ଟାଇନରେ ରହିଥିବେ, ସେମାନଙ୍କୁ ୨ ହଜାର ଟଙ୍କା ଦିଆଯିବ। ମାତ୍ର ଉକ୍ତ ଅଞ୍ଚଳରେ ଏବେ ସୁଦ୍ଧା କାହାରିକୁ ଟଙ୍କା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ସେମାନେ ପ୍ରାୟତଃ ମାଲଗୋଦାମରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। କରୋନା ଯୋଗୁ ସେମାନଙ୍କ ପାଇଁ କାମଧନ୍ଦା ବନ୍ଦ। ତେଣୁ ବେହେରାସାହି, ଜାଲୁଆସାହି ଓ ତେଲୁଗୁସାହି ଅଞ୍ଚଳରେ କ୍ୱାରାଣ୍ଟାଇନ ଫେରନ୍ତାଙ୍କୁ ସରକାରୀ ଘୋଷଣା ମୁତାବକ ଟଙ୍କା ଦିଆଯାଉ ବୋଲି ଅଖିଳ ଓଡ଼ିଶା ଝୋପଡିପଟ୍ଟି ମହାସଂଘ ଏକତାର ସଭାପତି ତଥା ବସ୍ତିନେତା ବୃନ୍ଦାବନ ଦାସ ଆଜାଦ ଦାବି କରିଛନ୍ତି। ଏଥିସହ ଜାଲୁଆସାହି ବାସିନ୍ଦାଙ୍କୁ ରିଲିଫ ପ୍ରଦାନ ପାଇଁ ସେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଚିଠି ଲେଖିଛନ୍ତି।

# ମୁଣ୍ଡ ଟେକିଲାଣି ଡି-ବ୍ରଦର୍ସ ଗ୍ୟାଙ୍ଗ୍

କଟକ ଅଫିସ,୧୨।୮



ଗିରଫ ୨ ଅଭିଯୁକ୍ତ।



ଜବତ କାର, ବାଇକ, ବନ୍ଧୁକ ଓ ଗୁଳି।

- ଗ୍ୟାଙ୍ଗ୍ର ୨ ସଦସ୍ୟ ଗିରଫ
- ୨ ଅଭିଯୁକ୍ତ ଧଳସାମନ୍ତଙ୍କ ସହଯୋଗୀ
- ୨ ବନ୍ଧୁକ, ୬୯ ଗୁଳି ଜବତ

ଅନେକ ଦିନର ବ୍ୟବଧାନ ପରେ ଗ୍ୟାଙ୍ଗଷ୍ଟାର ଧଳସାମନ୍ତ ଭ୍ରାତାଙ୍କ ଡି-ଗ୍ୟାଙ୍ଗ ସହରରେ ପୁଣି ମୁଣ୍ଡ ଟେକିଲାଣି। ଗ୍ୟାଙ୍ଗର ପୂର୍ବତନ ସଦସ୍ୟଙ୍କୁ ଫେରାଇଆଣି ଧଳସାମନ୍ତ ଭ୍ରାତାଙ୍କ ଆପରାଧିକ ସାମ୍ରାଜ୍ୟକୁ ପୁଣିଥରେ ମଜଭୁତ୍ କରିବା ପାଇଁ ଉଦ୍ୟମ ଚାଲିଛି। ବିଭିନ୍ନ ଅପରାଧ ସହ ଦାଦାବଟି ଆଦାୟ କରାଯାଉଛି। ଲାଲବାଗ ଥାନା ପୋଲିସ ବୁଧବାର ଏହି ଗ୍ୟାଙ୍ଗ୍ର ୨ଜଣଙ୍କୁ ଗିରଫ କରିବା ପରେ ଡି- ବ୍ରଦର୍ସ ଗ୍ୟାଙ୍ଗ୍ ପୁଣି ସକ୍ରିୟ ହୋଇଥିବା ସ୍ପଷ୍ଟ ହୋଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କାଳିଗଳିର ଡାନି ଓରଫ ଶଶିକାନ୍ତ ଖଣ୍ଡେଇ (୩୪) ଓ ହସିନାବାଦର ରଣିଆ ଓରଫ ରଞ୍ଜିତ ସିଂ (୪୯)। ଜଣେ ଯୁବକଙ୍କୁ ଗ୍ୟାଙ୍ଗରେ ମିଶିବା ପାଇଁ ବାଧ କରିବା ଅଭିଯୋଗରେ ଉଭୟ ଗିରଫ ହୋଇଛନ୍ତି। ଏମାନଙ୍କଠାରୁ ଗୋଟିଏ ୯ ଏମ୍ଏମ୍ ଓ ଗୋଟିଏ ୭.୬୫ ଏମ୍ଏମ୍ ବନ୍ଧୁକ ସମେତ ୬୯ଟି ଗୁଳି ଜବତ କରାଯାଇଛି। ପୂର୍ବରୁ ମଧ ଡାନି ଧଳଭ୍ରାତାଙ୍କ ଲିଙ୍କରେ ଗିରଫ ହୋଇଛନ୍ତି।

ସୂଚନା ଅନୁଯାୟୀ, ବାଙ୍କାବଜାରର ରିଆଜ ବକ୍ସ (୩୨) ମଙ୍ଗଳବାର ଲାଲବାଗ ଥାନାରେ ଏକ ଅଭିଯୋଗ କରିଥିଲେ ଯେ ରାତି ୮ଟା ବେଳେ ଅଭିଯୁକ୍ତ ଡାନି ଓ ରଣିଆ ଫୋନ୍ କରି ତାଙ୍କୁ ଚୂନଭାଟି ଗଳିକୁ ଡକାଇଥିଲେ। ଗ୍ୟାଙ୍ଗରେ ମିଶିବା ପାଇଁ ସେମାନେ ରିଆଜଙ୍କୁ ପ୍ରଲୋଭନ ଦେଖାଇଥିଲେ। ସେ ରାଜି ନ ହେବାରୁ ଉଭୟ ଧମକ ଦେଇଥିଲେ। ସେମାନଙ୍କ ନିକଟରୁ ଖସିଆସି ରିଆଜ ରାତି ପ୍ରାୟ ୧୧ଟାରେ ଲାଲବାଗ ଥାନାରେ ଏତଲା ଦେଇଥିଲେ। ପୋଲିସ ଖୋଳତାଡ଼ କରିବା ପରେ କେସ୍ ନଂ ୧୯୫/୨୦ରେ ଆଇପିସି ଧାରା ୨୯୪, ୫୦୬, ୩୮୫, ୩୮୬, ୧୨୦(ବି), ଆର୍ମସ ଆକ୍ଟ-୨୫ (୧-ଏ, ୧-ଏଏ), ୨୭ ଅନୁଯାୟୀ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ଏହି ଦୁଇଜଣଙ୍କ ଲିଙ୍କରେ କେଉଁମାନେ ଅଛନ୍ତି, ସେମାନଙ୍କୁ ଖୋଜାଯିବ।

### ଗ୍ୟାଙ୍ଗ୍ ସଜାଡ଼ିବାରେ ସକ୍ରିୟ ଥିଲେ ଡାନି, ରଣିଆ

ଡାନି ଓ ରଣିଆ ଡି-ବ୍ରଦର୍ସ ଗ୍ୟାଙ୍ଗକୁ ସକ୍ରିୟ କରିବା ପାଇଁ କାମ କରୁଥିଲେ। ପୂର୍ବରୁ ଡାନି ଡି-ଗ୍ୟାଙ୍ଗର ଜଣେ ପ୍ରମୁଖ ସହଯୋଗୀ ଥିଲେ। ଧଳସାମନ୍ତ ଭ୍ରାତା ଗିରଫ ହେବା ପରେ ଡାନିଙ୍କୁ ମଧ ଚାଉଳିଆଗଞ୍ଜ ଥାନା ପୋଲିସ ଗିରଫ କରିଥିଲା। ସେ ଜେଲରୁ ଫେରିବା ପରେ ପୁଣି ଡି- ବ୍ରଦର୍ସ ସାମ୍ରାଜ୍ୟକୁ ଚଳାଇବା ପାଇଁ କାମ ଆରମ୍ଭ କରିଦେଇଥିଲେ। ଏପରିକି ଧଳସାମନ୍ତ ଭ୍ରାତାଙ୍କୁ ହାଜର ପାଇଁ କୋର୍ଟକୁ ଅଣାଯିବା ବେଳେ ଡାନି ସେମାନଙ୍କୁ ଭେଟୁଥିଲା ବୋଲି ପୋଲିସ କହିଛି। ଡାନିଙ୍କ ନେତୃତ୍ୱରେ କଟକ ଓ ଏହାର ଉପକଣ୍ଠରେ ଥିବା ବାଲିଘାଟରୁ ଦାଦାବଟି ଆଦାୟ ଚାଲିଥିଲା।

# ଭିଜିଲାନ୍ସ ଜାଲରେ ସହକାରୀ କୃଷି ନିର୍ଦ୍ଦେଶକ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

**୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ**

ନିଜ ଅଫିସ୍ର ଜଣେ କର୍ମଚାରୀଙ୍କଠାରୁ ଲାଞ୍ଚ ନେବାବେଳେ କୃଷି ବିପଣନ ନିର୍ଦ୍ଦେଶାଳୟର ଭାରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଦାଶ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସେ ନେଇଥିବା କେମିକାଲ ବୋଳା ୧୦ହଜାର ଲାଞ୍ଚ ଟଙ୍କାକୁ ଭିଜିଲାନ୍ସ ଅଧିକାରୀମାନେ ଜବତ କରିଛନ୍ତି। ଏନେଇ ଭିଜିଲାନ୍ସ ପକ୍ଷରୁ କେସ୍ ନଂ-୪/୨୦ ରୁଜୁ କରାଯାଇ ବିଜୟଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହାସହ ଭିଜିଲାନ୍ସ ଟିମ୍ ତାଙ୍କ ଅଫିସ ସମେତ ବାସଭବନ, ପୈତୃକ ଘର ଆଦି ବହୁ ସ୍ଥାନରେ ଚଢାଉ ଆରମ୍ଭ କରିଛି। ସେ କେତେ ପରିମାଣର ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି ସେନେଇ ଗୁରୁବାର ଭିଜିଲାନ୍ସ ପକ୍ଷରୁ ସ୍ପଷ୍ଟ କରାଯିବ ବୋଲି ସୂଚନା ଦିଆଯାଇଛି।

ଭିଜିଲାନ୍ସର ସୂଚନାନୁସାରେ, ଉକ୍ତ ଅଫିସ୍ରେ ଧୀରେନ୍ଦ୍ର ମଲ୍ଲିକ ନାମକ ଜଣେ ବ୍ୟକ୍ତି ଡ୍ରାଇଭର ଭାବେ କାର୍ଯ୍ୟ କରୁଛନ୍ତି। ଆର୍ଏସିପି ସ୍କିମ୍ରେ ପ୍ରମୋଶନ ଓ ଦରମା ବୃଦ୍ଧି ପାଇଁ ଧୀରେନ୍ଦ୍ରଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ ବିଜୟ। ଏନେଇ ଧୀରେନ୍ଦ୍ର ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ଯୋଜନା ଅନୁଯାୟୀ ବୁଧବାର ଭିଜିଲାନ୍ସ ଅଧିକାରୀ ଅଫିସ ନିକଟରେ ଛକି ରହିଥିଲେ। ନିର୍ଦ୍ଧାରିତ ସ୍ଥାନରେ ଧୀରେନ୍ଦ୍ରଙ୍କଠାରୁ ଲାଞ୍ଚ ଟଙ୍କା ନେଇ ବିଜୟ ପକେଟରେ ରଖିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



ଭିଜିଲାନ୍ସ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

- ୫ ସ୍ଥାନରେ ଏକକାଳୀନ ଯାଞ୍ଚ
- ଆୟ ବହିର୍ଭୂତ ସମ୍ପତ୍ତି ମିଳିଥିବା ସୂଚନା

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ଚିଲିକା ଡିଏଫ୍ଓ ଆଲୋକ ରଞ୍ଜନ ହୋତା ଗିରଫ ହୋଇଥିବାବେଳେ ବୁଧବାର ଆଉଜଣେ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ ଭିଜିଲାନ୍ସ ଜାଲରେ ପଡିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ସ୍ୱତନ୍ତ୍ର ସଚିବ ଅଜୟ କୁମାର ଦାସଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଅଜୟଙ୍କ ଘର ସମେତ ୬ ସ୍ଥାନରେ ଛାପା ମାରିଛି ଭିଜିଲାନ୍ସର ୫ଟି ଟିମ୍। ଅଜୟଙ୍କ ଟଙ୍କପାଣି ରୋଡ୍ସ୍ଥିତ ପୈତୃକ ଘର, ଭୁବନେଶ୍ୱର ନୂଆଗାଁସ୍ଥିତ ଆଉଟ୍ ହାଉସ୍, ପଟିଆସ୍ଥିତ ଏକ ଫ୍ଲାଟ ଏବଂ ବାଲେଶ୍ୱରରେ ଥିବା ଦୁଇ ମହଲା ଘରେ ଭିଜିଲାନ୍ସ ଟିମ୍ ଚଢାଉ କରି ଯାଞ୍ଚ କରୁଛି। ଚଢାଉବେଳେ ଭୁବନେଶ୍ୱରରେ ୨ଟ ଫ୍ଲାଟ ଓ ପୁରୀରେ ୧ଟି ଫ୍ଲାଟ ତାଙ୍କ ନାମରେ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ସେହିପରି ଭୁବନେଶ୍ୱରରେ ଥିବା ଅଜୟଙ୍କ ବ୍ୟାଙ୍କ୍ ଲକରକୁ ମଧ ଯାଞ୍ଚ ପରିସରର୍ଭୁକ୍ତ କରିଛି ତଦନ୍ତକାରୀ ଟିମ୍। ରିପୋର୍ଟ ଲେଖାହେବା ବେଳକୁ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିଲା। ଯାଞ୍ଚରୁ ଆୟ ବହିର୍ଭୂତ ସମ୍ପତ୍ତି ମିଳିଥିବା ଓ ଚଢ଼ାଉ ଚାଲିଥିବାରୁ ଏହାର ପରିମାଣ ଆହୁରି ବଢ଼ିବ ବୋଲି ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି।

ଆଉ ଦୁଇମାସ ପରେ ଅବସର ନେଇଥାନ୍ତେ ସ୍ୱତନ୍ତ୍ର ସଚିବ ଅଜୟ। ହେଲେ ସେ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଅଧିକାରୀଙ୍କୁ ସୂଚନା ମିଳିଥିଲା। ଏହାପରେ ଯୋଜନା ମୁତାବକ ଚଢ଼ାଉ ଆରମ୍ଭ ହୋଇଥିଲା। ତେବେ ସେ କେଉଁ ଆଧାରରେ ସମ୍ପତ୍ତି ଠୁଳ କରିଛନ୍ତି, ନିଜ ସହ ସମ୍ପର୍କୀୟ କିମ୍ବା ଅନ୍ୟ କାହା ନାମରେ କେତେ କୋଠାବାଡ଼ି, ଜମି ଆଦି କରିଛନ୍ତି ତାହାର ଖୋଳତାଡ଼ କରୁଛି ଭିଜିଲାନ୍ସ ଟିମ।



ବିଶ୍ୱ ହସ୍ତୀ ଦିବସ ପାଳନ ଅବସରରେ ବୁଧବାର ନନ୍ଦନକାନନରେ ଥିବା ହାତୀଙ୍କୁ ଅତିଥିମାନେ ଫଳ ଖାଇବାକୁ ଦେଉଛନ୍ତି।

# ନନ୍ଦନକାନନ ପାଳିଲା ବିଶ୍ୱ ହସ୍ତୀ ଦିବସ

ବାରଙ୍ଗ,୧୨।୮(ଡି.ଏନ୍.ଏ.)

ନନ୍ଦନକାନନରେ ବୁଧବାର ବିଶ୍ୱ ହସ୍ତୀ ଦିବସ ନିରାଡ଼ମ୍ବରରେ ପାଳିତ ହୋଇଯାଇଛି। ମହାମାରୀ କରୋନା ପାଇଁ ସବୁ କିଛି ଫିକା ପଡ଼ିଯାଇଥିଲା। ଏଥର ହାତୀମାନଙ୍କୁ ସାଜସଜ୍ଜା କରାଯାଇ ନ ଥିଲା। କେବଳ ସେମାନଙ୍କୁ ସୁସ୍ୱାଦ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଏହାକୁ ହାତୀଶାଳରେ ହିଁ ପାଳନ କରାଯାଇଥିଲା। ହାତିଶାଳରେ ଥିବା ବସନ୍ତୀ, ପ୍ରେମା, ହୀରା ଉତ୍ସବରେ ସାମିଲ ହୋଇଥିବାବେଳେ ଡାକ୍ତରଖାନା ପାଖ ରେସ୍କ୍ୟୁ ସେଣ୍ଟରରେ ଥିବା ଛୁଆ ହାତୀ ମାମା ପାଖକୁ ନନ୍ଦନକାନନ ନିର୍ଦ୍ଦେଶକ ଶଶୀପଲ, ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଜୁଲୋଜି ବିଭାଗର ମୁଖ୍ୟ ଶିବପ୍ରସାଦ ପରିଡ଼ା, ପର୍ଯ୍ୟଟନ ପରିଚାଳନା ଦାୟିତ୍ୱରେ ଥିବା ଏସିଏଫ୍ ଅମୂଲ୍ୟ କୁମାର ପରିଡ଼ା ପ୍ରମୁଖ ଆସି ଖାଦ୍ୟ ଖାଇବାକୁ ଦେଇଥିଲେ। ଅନ୍ଲାଇନରେ ତିନୋଟି ପର୍ଯ୍ୟାୟରେ ମୋ ସାଙ୍ଗ ହାତୀ, ହାତୀଙ୍କ ଆବାସସ୍ଥଳୀ, ହାତୀ ସଂରକ୍ଷଣ ଆଦି ବିଷୟକୁ ନେଇ ଗତ ୫ରୁ ୧୧ତାରିଖ ପର୍ଯ୍ୟନ୍ତ ହୋଇଥିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କ ନାମ ଏହି ଅବସରରେ ଘୋଷଣା କରାଯାଇଥିଲା। ମାହୁନ୍ତମାନଙ୍କୁ ମଧ ପୁରସ୍କାର ପ୍ରଦାନ କରାଯିବା ସହ ହାତୀ ସୁରକ୍ଷାର ବାର୍ତ୍ତା ନନ୍ଦନକାନନ କର୍ତ୍ତୃପକ୍ଷ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନ୍ତୁ ବିଭାଗ ରେଞ୍ଜର ସୁଦୀପ୍ତ କୁମାର ପଣ୍ଡା, ଗଣ୍ଠାଘର ଦାୟିତ୍ୱରେ ଥିବା ରେଞ୍ଜର ରଞ୍ଜନ କୁମାର ଦାସ, ଶିକ୍ଷା ଅଧିକାରୀ ମିଳନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ ମୋବାଇଲ ଆପ୍ ଶୁଭାରମ୍ଭ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମିତଙ୍କ ମଧ୍ୟରୁ ୧୬ରୁ ୪୦ବର୍ଷ ବୟସ୍କ ଯୁବଗୋଷ୍ଠୀଙ୍କ ସଂଖ୍ୟା ପ୍ରାୟ ୬୦ପ୍ରତିଶତ ରହିଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ମୋବାଇଲ ଆପ୍ 'COVIDSANGRAMEE 20-20 CHALLENGE'ର ଶୁଭାରମ୍ଭ କରାଯାଇଛି। ଯୁବଗୋଷ୍ଠୀଙ୍କ ପାଇଁ କରୋନା ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କିତ ଠିକ୍ ସୂଚନା ଓ ପରାମର୍ଶର ପ୍ରଚାର ପ୍ରସାର ପାଇଁ ଏହି ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ଟି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ୟୁଏନ୍ଏଫ୍ପିଏ, ଓଡ଼ିଶାର ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଛି। ଏହି ଆପ୍କୁ ଗୁଗଲ ପ୍ଲେ ଷ୍ଟୋର୍ରୁ ସର୍ଚ୍ଚ କିମ୍ବା https://play.google.com/store/apps/details?id=com.youngchallengesrenamed ଲିଙ୍କ୍ରେ ଡାଉନ୍ଲୋଡ୍ କରି କରୋନା ସଂକ୍ରମଣ, ପ୍ରତିରୋଧ, ବ୍ୟକ୍ତିଗତ ସୁରକ୍ଷା, ସଙ୍ଗରୋଧର ଗୁରୁତ୍ୱ, ସାମାଜିକ ଅନ୍ଧବିଶ୍ୱାସ, ବାସନ୍ଦ ଆଦି ସମ୍ପର୍କରେ ବିଜ୍ଞାନ ସମ୍ମତ ତଥା ଠିକ୍ ତଥ୍ୟ ପାଇପାରିବେ ବୋଲି କୁହାଯାଇଛି। ଏହି ଆପ୍ ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ଉପଲବ୍ଧ ରହିଛି।

# ଓଡ଼ିଶାର ୪ ପୋଲିସଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ମେଡାଲ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ତଦନ୍ତରେ ଉତ୍କର୍ଷତା ପାଇଁ ଓଡ଼ିଶାର ୪ଜଣ ପୋଲିସ ଅଧିକାରୀଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ମେଡାଲ ମିଳିଛି। ଦେଶରେ ୧୨୧ଜଣ ପୋଲିସ ଅଧିକାରୀଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ଏହି ମେଡାଲ ପ୍ରଦାନ କରାଯାଇଛି। ସିବିଆଇରୁ ସର୍ବାଧିକ ୧୫ଜଣ ରହିଛନ୍ତି। ତେବେ ଓଡ଼ିଶାରୁ ଏହି ମର୍ଯ୍ୟାଦାଜନକ ମେଡାଲ ପାଇଥିବା ଅଧିକାରୀମାନେ ହେଲେ ଇନ୍ସପେକ୍ଟର ସୁଷମା ତିର୍କୀ, ସବ୍ ଇନ୍ସପେକ୍ଟର ଯୁଗଳ କିଶୋର ଦାଶ, ସବ୍ ଇନ୍ସପେକ୍ଟର ସନ୍ତୋଷୀ ବାରିକ ଓ ସବ୍ ଇନ୍ସପେକ୍ଟର ବାବା ଶଙ୍କର ସରାଫ୍।

## ରିମାଣ୍ଡ ଅବଧି ପୂର୍ବରୁ ଦୁଇ ବନ୍ଧୁଙ୍କୁ ଜାମିନ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

**କୋଭିଡ୍ ଚିକିତ୍ସାକୁ ନେଇ ଅଡିଓ ଭାଇରାଲ ଘଟଣା**

କୋଭିଡ୍ ହସ୍ପିଟାଲ ଚିକିତ୍ସା ସମ୍ପର୍କିତ ଅଡିଓ ଭାଇରାଲ ମାମଲାରେ ଗିରଫ ହୋଇଥିବା ୨ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ବେହେରା ଓ ବିଶ୍ୱଜିତ ମହାନ୍ତିଙ୍କୁ ବୁଧବାର ଜାମିନ ମିଳିଛି। ଜଣେ ଜାମିନଦାର ଓ ୧୦ହଜାର ଟଙ୍କା ମୁଚାଲିକାରେ ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟ ତାଙ୍କୁ ଏହି ଜାମିନ ପ୍ରଦାନ କରିଛନ୍ତି। ସନ୍ଧ୍ୟାରେ ଉଭୟ ଝାରପଡ଼ା ଜେଲରୁ ମୁକୁଳିଛନ୍ତି। ମଙ୍ଗଳବାର ପୋଲିସ ଉଭୟଙ୍କୁ ପଚରାଉଚରା ପାଇଁ ୩ ଦିନ ରିମାଣ୍ଡରେ ନେଇଥିଲା। ହେଲେ ରିମାଣ୍ଡ ଅବଧି ସରିବା ପୂର୍ବରୁ ପୋଲିସ ତାଙ୍କୁ କୋର୍ଟରେ ହାଜର କରିଥିଲା। ପୋଲିସ ପକ୍ଷରୁ ଦାଖଲ ହୋଇଥିବା ସମସ୍ତ ତଥ୍ୟ ଓ ପ୍ରମାଣକୁ ପରଖିବା ପରେ କୋର୍ଟ ସେମାନଙ୍କୁ ଜାମି ପ୍ରଦାନ କରିଥିଲେ।

ସୂଚନା ଅନୁଯାୟୀ, ଲକ୍ଷ୍ମୀକାନ୍ତ ଓ ବିଶ୍ୱଜିତ୍ ହେଉଛନ୍ତି ଦୁଇ ବନ୍ଧୁ। ଲକ୍ଷ୍ମୀକାନ୍ତ କରୋନାରେ ଆକ୍ରାନ୍ତ ହୋଇ ଜୁଲାଇ ୧୭ରେ ଭୁବନେଶ୍ୱରସ୍ଥିତ ଏକ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସୁସ୍ଥ ହୋଇ ଘରକୁ ଫେରିବା ପରେ ବିଶ୍ୱଜିତ୍ ତାଙ୍କୁ ଫୋନ୍ କରି ତାଙ୍କର ଅନୁଭୂତି ଜାଣିବାକୁ ଚାହିଁଥିଲେ। ଲକ୍ଷ୍ମୀକାନ୍ତ କରୋନା ଓ ଚିକିତ୍ସାକୁ ନେଇ ଯାହା କହିଥିଲେ ତାହାର ଅଡିଓକୁ ବିଶ୍ୱଜିତ୍ ୨୦ରୁ ୨୫ଜଣ ସାଙ୍ଗଙ୍କ ପାଖକୁ ପଠାଇଥିଲେ। ଏହାପରେ ଉକ୍ତ ଅଡିଓଟି ଭାଇରାଲ୍ ହୋଇଯିବାରୁ ବିବାଦ ଦେଖାଦେଇଥିଲା। ଏହାକୁ ନେଇ ବିଏମ୍ସି ପକ୍ଷରୁ କ୍ୟାପିଟାଲ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା ରୁଜୁକରି ଉଭୟ ବିଶ୍ୱଜିତ୍ ଓ ଲକ୍ଷ୍ମୀକାନ୍ତଙ୍କୁ ସୋମବାର ଗିରଫ କରିଥିଲା।

# ଅଳିଆଗଦାରେ ପଡ଼ିଛି ମହାପ୍ରସାଦ

ପୁରୀ ଅଫିସ,୧୨।୮



- ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ
- ତଦନ୍ତ ପରେ ପଦକ୍ଷେପ: ଶ୍ରୀମନ୍ଦିର ନୀତି ପ୍ରଶାସକ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେତିକି ପୁଣ୍ୟ ମିଳେ ମହାପ୍ରସାଦ ସେବନରେ ସେତିକି ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ହେଲେ ଶ୍ରୀମନ୍ଦିର ନିକଟରେ ହିଁ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି ଅସମ୍ମାନ ପରିଲକ୍ଷିତ ହୋଇଛି। ବିକ୍ରି ନ ହୋଇ ନଷ୍ଟ ହୋଇଯାଇଥିବା ମହାପ୍ରଭୁଙ୍କ ପ୍ରିୟ ଶୁଖିଲି ଭୋଗ (ଖଜା, ଗଜା, ଲୁଣି ଖୁରୁମା, ଜଗନ୍ନାଥବଲ୍ଲଭ ଆଦି)କୁ ଦକ୍ଷିଣ ଦ୍ୱାର ପେଯନଳା ପାଖ ଅଳିଆଗଦାରେ ଫିଙ୍ଗି ଦିଆଯାଇଛି। ଏହା ଉପରେ କୁକୁର ଚଢୁଥିବାବେଳେ ଗୋରୁ ଖାଇବାକୁ ଆସି ଘାଣ୍ଟି ପକାଉଛନ୍ତି। ମହାପ୍ରସାଦ ପ୍ରତି ଏଭଳି ଅସମ୍ମାନକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସେବକଙ୍କ ଉପରେ ଶ୍ରୀମନ୍ଦିର ପ୍ରଶାସନର ନିୟନ୍ତ୍ରଣ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ଭକ୍ତ ମହଲରେ ଆଲୋଚନା ହେଉଛି।

ସୁଆର ମହାସୁଆର ସେବକ ଏହି ଶୁଖିଲି ଭୋଗ ତିଆରି କରିଥାନ୍ତି। ବିଭିନ୍ନ ନିଯୋଗ ଏଥିପାଇଁ ସୁଆର ମହାସୁଆର ସେବକଙ୍କୁ ବରାଦ ଦେଇଥାନ୍ତି। ମହାପ୍ରଭୁଙ୍କ ପାଖରେ ଏହା ଲାଗି ହେବା ପରେ ଆନନ୍ଦ ବଜାରରେ ସୁଆର ମହାସୁଆର ସେବକ ବିକ୍ରି କରିଥାନ୍ତି। ସେହିପରି ଅନ୍ୟ ସେବାୟତ ନିଯୋଗ ଏହି ଶୁଖିଲି ଭୋଗକୁ ସେମାନଙ୍କ ଯାତ୍ରୀଙ୍କୁ ମଧ ଦେଇଥାନ୍ତି। ତେବେ କରୋନା କଟକଣା ପାଇଁ ଗତ ମାର୍ଚ୍ଚ ୨୦ ତାରିଖ ପରଠାରୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିଛି। ତେଣୁ ଆଗରୁ ଯେଉଁ ପରିମାଣର ମହାପ୍ରସାଦ ବିକ୍ରି ହେଉଥିଲା ଏବେ ତାହା ହେଉନାହିଁ। କାଁ ଭାଁ ଭକ୍ତ ଆସି ମହାପ୍ରସାଦ ନେଉଛନ୍ତି। ଫଳରେ ବଳିପଡୁଥିବା ଶୁଖିଲି ଭୋଗ ରହି ନଷ୍ଟ ହୋଇଯାଉଛି। ଏଭଳି ନଷ୍ଟ ହୋଇଯାଇଥିବା ଶହ ଶହ ତାଳପତ୍ର ପେଡ଼ି ଭର୍ତ୍ତି ଶୁଖିଲି ଭୋଗକୁ କେହି ଅଳିଆଗଦାରେ ଫିଙ୍ଗି ଦେଇଛନ୍ତି। ଏହାକୁ ନେଇ ଭକ୍ତ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ସଭାପତି ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ମନ୍ଦିରରେ ଭକ୍ତଙ୍କ ପ୍ରବେଶ ବନ୍ଦ ଥିବାବେଳେ କାହିଁକି ଏତେ ପରିମାଣର ଶୁଖିଲି ଭୋଗ ତିଆରି କରାଯାଇଥିଲା। ଯଦି କରାଯାଇଥିଲା ତେବେ ପୂର୍ବରୁ ଏହାକୁ ଭକ୍ତଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ ଆଜି ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା। ମହାପ୍ରସାଦକୁ ଅସମ୍ମାନ ଅର୍ଥ ମହାପ୍ରଭୁଙ୍କୁ ଅସମ୍ମାନ। ତେବେ କିଏ ମହାପ୍ରସାଦକୁ ବାହାରେ ଏମିତି ଫିଙ୍ଗିଛନ୍ତି ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ସେହିପରି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଯଦି ମହାପ୍ରସାଦ ନଷ୍ଟ ହୁଏ ତେବେ କୋଇଲି ବୈକୁଣ୍ଠରେ ଏହା ପୋତାଯିବାର ପରମ୍ପରା ରହିଛି। ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟିକୁ ଆଣି ଏହା ପୋତା ଦିଆଯାଇପାରିଥାନ୍ତା। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ପେଯନଳା ନିକଟରେ କେଉଁ ପରିସ୍ଥିତିରେ ଏତେ ପରିମାଣର ଭୋଗ ପଡ଼ିଛି ତାହାର ତଦନ୍ତ କରାଯିବ। ଯଦି ନଷ୍ଟ ହୋଇଯାଇଥିଲା ତେବେ ପୋତା ଯାଇପାରିଥାନ୍ତା। ମହାପ୍ରସାଦକୁ ଏମିତି ଫୋପାଡ଼ିବା କଥା ନୁହେଁ। ଏ ଦିଗରେ ବିହୀତ ପଦକ୍ଷେପ ନିଆଯିବ।

କ ବି ତା

## ନିଜ ଭିତରେ ନିଜେ

ସୁଶାନ୍ତ କୁମାର ନାୟକ

ଛାଇମାନଙ୍କର ଲୁଚକାଳି ଭିତରେ
ମୁଁ ଅହରହ ଦୌଡୁଥାଏ
ସ୍ମୃତିର ପାଦଚିହ୍ନକୁ
ଦୁଇ ପାପୁଲିରେ ଧରି

ମୋ'ଚାରିପଟେ ଛାଇମାନଙ୍କର ଭିଡ଼
ଏତେ ଭିଡ଼ ଭିତରେ ବି
ମୋ' ଶ୍ୱାସ ପ୍ରଶ୍ୱାସରେ
ବାରି ହେଇ ପଡୁଥାଏ
ନିଃସଙ୍ଗତାର ଚିହ୍ନ।

ମୁଁ ନିଜକୁ ଲୁଚାଇବାକୁ
ଯେତେ ଚେଷ୍ଟା କଲେ ବି
ମୃତ୍ୟୁ ଓ ସ୍ୱପ୍ନ ଭିତରେ ଧରାଦିଏ
ନିଜ ଚେହେରାର ପ୍ରକୃତ ନକଲ।

ମଣିଷଙ୍କ ଆଖି ଭିତରେ
ସମୟ ହିଁ ଦେଖୁଥାଏ
ଦିକ୍ ଦିକ୍ ଜଳୁଥିବା
ଜୀବନର ଶେଷ ଅଗ୍ନିଶିଖା
ଅଜଣା ଚରିତ୍ର ମୁହଁରେ
ଲୁଚିଥାଏ ଆକାଶର ନିର୍ମମ ଓ ନିର୍ବିକାର
ଦୃଶ୍ୟ।
ଲୁହରେ ଧୁଆ ହେଉଥାଏ
ଅନ୍ୟାୟ ଓ ଅନୀତିରେ ଜୁବୁବୁବୁ
ବିବେକର ପାଦ ଚିହ୍ନ।

ଏବେ ବି ମୁଁ ଚାଲିଛି ଏକା ଏକା
ପରସ୍ତ ପରସ୍ତ ହାଡ଼ଙ୍କ
ଅଙ୍କକଷା ଭିତରେ
ଖୋଜୁଛି ନିଜକୁ
ମୋ' ନିଜ ଭିତରେ।

ମୋ: ୯୪୩୭୧୧୮୮୨୨



## ଅନ୍ଧାର

ନିବେଦିତା ମିଶ୍ରଗୁରୁ

ଇଏ କେମିତି ଅନ୍ଧାର ଆଜି
ଆକାଶରେ ଅଗଣାରେ କିଛି ମେଘ
ଚିକ୍‌ମିକ୍ କରେ ତାରାଫୁଲ
ଜହ୍ନ ଲାଗେ ଫିକା।

ଅନ୍ଧାର ଆଜି କେଡ଼େ ଘନ
ଲୁହରେ ଭରିଛି ମୋ ଆଖି
ଝାପ୍‌ସା ଦିଶେ ଜହ୍ନ ଆଉ ତାରାଙ୍କ ଆଲୁଅ
ଚାରିପାଖେ ମୋର ଦୁଃଖଙ୍କର ଭିଡ଼।

ଇଏ କେମିତି ଅନ୍ଧାର ଆଜି
ଜୀବନରେ ମୋର
କହି ଦିଅ ଥରେ
ସାମ୍ନାରେ ଏଇଯେ ତମ
ଶ୍ରୀମୁଖର କୃଷ୍ଣ ଅନ୍ଧକାର
ସେ ଅନ୍ଧାରୁ ହେଇପାରେ
ଆଉ କ'ଣ ଅଧିକ ମୋ' ପ୍ରିୟ ?

ରଙ୍ଗେଇ ଦିଅନ୍ତି ଯଦି ମୋ ପୃଥିବୀ
ମୋ' ସାରା ଜୀବନ
ତମ ମହା ଅନ୍ଧାରରେ
ତେବେ କ'ଣ ଲୋଡ଼ା ଆଲୋକ ?

'ମୁଁ ଅଂଶ ତମ ଅନ୍ଧାରର...'
ମନ ରଖିବାକୁ ମୋର ହେଉପଛେ
ଏ କଥାରେ
ତମେ 'ହଁ' ମାର।

ମୋ-୯୧୬୭୦୭୬୩୬୬



ଅବଲୋକନ

### ବ୍ୟତିକ୍ରମୀ ଭ୍ରମଣଗ୍ରନ୍ଥ

# ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି

**ଭ୍ରମଣ କାହାଣୀ ସର୍ବଦା ଘରୋଇ ପାଠକ ଅର୍ଥାତ୍ ଭ୍ରମଣକାରୀଙ୍କ ନିଜ ଦେଶର ନିଜ ଭାଷାଭାଷୀ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥାଏ। ତେଣୁ ଭ୍ରମଣ ବେଳର ସ୍ଥାନ ବା ଅଭିଜ୍ଞତା ବର୍ଣ୍ଣନା କରିବା ସମୟରେ, ଲେଖକ ନିଜ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଭୂଗୋଳ, ଇତିହାସ ବା ସଂସ୍କୃତି ସହିତ ଅପରିଚିତ ସ୍ଥାନଗୁଡ଼ିକର ବାରମ୍ବାର ତୁଳନା କରନ୍ତି। ସାମଞ୍ଜସ୍ୟ ବା ତାରତମ୍ୟର ସୂଚନା ଦେଇଥାନ୍ତି। ବାହାର ଦୁନିଆ ଦ୍ୱାରା ଲେଖକର ଭିତର ଦୁନିଆ ଯେତେ ଆଲୋକିତ ହେଉଥାଏ, ତହିଁରେ ଯେତେ ଚମତ୍କାରିତା ଭରିବା ସମ୍ଭବ ହେଉଥାଏ, ଭ୍ରମଣ ସାହିତ୍ୟର ସାହିତ୍ୟିକ ମୂଲ୍ୟ ସେତିକି ବୃଦ୍ଧି ପାଏ...**



ପ୍ର. ସୁମନ୍ୟୁ ଶତପଥୀ

ଭୁବନେଶ୍ୱର ବେହେରା ପ୍ରଥମେ ଭ୍ରମଣ ଜୀବନ ଆରମ୍ଭ କରନ୍ତି ବାଲ୍ୟକାଳରେ ନିଜ ଗାଁରୁ ଭବାନୀପାଟଣା ଶଗଡ଼ଗାଡ଼ିରେ ଯିବାଆସିବା କରି- ପରେ କଟକକୁ ଯାତ୍ରା ରେଭେନ୍‌ସା କଲେଜରେ ପଢ଼ିବା ପାଇଁ। ତା' ପରେ ପାଟନା, ମହୀଶୂର ଇତ୍ୟାଦି। ଭାରତ ବାହାରେ ଦେଶ ବିଦେଶ ଭ୍ରମଣ ସେ ଆରମ୍ଭ କରନ୍ତି ୧୯୪୩ରେ। ଉଚ୍ଚଶିକ୍ଷା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଯାତ୍ରା ଏହାର ଅୟମାରମ୍ଭ। ତାଙ୍କ 'ଗାଁର ଡାକ' ଶୀର୍ଷକ 'ପରୋକ୍ଷ ଜୀବନୀ'ର ଗୋଟିଏ ପରିଚ୍ଛେଦରେ ଏ ସବୁର ସୂଚନା ମିଳେ। ୧୯୭୬ରେ ପ୍ରକାଶ ପାଏ ତାଙ୍କର ପଶ୍ଚିମ ଆଫ୍ରିକା ଭ୍ରମଣ ବୃତ୍ତାନ୍ତ ''ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି'' ଶୀର୍ଷକରେ।

ଭ୍ରମଣ ସାହିତ୍ୟର ସ୍ୱରୂପ ଚିହ୍ନାଇବାକୁ ଯାଇ ଡ. ନଟବର ସାମନ୍ତରାୟ କହିଛନ୍ତି- ''ଦେଖିଥିବା ବିଷୟର ସାର୍ଥକ ନିର୍ବାଚନ ଓ ତା'ର ରସ-ରୂପାୟନ ଅର୍ଥାତ୍ ଦୃଷ୍ଟ ପଦାର୍ଥର ରସବିକାଶୋପଯୋଗୀ ଉପଯୁକ୍ତ ପରିବେଶ ହିଁ ଭ୍ରମଣ ସାହିତ୍ୟର ଯଥାର୍ଥ ପ୍ରାଣକେନ୍ଦ୍ର।'' ଏଇ ପରିଭାଷା ଅନୁଯାୟୀ ଭୁବନେଶ୍ୱରଙ୍କ ଭ୍ରମଣ ସାହିତ୍ୟ ସମ୍ପର୍କରେ ଆମେ ଆଲୋଚନା କରିପାରିବା। ''ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି'' ଭ୍ରମଣଗ୍ରନ୍ଥରେ ଏପରି ହାସ୍ୟୋଦ୍ଦୀପକ ଶୀର୍ଷକର ଯଥାର୍ଥତା ସେ ସୂଚାଇଛନ୍ତି। ଢେଙ୍କିଟି ହେଲା ଶିକ୍ଷକ ନିଜେ, ଯିଏ କି ଜଣେ ଓଡ଼ିଆ ଓ ଢେଙ୍କିତ୍ୱ ହେଲା ପାଠ ପଢ଼ାଇବା, ଯାହା ଓଡ଼ିଆତ୍ୱ ହୋଇପାରେ। ସଦ୍ୟ ଅବସରପ୍ରାପ୍ତ ଭୁବନେଶ୍ୱର ହେଲେ ଭ୍ରମଣ କାହାଣୀର ନାୟକ। ପଶ୍ଚିମ ଆଫ୍ରିକାକୁ ଯାଇ ସିଏ ଢେଙ୍କି କୁଟିଲେ କି ନାହିଁ- ଏପରି କୌତୂହଳତା ନେଇ ପାଠକ ଗ୍ରନ୍ଥପ୍ରବେଶ କରେ।

''ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି'' ପୁସ୍ତକର ମୁଖ୍ୟ ଭାଗରେ ବିଭିନ୍ନ ଅପରିଚିତ ଜାତି ଓ ଧର୍ମ, ଆଫ୍ରିକୀୟ, ଆମେରିକୀୟ ଏବଂ ସର୍ବୋପରି ଭାରତୀୟ ପରିବାର ଓ ନୂତନ ବନ୍ଧୁ ତଥା କର୍ମଚାରୀଙ୍କ ସହ ମିଳାମିଶା ଓ ଆଳାପ ଏବଂ ତାଙ୍କ ଉପରେ ମନ୍ତବ୍ୟ, ବିଭିନ୍ନ ଦୃଶ୍ୟର ବର୍ଣ୍ଣନା, ଦେଶଗୁଡ଼ିକର ଅର୍ଥନୈତିକ ତଥା ସାମାଜିକ ବ୍ୟବସ୍ଥା ସହ ଭାରତ ବା ଓଡ଼ିଶାର ତୁଳନା- ଏ ସବୁ ଦ୍ୱାରା କେବଳ ଯେ ପଶ୍ଚିମ ଆଫ୍ରିକା ସହିତ ପାଠକର ପରିଚୟ ହୋଇଛି ତା' ନୁହେଁ- ଏହା ମାଧ୍ୟମରେ ପାଠକର ନିଜ ଲୋକ, ବ୍ୟବସ୍ଥା ଓ ସଂସ୍କୃତି ବିଷୟରେ ମଧ୍ୟ ଅନେକଟା ଆଖି ଖୋଲିଛି। ପ୍ରକୃତରେ ଦେଖିବାକୁ ଗଲେ ଭ୍ରମଣ କାହାଣୀ ସର୍ବଦା ଘରୋଇ ପାଠକ ଅର୍ଥାତ୍ ଭ୍ରମଣକାରୀଙ୍କ ନିଜ ଦେଶର ନିଜ ଭାଷାଭାଷୀ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥାଏ। ତେଣୁ ଭ୍ରମଣ ବେଳର ସ୍ଥାନ ବା ଅଭିଜ୍ଞତା ବର୍ଣ୍ଣନା କରିବା ସମୟରେ, ଲେଖକ ନିଜ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଭୂଗୋଳ, ଇତିହାସ ବା ସଂସ୍କୃତି ସହିତ ଅପରିଚିତ ସ୍ଥାନଗୁଡ଼ିକର ବାରମ୍ବାର ତୁଳନା କରନ୍ତି। ସାମଞ୍ଜସ୍ୟ ବା ତାରତମ୍ୟର ସୂଚନା ଦେଇଥାନ୍ତି। ବାହାର ଦୁନିଆ ଦ୍ୱାରା ଲେଖକର ଭିତର ଦୁନିଆ ଯେତେ ଆଲୋକିତ ହେଉଥାଏ, ତହିଁରେ ଯେତେ ଚମତ୍କାରିତା ଭରିବା ସମ୍ଭବ ହେଉଥାଏ, ଭ୍ରମଣ ସାହିତ୍ୟର ସାହିତ୍ୟିକ ମୂଲ୍ୟ ସେତିକି ବୃଦ୍ଧି ପାଏ।

ଭୁବନେଶ୍ୱର ବେହେରାଙ୍କ ଭ୍ରମଣ ସାହିତ୍ୟର ଏକ ବିଶେଷତ୍ୱ ହେଲା, ଦୁଇଟି ସମୟ ଖଣ୍ଡକୁ ଏକାଠି କରି ଦେଖିବା। କୌଣସି ଅନୁଭୂତିକୁ ବର୍ଣ୍ଣନା କଲାବେଳେ ସିଏ ହୁଏତ ନିଜର ଘର, ଗାଁ କିମ୍ବା ଦେଶଠାରୁ ବହୁ ଦୂରରେ ଏକ ସମ୍ପୂର୍ଣ୍ଣ ନୂତନ ଅଭିଜ୍ଞତାର ସମୟ ଖଣ୍ଡ ମଧ୍ୟରେ ଥିବେ, କିନ୍ତୁ ଯୁଗପତ୍ ନିଜର ପିଲାଦିନ ଅଥବା ତରୁଣ ବୟସର ଏକ ନିତାନ୍ତ ମାମୁଲି କୌଣସି ଅଭିଜ୍ଞତାକୁ ନୂତନ ଏକ ଦୃଷ୍ଟିକୋଣରୁ ଦେଖିବାକୁ ବିସ୍ମୃତ ହେଉ ନ ଥିବେ। ''ପଶ୍ଚିମ ଆଫ୍ରିକା''କୁ ଉଡ଼ିଯାଉଥିବା ସମୟରେ ବିମାନ ମଧ୍ୟରେ ତାଙ୍କ ଭାବନାରୁ ଉଦାହରଣଟିଏ- ''ଘଣ୍ଟାକୁ ପ୍ରାୟ ୬୦୦ ମାଇଲ ବେଗରେ ଉଡ଼ିଯାଉଥିଲାବେଳେ ମୁଁ କାହିଁକି କେଜାଣି ଆମ ପିଲା ଦିନର ବଳଦଗାଡ଼ି ଯାତ୍ରା କଥା ଭାବି ବସିଲି। ... ସେଦିନର କଳାହାଣ୍ଡି ଗଡ଼ଜାତ ରାଜ୍ୟର ସାରା ଅଞ୍ଚଳ ଭିତରେ ଗୋଟିଏ ମାତ୍ର ହାଇସ୍କୁଲ କେବଳ ଭବାନୀପାଟଣାରେ। ଆମେ ମଫସଲ ଛାତ୍ର ସବୁ ବାଧ୍ୟ ହୋଇ ହଷ୍ଟେଲରେ ରହୁ। ବଳଦଗାଡ଼ି ହିଁ ଏକମାତ୍ର ଯାନ (ଗାଁରୁ ଭବାନୀପାଟଣା ୩୮ ମାଇଲ ବାଟ)। ଯିବା ଆସିବାରେ ଦୁଇଦିନ କଟିଯାଏ। ରାତିରେ ଭାତ ଖାଇସାରିଲା ପରେ ବଳଦଗାଡ଼ି ଯାତ୍ରା ଆରମ୍ଭ ହୁଏ। ସଡ଼କରେ ବଳଦଗାଡ଼ି ଯିବା ମନା। ଗାଡ଼ି ସବୁ ତେଣୁ ବଣ ଭିତରେ ବୁଲିବୁଲି ଶଗଡ଼ଚଲା ବାଟରେ ହିଁ ଯାଏ। ...''

ନଜର କରିବା କଥା ୬୦୦ ମାଇଲ ବେଗରେ ଏରୋପ୍ଲେନ୍‌ରେ ଯାତ୍ରା କରୁଥିବା ସମୟରେ ଲେଖକ ୩ ବା ୪ ମାଇଲ ବେଗରେ ଯାତ୍ରା କରୁଥିବା ଶଗଡ଼ଗାଡ଼ି କଥା ସ୍ମରଣ କରିଛନ୍ତି। ଏବଂ ଦେଖାଇଛନ୍ତି ସେଇ ଶଗଡ଼ଗାଡ଼ି ଯାତ୍ରା ଏବର ବୋଇଙ୍ଗ୍ ବିମାନଯାତ୍ରାଠାରୁ କେତେ ରୋମାଞ୍ଚକ ଥିଲା। ଶଗଡ଼ିଆମାନେ କେମିତି ମହାବଳ ବାଘଙ୍କ ସାମନା କରିଥିଲେ, ତା'ର ବର୍ଣ୍ଣନା, ଶିଶୁସୁଲଭ ମାନସପଟରେ ଚାଞ୍ଚଲ୍ୟ ସୃଷ୍ଟି କରୁଥିଲା। ବାଘର ଭୟ ସାଙ୍ଗକୁ ଶଗଡ଼ିଆର ଗୀତ- ଓ ଭୟଙ୍କର ଗୁଲିଗପ ଭଳି ଲାଗୁଥିବା ସତକଥା (ଶଗଡ଼ିଆ କହୁଛି, ''ମିଛ କହୁଥିଲେ ଆଖି ଫୁଟିଯିବ'') ଇତ୍ୟାଦି ସହିତ ବୟସ୍କ ବେହେରାଙ୍କର କଉତୁକିଆ ଟିପ୍ପଣୀ - ''ମୁଁ କିନ୍ତୁ ସେ ବାଘ ଦେଖିବା ତ ଦୂରର କଥା - ବଣରେ ତା'ର ଡାକ କେବେ ଶୁଣିନି କି ସେ ଗନ୍ଧ ବି କେବେ ବାରି ପାରିନି।'' (ପୃ.୧୬) ଏଇସବୁ ବର୍ଣ୍ଣନା ଯେତେବେଳେ ପାଠକର ମନୋରଞ୍ଜନ କରି କଳାହାଣ୍ଡିର ଭୋକିଲା ଜଙ୍ଗଲକୁ ଟାଣି ନେଉଥାଏ, ହଳିଆମାନଙ୍କଠାରୁ ବଳଦମାନେ ମାଡ଼ ଖାଉଥାନ୍ତି। ହଠାତ୍ ସେଇ ଦୁନିଆରୁ ଫେରିଆସି ବିନା ଚେତାବନୀରେ ଲେଖକ ସେ ବିମାନରେ କ'ଣ ଖାଉଥାନ୍ତି ତା'ର ବର୍ଣ୍ଣନା କରିବସନ୍ତି - ''ଉଡ଼ାଜାହାଜ ଭିତରେ ଆମେମାନେ ଯଥା ସମୟରେ ଆମର ବ୍ରେକ୍‌ଫାଷ୍ଟ ଓ ମଧ୍ୟାହ୍ନ ଭୋଜନ ଖାଇ ସାରିଥିଲୁ।'' (ତତ୍ରୈବ)



ସ୍ଥାନେ ସ୍ଥାନେ ଲେଖକଙ୍କର ଦେଶପ୍ରେମ ଉଦ୍ରେକ ହୁଏ। ତାଙ୍କ ଭାଷାରେ- ''ପିଲାଦିନେ ନିଜ ସାଙ୍ଗସାଥୀଙ୍କ ସାଙ୍ଗରେ ଛୋଟ ଛୋଟ କଥାରେ ଅକାରଣ ବାଦ କଲାପରି, ଏହି ମିଶର ଦେଶ ସାଙ୍ଗରେ ବାଦ କରିବା ପାଇଁ ପ୍ରବଳ ଇଚ୍ଛା ହୁଏ। ମିଶର ତଥା ନୀଳ ନଦୀ ଉପତ୍ୟକାର ସଭ୍ୟତା ଆମ ଭାରତୀୟ ଗଙ୍ଗା, ସିନ୍ଧୁ ଉପତ୍ୟକା ସଭ୍ୟତାଠାରୁ ପୁରାତନ- ଏ କଥାରେ ଆଘାତ ଆସେ। ଆଜି ମଧ୍ୟ ମୁଁ ଭାବେ ଯେ ଯେଉଁମାନେ ଏପରି ଚିନ୍ତାଧାରାକୁ କୌଣସି ଗୁରୁତ୍ୱ ନ ଦେଇ କେବଳ ଭାବପ୍ରବଣତା ବୋଲି କହି ହସି ଉଡ଼ାଇଦେବାକୁ ଚେଷ୍ଟା କରନ୍ତି, ସେମାନେ ନିଶ୍ଚୟ ଭୁଲ କରନ୍ତି ଏବଂ ଆମ ସଂସ୍କୃତି ପ୍ରତି ଅବିଚାର କରନ୍ତି।'' (ପୃ. ୧୯) ମନରୋଭିଆରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଲା ବେଳେ ସେ ବାରମ୍ବାର ତୁଳନା କରିଛନ୍ତି ସେ ଦେଶର ମନ୍ତ୍ରୀ ବା ଉଚ୍ଚପଦସ୍ଥ ସରକାରୀ ଅଫିସରମାନଙ୍କୁ ଆମ ଦେଶର ସାମନ୍ତବାଦୀ ବ୍ୟବହାର ସହିତ। ପୁଣି ତୁଳନା କରିଛନ୍ତି ଆଫ୍ରିକୀୟ ସଙ୍ଗୀତ ସହିତ ଭାରତୀୟ ଏବଂ ଇଉରୋପୀୟ ଶାସ୍ତ୍ରୀୟ ସଙ୍ଗୀତ। ସଦାବେଳେ ଯେ ସେମାନେ ଭଲ, ସେମାନଙ୍କର ସବୁ ଭଲ ଓ ଆମେ ତଥା ଆମର ସବୁ ଖରାପ- ସେକଥାକୁ ଅନ୍ଧ ଭାବରେ ଲେଖକ ଗ୍ରହଣ କରନ୍ତି ନାହିଁ।

ଆଫ୍ରିକାରେ ଭାରତୀୟଙ୍କ ଜୀବନଯାପନର ବର୍ଣ୍ଣନା ଦେବାକୁ ଯାଇ ଲେଖକ କହିଛନ୍ତି- ''ଆଫ୍ରିକାର ଏ ଅଞ୍ଚଳରେ ଭାରତୀୟ ପରିବାରର ଅଭିଶପ୍ତ ଜୀବନ। ବେଳେବେଳେ ଦିନ ଦିନ ଧରି ଚାଉଳ କିମ୍ବା ଗହମ ମିଳେନି, ଡାଲି ନାହିଁ, ଚିନି, ଆଳୁ ପିଆଜ, ପନିପରିବା କିଛିନାହିଁ। ନୈତିକତା କିମ୍ବା ଆଧ୍ୟାତ୍ମିକ ଚିନ୍ତାର କୌଣସି ସ୍ଥାନ ନ ଥିବା ଭିତରେ ପୁଅଝିଅଙ୍କୁ ମଣିଷ କରିବା କେତେ ଯେ କଠିନ! ଠିକ୍ ପଶୁଙ୍କ ପରି ଜୀବନ।'' ଯୁକ୍ତରାଷ୍ଟ୍ର ଆମେରିକାରେ ଥିଲାବେଳେ ଲେଖକ ନିଜ ସଭ୍ୟତାକୁ ନିମ୍ନ ଚକ୍ଷୁରେ ଦେଖୁଥିଲେ, କାରଣ ଔପନିବେଶିକ ମାନସିକତା ନେଇ ଦେଖିଲେ ପାଶ୍ଚାତ୍ୟ ସଭ୍ୟତାର ସବୁ କିଛି ଉନ୍ନତ ମନେ ହୁଏ। କିନ୍ତୁ ଆଫ୍ରିକାରେ ତାଙ୍କର ଦୃଷ୍ଟିକୋଣ ବଦଳିଯାଇଥାଏ। ଆମେରିକାର ଛାତ୍ରଛାତ୍ରୀମାନେ ପ୍ରଫେସର ନ ଥିବା ସମୟରେ କୁଣ୍ଢାକୁଣ୍ଢି ହୋଇ ବସିଥିବା ଓ ପ୍ରଫେସର କ୍ଲାସ୍ ଭିତରକୁ ପଶି ଆସିଲେ ପ୍ରକୃତିସ୍ଥ ହେବା ତାଙ୍କ ଆଖିରେ ପ୍ରଶଂସନୀୟ। ଆଫ୍ରିକାରେ ଏପରି ଦୃଶ୍ୟ ଉପରେ ମନ୍ତବ୍ୟ କିନ୍ତୁ ଓଲଟା: ''ଏମାନଙ୍କ ସମାଜ ନୈତିକତା ଓ ଚରିତ୍ର ଉପରେ ବିଶେଷ ଗୁରୁତ୍ୱ ଦିଏନି- ପୁଅ ଝିଅଙ୍କ ଅବାଧ ମିଳନ ତେଣୁ ଏକ ସାଧାରଣ କଥା'' ବୋଲି କହି ଆଫ୍ରିକୀୟ ସଭ୍ୟତାକୁ ନିମ୍ନ ଧରଣର ବୋଲି ମନ୍ତବ୍ୟ ଦିଅନ୍ତି। ବେହେରାଙ୍କ ଭ୍ରମଣ ସାହିତ୍ୟ ସପକ୍ଷରେ ଗୋଟିଏ କଥା କୁହାଯାଇ ପାରିବ ଯେ, ପ୍ରାୟ ଶହେବର୍ଷର ଓଡ଼ିଆ ଭ୍ରମଣ ସାହିତ୍ୟରେ ଆଙ୍ଗୁଳିରେ ଗଣିଦେଲା ପରି ମାତ୍ର କେତୋଟି ଆଫ୍ରିକା ଅନୁଭୂତି ଲେଖାଯାଇଛି, ଯଦିଓ ୟୁରୋପ ଓ ଆମେରିକା ଜନିତ ଭ୍ରମଣକାହାଣୀ ଅସଂଖ୍ୟ।

ମୋ-୯୮୭୧୦୭୮୩୦୭

# ସର୍ଜନର ପଥ କେବେ ବି ସଳଖ ନୁହେଁ

**ପ୍ରମୀଳା ଶତପଥୀଙ୍କ ଜନ୍ମ ବାଲେଶ୍ୱର ଜିଲାର ପାଳସାହିରେ, ୧୪ ଜୁଲାଇ ୧୯୬୧ରେ। 'ଜୀବନଦୋହା' (୧,୨)ର ଜୀବନବାଦିନୀ ଏହି ସ୍ରଷ୍ଟା ତାଙ୍କ ସୃଷ୍ଟି ପାଇଁ ପ୍ରଚୁର ପାଠକୀୟ ଶ୍ରଦ୍ଧା ସହ ପାଇଛନ୍ତି 'ବାର୍ତ୍ତାଊର୍ମି ସମ୍ମାନ' ଓ 'କଳିଙ୍ଗ ପୁସ୍ତକ ସମ୍ମାନ'। ତାଙ୍କ କବିତାରେ ସଦା ବିରାଜିତ ଥାଏ ଏକ ନିର୍ଭୁଲ ନିଜପଣ...**

ସୃଜନର ପଥରେ ବେଳେବେଳେ ମନକୁ ଆସିଛି, ମୋ' ନାଁ ଆଗରେ ଅଧ୍ୟାପିକା ବା ଡ. ନାହିଁ ବୋଲି ବୋଧେ ମୋତେ ଏ ପଥରେ ଅଧିକ ସଂଘର୍ଷ କରିବାକୁ ପଡୁଛି, ଯେଣୁ ମୁଁ ଜଣେ ସାଧାରଣ ଗୃହିଣୀ। ବହୁତ ରକ୍ତ ଝରିଛି ଛାତିରୁ, ପାଦରୁ। ଭାବିଛି ଏଇଠି ଅଟକି ଯିବି କି? ନା, କେହିଜଣେ ମୋତେ ହାତଧରି ଟାଣିନେଇଛି ଆଗକୁ। ପୁଣି ଧରିନେଇଛି କବିତାର ହାତ। କବିତା ମୋତେ ପାଳିଛି, କେବେ ତା' ସ୍ୱେଦରେ ତ କେବେ ଜହ୍ନ କିରଣରେ, ମୁଣ୍ଡକୁ ଆଉଁଶି ଦେଇ କହିଛି- ''ସଂଘର୍ଷ ବିନା ସଫଳତା କେବେ ପ୍ରୟାଗର ପବିତ୍ରତା ନୁହଁ। ସର୍ଜନର ପଥ କେବେ ବି ସଳଖପଣର ଆରାଧନା ନୁହଁ।

ମୁଁ କବିତାର ଯଜ୍ଞବେଦୀରେ ଶ୍ରୁବ ନୁହଁ, କି ସମୀଧ ; ଘୃତ ନୁହଁ, କି ଆହୂତି ମନ୍ତ୍ର, ମୁଁ ଧୂଆଁ ନୁହଁ କି ନିଆଁ, ମୁଁ ଏକ ଉପସ୍ଥିତିର ମିଠାମିଠା ବାସ୍ନା। ମୁଁ ଆହ୍ଲାଦିତ ହୋଇଛି ଯେତେବେଳେ କୌଣସି ଆୟୋଜନ ନ ଥାଇ ୧୯୯୫ ମସିହାରେ ମୋ' ପ୍ରଥମ ପୁସ୍ତକ ଉନ୍ମୋଚିତ ହୋଇଗଲା ସେତେବେଳର ରାଜ୍ୟପାଳ ବି. ଏନ୍. ରେଡ୍ଡିଙ୍କ ହାତରେ। ଶବ୍ଦର ପ୍ରବାହ ଛଡ଼ା ମୁଁ ଆଉ କିଛି ଲୋଡ଼ିନାହିଁ ମହାଶକ୍ତିଙ୍କଠାରୁ, କବିତା ନିକଟରୁ। ସ୍ମୃତି ଭିତରେ ଆନନ୍ଦଠାରୁ ଜ୍ୱଳନର ଭାଗ ଖୁବ୍ ବେଶି। ଯଦି ମୁଁ ନିଆଁକୁ ଓଗାଳି ଦେବି, ତେବେ ମୋତେ କାଠଗଡ଼ାରେ ଛିଡ଼ାହେବାକୁ ପଡ଼ିପାରେ ନିଜର ହତ୍ୟାକାରୀ ଭାବରେ। ଥାଉ ସେ ସବୁ, ଯାହା କେବେ ଖୋଲିବାର ନୁହେଁ।

ସମସ୍ତଙ୍କୁ ଲୁଚେଇ ୧୩ବର୍ଷ ବୟସରେ ଲେଖିଲି ଗଳ୍ପ, ୧୬ବର୍ଷ ବୟସରେ ଲେଖିଲି ଉପନ୍ୟାସ, ଲୁଚେଇ ରଖିଦେଲି ଆଲମିରାରେ। ବୈବାହିକ ଜୀବନରେ ପ୍ରବେଶ କଲାପରେ ଭୁଲିଗଲି ମୁଁ ଦିନେ ଲେଖୁଥିଲି ବୋଲି। ୧୯୯୨ମସିହାରେ ଏମିତି ଏକ ସମୟ ଆସିଲା ଯେ ଗୋଟେ ପାର୍ଶ୍ୱରେ ମୃତ୍ୟୁ ଅନ୍ୟ ପାର୍ଶ୍ୱରେ ଛୋଟ ପୁଅ ଓ ସ୍ୱାମୀଙ୍କର ମାୟା, ଏମିତି ଏକ ସନ୍ଧିକ୍ଷଣରେ

ସୃଜନ-ସ୍ମୃତି



ପ୍ରମୀଳା ଶତପଥୀ

ହୃଦୟ ମୋର ମନ୍ଥି ହୋଇଗଲାବେଳେ ହସ୍ପିଟାଲ ବେଡ୍‌ରେ ଶୋଇ ଅନୁଭବକଲି, ମହାକାଶରୁ ଏକ ଶୁଭ୍ରଜ୍ୟୋତି ଯେମିତି ମୋର ସମଗ୍ର ସତ୍ତାକୁ ଆଚ୍ଛାଦିତ କରିପକାଉଛି। ମୁଁ ଏକ ଅଲଗା ଜଗତକୁ ଚାଲିଯିବାପରି ଅନୁଭବକଲି। ଏହି ଐଶ୍ୱରୀୟ ଜ୍ୟୋତି ମୋତେ ବିହ୍ୱଳିତ କରି ଶବ୍ଦପ୍ରବାହରେ ପ୍ରବାହିତ କରେଇନେଲା। ମୁଁ ଉଠାଇ ଆଣିଲି କାଗଜ ଏବଂ କଲମ। ଜାଣି ନ ଥିଲି ମୁଁ ଯାହା ଲେଖିବି ତାକୁ କେହି ଘେନିବ କବିତା ବୋଲି। ପୁରୁଣା ଲେଖା ଖୋଜିଲାବେଳକୁ ସବୁ ଉଇମାଟି ହୋଇଯାଇଥିଲା, ମନ ଭୀଷଣ ଦୁଃଖ ହେଲା। ସେବେଠୁଁ ମୁଁ ଆଉ ପଛକୁ ଫେରି ଚାହିଁନି। କବିତାରେ ମଜ୍ଜିଛି, ହଜିଛି। ନମସ୍ୟ କବି ରମାକାନ୍ତ ରଥଙ୍କଠାରୁ ନମ୍ରତା ଶିଖିଛି, ସ୍ୱାମୀଙ୍କଠୁଁ ଶିଖିଛି ନିରବ ରହିବା।

ଅନେକ ସ୍ମରଣୀୟ ସ୍ମୃତିକୁ ବାନ୍ଧିନେଇଛି ଭାବନାର ପଣତକାନିରେ। ଅଭିଭୂତ ହୋଇଛି ଯେତେବେଳେ ଜଣେ ପାଠକ ଫୋନ୍‌ରେ କହିଲେ- ''ମାଡାମ୍ ଆପଣ ଖୁବ୍ ସୁନ୍ଦର ଲେଖୁଛନ୍ତି, ଯୋଉ ପତ୍ରିକାରେ ଆପଣଙ୍କର କବିତା ଥାଏ ମୁଁ କେବଳ ସେହି ପତ୍ରିକା ହିଁ କିଣେ।'' ଛଳଛଳ ହୋଇଛି, ଯେତେବେଳେ ମୋର 'ଜୀବନଦୋହା' ପଢ଼ି ଭଦ୍ରକରୁ ଜଣେ ପାଠକ (ବାବାଜୀ ଚରଣ ମହାନ୍ତି) ଆମ ଘରେ ଆସି ପହଞ୍ଚିଗଲେ, କେବଳ ଜୀବନଦୋହାର ଲେଖିକାଙ୍କୁ ଦେଖିବାପାଇଁ। ଖୁସି ହୋଇଛି ଯେତେବେଳେ ମୋର 'ଅଶ୍ଳେଷା ନକ୍ଷତ୍ର ନାରୀ', କବିତା ପଢ଼ି ଜଣେ ଜ୍ୟୋତିଷ ଏବଂ ଯାଜପୁରରୁ ଜଣେ ପାଠିକା କହିଲେ- ଆପଣ ଜ୍ୟୋତିଷ ବିଦ୍ୟା ନିଶ୍ଚୟ ଜାଣନ୍ତି। ମୁଁ ଜ୍ୟୋତିଷ ବିଦ୍ୟା ଜାଣେନାହିଁ କହିବାରୁ ଯାଜପୁରର ପାଠିକା ଜଣଙ୍କ କହିଲେ- ଆପଣ ଯଦି ଜ୍ୟୋତିଷ ବିଦ୍ୟା ଜାଣିନାହାନ୍ତି, ତେବେ କେମିତି ଠିକ୍ ଠିକ୍ ଲେଖିଦେଇ ପାରିଲେ ଅଶ୍ଳେଷା ନକ୍ଷତ୍ରର ନାରୀ ବିଷୟରେ ? ମୁଁ ତାଙ୍କୁ ପଚାରିଦେଲି ''ଆପଣ ଅଶ୍ଳେଷା ନକ୍ଷତ୍ରର ନାରୀ କି ? ସେ କହିଲେ 'ହଁ'।

ମୋର ଜଣେ ପ୍ରିୟ ପାଠିକା 'ଜୀବନଦୋହା' ପଢ଼ି ଆମ ଘରକୁ ଆସି କହିଲେ- ''ତମ ଜୀବନଦୋହା ପଢ଼ି ଇଚ୍ଛାହେଲା ଯେମିତି ତମ ଗାଲରେ ଦି' ଚାପୁଡ଼ା ବସେଇ ଦେବି।'' ତାଙ୍କର ଏ କଥାରେ ମନେମନେ ଶଙ୍କିଯାଇ ଭାବିଲି ମୁଁ କ'ଣ କିଛି ଭୁଲ ଲେଖିଦେଇଛି କି ? ପଚାରିଲି- ''କିଛି ଭୁଲ ଲେଖିଛି କି''? ସେ ହସିହସି ମୋତେ କୁଣ୍ଢେଇ ପକେଇ କହିଲେ- ଏତେ ଜୀବନ୍ତ, ଗଭୀର ଭାବରେ କେମିତି ଲେଖିପାରିଛ ତମେ ! ସେ ବହିଟି ପଢ଼ି ତମକୁ ଖୁସିରେ ଚାପୁଡ଼ା ମାରିବାକୁ ଇଚ୍ଛା ହେଲା। ତାଙ୍କର ଏ କଥାରେ ମୁଁ କିଛି ବଡ଼ ପୁରସ୍କାର ପାଇବାପରି ଅନୁଭବକଲି।

ମୋ' ଲେଖା ମୋ' ରକ୍ତରେ ଭିଜୁ କି ସ୍ୱେଦରେ ; ଲୁହରେ ଭିଜୁ କି ସାତ୍ତ୍ୱିକ ଭାବନାର ମଞ୍ଜରିତ ଆନନ୍ଦରେ ; ମୁଁ ଏମିତି ଲେଖୁଥାଏ ତାରାଙ୍କର ଚଉତରାରେ, ଅନ୍ଧାର ଭିତରେ ଥିବା ଶତଶତ ଅନ୍ଧାରର କାଗଜରେ। ଲେଖୁଥାଏ ଏବଂ ଲେଖୁଥାଏ...

ମୋ-୯୪୩୭୨୯୫୬୪୮

## କାଳ କାଳକୁ



''ସତ୍ୟର ସୂର୍ଯ୍ୟୋପମ
ବିଶାଳତା ଆଗରେ
ଆମ ମାନବୀୟ ଜ୍ଞାନ ହେଉଛି
ଝାପ୍‌ସା ବେଦୀରେ
ଜଳୁଥିବା ଏକ ମହମବତୀ''
-ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ୧୫ ଅଗଷ୍ଟ ୧୮୭୨ରେ ପଶ୍ଚିମବଙ୍ଗର କଲକାତାରେ ଓ ମହାସମାଧି ୫ ଡିସେମ୍ବର ୧୯୫୦ରେ ପୁଦୁଚେରୀରେ। ଦିବ୍ୟଜୀବନ ସ୍ତରକୁ ମାନବ ଜୀବନର ଉତ୍ତରଣ ଘଟାଇବା ଥିଲା ତାଙ୍କ ସାଧନାର କେନ୍ଦ୍ରୀୟ ଲକ୍ଷ୍ୟ। 'ଦ ଲାଇଫ୍ ଡିଭାଇନ୍', 'ସିନ୍ଥେସିସ୍ ଅଫ୍ ୟୋଗ' ଓ 'ସାବିତ୍ରୀ' ମହାକାବ୍ୟ ହେଉଛି ବିଶ୍ୱ ସାହିତ୍ୟ ଓ ଦର୍ଶନକୁ ତାଙ୍କର କାଳଜୟୀ ଅବଦାନ। ଗାନ୍ଧିଜୀଙ୍କ ବହୁ ରାଜନୈତିକ ଓ ଆଧ୍ୟାତ୍ମିକ ଚିନ୍ତାଧାରାର ବୀଜ ନିହିତ ତାଙ୍କର ନାନା ରଚନା ଓ ଅଭିଭାଷଣରେ।

## ପୁସ୍ତକ ପରିଚୟ

### ଈଶ୍ୱର: ଅନ୍ୟ ମନସ୍କ

**କବି:** ଚକ୍ରପାଣି ପରିଚ୍ଛା
**ପ୍ରକାଶକ:** ପ୍ରେମେନ୍ଦ୍ର କୁମାର ପରିଚ୍ଛା, ବୈପାରିଗୁଡ଼ା, କୋରାପୁଟ
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୦୦/-



ଗ୍ରନ୍ଥରେ ସ୍ଥାନିତ ମାତ୍ର ଗୋଟିଏ କବିତା, ଯାହା ବିଭକ୍ତ ୫୪ଟି ଭାଗରେ। 'ନିଜସ୍ୱ' ଶୀର୍ଷକ ଗଦ୍ୟଲେଖରେ ଚକ୍ରପାଣି ଲେଖିଛନ୍ତି: ''ପ୍ରଶ୍ନ ଆସେ ମନକୁ। କବିତାରେ ଈଶ୍ୱରଙ୍କୁ ଗଢ଼ାଯାଏ ଅଥବା କବିତାଟିଏ ଗଢ଼ିବା ପାଇଁ ଈଶ୍ୱର ପହଞ୍ଚିଯାଆନ୍ତି ଏବଂ ନିଜକୁ ବିଲୀନ କରିଦିଅନ୍ତି କବିତା ଭିତରେ। କାହିଁକି କେଜାଣି- କବିତାର ପ୍ରତିଟି ଶବ୍ଦ ଲାଗେ ଈଶ୍ୱରୀୟ ଈଶ୍ୱରୀୟ।'' ବହିର ଅଧିକାଂଶ କବିତା ପ୍ରଫେଟିକ୍ ପ୍ରଫେଟିକ୍ ଲାଗେ ଅନୁଭବର ଗଭୀରତାରେ। ଅଥଚ ପିଲାଙ୍କ କଥାଭାଷା ପରି ସରଳ, ଆଭୂହୀନ କବିତାଗୁଡ଼ିକର ଉଚ୍ଚାରଣ। ଯେପରି: ''କବିତାରେ ଈଶ୍ୱରଙ୍କୁ ପଚାରିହୁଏନି/ସାରା ରାତି କୋଉଠି ଥିଲ ?'', ''ଯୋଉ କବିତାରେ ଈଶ୍ୱର ନଥାନ୍ତି/ସେଠି ଶବ୍ଦ ଥାଏ।''

### କେନ୍ଦୁଝର ଦର୍ଶନ
#### କଥା ଓ କାହାଣୀ

**ଲେଖକ:** ଡ. କୃଷ୍ଣଚନ୍ଦ୍ର ନାୟକ
**ପ୍ରକାଶକ:** ଅଗ୍ରଦୂତ, ବାଙ୍କା ବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୩୫୦/-

ଆଲୋଚ୍ୟ ଗ୍ରନ୍ଥଟି 'କେନ୍ଦୁଝର' ଜିଲାର ସାମଗ୍ରିକ ପରିଚୟ ପ୍ରଦାନ ପ୍ରସଙ୍ଗରେ ଯେ ଏକ ଉଲ୍ଲେଖନୀୟ ଗ୍ରନ୍ଥ, ଏକଥା ଦମ୍ଭର ସହ କୁହାଯାଇପାରେ। ଗ୍ରନ୍ଥରେ ସ୍ଥାନିତ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ କୀର୍ତ୍ତିରାଜିର ଫଟୋଚିତ୍ର। କେନ୍ଦୁଝର ସମ୍ପର୍କରେ ସାଧାରଣରେ ବହୁ ଅଜଣା ତଥ୍ୟ ଓ କାହାଣୀକୁ ଲେଖକ ଗ୍ରନ୍ଥରେ ସଯତ୍ନ ସାଇତି ଦେଇଥିବାରୁ ଏହା ଏକ ଅବଶ୍ୟ ସଂଗ୍ରହଣୀୟ ଗ୍ରନ୍ଥ ହୋଇପାରିଛି। ଏପରି ଗ୍ରନ୍ଥ ଓଡ଼ିଶାର ଅନ୍ୟ ଜିଲା ପ୍ରସଙ୍ଗରେ କ୍ୱଚିତ୍ ଉପଲବ୍ଧ।



# ସୃଜନଶୀଳ ବ୍ୟକ୍ତିତ୍ୱ ବାମହାତୀ

## ଆଜି ଲେଫ୍ଟ ହ୍ୟାଣ୍ଡର୍ସ ଡେ'

**ପୃଥିବୀର ମୋଟ ଜନସଂଖ୍ୟାର ମାତ୍ର ୧୦% ବାମହାତୀ। ଭିନ୍ନତା ସତ୍ତ୍ୱେ ସୃଜନଶୀଳତା, ବୁଦ୍ଧିମତ୍ତା, କାର୍ଯ୍ୟଦକ୍ଷତାରେ ଏମାନେ ଡାହାଣହାତୀଙ୍କଠାରୁ ଗୋଟିଏ ପାଦ ଆଗରେ। ଇତିହାସ ପୃଷ୍ଠା ଲେଉଟାଇଲେ ଏପରି ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ଏହାସତ୍ତ୍ୱେ ସେମାନଙ୍କ ପ୍ରତି ରହିଛି ସଭ୍ୟ ସମାଜର ଭିନ୍ନ ଦୃଷ୍ଟିକୋଣ। ଏପରି ମାନସିକତାକୁ ବଦଳାଇବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩କୁ ବାମହାତୀ ଦିବସ ବା ଲେଫ୍ଟ ହ୍ୟାଣ୍ଡର୍ସ ଡେ' ଭାବେ ପାଳନ କରାଯାଉଛି।**

ମାଙ୍ଗଳିକ କାର୍ଯ୍ୟରେ ମଥାରେ ଟିକା ଲଗାଇବା ହେଉ କି ପ୍ରସାଦ ଗ୍ରହଣ କରିବା। ବଡ଼ମାନଙ୍କ ପାଦ ଛୁଇଁ ପ୍ରଣାମ କରିବା ହେଉ କି ହାତରେ ରକ୍ଷା ସୂତ୍ର ବାନ୍ଧିବା। ଏହି ସମୟରେ ଡାହାଣ ହାତର ମହତ୍ତ୍ୱ ବେଶ୍ ବଢ଼ିଯାଏ। ଯଦି ଭୁଲ୍‌ବଶତଃ ବି ଏହି ସବୁ କାମକୁ କିଏ ବାମ ହାତରେ କରନ୍ତି, ତେବେ ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ। ଖାସ୍ କରି ଭାରତୀୟ ସଂସ୍କୃତି, ପରମ୍ପରାରେ ଏପରି ଭାବନା ବେଶି। ଏହି କାରଣରୁ ବାମହାତୀମାନଙ୍କୁ ଦୈନନ୍ଦିନ ଜୀବନରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ବାମହାତୀଙ୍କ ପ୍ରତି ଥିବା ମାନସିକତା, ବ୍ୟବହାର ବଦଳାଇବା ଲାଗି ୧୯୭୬ ଅଗଷ୍ଟ ୧୩ରୁ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ଲେଫ୍ଟ ହ୍ୟାଣ୍ଡର୍ସ ଡେ'। ବାମହାତୀଙ୍କୁ ମାନସିକସ୍ତରରେ ସମର୍ଥନ ଜଣାଇବା, ଉତ୍ତମ ଆଚରଣ ପ୍ରଦର୍ଶନ ଏବଂ ସଦ୍‌ଭାବନା ବାର୍ତ୍ତା ବାଣ୍ଟିବାକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି ଏହି ଦିବସ। ଅନ୍ତର୍ଜାତୀୟସ୍ତରରେ ପାଳିତ ହେଉଥିବା ଏହି ଦିବସର ପରିକଳ୍ପନା କରିଥିଲେ ଆମେରିକୀୟ ମିଲିଟାରି ଅଧିକାରୀ ଡିନ୍ ଆର୍. କ୍ୟାମ୍ପବେଲ।

### ରୋଚକ ତଥ୍ୟ

- ପୃଥିବୀର ମାତ୍ର ୧୦ ପ୍ରତିଶତ ବ୍ୟକ୍ତି ହେଉଛନ୍ତି ବାମହାତୀ।
- ପାଣି ଭିତରେ ସାମଗ୍ରୀ ଖୋଜିବା ବା ଚିହ୍ନିବା ଦକ୍ଷତା ବାମହାତୀଙ୍କ ନିକଟରେ ବେଶି।
- ଡାହାଣହାତୀଙ୍କ ଅପେକ୍ଷ ବାମହାତୀଙ୍କ ବୁଦ୍ଧିମତ୍ତା ହାରାହାରି ୧୪୦ ଗୁଣ ଅଧିକ।
- ସାଧାରଣତଃ ଲେଫ୍ଟିମାନେ ଟେନିସ, ବେସବଲ, ସୁଇମିଂ ଭଳି ଖେଳରେ ବେଶ୍ ଧୁରୀଣ।
- ଶୀଘ୍ର ପରିପକ୍ୱତା ହାସଲ କରିଥାନ୍ତି ବାମହାତୀ।
- ଲେଫ୍ଟ ହ୍ୟାଣ୍ଡର୍ସଙ୍କ ବୁଦ୍ଧିମତ୍ତା, ସୃଜନଶୀଳତା, କଳ୍ପନା ଶକ୍ତି ବେଶ୍ ପ୍ରଖର।
- ଗଣିତ ଏବଂ ସଙ୍ଗୀତରେ ସେମାନେ ଭଲ ପ୍ରଦର୍ଶନ କରିଥାନ୍ତି।
- ଆମେରିକାର ଆପୋଲ ମିଶନରେ ସାମିଲ ହୋଇଥିବା ପ୍ରତି ୪ଜଣ ମହାକାଶ ଯାତ୍ରୀଙ୍କ ମଧ୍ୟରୁ ଜଣେ ବାମହାତୀ।




### କ'ଣ କୁହନ୍ତି ବିଶେଷଜ୍ଞ

ଜଣେ ବାମହାତୀ ହେବା ପଛରେ ରହିଛି ବୈଜ୍ଞାନିକ କାରଣ। ଏହାକୁ ଜାଣିବାକୁ ଚିକିତ୍ସା ବିଜ୍ଞାନରେ ଗବେଷଣା ଜାରି ରହିଛି। ତେବେ ବିଶେଷଜ୍ଞଙ୍କ କହିବା କଥା, ଯମଜ ସନ୍ତାନଙ୍କ ଭିତରୁ ଜଣେ ବାମହାତୀ ହେବା ସମ୍ଭାବନା ବେଶି। ଏମାନେ ଖନାପଣର ଶିକାର ହେବା ବେଶି ଆଶଙ୍କା ଥାଏ। ନଭେମ୍ବରରୁ ଜାନୁୟାରୀ ମଧ୍ୟରେ ଜନ୍ମଲାଭ କରୁଥିବା ସନ୍ତାନଙ୍କ ବାମହାତ ବେଶି ସକ୍ରିୟ। ମା'ବାପାଙ୍କ ଭିତରୁ ଯଦି କେହି ବାମହାତୀ ହୋଇଥାନ୍ତି, ତେବେ ସନ୍ତାନ ନିକଟରେ ମଧ୍ୟ ତାହା ପ୍ରତିଫଳିତ ହେବା ସମ୍ଭାବନା ବେଶି।

### ଲେଫ୍ଟ ହ୍ୟାଣ୍ଡର୍ସ ଭୋଗୁଥିବା ପ୍ରମୁଖ ସମସ୍ୟା

- ଖବରକାଗଜ, ବହି ପଢ଼ିବା ସମୟରେ ପୃଷ୍ଠା ଓଲଟାଇବାରେ ସମସ୍ୟା ଭୋଗିଥାନ୍ତି ବାମହାତୀ। ବାରମ୍ବାର ବାମ ହାତ ଆଖି ଆଗକୁ ଚାଲି ଆସୁଥିବାରୁ ସେମାନଙ୍କ ଏକାଗ୍ରତା ଭଙ୍ଗ ହୋଇଥାଏ।
- ବିମାନବନ୍ଦର, ଅଫିସ ସମେତ କେତେକ ସ୍ଥାନରେ ପ୍ରବେଶ ଏବଂ ପ୍ରସ୍ଥାନ ଲାଗି ବାୟୋମେଟ୍ରିକ ମେଶିନ ସମେତ ଅନ୍ୟ ସ୍ୱତନ୍ତ୍ର ଯନ୍ତ୍ର ଲାଗିଥାଏ। ଏଥିଲାଗି ଅଙ୍ଗୁଳି ଚିହ୍ନ ଦେବାକୁ ପଡ଼େ। ଏହା ବାମହାତୀଙ୍କୁ ଅଡୁଆରେ ପକାଇଥାଏ।
- ସାଧାରଣତଃ ମ୍ୟୁଜିକ୍ ଇନ୍‌ଷ୍ଟ୍ରୁମେଣ୍ଟଗୁଡ଼ିକ ଡାହାଣହାତୀଙ୍କୁ ନଜରରେ ରଖି ନିର୍ମାଣ କରାଯାଇଥାଏ। ଜଣେ ବାମହାତୀ ଚାହିଁଲେ ଏହାକୁ ବ୍ୟବହାର କରିପାରିବ ନାହିଁ। ଏଭଳି ଉପକରଣ କିଣିବା ବେଳେ ସେମାନଙ୍କ ସମସ୍ୟା ବଢ଼ିଥାଏ।
- ସମ୍ମାନ ପ୍ରଦାନ ପୂର୍ବକ ହାତ ମିଳାଇବା ସମୟରେ ଅଭ୍ୟାସଗତ କାରଣରୁ ବାମହାତ ଆପଣାଛାଏ ଆଗକୁ ଚାଲିଆସେ। ଏଥିପାଇଁ ଅଫିସ, ଗୁରୁତ୍ୱପୂର୍ଣ୍ଣ ବୈଠକରେ ବାମହାତୀ ସମସ୍ୟାରେ ପଡ଼ିଥାନ୍ତି।
- ଅଧୁନା ପ୍ରାୟ ସବୁ କାମ କମ୍ପ୍ୟୁଟର ମାଧ୍ୟମରେ ହେଉଛି। କମ୍ପ୍ୟୁଟର ଏକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ର ମାଉସ୍, ଯାହାକୁ ଡାହାଣହାତୀମାନେ ଅନାମିକା ଆଙ୍ଗୁଠି ସହାୟତାରେ ପରିଚାଳନା କରିଥାନ୍ତି। ହେଲେ ବାମହାତୀମାନେ ମାଉସ୍ ଚଳାଇବା ପାଇଁ ମଝି ଆଙ୍ଗୁଠି ବ୍ୟବହାର କରିଥାନ୍ତି।


ମହାତ୍ମା ଗାନ୍ଧୀ

### ଇତିହାସ ସୃଷ୍ଟି କରିଛନ୍ତି ବାମହାତୀ

ପୃଥିବୀ ପୃଷ୍ଠରେ ଇତିହାସ ସୃଷ୍ଟି କରିଛନ୍ତି ବାମହାତୀ। ଅତୀତ ପୃଷ୍ଠାକୁ ଲେଉଟାଇଲେ ଏପରି ଅନେକ ବ୍ୟକ୍ତିତ୍ୱ ସାମ୍ନାକୁ ଆସିବେ। ପ୍ରସିଦ୍ଧ ଚିତ୍ର ମୋନାଲିସାର ଚିତ୍ରକର ଲିଓନାର୍ଡୋ ଦା ଭିନ୍‌ସି ଜଣେ ବାମହାତୀ ଥିଲେ। ସେହିପରି ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରିଗନ, ବିଲ୍ କ୍ଲିଣ୍ଟନ, ଜର୍ଜ ଡବ୍ଲ୍ୟୁ ବୁଶ୍, ବାରାକ୍ ଓବାମା ବାମହାତରେ ଥିଲେ ବେଶ୍ ସକ୍ରିୟ। ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଡେଭିଡ୍ କାମରନ, ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ୍ ଗେଟ୍ସ, ଆଇ ଫୋନ୍ କମ୍ପାନୀ ଆପଲର ପ୍ରତିଷ୍ଠାତା ଷ୍ଟିଭ୍ ଜବ୍ସ, ଟେନିସ୍ ତାରକା ଜନ୍ ମ୍ୟାକନେରୋ, ଫୁଟବଲ ତାରକା ଲିୟୋନାଲ ମେସି, ବ୍ରିଟେନ ଯୁବରାଜ ପ୍ରିନ୍ସ ୱିଲିୟମ, ଫୋର୍ବସ ମାଗାଜିନର ଷ୍ଟିଭ୍ ଫୋର୍ବସ, ହଲିଉଡ୍ ହାସ୍ୟ ଅଭିନେତା ଚାର୍ଲି ଚାପ୍‌ଲିନ, ଆମେରିକୀୟ ଅଭିନେତା ଟମ୍ କ୍ରୁଜ୍, ବୈଜ୍ଞାନିକ ଆଇଜାକ୍ ନିଉଟନ, କ୍ରିକେଟ କିମ୍ବଦନ୍ତୀ ବ୍ରାୟନ ଲାରା, ମହାନ ଶାସକ ସିକନ୍ଦର, ନେପୋଲିୟନ, ବିସ୍‌ମାର୍କ, ଜୁଲିୟସ ସିଜର, ୱିନ୍‌ଷ୍ଟନ ଚର୍ଚ୍ଚିଲ ମଧ୍ୟ ଏହି ତାଲିକାରେ ଅଛନ୍ତି। ସେହିପରି ଭାରତୀୟ ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ଜାତିର ପିତା ମହାତ୍ମା ଗାନ୍ଧୀ, ମେଗାଷ୍ଟାର ଅମିତାଭ ବଚ୍ଚନ, କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, ଯୁବରାଜ ସିଂ, ସୌରଭ ଗାଙ୍ଗୁଲି ବାମହାତୀ ହୋଇ କୀର୍ତ୍ତିମାନ ହାସଲ କରିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଜଣେ ବାମହାତୀ।


ନବୀନ ପଟ୍ଟନାୟକ


ସଚିନ ତେନ୍ଦୁଲକର


ବିଲ ଗେଟ୍ସ


ବାରାକ୍ ଓବାମା


ଚାର୍ଲି ଚାପ୍‌ଲିନ

# ଅଙ୍ଗ ପ୍ରତିରୋପଣରେ ବହୁ ପଛରେ ଓଡ଼ିଶା

**ସସ୍ମିତା ପାଇକରାୟ**
ଭୁବନେଶ୍ୱର, ୧୨।୮

ଆଧୁନିକ ଚିକିତ୍ସାରେ ଅଙ୍ଗ ପ୍ରତିରୋପଣ ଏକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ବ୍ୟବସ୍ଥା। ଅଙ୍ଗଦାନ ଏବଂ ପ୍ରତିରୋପଣ ଦ୍ୱାରା ବହୁ ଜୀବନ ରକ୍ଷା କରାଯାଇପାରୁଛି। ଶରୀର ଓ ଅଙ୍ଗଦାନ ପାଇଁ ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ବିଶେଷ ଆଗ୍ରହ ଦେଖିବାକୁ ମିଳୁଛି। ମାତ୍ର ଆବଶ୍ୟକ ଭିତ୍ତିଭୂମି ଅଭାବରୁ ମୃତ ଲୋକଙ୍କ ଶରୀରରୁ ଅଙ୍ଗପ୍ରତ୍ୟଙ୍ଗ ଠିକ୍ ସମୟରେ କଢ଼ାଯାଇପାରୁ ନାହିଁ। ଫଳରେ ଏହା ଅନ୍ୟର ଶରୀରରେ ପ୍ରତିରୋପଣ ହୋଇପାରୁ ନାହିଁ। ତେବେ ନିକଟରେ ଦୁଇ ଦୁଇଟି କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ କରି ଓଡ଼ିଶା ଜାତୀୟସ୍ତରରେ ଇତିହାସ ସୃଷ୍ଟି କରିଛି। କଟକ ଏସ୍‌ସିବି ମେଡିକାଲ୍ କଲେଜରେ ସଫଳତାର ସହ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଯାଉଥିବାବେଳେ କିଛି ଘରୋଇ ହସ୍ପିଟାଲରେ ମଧ୍ୟ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଯାଇ ଅନେକ ଲୋକଙ୍କ ଜୀବନ



ରକ୍ଷା କରାଯାଇପାରୁଛି। ପ୍ରତ୍ୟେକ ଦିନ ଅଙ୍ଗ ପ୍ରତିରୋପଣ ଅପେକ୍ଷାରେ ଥିବା ୧୫ରୁ ଅଧିକ ରୋଗୀଙ୍କ ମୃତ୍ୟୁ ଘଟୁଥିବାବେଳେ ୧୦ମିନିଟରେ ଜଣେ ନୂଆ ଆଶାୟୀଙ୍କ ନାମ ଅଙ୍ଗ ପ୍ରତିରୋପଣ ତାଲିକାରେ ଯୋଡ଼ି ହେଉଛି। ଅପରପକ୍ଷରେ ଅଙ୍ଗଦାନକୁ ନେଇ ପୂର୍ବରୁ ରହିଆସିଥିବା ଅନ୍ଧବିଶ୍ୱାସ ଏବେ ବି ଅନେକ ସ୍ଥାନରେ ବାଧକ ସାଜୁଛି।

ମୃତ୍ୟୁ ପୂର୍ବରୁ ଅଙ୍ଗଦାନ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ମୃତ୍ୟୁ ପରେ ଅନ୍ୟଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ କରିବାକୁ କାଡାଭାରିକ୍ ଟ୍ରାନ୍ସପ୍ଲାଣ୍ଟ କୁହାଯାଏ। ତାମିଲନାଡୁ, ତେଲଙ୍ଗାନା, କେରଳ, ମହାରାଷ୍ଟ୍ର, କର୍ନାଟକ, ଆନ୍ଧ୍ରପ୍ରଦେଶ ଭଳି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଅଧିକ ସଂଖ୍ୟକ କାଡାଭରିକ୍ ଟ୍ରାନ୍ସପ୍ଲାଣ୍ଟ ସଫଳତାର ସହ କରାଯାଉଛି। ତାମିଲନାଡୁରେ ଏଯାବତ୍ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଅଙ୍ଗଦାତାଙ୍କଠାରୁ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କଢ଼ାଯାଇ ୮ହଜାରରୁ ଅଧିକ ରୋଗୀଙ୍କ ଜୀବନ ବଞ୍ଚାଯାଇ ପାରିଛି। କେବଳ ଗୋଟିଏ ବର୍ଷ ମଧ୍ୟରେ ତାମିଲନାଡୁରେ ଅନ୍ୟୂନ ୧୮୦ ଜଣ ଅଙ୍ଗଦାତାଙ୍କ ଠାରୁ ୩୪୦ କିଡ୍‌ନୀ, ୧୬୯ ଲିଭର୍, ୫୦ ଫୁସ୍‌ଫୁସ୍, ୭୯ ହୃତ୍‌ପିଣ୍ଡ, ୧୦ଅଗ୍ନ୍ୟାଶୟ କଢ଼ାଯାଇ ସଫଳତାର ସହ ପ୍ରତିରୋପଣ କରାଯାଇପାରିଛି। ସେହିଭଳି ମହାରାଷ୍ଟ୍ର, ତେଲଙ୍ଗାନା, କର୍ନାଟକରେ ମଧ୍ୟ ଦିନକୁ ଦିନ ଅଙ୍ଗ ପ୍ରତିରୋପଣ ହାର ବୃଦ୍ଧିପାଉଛି। ହେଲେ ଓଡ଼ିଶା ଏ କ୍ଷେତ୍ରରେ ବହୁପଛରେ ରହିଛି। ଓଡ଼ିଶାରେ ଏବେ ସୁଦ୍ଧା ମାତ୍ର ଦୁଇଟି କାଡାଭରିକ୍ ଟ୍ରାନ୍ସପ୍ଲାଣ୍ଟ ସଫଳତାର ସହ କରାଯାଇଛି। କେତେକ କ୍ଷେତ୍ରରେ ମୃତବ୍ୟକ୍ତିଙ୍କ ଶରୀରରୁ ଆଖିର କେତେକ ଅଂଶ କଢ଼ାଯାଇ ଦୃଷ୍ଟିହୀନଙ୍କୁ ଚକ୍ଷୁଦାନ କରାଯାଇପାରୁଛି। ଓଡ଼ିଶାରେ ରାଜ୍ୟ ସରକାରଙ୍କ ଏଥିକ୍ସ କମିଟିର ଅନୁମୋଦନ ପାଇବା ପରେ ସ୍ୱେଚ୍ଛାକୃତ ଅଙ୍ଗଦାନ କରାଯିବାକୁ ଅନୁମତି ମିଳୁଛି। ହେଲେ ଏହି ପ୍ରକ୍ରିୟା ଏତେ ଲମ୍ବା ହେଉଛି ଯେ, ଅନେକ ସମୟରେ ରୋଗୀ ଅଙ୍ଗ ନ ପାଇ ପ୍ରାଣ ହରାଉଛନ୍ତି। ସେହିଭଳି ଓଡ଼ିଶାରେ ଆବଶ୍ୟକ ସଂଖ୍ୟକ ଟ୍ରାନ୍ସପ୍ଲାଣ୍ଟ ସେଣ୍ଟର, ତାଲିମ୍‌ପ୍ରାପ୍ତ କର୍ମଚାରୀ, ଟ୍ରାନ୍ସପ୍ଲାଣ୍ଟ କୋର୍ଡିନେଟର ବା ପ୍ରତିରୋପଣ ସହଯୋଗକାରୀ ନ ରହିବା ଅଙ୍ଗଦାନ କ୍ଷେତ୍ରରେ ପ୍ରତିବନ୍ଧକ ସାଜୁଛି।

ଅନ୍ୟପକ୍ଷରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ କାଡାଭରିକ୍ ଟ୍ରାନ୍ସପ୍ଲାଣ୍ଟେଶନ୍ ବଢୁଥିବାରୁ ଓଡ଼ିଶାରୁ ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ଚିକିତ୍ସା ପାଇଁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ରାଜ୍ୟରେ ଲିଭର ଟ୍ରାନ୍ସପ୍ଲାଣ୍ଟେଶନ ଏସ୍‌ସିବି ମେଡିକାଲ କଲେଜରେ କରିବାକୁ ଦୀର୍ଘ ୭ବର୍ଷ ତଳେ ଯୋଜନା ହୋଇଥିଲା। ଏଥିଲାଗି ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଯନ୍ତ୍ରପାତି ଆସିବା ସହିତ ବାହାରୁ ତାଲିମ ନେଇ ଡାକ୍ତର ଫେରିଛନ୍ତି। ମାତ୍ର ଲିଭର ଟ୍ରାନ୍ସପ୍ଲାଣ୍ଟେଶନ୍ କ୍ଷେତ୍ରରେ ଏସ୍‌ସିବି ମେଡିକାଲ କଲେଜ ଏପର୍ଯ୍ୟନ୍ତ ଆଖିଦୃଶିଆ ସଫଳତା ପାଇପାରିନାହିଁ। ଅପରପକ୍ଷରେ କିଛି ଘରୋଇ ହସ୍ପିଟାଲ ଇତିମଧ୍ୟରେ ଲିଭର୍ ଟ୍ରାନ୍ସପ୍ଲାଣ୍ଟେଶନ୍ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ତେବେ ଘରୋଇ ହସ୍ପିଟାଲ୍ ବିଲ୍‌ର ବୋଝ ବୋହିବା ସମସ୍ତଙ୍କ ପକ୍ଷେ ସମ୍ଭବ ନ ଥିବାରୁ ଅନେକ ଏହାର ସୁବିଧା ପାଇପାରୁ ନାହାନ୍ତି।

ଓଡ଼ିଶାରେ ଶରୀର ଓ ଅଙ୍ଗଦାନ କରିବାପାଇଁ ଶହଶହ ଶପଥ ପତ୍ର ବିଭିନ୍ନ ସଂସ୍ଥା ମାଧ୍ୟମରେ ମିଳୁଛି। ୨୦୦୬ରେ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିବା ମଲ୍ଟି ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟେଶନ ଆଣ୍ଡ ହ୍ୟୁମାନ୍ ଏଜୁକେଶନାଲ ରିସର୍ଚ୍ଚ(ମଦର) ଅଙ୍ଗଦାନ ଏବଂ ଅଙ୍ଗ ପ୍ରତିରୋପଣ ପ୍ରତି ଅନେକାଂଶରେ ଲୋକଙ୍କୁ ସଚେତନ କରୁଛି। ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଅଙ୍ଗ ପ୍ରତିରୋପଣକୁ ପ୍ରୋତ୍ସାହିତ କରିବା ସହ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବାକୁ ଦାବି କରିଛି। ରାଜ୍ୟର ଅଧିକାଂଶ ହସ୍ପିଟାଲରେ ଡାଏଲିସିସ୍ ୟୁନିଟ୍ କାର୍ଯ୍ୟକ୍ଷମ ନ ଥିବାରୁ ବହୁରୋଗୀ ଜୀବନ ହାରୁଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲାମୁଖ୍ୟ ଏବଂ ପ୍ରମୁଖ ହସ୍ପିଟାଲଗୁଡ଼ିକରେ ଡାଏଲିସିସ୍ ୟୁନିଟ୍ କାର୍ଯ୍ୟକ୍ଷମ କରିବାକୁ ଏହି ସଂସ୍ଥା ଦୀର୍ଘବର୍ଷ ଧରି ଦାବି କରିଆସୁଛି।

ଓଡ଼ିଶାରେ ଭିତ୍ତିଭୂମି ଅଭାବ ଯୋଗୁ ଶରୀର ଓ ଅଙ୍ଗଦାନ ପାଇଁ ଇଚ୍ଛା ପ୍ରକଶ କରିଥିବା ବ୍ୟକ୍ତି ବିଶେଷଙ୍କ ଅଙ୍ଗ ଓ ଶରୀର ଉଚିତ୍ କାର୍ଯ୍ୟରେ ଲାଗିପାରୁ ନାହିଁ। ଅନ୍ୟର ଜୀବନ ବଞ୍ଚାଇବାକୁ ମହତ୍ ଆକାଂକ୍ଷା ରଖିଥିଲେ ମଧ୍ୟ ସେମାନଙ୍କ ଆଶା ପୂରଣ ହୋଇପାରୁ ନାହିଁ। କେତେକ ମେଡିକାଲ କଲେଜ ହସ୍ପିଟାଲରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପ୍ରାକ୍ଟିକାଲ୍ ଲାଗି କିଛି ମୃତଦେହ ବ୍ୟବହୃତ ହେଉଛି। କିନ୍ତୁ ଆଖି ଛଡ଼ା ଅନ୍ୟ ଅଙ୍ଗ ପ୍ରତିରୋପଣ ଓ ଏହାର ସଂରକ୍ଷଣ ଲାଗି ସରକାରୀ ମେଡିକାଲ କଲେଜଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା ନ ଥିବାରୁ ଇଚ୍ଛାପତ୍ର ଦେବାସତ୍ତ୍ୱେ ମଧ୍ୟ ଅନେକ ଶରୀର ଓ ଅଙ୍ଗଦାତାଙ୍କ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଅନ୍ୟ ଶରୀରରେ ତୁରନ୍ତ ପ୍ରତିରୋପିତ ହୋଇପାରୁ ନାହିଁ। ହାର୍ଟ, ପାକସ୍ଥଳୀ, ଲିଭର୍, କିଡ୍‌ନୀ, ଫୁସ୍‌ଫୁସ୍ ଭଳି ଅଙ୍ଗଦାନ କରିବାକୁ ସମସ୍ତେ ଆଗେଇ ଆସିବା ଉଚିତ୍। ବୟସ, ଜାତି, ଧର୍ମ ଓ ଗୋଷ୍ଠୀ ନିର୍ବିଶେଷରେ ସମସ୍ତେ ଅଙ୍ଗଦାନ କରିପାରିବେ। ଜଣେ ଅଙ୍ଗଦାନ କଲେ ୮ଜଣଙ୍କୁ ନୂଆ ଜୀବନ ଦେଇପାରିବେ। ସେହିଭଳି ଟିସ୍ୟୁ ଦାନ କରି ୫୦ରୁ ଅଧିକ ଲୋକଙ୍କ ଜୀବନ ପରିବର୍ତ୍ତନ କରିପାରିବେ ବୋଲି ବିଶେଷଜ୍ଞ କହିଛନ୍ତି।

# ଆଇଏଏସ୍ ଅଫିସର ହେବି: ସୁଦୀପ ସୁଦର୍ଶନ


ରେଜଲ୍ଟ ବାହାରିବା ପରେ ଏକ ବିଶେଷ ମୁହୂର୍ତ୍ତରେ ପରିବାର ସଦସ୍ୟଙ୍କ ସହ ସୁଦୀପ ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଆୟୋଜିତ ଯୁକ୍ତ ୨ବିଜ୍ଞାନ ପରୀକ୍ଷାରେ ୫୭୪ (୯୫.୬%) ମାର୍କ ରଖି ରାଜ୍ୟ ଟପ୍ପର ହୋଇଛନ୍ତି ଢେଙ୍କାନାଳ ଜିଲାର ସୁଦୀପ ସୁଦର୍ଶନ ରଣା। ଏସିଆ ମହାଦେଶର ସବୁଠାରୁ ବଡ଼ ଗାଁ ଭୁବନର ଏହି ମେଧାବୀ ଛାତ୍ର ମାଟ୍ରିକ୍‌ରେ ୫୮୨ ମାର୍କ ରଖି ରାଜ୍ୟ ପାଇଁ ଗୌରବ ଆଣିଥିବାବେଳେ ଯୁକ୍ତ ୨ ପରୀକ୍ଷାରେ ମଧ୍ୟ ଦେଇଛନ୍ତି ଶିକ୍ଷାଗତ ଦକ୍ଷତାର ପ୍ରମାଣ। ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହୋଇ ଦେଶସେବା କରିବାକୁ ଲକ୍ଷ୍ୟ ରଖିଥିବା ସୁଦୀପ ସୁଦର୍ଶନ 'ଧରିତ୍ରୀ' ସହ ବାଣ୍ଟିଛନ୍ତି ନିଜର ଅନୁଭୂତି।

**■ ଯୁକ୍ତ ୨ ବିଜ୍ଞାନରେ ରାଜ୍ୟ ଟପ୍ପର ହେବାର ଅନୁଭୂତି କିଭଳି ?**

-ଖୁସି ଲାଗୁଛି। ହେଲେ ଇଂଲିଶରେ ଆସିଥିବା ମାର୍କକୁ ନେଇ ସନ୍ତୁଷ୍ଟ ହୋଇପାରୁନି। ଇଂଲିଶରେ ୯୦ରୁ ଅଧିକ ମାର୍କ ରହିବ ବୋଲି ଆଶା କରିଥିଲି। ୮୪ ଆସିଛି। ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିବି।

**■ ସଫଳତାର ସୂତ୍ର?**

-ଦୈନିକ ୧୦ରୁ ୧୨ ଘଣ୍ଟା ପଢୁଥିଲି। କଷ୍ଟକର ବିଭାଗଗୁଡ଼ିକରେ ଅଧିକ ଧ୍ୟାନ କେନ୍ଦ୍ରିତ କରିଥିଲି। ସବୁ ବିଷୟକୁ ଗୁରୁତ୍ୱର ସହ ନେବା ସହ ଅଧ୍ୟାପିକା, ଅଧ୍ୟାପକଙ୍କ ସହିତ ସମନ୍ୱୟ ରକ୍ଷା କରି ପଢ଼ିଲେ ନିଶ୍ଚୟ ସଫଳତା ମିଳିବ।

**■ ଶ୍ରେୟ କାହାକୁ ଦେବେ ?**

-ଭୁବନରୁ ୧୦ମ ଶ୍ରେଣୀ ପାସ୍ କରିବା ପରେ ଭୁବନେଶ୍ୱରସ୍ଥିତ ଜୁପିଟର ସାଇନ୍ସ କଲେଜରେ ନାମ ଲେଖାଇଥିଲି। କହିବାକୁ ଗଲେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକଙ୍କ ଆଶୀର୍ବାଦରୁ ଏହି ସଫଳତା ମିଳିଛି। ବାପା ରଞ୍ଜନ କୁମାର ରଣା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଥିବାରୁ ତାଙ୍କ ପ୍ରେରଣା ମିଳିଛି। ମା' ଭକ୍ତିଲତା ସାହୁ, ସାନଭାଇ ସନ୍ଦୀପ ପ୍ରୟଦର୍ଶନ ରଣାଙ୍କ ସମେତ ଗୁରୁଜନଙ୍କ ସ୍ନେହରୁ ଏହି ସ୍ଥାନ ହାସଲ କରିପାରିଛି।

**■ କରୋନା ପାଇଁ ପ୍ରବେଶିକା ପରୀକ୍ଷା ବିଳମ୍ବିତ ହେବା ସମସ୍ୟା ବଢ଼ାଇବ କି?**

-କରୋନା ଯୋଗୁ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହୋଇଛି। ଏଣ୍ଟ୍ରାନ୍ସ ବିଳମ୍ବିତ ହୋଇଯାଇଛି। ରେଜଲ୍ଟ ବିଳମ୍ବରେ ବାହାରିଥିବାରୁ ଅନ୍ୟ ଉପାୟ ନାହିଁ। ଛାତ୍ରୀଛାତ୍ରମାନେ ଘରେ ରହି ପ୍ରସ୍ତୁତି କରୁଛନ୍ତି। ହେଲେ ବିଧିବଦ୍ଧ କୋଚିଂ ବନ୍ଦ ହୋଇଯାଇଥିବାରୁ ପ୍ରବେଶିକା ପରୀକ୍ଷା ସମସ୍ୟା ସୃଷ୍ଟି କରିବ। ମେଧାବୀମାନେ ପ୍ରଭାବିତ ହେବେ।

**■ ଆଗାମୀ ଲକ୍ଷ୍ୟ କ'ଣ?**

-ଏବେ ରେଜଲ୍ଟ ବାହାରିଲା। କରୋନା ଲକ୍‌ଡାଉନ ସମୟରେ ଘରେ ରହି ଅନ୍‌ଲାଇନ୍‌ରେ ପ୍ରସ୍ତୁତି କରୁଛି। ଏବେ ଯୁକ୍ତ ୩ ବିଜ୍ଞାନରେ ନାମ ଲେଖାଇବି। ଏହାପରେ ଆଇଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ଲକ୍ଷ୍ୟ ରଖିଛି।

**■ ଅନ୍‌ଲାଇନ୍ ପାଠପଢ଼ା ପିଲାଙ୍କୁ କେତେ ଲାଭ ଦେବ?**

-କରୋନା ସମୟରେ ଅନ୍‌ଲାଇନ୍ ପାଠପଢ଼ା ସବୁ ପିଲାଙ୍କ ଲାଗି ଫଳପ୍ରଦ ହୋଇପାରିବନି। କାରଣ ଅନେକ ଛାତ୍ରୀଛାତ୍ର ଏପରି ବ୍ୟବସ୍ଥା ସହ ପରିଚିତ ନୁହନ୍ତି। ସମସ୍ତଙ୍କ ପାଖରେ ଆନୁଷଙ୍ଗିକ ଉପକରଣ ମଧ୍ୟ ନାହିଁ। ଅନ୍‌ଲାଇନ୍ ଶିକ୍ଷା କେବେ ବି ଶ୍ରେଣୀଗୃହ ଶିକ୍ଷାର ସ୍ଥାନ ନେଇପାରିବନି।

**-ସାକ୍ଷାତ୍କାର**
ବିପିନ ବିହାରୀ ସେଠୀ, ଭୁବନ

**ଆସିବ ଟ୍ରାନ୍ସପରେଣ୍ଟ ଟାକ୍ସେଶନ, ଅନରିଂ ଦି ଅନେଷ୍ଟ ପ୍ଲାଟ୍‌ଫର୍ମ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଟ୍ରାନ୍ସପରେଣ୍ଟ ଟାକ୍ସେଶନ, ଅନରିଂ ଦି ଅନେଷ୍ଟ ପ୍ଲାଟ୍‌ଫର୍ମ ଶୁଭାରମ୍ଭ କରିବେ। ପ୍ରତ୍ୟକ୍ଷ ଟିକସ ସଂସ୍କାରକୁ ଆଉପାଦେ ଆଗକୁ ବଢାଇବା ଲାଗି କେନ୍ଦ୍ର ସରକାର ଏଭଳି ଏକ ବ୍ୟବସ୍ଥାକୁ ଶୁଭାରମ୍ଭ କରିବେ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଭର୍ଚୁଆଲ ଇଭେଣ୍ଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି।

**ସଂକ୍ଷେପରେ**

## ରାଜ୍ ଇଲେକ୍‌ଟ୍ରୋନିକ୍ସ ପକ୍ଷରୁ ଫ୍ରିଡମ ମହାସେଲ୍

RAJ ELECTRONICS
ODISHA's No.1 Retail Chain Store
ଦୀର୍ଘ 42 ବର୍ଷଧରି ସମଗ୍ର ଓଡିଶାବାସୀଙ୍କ ଘରେ ଘରେ ପରିଚିତ

**ଭୁବନେଶ୍ୱର,୧୨।୮:** ରାଜ୍ ଇଲେକଟ୍ରୋନିକ୍ସ ପକ୍ଷରୁ ଫ୍ରିଡମ ମହାସେଲ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କୁ କମ୍ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ ଲକ୍ଷ୍ୟରେ ଏଭଳି ଅଫର ଆରମ୍ଭ କରାଯାଇଥିବା ଶୋ'ରୁମ୍ ପକ୍ଷରୁ ସୂଚନା ରହିଛି। ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ପ୍ରଡକ୍ଟ କ୍ରୟ ଉପରେ ଏହି ସମୟରେ ଗ୍ରାହକ ଅଫର ଲାଭ କରିପାରିବେ। ନଗଦ ଭାବେ ନ ଦେଇ ସବୁଠୁ କମ୍ ଡାଉନପେମେଣ୍ଟ, ଶୂନ ପ୍ରତିଶତ ସୁଧ, ସହଜ କିସ୍ତିରେ ଗ୍ରାହକ ନିଜ ମନପସନ୍ଦର ପ୍ରଡକ୍ଟ କିଣିପାରିବେ। ବଜାଜ ଫାଇନାନ୍ସର ଆକର୍ଷଣୀୟ ସ୍କିମ୍ ମଧ ରହିଛି। ସାମ୍‌ସଙ୍ଗ ଏବଂ ଏଲ୍‌ଜି କମ୍ପାନୀର ପ୍ରଡକ୍ଟ ଫାଇନାନ୍ସ ମାଧମରେ ନେଲେ ଗୋଟିଏ ମାସର ଇଏମ୍‌ଆଇ ମୂଲ୍ୟ କ୍ୟାଶବ୍ୟାକ୍ ଫେରିପାଇବେ। ଯେକୌଣସି କମ୍ପାନୀର ଏସି, ଟପ୍‌ଲୋଡ୍ ଏବଂ ଫ୍ରଣ୍ଟ ଲୋଡ୍ ୱାଶିଂମେଶିନ ଫାଇନାନ୍ସରେ କିଣିଲେ କେଣ୍ଟ କମ୍ପାନୀର ଭେଜିଟେବୁଲ ୱାଶର ଗ୍ରାହକ ପାଇପାରିବେ। ଏହାବାଦ ଗ୍ରାହକ ଅନ୍ୟ ବର୍ଗରେ ଅଫର ସମେତ କମ୍ପାନୀଗୁଡିକ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ମଧ ପାଇପାରିବେ। ଗ୍ରାହକଙ୍କ ଭରଷା ଏବଂ ବିଶ୍ୱାସକୁ ପାଥେୟ କରି ଏଭଳି ବିଭିନ୍ନ ଅଫର ଲାଗି ଆରମ୍ଭ କରାଯାଇଥିବା ଶୋ'ରୁମର ସ୍ୱତ୍ତ୍ୱାଧୀକାରୀ ପ୍ରକାଶ ବିଶ୍ୱାଳ ସୂଚନା ଦେଇଛନ୍ତି।

# ନିରାଶାରେ ୫୦% ଯୁବବର୍ଗ

**ନୂଆଦିଲ୍ଲୀ,୧୨।୮**

କୋଭିଡ୍-୧୯ ବଜାରରେ ଏକ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରିଛି। ବିଶ୍ୱର ମୋଟ୍ ଯୁବବର୍ଗଙ୍କ ଜନସଂଖ୍ୟା ମଧ୍ୟରୁ ପ୍ରାୟ ୫୦% ବର୍ତ୍ତମାନ ନିରାଶ ଏବଂ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୧୭% ନିକଟରେ ଚାକିରି ବର୍ତ୍ତମାନ ନାହିଁ। ଅପରପକ୍ଷରେ ପ୍ରାୟ ଏକ ତୃତୀୟାଂଶ ଯୁବବର୍ଗଙ୍କ ଭବିଷ୍ୟତ କ୍ୟାରିୟର କ'ଣ ରହିବ ସେ ନେଇ ଅନିଶ୍ଚିତତା ଘେରକୁ ଚାଲିଯାଇଥିବା ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ(ଆଇଏଲ୍‌ଓ) ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଆଇଏଲ୍‌ଓ ପକ୍ଷରୁ ଯୁବବର୍ଗଙ୍କ ଏବଂ କୋଭିଡ୍-୧୯ ପ୍ରଭାବ ଉପରେ ଏକ ଅଧ୍ୟୟନରେ ଏଭଳି ରିପୋର୍ଟ ସାମ୍ନାକୁ ଆସିଛି। ଏହି ଅଧ୍ୟୟନରେ ଯୁବବର୍ଗଙ୍କ ନିଯୁକ୍ତି, ଶିକ୍ଷା, ଅଧିକାର ଏବଂ ମାନସିକ ସ୍ୱାସ୍ଥ୍ୟ ଭଳି ପ୍ରସଙ୍ଗକୁ ବିଚାର କରାଯାଇଛି। ରିପୋର୍ଟରେ କୁହାଯାଇଛି



**ଆଇଏଲ୍‌ଓ ସର୍ଭେ**
- ଚାକିରି ହରାଇଛନ୍ତି ୧୭%
- ସାରା ବିଶ୍ୱରେ କୋଭିଡ୍ ପ୍ରଭାବ

ଯେ, ସମସ୍ୟାର ସମାଧାନ ଦିଗରେ ଯଦି କୌଣସି ପଦକ୍ଷେପ ହାତକୁ ନ ନିଆଯାଏ ତେବେ ପରିଣାମ ଭୟାବହ ହେବ।

ଜୀବନର ପ୍ରତିଟି କ୍ଷେତ୍ରକୁ କୋଭିଡ୍-୧୯ ପ୍ରଭାବିତ କରିଛି। ଯୁବବର୍ଗଙ୍କ ଅର୍ଥନୈତିକ ଏବଂ ସାମାଜିକ ସମନ୍ୱୟ କ୍ଷେତ୍ରରେ ଏହା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତ୍ୱରିତ ଭିତ୍ତିରେ ସମସ୍ୟାକୁ ସମାଧାନ କରିବାର ଆବଶ୍ୟକତାକୁ ବୁଝିବାକୁ ହେବ। ନ ହେଲେ ଏହା ଯୁବବର୍ଗଙ୍କୁ ଆହୁରି ସମସ୍ୟାରେ ପକାଇପାରେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ୧୮ରୁ ୨୯ ବର୍ଷ ମଧ୍ୟରେ ପ୍ରାୟ ୧୧୨ ଦେଶର ୧୨ ହଜାର ଯୁବବର୍ଗଙ୍କୁ ସର୍ଭେରେ ସାମିଲ କରାଯାଇଥିଲା। ୧୮ରୁ ୨୪ ବର୍ଷ ବୟସ୍କଙ୍କ ମାନସିକ ସ୍ୱାସ୍ଥ୍ୟ ସବୁଠାରୁ ନିମ୍ନ ସ୍ତରରେ ରହିଛି। ଯେଉଁମାନଙ୍କର ଶିକ୍ଷା କିମ୍ବା କାର୍ଯ୍ୟ ସ୍ଥିତି ବିଗିଡିଛି ସେମାନେ ଡିପ୍ରେସନକୁ ଚାଲିଯାଇଛନ୍ତି। ଶିକ୍ଷା ଗ୍ରହଣ କରୁଥିବା ଏବଂ ନିଯୁକ୍ତିରେ ଥିବା ଯୁବବର୍ଗଙ୍କର ମାନସିକ ସ୍ୱାସ୍ଥ୍ୟ ଉନ୍ନତ ରହିଛି।

ଶିକ୍ଷାରେ ବିଳମ୍ବତା ଏବଂ ବନ୍ଦ ଯୋଗୁ ୨୨% ଡିପ୍ରେଶନର ଶିକାର ହୋଇଥିବା ବେଳେ ୧୨% ଛାତ୍ରୀଛାତ୍ରଙ୍କ ଶିକ୍ଷା ଟ୍ରାକ୍‌କୁ ଫେରିଛି। ପ୍ରାୟ ୩୮% ଭବିଷ୍ୟତକୁ ନେଇ ଅନିଶ୍ଚିତ ରହିଛନ୍ତି। ଶ୍ରମ ବଜାର ଉପରେ କୋଭିଡ୍ ଗଭୀର ପ୍ରଭାବ ପକାଇଥିବା ବେଳେ ସ୍କୁଲ, କଲେଜ ଶିକ୍ଷା ନେଇ ବର୍ତ୍ତମାନ ସୁଦ୍ଧା କିଛି ନିଶ୍ଚିତ ହୋଇପାରିନାହିଁ। ପ୍ରତି ୬ ଜଣରେ ଜଣେ ଯୁବକଯୁବତୀ କାମ ହରାଇଛନ୍ତି। ସର୍ପୋଟ, ସର୍ଭିସ ଏବଂ ସେଲ୍‌ସ ଭଳି କ୍ଷେତ୍ରରେ କାମ କରୁଥିବା ଯୁବକଯୁବତୀଙ୍କୁ ଚାକିରିରେ ବେଶି ସମସ୍ୟା ସାମ୍ନା କରିବାକୁ ପଡିଛି। ମହାମାରୀ ଯୁବବର୍ଗଙ୍କୁ ଏକ ଶକ୍ତ ଧକ୍କା ଦେଇଛି ବୋଲି ଆଇଏଲ୍‌ଓର ମହାନିର୍ଦ୍ଦେଶକ ଗାଏ ରାଇଡର କହିଛନ୍ତି। ଏଭଳି ଚ୍ୟାଲେଞ୍ଜିଂ ସମୟରେ ଯୁବବର୍ଗଙ୍କୁ ସେମାନଙ୍କ ଚିନ୍ତାଧାରା ଏବଂ ନିଷ୍ପତ୍ତି ଗ୍ରହଣ ଦିଗରେ ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

## ମେଟ୍ରୋ ପ୍ରକଳ୍ପ ଲାଗି ଜେଏସ୍‌ପିଏଲ୍ ରେଲ୍

**ଭୁବନେଶ୍ୱର ,୧୨।୮:** ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ପକ୍ଷରୁ କୋଲକାତା ମେଟ୍ରୋର ଯୋକା-ଏସ୍‌ପ୍ଲାନେଡ୍ ମେଟ୍ରୋ ରେଳ କରିଡର ଲାଗି ରେଲ୍ ଯୋଗାଣ କରାଯାଇଛି। ଜେଏସ୍‌ପିଏଲ୍ ୧୦୮୦ ଗ୍ରେଡ୍‌ର ଏଚ୍‌ଏଚ୍ ରେଲ୍‌ସ ରେଳ ବିକାଶ ନିଗମ ଲିମିଟେଡ୍(ଆର୍‌ଭିଏନ୍‌ଏଲ୍)କୁ ପ୍ରଦାନ କରିଛି। ଦେଶର ପ୍ରଥମ କମ୍ପାନୀ ଭାବେ ନୂଆ ମେଟ୍ରୋ କରିଡର ନିର୍ମାଣ ଦିଗରେ କମ୍ପାନୀ ଯୋଗଦାନ ରଖିଛି। ପୂର୍ବରୁ ଭାରତୀୟ ରେଳୱେ ହାଇସ୍ପିଡ୍ ରେଳ ଟ୍ରାକ୍ ନିର୍ମାଣ ଲାଗି ଜାପାନ ଏବଂ ୟୁରୋପ ଭଳି ଦେଶଗୁଡିକରୁ ହାର୍ଡ ହାର୍ଡେନ ରେଲ୍ ଅର୍ଡର କରୁଥିଲା। ବର୍ତ୍ତମାନ ଜେଏସ୍‌ପିଏଲ୍‌ଠାରୁ ଏଭଳି



ଅର୍ଡର ରେଳୱେ ଲାଭ କରିଛି। ଏହି ଟ୍ରାକଗୁଡିକରେ ଟ୍ରେନ ୨୫୦ କିମି ପ୍ରତି ଘଣ୍ଟାରେ ଯାତ୍ରା କରିପାରିବ। ଜେଏସ୍‌ପିଏଲ୍‌ର ରାଇଗଡ଼ ପ୍ଲାଣ୍ଟରେ ଏହି ରେଲ୍ ଉତ୍ପାଦନ କରାଯାଉଛି। ୩ ହଜାର ମେଟ୍ରିକ ଟନ୍ ରେଲ୍ ସାମଗ୍ରୀ ଯୋଗାଣ ଲାଗି ଜେଏସ୍‌ପିଏଲ୍ ବିଡିଂ ହାସଲ କରିଛି। ବର୍ତ୍ତମାନ ସୁଦ୍ଧା ୧୩୦୦ ମେଟ୍ରିକ ଟନ୍‌ର ସାମଗ୍ରୀ ଯୋଗାଇବାକୁ କମ୍ପାନୀ ସକ୍ଷମ ହୋଇଛି।

## ଆଦ୍ୟାନ୍ତ ଛାତ୍ରୀଛାତ୍ରଙ୍କ ସଫଳତା

**ଭୁବନେଶ୍ୱର,୧୨।୮:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରିକ୍ଷାରେ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସ୍କୁଲର ମୋଟ ୩୩୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୪ ଜଣ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସେହିଭଳି ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୭୮। ସ୍କୁଲର ସୁବ୍ରତ ଚନ୍ଦ୍ର ନାହାକ ୫୬୦ ନମ୍ବର ରଖିଥିବା ବେଳେ ଗୁରୁସ୍ନେହୀ ଚୌଧୁରୀ ୫୫୬ ନମ୍ବର, ଅମିତ ବେହେରା ୫୫୪ ନମ୍ବର, ଜ୍ଞାନରଞ୍ଜନ ପଲେଇ ୫୫୩, ଭାଗ୍ୟଶ୍ରୀ ଦାସ ୫୫୩, ଆଦିତ୍ୟ ନାରାୟଣ ସାହୁ ୫୫୦, ଅମରେଶ ବେହେରା ୫୫୦, ସ୍ମୃତି ସ୍ୱରୂପ ମହାନ୍ତି ୫୪୯, ଅୟସକାନ୍ତି ମହାପାତ୍ର ୫୪୮, ଶୁଭେନ୍ଦୁ ଶେଖର ତ୍ରିପାଠୀ ୫୪୭, ସସ୍ମିତା ବେହେରା ୫୪୨, ପ୍ରୀତମ ପ୍ରସାଦ ବଳ ୫୪୧, ଶୀଳା ସଞ୍ଜନା କୁମାରୀ ପାତ୍ର ୫୪୦ ଏବଂ ଆଦିତ୍ୟ ପ୍ରସାଦ ମହାନ୍ତି ୫୪୦ ନମ୍ବର ରଖିଛନ୍ତି। ଏହି ଅବସରରେ ସ୍କୁଲର ଚେୟାରମ୍ୟାନ ଅଜୟ ବାହାଦୁର ସିଂ ସମସ୍ତ ସଫଳତାର ଶ୍ରେୟ ପ୍ରିନ୍ସିପାଲ ଅଶୋକ କୁମାର କର, ସମସ୍ତ ଅଧାପକ, ଛାତ୍ରୀଛାତ୍ର ଏଂ ଅଭିଭାବକଙ୍କୁ ଦେଇଛନ୍ତି।

# ମାରୁତି ସୁଜୁକିର ନୂଆ ଏସ୍‌କ୍ରସ୍

**ଭୁବନେଶ୍ୱର,୧୨।୮:** ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ନୂଆ ଏସ୍‌କ୍ରସ ପେଟ୍ରୋଲ ମଡେଲ ଓଡ଼ିଶା ବଜାରକୁ ଆସିଛି। ଯାନଟିକୁ ଭୁବନେଶ୍ୱର ରାଜଭବନ ସ୍ଥିତ ନାରାୟଣୀ ମୋଟର୍ସ ନେକ୍ସା ଶୋ'ରୁମ୍‌ରେ ବଜାର ପ୍ରବେଶ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏସ୍‌ବିଆଇର ଚିଫ୍ ମ୍ୟାନେଜର ନଗେନ୍ଦ୍ର ସାହୁ, ଆଇସିଆଇସିଆଇ ବ୍ୟାଙ୍କର ଆଞ୍ଚଳିକ ସେଲ୍‌ସ ମୁଖ୍ୟ ଅବିନାଶ ମହାନ୍ତି ଏବଂ ଶୋ'ରୁମ୍‌ର ଜିଏମ୍ ବିଭୁଦତ୍ତ ପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ନେକ୍ସାର 'କ୍ରିଏଟ ଇନ୍ସାୟାର' ମୂଲ୍ୟବୋଧକୁ ନେଇ ଏହା ପ୍ରସ୍ତୁତ ହୋଇଛି। ଏସ୍‌ୟୁଭି ବର୍ଗରେ ଏହି ମଡେଲଟି ଶକ୍ତିଶାଳୀ ୧.୫ ଲିଟର କେ ୧୫ ବି ଇଞ୍ଜିନ ସହ ଆସିଛି। ଏଥିରେ



ସ୍ମାର୍ଟ ହାଇବ୍ରିଡ୍ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଗ୍ରାହକ ଏହି ମଡେଲରେ ବେଷ୍ଟ କ୍ଲାସ୍ ଫୁଏଲ ଏଫିସିଏନ୍ସି (୧୮.୫୫ କି.ମି. ପ୍ରତି ଲିଟର) ଲାଭ କରିପାରିବେ। ଉନ୍ନତ ଡ୍ରାଇଭିଂ ଅଭିଜ୍ଞତା ଲାଗି ଅଟୋମେଟିକ ଟ୍ରାନ୍ସମିଶନ, ନୂତନ ପିଢିର ମନୋରଞ୍ଜନ ସିଷ୍ଟମ ସ୍ମାର୍ଟ ପ୍ଲେ ଷ୍ଟୁଡିଓ ଏଥିରେ ରହିଛି। ଅତ୍ୟାଧୁନିକ ଡିଜାଇନ ଏବଂ ସଦ୍ୟତମ ଫିଚର ଏଥିରେ ରହିଥିବା ବେଳେ ଯାନଟିର ବଜାର ଦର ୮.୩୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ସେହିଭଳି ୪ ମିଟରରୁ ଉର୍ଦ୍ଧ୍ୱ ସ୍ପେଶିୟସ ଡିଜାଇନ, ଶକ୍ତିଶାଳୀ ପାୱାର ଟ୍ରେନ, ଅଟୋମେଟିକ ବିକଳ୍ପ ଏଥିରେ ରହିଛି।

## ସାମ୍‌ସଙ୍ଗର ଅଫର

**ନୂଆଦିଲ୍ଲୀ,୧୨।୮:** ସାମ୍‌ସଙ୍ଗ ପକ୍ଷରୁ ସ୍ୱାଧୀନତା ଦିବସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଟିଭି,ରେଫ୍ରିଜରେଟର, ସ୍ମାର୍ଟ ଓଭନ, ୱାଶିଂ ମେଶିନ ଏବଂ ଏୟାର କଣ୍ଡିଶନ ଉପରେ ଏହି ଅଫର ଉପଲବ୍ଧ ହେବ। ଅଫରଗୁଡିକ ମଧ୍ୟରେ ଉନ୍ନତ ଡିଲ୍, ଆକର୍ଷଣୀୟ ଋଣ ଯୋଜନା, ୧୫% କ୍ୟାଶବ୍ୟାକ୍, ସର୍ବନିମ୍ନ ୯୯୦ ଟଙ୍କାରୁ ଆରମ୍ଭ ହେଉଥିବା ସହଜ ଇଏମ୍‌ଆଇ ସାମିଲ ରହିଛି। ଏହି ଅଫର ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସାମ୍‌ସଙ୍ଗ କ୍ୟୁଏଲ୍‌ଇଡି ୮କେ କିଣୁଥିବା ଉପଭୋକ୍ତା ଏକ ଗାଲାକ୍ସି ଫୋନ୍ ଏସ୍ ୨୦ ପ୍ଲସ ସ୍ମାର୍ଟଫୋନ ଲାଭ କରିପାରିବେ। ବଛାବଛା କ୍ୟୁଏଲ୍‌ଇଡି ଟିଭି ଉପରେ ୧୦ ବର୍ଷର ନୋ ସ୍କ୍ରିନ୍ ବର୍ନ ଇନ୍ ୱାରେଣ୍ଟି ଓ ପ୍ୟାନେଲ ଉପରେ ୩ ବର୍ଷର ୱାରେଣ୍ଟି ପାଇପାରିବେ।

## ଚମକିଲେ କିଟ୍ ଉଚ୍ଚ ମାଧ୍ୟମିକ ଛାତ୍ରୀଛାତ୍ର

**ଭୁବନେଶ୍ୱର,୧୨।୮:** +୨ ବିଜ୍ଞାନ ପରୀକ୍ଷାରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ପାସ୍ ହାର ୯୭% ରହିଛି। ବିଦ୍ୟାଳୟର ଇପ୍‌ସିତା ଘଡେଇ ସର୍ବାଧିକ ୫୫୪ ନମ୍ବର ବା ୯୨.୩୩% ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିଭଳି ସୁବାଶିଷ ପାତ୍ର ୫୪୪, ଇପ୍‌ସା ଦାସ ୫୪୩, କ୍ରିତିକା ସାହୁ ୫୪୩, ଶୁଭମ ଶଙ୍କର ସାହୁ ୫୪୩ ନମ୍ବର ରଖିଛନ୍ତି। ବିଦ୍ୟାଳୟର ୫ ଛାତ୍ରୀଛାତ୍ର ୯୦% ରୁ ଉର୍ଦ୍ଧ୍ୱ, ୬୨ ଜଣ ୮୦%ରୁ ଅଧିକ ନମ୍ବର ଆଣିଛନ୍ତି। ସେହିଭଳି ୩୧ଜଣ ୫୦୦ରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି। ୨୪୫ ଜଣ ପ୍ରଥମ ଶ୍ରେଣୀ, ୭୫ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୧୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଫଳତା ପାଇଁ ସମସ୍ତ ଛାତ୍ରୀଛାତ୍ରମାନଙ୍କର କଠିନ ପରିଶ୍ରମ ଓ ବିଦ୍ୟାଳୟର ଅଧାପକ ଓ ଅଧାପିକାଙ୍କ ନିଷ୍ଠାପର ଶିକ୍ଷାଦାନ ଯୋଗୁ ସମ୍ଭବ ହୋଇପାରିଛି ବୋଲି ଥିବା କିଟ୍‌ର ପ୍ରତିଷ୍ଠାତା ସଦ୍ୟସ ତଥା ବିଦ୍ୟାଳୟର ଚେୟାରମ୍ୟାନ ଡ. ଚିତ୍ତରଞ୍ଜନ ମିଶ୍ର ସୂଚନାଦେଇଛନ୍ତି।

**ଖେଳ ଖବର**

# ସିରିଜ ବିଜୟ ଲକ୍ଷ୍ୟରେ ଇଂଲଣ୍ଡ

**ସାଉଥାମ୍ପଟନ, ୧୨।୮**

ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ସ୍ଥାନୀୟ ରୋଜ ବାଓଲ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହେବ। ମାଞ୍ଚେଷ୍ଟରଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୩ ଉଇକେଟରେ ବିଜୟ ହାସଲ କରି ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ତେଣୁ ଏହି ଟେଷ୍ଟ ପାକିସ୍ତାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ପକ୍ଷରେ ଇଂଲଣ୍ଡ ବିଜୟଧାରା ଜାରି ରଖି ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଏକଦା ଖରାପ ସ୍ଥିତିରେ ଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରିଥିବାରୁ ଦଳର ମନୋବଳ ବଢ଼ିଯାଇଛି।

ଇଂଲଣ୍ଡ ଦଳରେ ବେନ୍ ଷ୍ଟୋକ୍ସଙ୍କ ସ୍ଥାନରେ ଓଲି ରବିନସନଙ୍କୁ ସାମିଲ କରାଯାଇଛି। ପାରିବାରିକ କାରଣରୁ ଷ୍ଟୋକ୍ସ ନ୍ୟୁଜିଲାଣ୍ଡ ଯାଇଛନ୍ତି। ଫଳରେ ଜ୍ୟାକ କ୍ରଲି ତୃତୀୟ ନମ୍ବରରେ ବ୍ୟାଟିଂ ପାଇଁ ଆସିବେ। ବୋଲିଂ ଲାଇନ୍‌ଅପ୍‌ରେ ଇଂଲଣ୍ଡ ରୋଟେଶନ ପଦ୍ଧତି ଅବଲମ୍ବନ କରୁଛି। ତେଣୁ ଆଗାମୀ ମ୍ୟାଚ ପାଇଁ ଦଳରେ ପରିବର୍ତ୍ତନ ହୋଇପାରେ। ଜେମ୍ସ ଆଣ୍ଡରସନଙ୍କ ଫର୍ମ ଭଲ ନାହିଁ। ତେଣୁ ତାଙ୍କୁ ବିଶ୍ରାମ ଦିଆଯାଇ ସାମ୍ କୁରାନ କିମ୍ବା ରବିନସନଙ୍କୁ ସାମିଲ କରାଯାଇପାରେ। ସେହିପରି ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ପରେ ମାର୍କ ଉଡ୍ ଆଉ ଖେଳିବା ସୁଯୋଗ ପାଇ ନାହାନ୍ତି। ଆଗାମୀ ମ୍ୟାଚରେ ସେ ଜୋଫ୍ରା ଆର୍ଚରଙ୍କ ସ୍ଥାନ ନେଇପାରନ୍ତି। ରବିନସନ, କୁରାନ



ସାଉଥାମ୍ପଟନ ଗ୍ରାଉଣ୍ଡରେ ବୁଧବାର ଓଲି ରବିନସନଙ୍କ ଅଭ୍ୟାସ।

ଓ ଉଡ୍ ବୁଧବାର ଦୀର୍ଘସମୟଧରି ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା।

ଇଂଲଣ୍ଡ ଅଧିନାୟକ ଜୋ ରୁଟ୍‌ଙ୍କ ପରି ପାକିସ୍ତାନ ଅଧିନାୟକ ଆଝାର ଅଲୀ ଦକ୍ଷତା ଅନୁସାରେ ଖେଳିପାରି ନାହାନ୍ତି। ସିରିଜକୁ ପ୍ରତ୍ୟାବର୍ତ୍ତନ ପାଇଁ ଆଗାମୀ ଟେଷ୍ଟ ଜିତିବା ଜରୁରୀ ଥିବାରୁ ଭ୍ରମଣକାରୀ ଦଳ ଅଧିନାୟକଙ୍କ ବ୍ୟାଟ୍‌ରୁ ଏକ ବଡ଼ ଇନିଂସ ନିଶ୍ଚିତ ଆଶା କରିବ। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ପାକିସ୍ତାନ ୨ ସ୍ପିନରଙ୍କୁ ନେଇ ଖେଳିଥିଲା। ରୋଜ ବାଓଲରେ ୨ ସ୍ପିନରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ ନା ଜଣେ ଅତିରିକ୍ତ ବ୍ୟାଟ୍ସମ୍ୟାନଙ୍କୁ ଖେଳାଇବ ତାହା ବିଚାର୍ଯ୍ୟ। ଅତିରିକ୍ତ ବ୍ୟାଟ୍ସମ୍ୟାନ ରଣନୀତି ଅବଲମ୍ବନ କଲେ ଫୱାଦ ଆଲମ ୧୧ ବର୍ଷ ବ୍ୟବଧାନରେ ପ୍ରଥମ ଟେଷ୍ଟ ଖେଳିବା ସୁଯୋଗ ପାଇବେ। ଫାଷ୍ଟ ବୋଲିଂ ଲାଇନ୍‌ଅପ୍‌ରେ ମଧ ଦଳ ପରିବର୍ତ୍ତନ କରିପାରେ। ୱାର୍ମଅପ୍ ମ୍ୟାଚରେ ସୋହେଲ ଖାଁ ୨ ଥର ୫ ଉଇକେଟ ସଫଳତା ପାଇଥିଲେ। ଫାହିମ ଅଶ୍ରଫ୍‌ଙ୍କ ରୂପରେ ମଧ ବିକଳ୍ପ ଉପଲବ୍ଧ। ତେଣୁ ଏ କ୍ଷେତ୍ରରେ ଟିମ୍ ମ୍ୟାନେଜମେଣ୍ଟ କେଉଁ ପ୍ରକାର ରଣନୀତି ଅବଲମ୍ବନ

**ଦ୍ୱିତୀୟ ଟେଷ୍ଟ ଆଜିଠାରୁ**
- ଷ୍ଟୋକ୍ସଙ୍କ ସ୍ଥାନ ନେଲେ ରବିନସନ
- ଖେଳ ଆରମ୍ଭ: ଅପରାହ୍ନ ୩ଟା ୩୦
- ପ୍ରସାରଣ: ସୋନି ସିକ୍ସ

କରୁଛି ତା ଉପରେ ନଜର ରହିଛି।

ସାଉଥାମ୍ପଟନ ସର୍ଫେସ ଚଳିତ ସିଜନରେ ସ୍ଲୋ ରହୁଥିବାରୁ ବ୍ୟାଟିଂ ପାଇଁ ସହଜ ହେଉନାହିଁ। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟର ପ୍ରଥମ ଇନିଂସରୁ ହିଁ ଏହା ପ୍ରତୀୟମାନ ହୋଇଥିଲା। ଏହି ଟେଷ୍ଟ ଅବସରରେ ପାଗ ଖରାପ ରହିବା ପୂର୍ବାନୁମାନ କରାଯାଉଛି। ଘଡ଼ଘଡ଼ି ବିଜୁଳି ସହ ଦ୍ୱିତୀୟ ଏବଂ ତୃତୀୟ ଦିବସରେ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ତାପମାତ୍ରା କମିବ ଏବଂ ଖେଳିବା ସହଜ ହେବନାହିଁ।

ସମ୍ଭାବ୍ୟ ଇଂଲଣ୍ଡ ଦଳ: ଜୋ ରୁଟ୍(ଅଧିନାୟକ), ରୋରି ବର୍ନ୍ସ, ଡୋମିନିକ୍ ସିବ୍‌ଲେ, ଜ୍ୟାକ୍ କ୍ରଲି, ଓଲି ପୋପ୍, ଜେସ୍ ବଟଲର, କ୍ରିସ୍ ୱୋକ୍ସ, ଡୋମିନିକ୍ ବେସ୍, ମାର୍କ ଉଡ୍, ଷ୍ଟୁଆର୍ଟ ବ୍ରଡ୍, ସାମ୍ କୁରାନ।

ସମ୍ଭାବ୍ୟ ପାକିସ୍ତାନ ଦଳ: ଆଝାର ଅଲୀ(ଅଧିନାୟକ), ଶାନମାସୁଦ, ଆବିଦ ଅଲୀ, ବାବର ଆଜମ, ଅସଦ ସଫିକ୍, ଫୱାଦ ଆଲମ, ମହମ୍ମଦ ରିଜୱାନ, ୟାସିର ଶାହା, ମହମ୍ମଦ ଆବାସ, ଶାହିନ ଶାହ ଆଫ୍ରିଦୀ, ନଇମ ଶାହା।

## ପ୍ରୋଟୋକଲ ଭାଙ୍ଗିଲେ ହାଫିଜ୍



ମହମ୍ମଦ ହାଫିଜ୍

**କରାଚୀ,୧୨।୮(ପି.ଟି.):** ପାକିସ୍ତାନ ପୂର୍ବତନ ଅଧିନାୟକ ମହମ୍ମଦ ହାଫିଜ୍ ଇଂଲଣ୍ଡରେ ଜୈବ ସୁରକ୍ଷିତ ପ୍ରୋଟୋକଲ ଉଲ୍ଲଂଘନ କରି ବିବାଦ ସୃଷ୍ଟି କରିଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଧ ଏ ନେଇ ବିରକ୍ତି ପ୍ରକାଶ କରିଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଏହିଜୈବ ସୁରକ୍ଷିତ ପ୍ରୋଟୋକଲ ଲାଗୁ କରିଥିଲା। ଟେଷ୍ଟ ଦଳରେ ନ ଥିଲେ ମଧ ହାଫିଜ୍ ସୀମିତ ଓଭର ମ୍ୟାଚ୍ ଖେଳିବାକୁ ଇଂଲଣ୍ଡ ଗସ୍ତ କରିଛନ୍ତି। ପ୍ରୋଟୋକଲ ଉଲ୍ଲଂଘନ କରି ହାଫିଜ୍ ଟିମ୍ ହୋଟେଲକୁ ଲାଗିକରି ଥିବା ଗଲ୍ଫ କୋର୍ସକୁ ଯାଇଥିଲେ ଓ ଜଣେ ବୟସ୍କ ମହିଳାଙ୍କ ସହ ଫଟୋ ଉଠାଇ, ତାହାକୁ ଟୁଇଟ୍ କରିଥିଲେ। ଜୈବ ସୁରକ୍ଷିତ ପରିବେଶ ବାହାରକୁ ଯାଇ କାହା ସହିତ ନ ମିଶିବାକୁ ବାରଣ କରାଯାଇଥିଲେ ମଧ ହାଫିଜ୍ ଏହି ତ୍ରୁଟି କରିଛନ୍ତି। ପ୍ରଥମ ଟେଷ୍ଟରେ ପାକିସ୍ତାନ ଇଂଲଣ୍ଡଠାରୁ ୩ ଉଇକେଟରେ ପରାସ୍ତ ହୋଇ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୦-୧ରେ ପଛରେ ପଡ଼ିଛି।

# ଭାରତ-କାତାର ମ୍ୟାଚ ୨୦୨୧କୁ ଘୁଞ୍ଚିଲା

**ନୂଆଦିଲ୍ଲୀ, ୧୨।୮**

୨୦୨୨ ଫିଫା ବିଶ୍ୱକପର ଏସିଆନ କ୍ୱାଲିଫାଇଂ ମ୍ୟାଚ ଗୁଡ଼ିକ ୨୦୨୧କୁ ଘୁଞ୍ଚାଇ ଦିଆ ଯାଇଛି। କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫସି) ଫିଫା ବିଶ୍ୱକପ ଏବଂ ୨୦୨୩ ଏସିଆନ କପ୍‌ର ଅକ୍ଟୋବର ଓ ନଭେମ୍ବରରେ ହେବାକୁଥିବା ମ୍ୟାଚ ଗୁଡ଼ିକୁ ସ୍ଥଗିତ ରଖିଛି। ଫଳରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୮ରେ ହେବାକୁଥିବା ଭାରତ-କାତାର ମ୍ୟାଚ ମଧ ସ୍ଥଗିତ ରହିଛି। ଏଥିସହ ଚଳିତ ବର୍ଷ ଭାରତୀୟ ଫୁଟବଲ ଦଳ ଆଉ କୌଣସି ମ୍ୟାଚ ନ ଖେଳିବା ସ୍ପଷ୍ଟ ହୋଇ ଯାଇଛି। ଶେଷଥରପାଇଁ ଭାରତ ଗତବର୍ଷ ନଭେମ୍ବରରେ ମସ୍କଟଠାରେ ଓମାନ ବିପକ୍ଷରେ କ୍ୱାଲିଫାଇଂ ମ୍ୟାଚ ଖେଳି

**ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ**

FIFA WORLD CUP Qatar2022

୦-୧ ଗୋଲରେ ପରାସ୍ତ ହୋଇଥିଲା।

ଭାରତ ବିଶ୍ୱକପ ଯୋଗ୍ୟତା ହାସଲ ଦୌଡ଼ରୁ ବାଦ୍ ପଡ଼ିଥିଲେ ହେଁ ୨୦୨୩ ଏସିଆନ କପ୍ ଆଶା ଉଜ୍ଜୀବିତ ରଖିଛି। ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଗୁଡ଼ିକରେ କାତାର, ଆଫଗାନିସ୍ତାନ ଓ ବାଂଲାଦେଶ ବିପକ୍ଷରେ ମ୍ୟାଚ ଖେଳିବାର ଅଛି। ନିଜ ଗ୍ରୁପ୍‌ରେ ଭାରତ ତୃତୀୟ ସ୍ଥାନ ହାସଲ କରିପାରିଲେ ସିଧାସଳଖ ୨୦୨୩ ଏସିଆନ କପ୍ ତୃତୀୟ ରାଉଣ୍ଡ କ୍ୱାଲିଫାୟର୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। "ଅନେକ ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଫିଫା ଏବଂ ଏସିଆନ ଫୁଟବଲ କନ୍‌ଫେଡେରେଶନ ଯୁଗ୍ମଭାବେ ଚଳିତ ବର୍ଷ ଅକ୍ଟୋବର ଓ ନଭେମ୍ବରରେ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଗୁଡ଼ିକ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ୨୦୨୧ରେ ଏହି ମ୍ୟାଚ ଗୁଡ଼ିକର ପରବର୍ତ୍ତୀ କାର୍ଯ୍ୟସୂଚୀ ପ୍ରକାଶ ପାଇବ" ବୋଲି ଫିଫା ଏବଂ ଏଏଫସି ପକ୍ଷରୁ ଏକ ଯୁଗ୍ମ ବିବୃତିରେ ପ୍ରକାଶ କରାଯାଇଛି। ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ୫ଟି ମ୍ୟାଚ ଖେଳି ୩ ପଏଣ୍ଟ ସହିତ ଗ୍ରୁପ୍ 'ଇ'ର ୪ର୍ଥ ସ୍ଥାନରେ ରହିଛି। କାତାର ୧୩ ପଏଣ୍ଟ ସହିତ ଶୀର୍ଷସ୍ଥାନ ଅଧିକାର କରିଛି। ୮ଟି ଗ୍ରୁପ୍ ବିଜେତା ଏବଂ ଶ୍ରେଷ୍ଠ ୪ ରନର୍ସଅପ୍ ଦଳ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବେ।

# ପ୍ରି-ସିଜନ କ୍ୟାମ୍ପରେ ଯୋଗଦେବେନି ଜାଡେଜା

**ନୂଆଦିଲ୍ଲୀ, ୧୨।୮**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପୂର୍ବରୁ ଚେନ୍ନାଇ ସୁପରକିଙ୍ଗ୍ସ (ସିଏସକେ) ଚେନ୍ନାଇରେ ଏକ ପ୍ରି-ସିଜନ କଣ୍ଡିଶନିଂ କ୍ୟାମ୍ପ କରିବ। ଏହା ଅଗଷ୍ଟ ୧୫ରୁ ୨୦ ମଧ୍ୟରେ ହେବ। ଭାରତର ନାମୀ ଖେଳାଳିଙ୍କ ମଧ୍ୟରୁ ରବୀନ୍ଦ୍ର ଜାଡେଜା ଏହି କ୍ୟାମ୍ପରେ ଭାଗ ନେଇ ପାରିବେ ନାହିଁ ବୋଲି ଜଣା ପଡ଼ିଛି। ତେବେ ଅଧିନାୟକ



ରବୀନ୍ଦ୍ର ଜାଡେଜା

ମହେନ୍ଦ୍ର ସିଂ ଧୋନୀ, ହରଭଜନ ସିଂ, ସୁରେଶ ରାଇନା ଓ ଅମ୍ବାତି ରାୟୁଡୁ ପ୍ରମୁଖ ଏଥିରେ ଭାଗନେବେ। ବ୍ୟକ୍ତିଗତ କାରଣରୁ ଜାଡେଜା ଏହି କ୍ୟାମ୍ପକୁ ଆସିପାରୁ ନ ଥିବା ସୁପର କିଙ୍ଗ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ କାଶି ବିଶ୍ୱନାଥ ପ୍ରକାଶ କରିଛନ୍ତି। ତେବେ ଜାଡେଜା ଅଗଷ୍ଟ ୨୧ରେ ଦୁବାଇ ଯିବା ପୂର୍ବରୁ ଚେନ୍ନାଇରେ ପହଞ୍ଚିବେ ବୋଲି ସେ କହିଛନ୍ତି। ପ୍ରି-ସିଜନ କ୍ୟାମ୍ପରେ ଖେଳାଳିଙ୍କ ଫିଟ୍‌ନେସ ଉପରେ ବିଶେଷ କରି ଫୋକସ କରାଯିବ। ଏହା ବ୍ୟତୀତ ଖେଳାଳିମାନେ ଦୁବାଇ ଯିବାପୂର୍ବରୁ ଏଥିରେ କିଛି ଅଭ୍ୟାସ ମଧ କରିବେ। ଏମଏ ଚିଦାମ୍ବରମ ଷ୍ଟାଡିୟମରେ କ୍ୟାମ୍ପ ପାଇଁ ତାମିଲନାଡୁ ସରକାର ଲିଖିତ ଅନୁମତି ଦେଇଛନ୍ତି। କ୍ୟାମ୍ପ ଅବସରରେ ଷ୍ଟାଡିୟମରେ ପ୍ରବେଶ ପାଇଁ ଦର୍ଶକଙ୍କୁ ଅନୁମତି ମିଳିବ ନାହିଁ। କୋଚିଂ ଷ୍ଟାଫ୍‌ଙ୍କ ମଧ୍ୟରେ କେବଳ ବୋଲିଂ କୋଚ୍ ଲକ୍ଷ୍ମୀପତି ବାଲାଜୀ ଉପସ୍ଥିତ ରହିବେ। ମୁଖ୍ୟ କୋଚ୍ ଷ୍ଟିଫେନ୍ ଫ୍ଲେମିଂ ଓ ସହକାରୀ କୋଚ୍ ମାଇକେଲ ହସୀ ଅଗଷ୍ଟ ୨୨ରେ ଦୁବାଇରେ ଦଳ ସହ ଯୋଗଦେବେ।



ବିଧାୟକ ସାଜିଥିବା ଜଣେ ଡାକ୍ତର ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ଗର୍ଭବତୀଙ୍କ ଡେଲିଭରି କରାଇଛନ୍ତି। ମିଜୋରାମର ବିଧାୟକ ଜେଡ୍‌.ଆର୍‌. ଥିୟାମସଙ୍ଗା ଏଭଳି କରିବା ପରେ ଏହା ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ସୋମବାର ସେ ନିଜ ବିଧାନସଭା କ୍ଷେତ୍ର ଚମ୍ପାଇ ଗସ୍ତରେ ଥିଲେ। ସ୍ଥାନୀୟ ନଗୁର ଗାଁରେ ଜଣେ ଗର୍ଭବତୀ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ସେ ସେଠାକୁ ଯାଇ ହାତରେ ସିଜର ଧରି ମହିଳାଙ୍କ ଡେଲିଭରୀ କରିଥିଲେ।

# ପାହାଡ଼ କାଟି ପ୍ରବାସୀଙ୍କ ଜଳ ସଂରକ୍ଷଣ



**ମରୁଡ଼ି ଅଞ୍ଚଳ ପାଇଁ ଆଶୀର୍ବାଦ ପାଲଟିଲା ଲକ୍‌ଡାଉନ**

**ଭୋପାଳ:** କରୋନା ମହାମାରୀ ଅନେକ ଜୀବନ ନେଇଛି। ବହୁ ପରିବାର ଉଜାଡ଼ିଦେଇଛି। ହେଲେ ଏହି ମହାମାରୀ ପରିସ୍ଥିତିରେ ଅନେକ ସ୍ଥାନରୁ ଭଲ ଖବର ମଧ୍ୟ ଆସୁଛି। କରୋନା ପରିସ୍ଥିତି ମଧ୍ୟପ୍ରଦେଶର ଛତରପୁର ଜିଲା ବଡ଼ମାଲେହରା ବ୍ଲକ୍ ଅନ୍ତର୍ଗତ ଆଗ୍ରୋଥା ଗ୍ରାମବାସୀଙ୍କ ପାଇଁ ଆଶୀର୍ବାଦ ପାଲଟିଛି। ଦୀର୍ଘଦିନ ଧରି କାମଧନ୍ଦା ବନ୍ଦ ଯୋଗୁ ପ୍ରବାସୀ ଶ୍ରମିକମାନେ ଗାଁରେ ଅଛନ୍ତି। ଏହି ସମୟର ସଦୁପଯୋଗକରି ୧୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଏବଂ ଗ୍ରାମବାସୀ ମିଶି ପାହାଡ଼ କାଟି ୧୦୦ ଏକର ଜମି ଲାଗି ଏକ ପୋଖରୀରେ ଜଳ ସଂରକ୍ଷଣ ସୁବିଧା କରିବାରେ ସଫଳ ହୋଇଛନ୍ତି। ଏହା ମରୁଡ଼ିପ୍ରବଣ ବୁନ୍ଦେଲଖଣ୍ଡ ଅଞ୍ଚଳର ୫ହଜାର ଗ୍ରାମବାସୀଙ୍କ ପାଇଁ ସହାୟକ ହୋଇପାରିବ। ୧୦ବର୍ଷ ତଳେ ବୁନ୍ଦେଲଖଣ୍ଡ ପ୍ରକଳ୍ପ ଜରିଆରେ ବହୁ ପରିମାଣର ଅର୍ଥ ବ୍ୟୟରେ ଉକ୍ତ ପୋଖରୀ ମରାମତି କାର୍ଯ୍ୟ କରାଯାଇଥିଲା। ଜଳ ସଂରକ୍ଷଣ ପାଇଁ ପୋଖରୀ ଦୁଇ ପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ କରାଯାଇଥିଲା। ତଥାପି ଭଲ ବର୍ଷା ସତ୍ତ୍ୱେ ପୋଖରୀଟି ପୂର୍ଣ୍ଣ ହୋଇପାରୁ ନାହିଁ। କାରଣ ଜଙ୍ଗଲରୁ ଆସୁଥିବା ଜଳ ପାହାଡ଼ ଉପର ଦେଇ ପୋଖରୀରେ ପହଞ୍ଚିପାରି ନ ଥାଏ। ଫଳରେ ଅଞ୍ଚଳବାସୀ ଜଳକଷ୍ଟ ଭୋଗିଥାନ୍ତି। ତେବେ ଲକ୍‌ଡାଉନ ସୁଯୋଗରେ ଗାଁ ପାଣି ପଞ୍ଚାୟତ ସମିତି ପକ୍ଷରୁ ଏହି ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗାଁକୁ ଫେରିଥିବା ୧୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ସହଯୋଗକରି ଏପ୍ରିଲରେ କାମ ଆରମ୍ଭ କରିଥିଲେ। ପୋଖରୀ ପଛରେ ରହିଥିବା ଏକ ବଡ଼ ପଥର ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିଲା। ଏହି ପାହାଡ଼ର ପଥର କାଟିବା ପାଇଁ ମେଶିନ ମଧ୍ୟ ବ୍ୟବହାର କରାଯାଇଥିବା କାମରେ ନିୟୋଜିତ ଜଣେ ଗ୍ରାମବାସୀ ପ୍ରକାଶ କରିଛନ୍ତି। ୧୦ବର୍ଷ ତଳେ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ମଧ୍ୟ ଠିକାଦାରଙ୍କୁ ପର୍ବତ କାଟିବା ପାଇଁ ଗ୍ରାମବାସୀ କହିଥଲେ। କିନ୍ତୁ ତାହା ବୃଥା ହୋଇଥିଲା ବୋଲି ସେ କହିଛନ୍ତି। ଗ୍ରାମବାସୀଙ୍କ ପ୍ରଚେଷ୍ଟାର ପ୍ରଶଂସା କରି ବଡ଼ମାଲେହରା ଜନପଦ ପଞ୍ଚାୟତର ସିଇଓ ଅଜୟ ସିଂ କହିଛନ୍ତି, ପ୍ରାୟ ୧୫ଶହ ପ୍ରବାସୀ ବ୍ଲକ୍‌କୁ ଫେରିଥିଲେ। ସେମାନଙ୍କୁ ଜଳ ସଂରକ୍ଷଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଜୁନ୍‌ରେ ଭଲ ବର୍ଷା ହେବାପରେ ଏହି ପୋଖରୀରେ କିଞ୍ଚିତମାତ୍ରାରେ ପାଣି ପୂର୍ଣ୍ଣ ହୋଇଛି। ତେବେ ମୌସୁମୀ ବର୍ଷାରେ ପାଣି ତଳକୁ ଆସି ପୋଖରୀରେ ଭରିହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ପୁରୁଣା ସ୍ମୃତି ମନେପକାଇଲେ ହଂସିକା




ମୁମ୍ବାଇ: ହଂସିକା ମୋଟ୍‌ୱାନି ସୋସିଆଲ ମିଡ଼ିଆରେ ବହୁତ ଆକ୍ଟିଭ୍। ସେ ସୋସିଆଲ ମିଡ଼ିଆରେ ନିଜର ସୁନ୍ଦର ଫଟୋଗୁଡ଼ିକୁ ଶେୟାର କରିଥାନ୍ତି। ସେ ସବୁବେଳ ପାଇଁ ନିଜ ଫ୍ୟାନ୍‌ମାନଙ୍କ ଟଚ୍‌ରେ ରହିଛନ୍ତି। ସେ ଲାଇଭ୍ ଚାଟ୍‌ରେ ମଧ୍ୟ ନିଜ ଫ୍ୟାନ୍‌ମାନଙ୍କ ସହ କଥା ହୋଇଥାନ୍ତି। କିଛିଦିନ ପୂର୍ବରୁ ସେ ନିଜର ବୋଲ୍ଡ ଫଟୋଗୁଡ଼ିକୁ ଶେୟାର କରିଥିଲେ। ଫଟୋ ଗୁଡ଼ିକରେ ବେଶ୍ ହଟ୍ ଦିଶିବା ସହ ତାଙ୍କ ଫ୍ୟାନ୍‌ମାନେ ମଧ୍ୟ ଫଟୋ ଗୁଡ଼ିକୁ ବେଶ୍ ଲାଇକ୍ କରିଥିଲେ। ପ୍ରତ୍ୟେକ ଅଭିନେତ୍ରୀଙ୍କ ଭଳି ହଂସିକାଙ୍କ ମଧ୍ୟ ଭିନ୍ନ ଷ୍ଟାଇଲ ଦେଖିବାକୁ ମିଳିଥିଲା। ସେ ନିଜର ବିକିନି ଫଟୋ ଗୁଡ଼ିକୁ ମଧ୍ୟ ଶେୟାର କରିଥିଲେ।

ନିକଟରେ ସେ 'ଆପ୍‌କା ସୁରୁର୍ ଗୀତ'ର ମ୍ୟୁଜିକ୍ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରି ପୁରୁଣା ଦିନକୁ ମନେ ପକାଇଥିଲେ। ଏହା ଥିଲା ମ୍ୟୁଜିକ ଡାଇରେକ୍ଟର ହିମେଶ ରେଶମିଆଙ୍କ ଚଳଚ୍ଚିତ୍ର। ଏହି ଚଳଚ୍ଚିତ୍ରରେ ଡେବ୍ୟୁ କରିଥିଲେ ଅଭିନେତ୍ରୀ ହଂସିକା ମୋଟ୍‌ୱାନି। ସେ ଏହି ଚଳଚ୍ଚିତ୍ରରେ ଅଭିନୟ କରିବା ପୂର୍ବରୁ ଟିଭି ଶୋ' 'ସାକାଲାକା ବୁମ୍ ବୁମ୍'ରେ ଅଭିନୟ କରିଥିଲେ । ତାଙ୍କୁ ଛୋଟ କଳାକାର ରୂପେ 'କୋଇ ମିଲ୍‌ଗୟା' ଚଳଚ୍ଚିତ୍ରରେ ମଧ୍ୟ ଦେଖିବାକୁ ମିଳିଥିଲା। ହଂସିକା ସେହି ସମୟରେ ଚଳଚ୍ଚିତ୍ର ପାଇଁ ବହୁତ ଚର୍ଚ୍ଚିତ ଥିଲେ । କିନ୍ତୁ ବଲିଉଡ୍‌ରେ ଫ୍ଲପ୍ ହେବା ପରେ ସେ ଟଲିଉଡ୍‌ରେ ପାଦ ରଖିଥିଲେ। ଟଲିଉଡ୍‌ରେ ହଂସିକା ନିଜର ଏକ ନୂଆ ପରିଚୟ ସୃଷ୍ଟି କରିପାରିଛନ୍ତି। ଯେଉଁଠାରେ କି ସେ ଖୁବ ପ୍ରଶଂସା ଅର୍ଜନ କରିଥିଲେ। ତେବେ ହଂସିକା ଶେୟାର କରିଥିବା ଫଟୋ ଗୁଡ଼ିକରେ ସେ ଖୁବ୍ ସୁନ୍ଦର ଦେଖାଯାଉଛନ୍ତି। ହଂସିକା କୋଭିଡ୍ ସଂକ୍ରମଣ ପାଇଁ ଭ୍ୟାକେସନରେ ଘରେ ରହି ଖୁବ୍ ମଜା କରିବା ସହ ଏହାର ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି।

# ୧୪ ବର୍ଷ ପରେ ମିଳିଲା ହଜିଲା ପର୍ସ

**ମୁମ୍ବାଇ:** ଅନେକ ସମୟରେ ଆମର ବିଭିନ୍ନ ଜିନିଷ ହଜି ଯାଇଥାଏ। ପୋଲିସରେ ଅଭିଯୋଗ କଲେ ବି କିଛି ଜିନିଷ ମିଳିବା ନେଇ ଆଶା ନ ଥାଏ। କିନ୍ତୁ ଚୋରି ହେବାର ୧୪ ବର୍ଷ ପରେ ଜଣେ ବ୍ୟକ୍ତି ତାଙ୍କର ହଜିଲା ପର୍ସ ଫେରି ପାଇଛନ୍ତି।



ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜା ଟର୍ମିନସ୍ ଅଞ୍ଚଳରେ ହେମନ୍ତ ପଦଲକର ନାମକ ଜଣେ ବ୍ୟକ୍ତି ଟ୍ରେନରେ ଯାତ୍ରା କରିବା ସମୟରେ ତାଙ୍କର ଏକ ପର୍ସ ଚୋରି ହୋଇଯାଇଥିଲା, ଯାହାକୁ ସେ ଏବେ ଫେରି ପାଇଛନ୍ତି। ୨୦୦୬ ମସିହାରେ ହେମନ୍ତଙ୍କର ପର୍ସ ଚୋରି ହୋଇଥିଲା ଏବଂ ସେ ରେଲୱେ ପୋଲିସ ପାଖରେ ଅଭିଯୋଗ କରିଥିଲେ। ସେବେଠାରୁ ତାଙ୍କର ପର୍ସ ନେଇ କୌଣସି ସୂଚନା ନ ଥିଲା। ତେଣୁ ପର୍ସ ପୁଣି ଥରେ ମିଳିବ ଏ କଥାକୁ ସେ ଭୁଲି ଯାଇଥିଲେ। କିନ୍ତୁ ଏବେ ହଠାତ୍ ସେ ଜିଆର୍‌ପି ଅଫିସରୁ ଏକ ଫୋନ୍ ପାଇଥିଲେ ଯେ, ତାଙ୍କର ହଜିଥିବା ପର୍ସଟି ମିଳିଛି ଏବଂ ସେଥିରେ ଥିବା ୯୦୦ ଟଙ୍କା ମଧ୍ୟ ସୁରକ୍ଷିତ ରହିଛି। ହେମନ୍ତ ପୋଲିସ ପାଖରୁ ଏହି ପର୍ସ ଆଣିଛନ୍ତି, କିନ୍ତୁ ଏଥିରେ ସେ ସମୟର ଏକ ୫୦୦ ଟଙ୍କିଆ ନୋଟ୍ ମଧ୍ୟ ଥିଲା, ଯାହା ବିମୁଦ୍ରୀକରଣ ସମୟରୁ ଅଚଳ ହୋଇଯାଇଛି। ତେଣୁ ବାକି ୪୦୦ ଟଙ୍କାରୁ ୧୦୦ ଟଙ୍କା ବିଭିନ୍ନ ଷ୍ଟାମ୍ପ ପେପର କାମ ପାଇଁ କାଟି ୩୦୦ ଟଙ୍କା ଫେରାଇଛି। ବାକି ୫୦୦ ଟଙ୍କାକୁ ବଦଳାଇବା ପରେ ଫେରାଇବାକୁ ପୋଲିସ କହିଛି। ତେବେ ପୋଲିସର କହିବା ଅନୁସାରେ କିଛିଦିନ ତଳେ ଜିଆରପି ପକ୍ଷରୁ ଏକ ଚୋରକୁ ଗିରଫ କରିବା ପରେ ତା' ଠାରୁ ବିଭିନ୍ନ ସାମଗ୍ରୀ ମିଳିଥିଲା, ଯେଉଁଥିରେ ହେମନ୍ତଙ୍କର ପର୍ସ ମଧ୍ୟ ଥିଲା। ତେଣୁ ତାଙ୍କୁ ସୂଚନା ଦେଇ ପର୍ସ ଫେରାଇ ଦିଆଯାଇଛି।

# ବିଶ୍ୱର ସବୁଠାରୁ ଦାମୀ ମାସ୍କ

**ଜେରୁଜେଲମ୍:** କରୋନା ସଂକ୍ରମଣକୁ ରୋକିବାକୁ ସମସ୍ତ ବିକାଶଶୀଳ ଦେଶ ଭ୍ୟାକ୍ସିନ ବା ଟିକା ପ୍ରସ୍ତୁତ କରିବାରେ ଲାଗି ପଡିଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କିନ୍ତୁ କହୁଛି ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବା ଜରୁରୀ। ମାସ୍କ ହିଁ ଆମକୁ ଅନେକାଂଶରେ କରୋନା ସଂକ୍ରମଣରୁ ରକ୍ଷା କରିପାରିବ। ଇତିମଧ୍ୟରେ ଏବେ ଖବର ଆସିଛି ଯେ, ଇସ୍ରାଏଲର ଜଣେ ଜୁଏଲରୀ ମେକର ବିଶ୍ୱର ସବୁଠାରୁ ଦାମି ମାସ୍କ ତିଆରି କରୁଛନ୍ତି। ଏହାର ଦାମ ରହିଛି ୧.୫ ମିଲିୟନ ଡଲାର ବା ୧୧ କୋଟି ଟଙ୍କା। ଏମିତି ଏକ ଖବର ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଉକ୍ତ ମାସ୍କଟି ସୁନା ଓ ହୀରାରେ ପ୍ରସ୍ତୁତ କରାଯାଉଥିବା ବେଳେ ଏଥିରେ ଏନ୍-୯୫ ଫିଲ୍‌ଟର ବି ଲଗାଯିବ ବୋଲି କୁହାଯାଉଛି। ଇସ୍ରାଏଲର ଗହଣା ତିଆରି କରୁଥିବା ଏକ କମ୍ପାନୀ ଦାବି କରିଛି ଯେ କରୋନା ଭାଇରସ୍‌ଠାରୁ ଦୂରେଇ ରହିବାକୁ ପ୍ରସ୍ତୁତ କରାଯାଇଥିବା ମାସ୍କ ମଧ୍ୟରେ ଏହା ସବୁଠାରୁ ଦାମୀ ମାସ୍କ। ଏହି ମାସ୍କର ଡିଜାଇନର ଇସ୍କ ଲେବି କହିଛନ୍ତି , ଏହା ୧୮ କ୍ୟାରେଟ ସୁନାରେ ତିଆରି କରାଯାଉଛି ଓ ଏଥିରେ ୩,୬୦୦ କଳା ଓ ଧଳା ହୀରା ଲାଗିଛି। ଏହାର ଓଜନ ରହିଛି ୨୭୦ ଗ୍ରାମ। ଯାହା ଏକ ସାଧାରଣ ମାସ୍କର ଓଜନଠାରୁ ଶହେ ଗୁଣା ଅଧିକ। ଜଣେ ଗ୍ରାହକଙ୍କ ବରାଦ ଅନୁଯାୟୀ ଏହି ମାସ୍କ ତିଆରି କରାଯାଉଛି। ଏମିତି ଆଉ ୨ଟି ମାସ୍କ ମଧ୍ୟ ଉକ୍ତ ଗ୍ରାହକ ବରାଦ ଦେଇଥିବା କହିଛନ୍ତି ଲେବି। ଏହି ମାସ୍କ ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରସ୍ତୁତ ହୋଇଯିବ ଓ ଏହା ବିଶ୍ୱର ସବୁଠାରୁ ଦାମୀ ମାସ୍କ ହେବ। ତେବେ ଗ୍ରାହକଙ୍କ ନାମ କହିବାକୁ ଲେବି ମନା କରିଦେଇଥିବା ବେଳେ ସେ କେବଳ କହିଛନ୍ତି ଗ୍ରାହକ ଜଣକ ଆମେରିକାରେ ରହୁଥିବା ଜଣେ ଚାଇନା ଉଦ୍ୟୋଗ ପତି।

**ମୂଲ୍ୟ ୧୧ କୋଟି ଟଙ୍କା**



# ଅଧା ମୁହଁର ଟ୍ରେଣ୍ଡ





**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ଏବେ ଏକ ନୂଆ ଟ୍ରେଣ୍ଡ୍ ଭାଇରାଲ୍ ହେବାରେ ଲାଗିଛି। ଏହି ଟ୍ରେଣ୍ଡର ନାଁ ରହିଛି ହାଫ୍ ଫେସ୍। ଅର୍ଥାତ୍ ଅଧା ମୁହଁର ଫଟୋ। ଲୋକେ ନିଜ ନିଜ ଟୁଇଟର ଓ ଫେସ୍‌ବୁକରେ ଏବେ ଅଧା ମୁହଁର ଫଟୋ ପକାଇ କମେଣ୍ଟ ଦେବାରେ ଲାଗିଛନ୍ତି। କେବଳ ମଜା କରିବା ପାଇଁ ଏହି ଟ୍ରେଣ୍ଡ୍ ଏବେ ଧୀରେ ଧୀରେ ଲୋକପ୍ରିୟ ହେବାରେ ଲାଗିଛି।

ହାଫ୍ ଫେସ୍ ଟ୍ରେଣ୍ଡ ପାଇଁ ଲୋକେ ବିଭିନ୍ନ ପ୍ରକାର କ୍ରିଏଟିଭ୍ ଉପାୟ ଆପଣେଇବାରେ ଲାଗିଛନ୍ତି। ସୋସିଆଲ ମିଡିଆରେ ଏହି ଟ୍ରେଣ୍ଡର ଫଟୋ ନିମନ୍ତେ ନିଜର ସେଲ୍‌ଫି କିମ୍ବା ଅନ୍ୟ କାହାର ଫଟୋ ଅପଲୋଡ୍ କରିବାକୁ ପଡ଼ିଥାଏ। କିନ୍ତୁ ପ୍ରତ୍ୟେକ ଫଟୋର ଅଧା ଭାଗକୁ ଯେକୌଣସି ଉପାୟରେ ଲୁଚାଇବାକୁ ହୋଇଥାଏ। ଭିନ୍ନ କଥା ହେଉଛି ଅଧା ମୁହଁକୁ ଲୁଚାଇବା ପାଇଁ କିଏ ବିଭିନ୍ନ ପ୍ରକାର ଟାଟୁ କରୁଛି ତ ଆଉ କିଏ ଅଧା ମୁହଁକୁ ଲୁଚାଇ ଫଟୋ ଉଠାଉଛନ୍ତି।

ଏହି ଟ୍ରେଣ୍ଡଟି ଏବେ ଭାଇରାଲ୍ ହେବାରେ ଲାଗିଛି। ସେଥିପାଇଁ ଅନେକେ ନିଜର ଅଧା ମୁହଁର ଫଟୋ ପୋଷ୍ଟ କରି ମଜା କରିବାରେ ଲାଗିଛନ୍ତି । କିନ୍ତୁ ଏହାକୁ ନେଇ କେତେଜଣ ନକାରାତ୍ମକ କମେଣ୍ଟ ମଧ୍ୟ ଦେଉଛନ୍ତି। ତେବେ ଟୁଇଟର ଓ ଫେସ୍‌ବୁକରେ ଲୋକେ ନିଜର ଏଭଳି ହାଫ୍ ଫଟୋ ଶେୟାର କରିବା ସହିତ ବିଭିନ୍ନ ଗୃହପାଳିତ ପୋଷା ଜୀବଜନ୍ତୁଙ୍କର ବି ଫଟୋ ପୋଷ୍ଟ କରୁଛନ୍ତି। ହାଫ୍ ଫେସ୍ ଟ୍ରେଣ୍ଡରେ ଫଟୋ ସହିତ କମେଣ୍ଟ ବେଶି ମଜାଦାୟକ। ତେଣୁ ଜଣକ ପରେ ଜଣେ ଏଭଳି ଟ୍ରେଣ୍ଡକୁ ଆପଣେଇ ସୋସିଆଲ୍ ମିଡିଆରେ ଏକପ୍ରକାର ମନୋରଞ୍ଜନ କରିବାରେ ଲାଗିଛନ୍ତି।

# ଶୁଟିଂ ସେଟ୍‌କୁ ଫେରିଲେ ଆମିର

**ଆଙ୍କାରା:** ସାରା ବିଶ୍ୱରେ କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। କରୋନା ସଂକ୍ରମଣ ଯୋଗୁ ଲକ୍‌ଡାଉନ ଘୋଷଣା କରାଯାଇଥିବା ବେଳେ ଏହା ବିଶ୍ୱ ଅର୍ଥନୀତିକୁ ଏକ ପ୍ରକାର ଦୋହଲାଇ ଦେଇଛି। ଏହି ଲକ୍‌ଡାଉନ ପ୍ରଭାବରେ ଚଳଚ୍ଚିତ୍ର ଶିଳ୍ପ ମଧ୍ୟ ପ୍ରଭାବିତ ହୋଇଛି। ଗୋଟିଏ ପଟେ ଦେଶର ସବୁ ଫିଲ୍ମ ହଲ୍ ବନ୍ଦ ରଖାଯିବା ସହ ଶୁଟିଂ ମଧ୍ୟ ବନ୍ଦ ହୋଇଥିଲା। କରୋନା ଭାଇରସ ଓ ଏହାର ପ୍ରୋଟୋକଲ ପାଇଁ ଆମିର ଖାଁଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ଲାଲ୍ ସିଂ ଚଢ଼ା'ର ଶୁଟିଂକୁ ମଧ୍ୟ ଅଧାରୁ ବନ୍ଦ କରି ଦିଆଯାଇଥିଲା। ଖୁବ୍ ଲମ୍ବା ସମୟର ବ୍ୟବଧାନ ପରେ ଏବେ ଆମିର ଏହି ଫିଲ୍ମର ଶୁଟିଂକୁ ଭାରତରୁ ଶିଫ୍ଟ କରି ତୁର୍କୀ ନେଇଯାଇଛନ୍ତି। ଏବେ ସେ ତୁର୍କୀରେ ଏହି ଫିଲ୍ମର ଶୁଟିଂ ଆରମ୍ଭ କରି ଛନ୍ତି। ଟୁଇଟର ହ୍ୟାଣ୍ଡେଲରେ ଆମିର ନିଜେ ଏ ସମ୍ପର୍କରେ ସୂଚନା ଦେବା ସହ ଶୁଟିଂ ସେଟ୍‌ର କିଛି ଫଟୋ ମଧ୍ୟ ଶେୟାର କରିଛନ୍ତି। ଏହି ଫଟୋ ଗୁଡିକୁ ଦେଖିବା ପରେ ତାଙ୍କ ପ୍ରଶଂସକମାନେ ଭଲ ରେସ୍‌ପନ୍ସ ଦେଉଥିବା ଦେଖାଯାଇଛି। ଫିଲ୍ମ 'ଲାଲ୍ ସିଂ ଚଢ଼ା' ୧୯୯୪ରେ ହଲିଉଡ୍‌ରେ ଆସିଥିବା ଏକ ଫିଲ୍ମର ହିନ୍ଦୀ ରିମେକ। ପୂର୍ବରୁ ଏହାର କିଛି ଶୁଟିଂ ପଞ୍ଜାବ ଓ ଚଣ୍ଡିଗଡ଼ରେ କରାଯାଇଥିଲା। ଏହି ଫିଲ୍ମ ଚଳିତବର୍ଷ ଡିସେମ୍ବରରେ ରିଲିଜ୍ ହେବାର ଯୋଜନା ଥିଲା। ହେଲେ ଏହାର ଲେଖକ ଅତୁଲ କୁଲକର୍ନି କହିଛନ୍ତି , ଏହି ଫିଲ୍ମ ଆସନ୍ତା ବର୍ଷକୁ ରିଲିଜ୍ କରାଯିବ।



# ପୁଣି ମା' ହେବାକୁ ଯାଉଛନ୍ତି କରୀନା

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୈଫ ଅଲୀ ଖାନ୍ ଓ କରୀନା କପୁର ଖାନ୍‌ଙ୍କ ପରିବାରରେ ଖୁବ୍‌ଶୀଘ୍ର ଆଉ ଜଣେ କୁନି ଅତିଥି ଆସିବାକୁ ଯାଉଛି। ଅର୍ଥାତ୍ କରୀନା ପୁଣି ଥରେ ମା' ହେବାକୁ ଯାଉଛନ୍ତି। ବିଶ୍ୱାସ ହେଉ ନ ଥିଲେ ବି କଥାଟି ସତ। ପୂର୍ବରୁ ସୋସିଆଲ ମିଡିଆରେ ଏନେଇ ଚର୍ଚ୍ଚା ହେଉଥିବା ବେଳେ ଏବେ ସୈଫ ଔପଚାରିକ ଭାବେ ଏହାକୁ ଘୋଷଣା କରିଛନ୍ତି। ବୁଧବାର ଝିଅ ସାରା ଅଲୀଙ୍କ ଜନ୍ମଦିନ ଅବସରରେ କରୀନା ଗର୍ଭବତୀ ଥିବା ନେଇ ସୈଫ ଘୋଷଣା କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ପ୍ରଶଂସକ ସୈଫିନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ସୈଫିନାଙ୍କ ଏକ ପୁତ୍ର ସନ୍ତାନ ଅଛନ୍ତି। ତୈମୁର ବେଶ କ୍ୟୁଟ ହୋଇଥିବା ବେଳେ ଘରେ ସମସ୍ତଙ୍କର ପ୍ରିୟ। ସବୁ ଷ୍ଟାର୍‌କିଡ୍ସଙ୍କ ମଧ୍ୟରୁ ସୋସିଆଲ ମିଡିଆରେ ତୈମୁର ଅଧିକ ଚର୍ଚ୍ଚାରେ ରହିଥାନ୍ତି। ବର୍ତ୍ତମାନ କରୋନା ଯୋଗୁ କରୀନା ଏବେ ନିଜ ପରିବାର ସହ ସମୟ ବିତାଉଛନ୍ତି। ଏହି ସମୟରେ ସୋସିଆଲ ମିଡିଆରେ ବେଶ ଆକ୍ଟିଭ ଥିବା ବେଳେ ପ୍ରାୟ ସମୟରେ ସେ ସୈଫ ଓ ତୈମୁରଙ୍କ ସହ ଫଟୋ ଶେୟାର କରିଥାନ୍ତି।



ମନେ ପଡ଼ନ୍ତି
ଏକାଦଶାହ



ଗଗନ ବିହାରୀ ମହାପାତ୍ର
ନୂଆ ମଠସାହି, ନିମାପଡ଼ା, ପୁରୀ
ଆବିର୍ଭାବ: ୨୭।୦୬।୧୯୫୨
ତିରୋଧାନ: ୦୩।୦୮।୨୦୨୦
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ
ପତ୍ନୀ, ପୁତ୍ର, ପୁତ୍ରବଧୂ ଓ ଆତ୍ମୀୟସ୍ୱଜନ
ଧ-୧୭୯୨୯

# ସେଦିନର ଲେଡି ଗୁଣ୍ଡା

ପିଲାଦିନେ ତାଙ୍କର କଳା ରଙ୍ଗ ଏବଂ କର୍କଶ ସ୍ୱର ଯୋଗୁ ତାଙ୍କୁ ସ୍କୁଲରେ 'ଲେଡି ଗୁଣ୍ଡା' ବୋଲି ସାଙ୍ଗମାନେ ଡାକୁଥିଲେ। ପୁଣି ତାଙ୍କୁ ନେଇ ସେ ମଧ୍ୟ ମନଦୁଃଖ କରୁ ନ ଥିଲେ। ହେଲେ ଏପରି ସମୟ ଆସିଲା, ନିଜ ଅଭିନୟ ବଳରେ ସେ ନିଜ ପ୍ରଶଂସକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଥିଲେ। ବିକ୍ରମ ଭଟ୍ଟଙ୍କ 'ରାଜ୍' ଫିଲ୍ମରେ ତାଙ୍କର ଅଭିନୟ କେତେ ହୃଦୟସ୍ପର୍ଶୀ ଏହାକୁ ଯିଏ ଦେଖିଛି ସିଏ ହିଁ ଜାଣିଛି। ହଁ, ସେ ହେଲେ ବିପାଶା ବସୁ। ବଲିଉଡ୍‌ରେ କେତେକେ ତାଙ୍କୁ 'ବ୍ଲାକ ବିୟୁଟି' ବୋଲି ସମ୍ବୋଧନ କରିଥାଆନ୍ତି। ବିପାଶାଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୧ରୁ ଆଉ ସିନେମାଟି ଥିଲା 'ଅଜନବୀ'। ପରବର୍ତ୍ତୀ ସମୟରେ ସେ 'ରାଜ୍-୩', 'କ୍ରିଏଚର-ଥ୍ରୀଡି', 'ରେସ୍', 'ଜିସ୍ମ', 'ଫିର ହେରାଫେରି' ଏବଂ 'ନୋ ଏଣ୍ଟ୍ରି' ପରି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ପାଠ ପଢ଼ିବା ସମୟରେ ତାଙ୍କର ଡାକ୍ତର ହେବାର ଇଚ୍ଛା ଥିଲା। ପ୍ରଥମେ ମଡେଲିଂ ଦୁନିଆରେ ପାଦ ଦେବା ପରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତାଙ୍କର ପସନ୍ଦୀୟ ହଲିଉଡ୍ ଅଭିନେତା ହେଲେ ବ୍ରାଡ୍ ପିଟ୍। ବିପାଶା ସବୁବେଳେ ବେଙ୍ଗଲୀ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି।


ବିପାଶା


ଉର୍ବଶୀ

# ଛାଡ଼ିନି ବାସ୍କେଟବଲ ନିଶା

ଅଭିନୟ ଜଗତକୁ ଏଣ୍ଟ୍ରି କରିବା ପୂର୍ବରୁ ଉର୍ବଶୀ ରୁଟେଲା ଜଣେ ବାସ୍କେଟବଲ ଖେଳାଳି ଥିଲେ। କେବଳ ସେତିକି ନୁହେଁ, ନିଜ ରାଜ୍ୟ ଉତ୍ତରାଖଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରି ସେ ଜାତୀୟ ବାସ୍କେଟବଲ ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଏବେ ଅଭିନୟ ସହ ଜଡିତ ରହିଲେ ମଧ୍ୟ ବାସ୍କେଟବଲ ଖେଳିବା ନିଶା ତାଙ୍କର ରହିଛି। ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ କିଛି ସମୟ ସେ ଏହି ଖେଳରେ ନିଜକୁ ନିୟୋଜିତ ରଖନ୍ତି। ଉର୍ବଶୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ସିଂ ସାହାବ ଦ ଗ୍ରେଟ୍'। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ନ୍ୟୁୟର୍କ ଏକାଡେମିକ ସ୍କୁଲ ଅଫ ଫିଲ୍ମ ଆଣ୍ଡ ଆକ୍ଟିଂରୁ ଅଭିନୟରେ ଡିଗ୍ରୀ ହାସଲ କରିଛନ୍ତି। ଅଭିନୟ ବ୍ୟତୀତ ପଶୁପକ୍ଷୀଙ୍କ ସୁରକ୍ଷାରେ ନିଜକୁ ଜଡିତ ରଖିଛନ୍ତି ସେ। ଏଥିପାଇଁ ସେ ଉର୍ବଶୀ ରୁଟେଲା ଫାଉଣ୍ଡେଶନ ନାମକ ଏକ ସଂସ୍ଥା ମଧ୍ୟ ଗଠନ କରିଛନ୍ତି।

# ମାପିଚୁପି ଚାଲିବେ ସଞ୍ଜୟ



ବଡ଼ ପରଦାରେ ମୁହଁ ଦେଖାଇବାର ନିଶା ପିଲାଦିନରୁ ରହିଥିଲା। କିନ୍ତୁ ସେପରି ସୁଯୋଗ ଏବେ ମିଳିଲା। ଭୂମିକାଟି ଛୋଟ ହେଉ ପଛକେ ତାକୁ ତୁଲାଇବାକୁ ସେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ସେ ହେଲେ ନବାଗତ ସଞ୍ଜୟ କୁମାର ମଙ୍ଗରାଜ। ନିକଟରେ ସେ ଏକ ଅନଟାଇଟଲଡ୍ ସିନେମା ସାଇନ୍ କରିଛନ୍ତି। ପୁଣି ଆରମ୍ଭରୁ ତାଙ୍କୁ ମିଳିଛି ନେଗେଟିଭ ଚରିତ୍ର। ଏହି ଫିଲ୍ମର ମୁଖ୍ୟ ଖଳନାୟକ ଭାବରେ ଅଭିନୟ କରିବେ ଅଂଶୁମାନ ସାମନ୍ତରାୟ। ନିଜ ସମ୍ପର୍କରେ ସଞ୍ଜୟ କହନ୍ତି, 'ମୋତେ ଯେତେବେଳେ ଏହି ଅଫର ମିଳିଲା ସେତେବେଳେ ମୁଁ ଖୁସିରେ ଉଚ୍ଛୁଳି ଉଠିଥିଲି। ତା' ସହ ଏପରି ଭୂମିକାକୁ କିପରି ତୁଲାଇବି ସେ ସମ୍ପର୍କରେ ମୋତେ ଅଂଶୁମାନ ଭାଇ ଯେଉଁ ଟିପ୍ସ ଦେଇଛନ୍ତି ତାହାକୁ ଅନୁସରଣ କରିବି। ଇଣ୍ଡଷ୍ଟ୍ରିରେ ଏବେ ମୁଁ ନୂଆ। ତେଣୁ ମାପିଚୁପି ପାଦ ପକାଇବାକୁ ହେବ। ଫିଲ୍ମର କାହାଣୀ ଏବଂ ସେଥିରେ ମୋତେ ମିଳିଥିବା ଭୂମିକା ବିଷୟରେ ଭଲ ଭାବରେ ଅବଗତ ହେବା ପରେ ହିଁ ସାଇନ୍ କରିବି।' ଦେଖାଯାଉ, ସଞ୍ଜୟ ନିଜ ଅଭିନୟରେ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି।

# ଅମିତାଭ ନାମକରଣ ଅନ୍ତରାଳେ..

ଅମିତାଭଙ୍କ ଶୁଭ ନାମ 'ଇନକିଲାବ' ରହୁ ବୋଲି ତାଙ୍କର ପିତା ହରିବଂଶରାୟ ବଚ୍ଚନ ଇଚ୍ଛା ରଖିଥିଲେ। ଏହି ସମୟରେ ସେ କବି ସୁମିତ୍ରା ନନ୍ଦାଙ୍କ ସହ ନିଜ ପୁଅର ଶୁଭ ନାମ କ'ଣ ରହିଲେ ଭଲ ହେବ ସେ ନେଇ ଆଲୋଚନା କରିଥିଲେ। ସେତେବେଳେ ସୁମିତ୍ରା କହିଥିଲେ ଯେ ''ତୁମ ପୁଅର ଶୁଭ ନାମ 'ଇନକିଲାବ' ନ ରଖି ଅମିତାଭ ରଖନ୍ତୁ।'' ବାସ୍, ତା'ପରେ ତାଙ୍କର ଶୁଭ ନାମ ଅମିତାଭ ରହିଥିଲା। ଅମିତାଭଙ୍କ ପ୍ରକୃତ ନାମ ଥିଲା ଅମିତାଭ ଶ୍ରୀବାସ୍ତବ। କିନ୍ତୁ ତାଙ୍କ ବାପାଙ୍କ ନିକ୍ ନେମ୍ ଥିଲା ବଚ୍ଚନ। ତେଣୁ ସେ ନିଜ ସାଙ୍ଗିଆକୁ 'ଶ୍ରୀବାସ୍ତବ ପରିବର୍ତ୍ତେ 'ବଚ୍ଚନ' ଲେଖିବା ଆରମ୍ଭ କରିଥିଲେ। ସମୟକ୍ରମେ ସେ 'ଅମିତାଭ ବଚ୍ଚନ' ନାମରେ ପରିଚିତ ହୋଇଥିଲେ।

# ଅଗଷ୍ଟ ୨୮କୁ ଅପେକ୍ଷା

ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ 'ସଡକ୍-୨' ଚଳିତ ମାସ ୨୮ରେ ରିଲିଜ ହେବାକୁ ଯାଉଛି। ଯେହେତୁ କରୋନା ମହାମାରୀ ପାଇଁ ପ୍ରେକ୍ଷାଳୟ ବନ୍ଦ ରହିଛି, ତେଣୁ ଓଟିଟି ଫର୍ମାଟରେ ଏହାର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ୧୯୯୧ରେ ମହେଶ ଭଟ୍ଟଙ୍କ ନିର୍ଦ୍ଦେଶନାରେ ରିଲିଜ ହୋଇଥିଲା 'ସଡକ', ଯାହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ସଞ୍ଜୟ ଦତ୍ତ ଏବଂ ପୂଜା ଭଟ୍ଟ। ହେଲେ ୨୯ବର୍ଷ ପରେ ନିର୍ମିତ ଏହାର ସିକୁଏଲ୍‌ରେ ସଞ୍ଜୟ ଆକ୍ସନ ଅବତାରରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଏଥର ଏହାର ନାୟିକା ସାଜିଛନ୍ତି ଆଲିଆ ଭଟ୍ଟ। ତା'ସହ ମହେଶଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମରେ ସଦାଶିବ ଅମରପାରେକର, ଗୁଲଶନ ଗ୍ରୋଭର, ଯିଶୁ ସେନଗୁପ୍ତା, ପ୍ରିୟଙ୍କା ବୋଷ ଏବଂ ମୋହନ କପୁର ମଧ୍ୟ ଅଭିନୟ କରିଛନ୍ତି। ତେବେ ଏଥର 'ସଡକ-୨'ରେ କି ପ୍ରକାର ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।


ଆଲିଆ

# ଚ୍ୟାଲେଞ୍ଜ ଦେବେ ରାନୀ



ରାନୀ ପ୍ରିୟଦର୍ଶିନୀ। ନିଜ ଅଭିନୟ କ୍ୟାରିୟରରେ ଯେପରି ଭୂମିକାଟିଏ ମିଳୁ ନା କାହିଁକି ତାକୁ ତୁଲାଇବାକୁ ତାଙ୍କର ଦକ୍ଷତା ଅଛି ବୋଲି କହନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ପ୍ରତ୍ୟେକ ଭୂମିକାକୁ ମୁଁ ଚ୍ୟାଲେଞ୍ଜ ଭାବରେ ନେଇଥାଏ। ଏ ପର୍ଯ୍ୟନ୍ତ ଯେଉଁ ସିନେମାଗୁଡ଼ିକରେ ମୁଁ ଅଭିନୟ କରିଛି ତାକୁ ଦର୍ଶକ ଗ୍ରହଣ କରିଛନ୍ତି, ତାହା ମୋ ପାଇଁ ବଡ଼ କଥା। ତା'ସହ ଆଶା ରଖିଛି, ଭବିଷ୍ୟତରେ ଦର୍ଶକେ ମୋ ପରିଶ୍ରମର ମୂଲ୍ୟ ବୁଝିବେ। ମୋ ମତରେ ଜଣେ କଳାକାରର ନିଜର ଅଭିନୟ ଦକ୍ଷତା ଉପରେ ଶତ ପ୍ରତିଶତ ଭରସା ରହିବା ଦରକାର। ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ଅନେକ କଥା ଆଲୋଚନା ହେଉଛି। ହେଲେ ମୋର ବିଶ୍ୱାସ ଓଡ଼ିଆ ସିନେମାର ଭବିଷ୍ୟତ ଉଜ୍ଜ୍ୱଳ। ଭଲ ସିନେମାଟିଏ ନିର୍ମାଣ ହେଲେ ତାହାକୁ ଦେଖିବାକୁ ଦର୍ଶକ ନିଶ୍ଚୟ ଆସିବେ। ତେଣୁ କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ମୁଁ ସବୁବେଳେ କାହାଣୀ ଏବଂ ନିଜ ଭୂମିକାକୁ ଗୁରୁତ୍ୱ ଦେଇଥାଏ।' ତେବେ ଭବିଷ୍ୟତରେ ରାନୀ ନିଜ ଅଭିନୟ ବଳରେ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ନୂଆ ସିନେମା

# ବାଳୀ

ସୂର୍ଯ୍ୟ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ବାଳୀ-ଦ ସେଭିୟର'। ଏକ ସାମ୍ପ୍ରତିକ ଘଟଣା ଉପରେ ଆଧାରିତ କାହାଣୀକୁ ନେଇ ଏହି ସିନେମାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖାସ୍ କଥା ହେଲା ଏଥିରେ ନାୟକ ସୂର୍ଯ୍ୟକାନ୍ତ (ହାପି) ଏକ ଭିନ୍ନ ଧରଣର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ନିଜ ରୋଲ ବିଷୟରେ ସେ କହନ୍ତି, 'ମୁଁ ଜଣେ ବସ୍ତିର ଯୁବକ ରୋଲ୍‌ରେ ଅଭିନୟ କରୁଛି। ଆଜିକାଲି ବସ୍ତି ଉଚ୍ଛେଦ କରି ସେଠାରେ ବିଭିନ୍ନ ପ୍ରକାର ଆପାର୍ଟମେଣ୍ଟ, ମଲ୍ ଆଦି ନିର୍ମାଣ କରାଯାଉଛି। ଏହାକୁ ବିରୋଧ କରିବାକୁ ଆଗଭର ହୋଇଛି ଜଣେ ଯୁବକ। ତେବେ ତାକୁ ଏହି କାମରେ ଅନ୍ୟମାନେ କିପରି ସାହାଯ୍ୟ କରୁଛନ୍ତି ଏବଂ ସେ ନିଜ ଲକ୍ଷ୍ୟରେ ସଫଳ ହେଉଛି କି ନାହିଁ ତାହା ସିନେମାଟିରେ ଦେଖିବାକୁ ମିଳିବ। ଏହି ଫିଲ୍ମର କାହାଣୀ ସହ ଉପସ୍ଥାପନା, ସଙ୍ଗୀତ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି ଏବଂ ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରହିଛି। ଅନ୍ୟପକ୍ଷରେ ମୁଁ ନିଜ ଭୂମିକା ପାଇଁ ବେଶ୍ ପରିଶ୍ରମ କରିଛି। ଖାସ୍ କଥା ହେଲା, ଏଥର ଦର୍ଶକ ମୋତେ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ।' ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି ଥିଏଟର ଅଭିନେତ୍ରୀ ମାମା ସାମଲ। ତାଙ୍କ ବ୍ୟତୀତ ମନୋଜ ମିଶ୍ର, ଅଶ୍ରୁମୋଚନ ମହାନ୍ତି, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଶୁଭ୍ରାଂଶୁ ନାୟକ, ଚିନ୍ତାମଣି ବିଶ୍ୱାଳ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଚଳଚ୍ଚିତ୍ରର ନିର୍ଦ୍ଦେଶନା କେ. ମୁରଲୀକ୍ରିଷ୍ଣା ଦେଉଛନ୍ତି ଏବଂ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସଞ୍ଜୟ-ଶୀତୁ। ସୂଚନାଯୋଗ୍ୟ ଏହା ପୂର୍ବରୁ ଏହି ବ୍ୟାନରରେ ନିର୍ମିତ 'ଗୁଡ୍ଡୁ ଆଣ୍ଡ ଗୁଡ୍ଡି'ର ନାୟକ ସାଜିଥିଲେ ସୂର୍ଯ୍ୟକାନ୍ତ।


ସୂର୍ଯ୍ୟକାନ୍ତ-ମାମା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ୧୩ ଅଗଷ୍ଟ, ୨୦୨୦ Bhubaneswar, Thursday, August 13/2020

# ଶ୍ରୀଲଙ୍କା, ୟୁଏଇ ବ୍ୟାକ୍ ଅପ୍ ଭେନ୍ୟୁ

**ନୂଆଦିଲ୍ଲୀ,୧୨।୮(ପି.ଟି.):** ଆସନ୍ତାବର୍ଷ ଭାରତରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ବିକଳ୍ପ ଆୟୋଜକ ସ୍ଥିର କରିବା ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଛି। ଯଦି ଭାରତ କୋଭିଡ୍-୧୯ ମହାମାରୀ କାରଣରୁ ଏହି ମେଗା ଇଭେଣ୍ଟ ଆୟୋଜନ କରିବାରେ ବିଫଳ ହୁଏ ତେବେ ଶ୍ରୀଲଙ୍କା ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ବ୍ୟାକ୍ ଅପ୍ ଭେନ୍ୟୁ ବା ବିକଳ୍ପ ଆୟୋଜକ ହେବେ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଏହି ବିଶ୍ୱକପ୍ ଆୟୋଜନ ହେବାକୁ ଆହୁରି ଗୋଟିଏ ବର୍ଷ ବାକି ଅଛି। ତେବେ ଚଳିତ ବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌କୁ କୋଭିଡ୍-୧୯ ମହାମାରୀ କାରଣରୁ ଘୁଞ୍ଚାଇବାକୁ ଆଇସିସି ନିଷ୍ପତ୍ତି ନେଇଥିଲା।

## ୨୦୨୧ ଟି୨୦ ବିଶ୍ୱକପ୍

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଭାରତ ଆସନ୍ତାବର୍ଷ ଏହି ମେଗା ଇଭେଣ୍ଟ ଆୟୋଜନ କରିବ ବୋଲି ଆଇସିସି ଘୋଷଣା କରିଥିଲା। ଅନ୍ୟପଟେ ଚଳିତବର୍ଷ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ବିଶ୍ୱକପ୍‌କୁ ୨୦୨୨କୁ ଘୁଞ୍ଚାଇବାକୁ ଆଇସିସି ନିଷ୍ପତ୍ତି ନେଇଥିଲା। ପ୍ରତ୍ୟେକ ବିଶ୍ୱସ୍ତରୀୟ ତଥା ଆଇସିସି ଇଭେଣ୍ଟ ପାଇଁ କେତୋଟି ବ୍ୟାକ୍ ଅପ୍ ଭେନ୍ୟୁ ସ୍ଥିର କରାଯାଇଥାଏ। ତେବେ କୋଭିଡ୍-୧୯ ମହାମାରୀ ପାଇଁ ବର୍ତ୍ତମାନ ଏହି ବ୍ୟାକ୍ ଅପ୍ ଭେନ୍ୟୁଗୁଡିକର ଅତିରିକ୍ତ ମହତ୍ତ୍ୱ ସୃଷ୍ଟି ହୋଇଛି। ଏହି ମହାମାରୀ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତ ବିଶ୍ୱର ତୃତୀୟ ସର୍ବାଧିକ ପ୍ରଭାବିତ ଦେଶ ସାବ୍ୟସ୍ତ ହୋଇଛି।

# ଟାଇଟଲ ପ୍ରାୟୋଜକ ଦୌଡ଼ରେ ଅନ୍‌ଏକାଡେମୀ

**ନୂଆଦିଲ୍ଲୀ,୧୨।୮(ପି.ଟି.)**




ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅନ୍ୟତମ ପ୍ରାୟୋଜକ ଏଜୁକେଶନ ଟେକ୍ନୋଲୋଜି କମ୍ପାନୀ ଅନ୍‌ଏକାଡେମୀ ଏବେ ଟାଇଟଲ ସ୍ପନ୍‌ସରଶିପ୍ ଦୌଡ଼ରେ ସାମିଲ ହୋଇଛି। ଚାଇନା ମୋବାଇଲ ଫୋନ୍ କମ୍ପାନୀ ଭିଭୋ ବଦଳରେ ଅନ୍‌ଏକାଡେମୀ ଚଳିତ ସେସନ ପାଇଁ ବିଡ୍ ଦାଖଲ କରିବାକୁ ନିଷ୍ପତ୍ତି ନେଇଛି। ଅନ୍‌ଏକାଡେମୀ ବିଡ୍ କାଗଜପତ୍ର କ୍ରୟ କରିଛି। ତେବେ ଅନ୍‌ଏକାଡେମୀ ତରଫରୁ ଏ ସଂକ୍ରାନ୍ତରେ ଅଧିକ କିଛି କୁହାଯାଇନାହିଁ। କିନ୍ତୁ ଅନ୍‌ଏକାଡେମୀ ଏହାକୁ ବେଶ୍ ଗୁରୁତ୍ୱ ଦେଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି। ଅନ୍ୟପଟେ ଯଦି ପତଞ୍ଜଳି ବିଡ୍ ଦାଖଲ କରେ ତା'ହେଲେ ଟାଇଟଲ ସ୍ପୋନ୍ସରଶିପ୍ ପାଇଁ ଏକ ପ୍ରତିଯୋଗିତା ହେବ ବୋଲି ବରିଷ୍ଠ ଅଧିକାରୀ ଜଣକ ନାମ ଗୋପନ ରଖି କହିଛନ୍ତି।

ପୂର୍ବରୁ ପ୍ରାୟୋଜକ ଭାବେ ଭିଭୋ ବର୍ଷକୁ ୪୪୦ କୋଟି ଟଙ୍କା ଦେଉଥିଲା। ତେବେ ଚାଇନା ଓ ଭାରତ ମଧ୍ୟରେ ସୃଷ୍ଟି ହୋଇଥିବା ସୀମା ବିବାଦ ପାଇଁ ଭିଭୋକୁ ସ୍ପୋନ୍ସରଶିପ୍‌ରୁ ଓହରିବାକୁ ପଡିଥିଲା। ବିସିସିଆଇ ଏବେ ଅପେକ୍ଷାକୃତ କମ୍ ମୂଲ୍ୟରେ ୩୦୦ରୁ ୩୫୦ କୋଟି ମଧ୍ୟରେ ୪ ମାସ ଓ ୧୩ ଦିନ ପାଇଁ ପ୍ରାୟୋଜକ ସନ୍ଧାନରେ ରହିଛି। ଉଲ୍ଲେଖଥାଉ କି, ଅନ୍‌ଏକାଡେମୀ ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ଡ୍ରିମ ୧୧ ଓ ପେଟିଏମ୍ ସହିତ ଆଇପିଏଲ୍ ସେଣ୍ଟ୍ରାଲ ସ୍ପୋନ୍ସରଶିପ୍ ପୁଲ୍‌ର ଅଂଶବିଶେଷ ରହିଆସିଛି। ସେଣ୍ଟ୍ରାଲ ସ୍ପୋନ୍ସରଶିପ୍ ଓ ଟାଇଟଲ ସ୍ପୋନ୍ସରଶିପ୍ ମଧ୍ୟରେ ଫରକ ରହିଛି। ସେଣ୍ଟ୍ରାଲ ସ୍ପୋନ୍ସରଶିପ୍‌ରେ ଜର୍ସି ରାଇଟ୍ ସାମିଲ ନାହିଁ ବୋଲି ବୋର୍ଡର ଅଧିକାରୀ କହିଛନ୍ତି।

# କରୋନା ସଂକ୍ରମଣ ସତ୍ତ୍ୱେ ହକି କ୍ୟାମ୍ପ ହେବ

**ନୂଆଦିଲ୍ଲୀ,୧୨।୮(ପି.ଟି.):** କେତୋଟି କୋଭିଡ୍-୧୯ ମାମଲା ସତ୍ତ୍ୱେ ଅଗଷ୍ଟ ୧୯ ତାରିଖରୁ ଭାରତୀୟ ଜାତୀୟ ହକି ଦଳ ପାଇଁ ଟ୍ରେନିଂ କ୍ୟାମ୍ପ ଆରମ୍ଭ ହେବ। ଅଧିନାୟକ ମନପ୍ରୀତ୍ ସିଂଙ୍କ ସମେତ ଭାରତୀୟ ଦଳର ଅଧ ଡଜନ ଖେଳାଳି କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ବୋଲି ଜଣାପଡିଥିଲା। ତେବେ ଏହା ଟ୍ରେନିଂ କ୍ୟାମ୍ପକୁ ପ୍ରଭାବିତ କରିବନି। ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଉଭୟ ପୁରୁଷ ଓ ମହିଳା ଦଳଗୁଡିକର ଟ୍ରେନିଂ କ୍ୟାମ୍ପ ଆରମ୍ଭ ହେବ। ଖେଳାଳିମାନେ ୧୪ ଦିନିଆ କ୍ୱାରାଣ୍ଟାଇନ୍ ଶେଷ କରିବା ପରେ କ୍ୟାମ୍ପ ଆରମ୍ଭ ହେବ ବୋଲି ସାଇ ତରଫରୁ ବୁଧବାର କୁହାଯାଇଛି। ହକି ଇଣ୍ଡିଆ ଅଧିକାରୀ ଓ ଉଭୟ ଦଳର ମୁଖ୍ୟ କୋଚ୍ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି।

ଆଥଲେଟମାନଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ଓ ନିରାପତ୍ତାକୁ ପ୍ରାଧାନ୍ୟ ଦିଆଯିବା ପରେ କ୍ରୀଡ଼ା କାର୍ଯ୍ୟକଳାପକୁ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେଣୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବେଙ୍ଗାଲୁରୁର ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ କ୍ୟାମ୍ପ ଆରମ୍ଭ ହେବ ବୋଲି ସାଇ ତରଫରୁ କୁହାଯାଇଛି। ୬ଜଣ ପୁରୁଷ ହକି ଖେଳାଳି ଟେଷ୍ଟରେ ପଜିଟିଭ୍ ବୋଲି ଜଣାପଡିବା ପରେ ପୁରୁଷ କ୍ୟାମ୍ପ ଆୟୋଜନ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିଲା। ତେବେ ମହିଳା ଖେଳାଳିମାନେ ପରୀକ୍ଷାରେ ନେଗେଟିଭ୍ ବୋଲି ଜଣାପଡିଥିଲା। ଫଳରେ ମହିଳା କ୍ୟାମ୍ପ ଆୟୋଜନ ନେଇ କୌଣସି ଆଶଙ୍କା ନ ଥିଲା।

# ରାଜସ୍ଥାନ ରୟାଲ୍ସ ଫିଲ୍ଡିଂ କୋଚ୍ କରୋନା ପଜିଟିଭ୍

**ନୂଆଦିଲ୍ଲୀ୧୨।୮(ପି.ଟି.):** ଇଣ୍ଡିଆନ ପ୍ରିମିୟରଲିଗ୍(ଆଇପିଏଲ୍)ଦଳରାଜସ୍ଥାନ ରୟାଲ୍ସ ଫିଲ୍ଡିଂ କୋଚ୍ ଦିଶାନ୍ତ ୟାଗନିକ୍ କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ବୋଲି ଜଣାପଡିଛି। ଏ ନେଇ ବୁଧବାର ଦଳ ତରଫରୁ ଘୋଷଣା କରାଯାଇଛି। ଆସନ୍ତା ସପ୍ତାହରେ ଆଇପିଏଲ୍ ଖେଳିବାକୁ ସବୁ ଦଳ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଯାତ୍ରା କରିବାକୁ ଯାଉଥିବା ବେଳେ ଫ୍ରାଞ୍ଚାଇଜ୍‌ଗୁଡକ ମଧ୍ୟରେ ଏଭଳି ପ୍ରଥମ ମାମଲା ଦେଖିବାକୁ ମିଳିଛି। ୟୁଏଇରେ ଆଇପିଏଲ୍‌ର ୧୩ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ନଭେମ୍ବର ୧୦ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। କୋଭିଡ୍-୧୯ ମହାମାରୀ କାରଣରୁ ଏହି ମେଗା ଇଭେଣ୍ଟ ଭାରତରୁ ସ୍ଥାନାନ୍ତର ହୋଇଛି। ୟୁଏଇ ଯିବା ପାଇଁ ସଦସ୍ୟମାନେ ମୁମ୍ବାଇରେ ଏକାଠି ହେବାକୁ ଦୃଷ୍ଟିରେ ରଖି ଏହି ଟେଷ୍ଟ କରାଯାଇଥିଲା।

ବିସିସିଆଇ ଦ୍ୱାରା ପ୍ରସ୍ତାବ ଦିଆଯାଇଥିବା ଦୁଇଟି ଟେଷ୍ଟକୁ ବାଦ୍ ଦେଲେ ଏବେ ଫ୍ରାଞ୍ଚାଇଜ୍ ସବୁ ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ମ୍ୟାନେଜମେଣ୍ଟ ସଦସ୍ୟଙ୍କର ଅତିରିକ୍ତ ଟେଷ୍ଟ କରିବ। ୟାଗ୍ନିକ୍ ଏବେ ତାଙ୍କ ଘରୋଇ ସହର ଉଦୟପୁରରେ ଅଛନ୍ତି। ବାଧ୍ୟତାମୂଳକ ୧୪ ଦିନିଆ କ୍ୱାରାଣ୍ଟାଇନ ପୂର୍ବରୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ତାଙ୍କୁ ପରାମର୍ଶ ଦିଆଯାଇଛି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ